୫୫ତମ ବର୍ଷ　　　୧୫ ଅଗଷ୍ଟ ୨୦୧୨　　　ତୃତୀୟ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ　　　ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୧୫ ଟଙ୍କା, ବାର୍ଷିକ ଚାନ୍ଦା : ୬୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୬୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଅଗଷ୍ଟ, ୨୦୧୨]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ଭାରତର ଆନ୍ତର ଓ ବାହ୍ୟ ମୁକ୍ତି | ··· | ଶ୍ରୀଅରବିନ୍ଦ | ··· | ୫ |
| ସତ୍ୟକୁ ବାଛିନେବା | ··· | ଶ୍ରୀମା | ··· | ୬ |
| ଊର୍ଦ୍ଧ୍ୱର ସତ୍ୟ ଆମ ଭିତରକୁ ଆସିବ କିପରି | ··· | ଶ୍ରୀମା | ··· | ୭ |
| ବିଶ୍ୱାସ, ଅନୁଭୂତି ଓ ଜ୍ଞାନ | ··· | ଶ୍ରୀଅରବିନ୍ଦ | ··· | ୯ |
| ଭାରତର ସ୍ୱାଧୀନତା ଓ ଭବିଷ୍ୟତ୍ | ··· | ଶ୍ରୀଅରବିନ୍ଦ | ··· | ୧୧ |
| ଅଗଷ୍ଟ ପନ୍ଦରର ବିଶେଷ ଉତ୍ସବ | ··· | ଏ. ବି. ପୁରାଣୀ | ··· | ୧୩ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ··· | ଶ୍ରୀଅରବିନ୍ଦ | ··· | ୧୬ |
| ନୂତନ ଯୁଗରେ ଧର୍ମ | ··· | ଶ୍ରୀ କିଶୋର ଗାନ୍ଧି | ··· | ୨୦ |
| ମାନୁଷ ପିତୃଗଣ (୨) | ··· | ଶ୍ରୀଅରବିନ୍ଦ | ··· | ୨୩ |
| କିମାଶ୍ଚର୍ଯ୍ୟମ୍ | ··· | ଶ୍ରୀ ମନୋଜ ଦାସ | ··· | ୨୮ |
| 'ଶ୍ରୀଅରବିନ୍ଦ'ଙ୍କ ନାମ ସହ ସଂଯୁକ୍ତ ଭାଷାତାତ୍ତ୍ୱିକ ଅନେକ ଗଠନ ତଥା ଶବ୍ଦ-ପ୍ରୟୋଗ (ଏକ ପତ୍ର) | ··· | ଅମଳକିରଣ | ··· | ୩୧ |
| ଅତିମାନସ ଚେତନାର ଲକ୍ଷଣ | ··· | ମମତା ଦାଶ | ··· | ୩୪ |
| ପୂର୍ଣ୍ଣଯୋଗ : ଭଗବତ୍ ବିଧାନର ଏକନିଷ୍ଠ ପୂର୍ଣ୍ଣାଙ୍ଗ ଅନୁସରଣ (୪) | ··· | ଶ୍ରୀପତି ଦାସ | ··· | ୩୬ |
| ପରିବର୍ତ୍ତନର ପଦଧ୍ୱନି | ··· | ଶ୍ରୀ ବିମଳ ପ୍ରସନ୍ନ ଦାସ | ··· | ୩୯ |

**ଜୀବନୀ ଓ ସ୍ମୃତିଚାରଣ**

| | | | | |
|---|---|---|---|---|
| ପଣ୍ଡିଚେରୀ : 'ତପସ୍ୟାର ଗୁହା' | ··· | ··· | ··· | ୪୨ |

**ସାଧନା ପରମ୍ପରା**

| | | | | |
|---|---|---|---|---|
| ରାଗାନୁଗାଭକ୍ତି ଓ ଶ୍ରୀଚୈତନ୍ୟ | ··· | ··· | ··· | ୪୬ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ଘଟଣାର ପୂର୍ବଜ୍ଞାନ ଓ ହସ୍ତକ୍ଷେପ | ··· | ଶ୍ରୀମା | ··· | ୫୦ |

| | | | | |
|---|---|---|---|---|
| **ସମ୍ପାଦକୀୟ** | ··· | ··· | ··· | ୫୪ |


❖

## ବିଷୟଗୁଡ଼ିକର ମୂଳଗ୍ରନ୍ଥ ସୂଚନା

ପୃ : ୬ (ବୁଲେଟିନ୍ ଅପ୍ରେଲ୍ ୨୦୧୨, ପୃ. ୫୩);
ପୃ : ୯-୧୧, (ବୁଲେଟିନ୍ ଏପ୍ରିଲ୍ ୨୦୧୨, ପୃ ୪୦-୪୨);
ପୃ : ୫୦-୫୩ (M.C.W. Cen. Vol. 5, pp.190-194)

In the eternity of becoming, each Avatar is only the announcer, the forerunner of a more perfect realisation.

And yet men have always the tendency to deify the Avatar of the past in opposition to the Avatar of the future.

Now again Sri Aurobindo has come announcing to the world the realisation of tomorrow; and again his message meets with the same opposition as of all those who preceded him.

But tomorrow will prove the truth of what he revealed and his work will be done.

(CWM. Vol. 13, p.22, *21 February 1957*) – The Mother

ଶାଶ୍ୱତ ବିବର୍ତ୍ତନଧାରାରେ ପ୍ରତ୍ୟେକ ଅବତାର ହେଉଛନ୍ତି ଏକ ପୂର୍ଣ୍ଣତର ସିଦ୍ଧିର ବିଘୋଷକ, ଅଗ୍ରଦୂତ ମାତ୍ର ।

ତଥାପି ମନୁଷ୍ୟର ସ୍ୱଭାବ ହେଉଛି ଏହି ଯେ ସେ ସର୍ବଦା ଭବିଷ୍ୟତ୍‌ର ଅବତାରଙ୍କ ବିରୋଧ କରି ଅତୀତର ଅବତାରଙ୍କୁ ଦିବ୍ୟ ଆସନରେ ପ୍ରତିଷ୍ଠିତ କରେ ।

ବର୍ତ୍ତମାନ ପୁନଶ୍ଚ ଶ୍ରୀଅରବିନ୍ଦ ପୃଥିବୀ ସମକ୍ଷରେ ଆଗାମୀ କାଲିର ସିଦ୍ଧିକୁ ଘୋଷଣା କରି ଆବିର୍ଭୂତ ହୋଇଛନ୍ତି, ଏବଂ ପୁନର୍ବାର ପୂର୍ବବର୍ତ୍ତୀ ଅବତାରମାନଙ୍କ ବାର୍ତ୍ତାପରି ତାଙ୍କର ବାର୍ତ୍ତା ମଧ୍ୟ ବିରୋଧର ସମ୍ମୁଖୀନ ହେଉଛି ।

କିନ୍ତୁ ଆଗାମୀ କାଲିହିଁ ତାଙ୍କ ଦ୍ୱାରା ପ୍ରକାଶିତ ସତ୍ୟତାକୁ ପ୍ରମାଣିତ କରିବ ଏବଂ ତାଙ୍କର କାର୍ଯ୍ୟ ସିଦ୍ଧହେବ ।

— ଶ୍ରୀମା



The traditions of the past are very great in their own place, in the past, but I do not see why we should merely repeat them and not go farther. In the spiritual development of the consciousness upon earth the great past ought to be followed by a greater future.

(*Sri Aurobindo on Himself,* 14.1.1932) – Sri Aurobindo

ଅତୀତର ପରମ୍ପରାଗୁଡ଼ିକ, ସେହି ଅତୀତରେ ସେମାନଙ୍କ ନିଜ ସ୍ଥାନରେ ଅତୀବ ମହାନ୍, କିନ୍ତୁ ଆମେ ଆହୁରି ଅଧିକ ଆଗକୁ ନଯାଇ କେବଳ ସେହିଗୁଡ଼ିକରହିଁ ପୁନରାବୃତ୍ତି କରୁଥିବା – ଏହାର କୌଣସି ଅର୍ଥ ମୁଁ ଦେଖୁ ନାହିଁ । ପୃଥିବୀରେ ଚେତନାର ଆଧ୍ୟାତ୍ମିକ ବିକାଶ-କ୍ଷେତ୍ରରେ ମହାନ୍ ଅତୀତ ଆହୁରି ଅଧିକତର ମହାନ୍ ଭବିଷ୍ୟତ୍ ଦ୍ୱାରା ଅନୁସୃତ ହେବା ଉଚିତ ।

– ଶ୍ରୀଅରବିନ୍ଦ

*

The past has not to be kept,– one has to go into the future realisation. All that is necessary in the past for the future will be taken up and given a new form.

(*Letters of Sri Aurobindo - p.489*) – Sri Aurobindo

ଅତୀତକୁ ଧରି ରଖିବା ଉଚିତ ନୁହେଁ – ଆମକୁ ଭବିଷ୍ୟତର ସିଦ୍ଧି ଭିତରେ ପ୍ରବେଶ କରିବାକୁ ହେବ । ଅତୀତରେ ରହିଥିବା ଯାହାକିଛିର ଭବିଷ୍ୟତ୍ ପାଇଁ ପ୍ରୟୋଜନ ଅଛି, ସେଗୁଡ଼ିକୁ ଗ୍ରହଣ କରିନେଇ ତାହାକୁ ଏକ ନୂଆ ରୂପ ଦେବାକୁ ହେବ ।

– ଶ୍ରୀଅରବିନ୍ଦ

# ଭାରତର ଆନ୍ତର ଓ ବାହ୍ୟ ମୁକ୍ତି

## ଶ୍ରୀଅରବିନ୍ଦ

... ନୂତନ ଧରଣର କୌଶଳ ଆବିଷ୍କାର କରିବାକୁ ହେବ; ଯେଉଁଥିରେ ଅତୀତର ଓ ବର୍ତ୍ତମାନର ବିପତ୍‌ସଙ୍କୁଳ ଭେଦଦ୍ୱନ୍ଦ୍ୱଠାରୁ ଏକ ସାମଞ୍ଜସ୍ୟପୂର୍ଣ୍ଣ ଜଗତ୍‌-ବ୍ୟବସ୍ଥାକୁ ଉତ୍ତୀର୍ଣ୍ଣ ହେବାର ଯେଉଁ କଠିନ ପଥ, ତାହା ସହଜ ହୋଇଆସିବ । ତା' ନହେଲେ ନିତ୍ୟ ଦୁର୍ଯୋଗ ଓ ଶେଷ ବିନାଶ ହାତରୁ ନିସ୍ତାର ନାହିଁ । ଭାରତର ନିଜ ପାଇଁ ବି ରହିଛି ଗଭୀରତର ସମସ୍ୟାସବୁ, କାରଣ ପ୍ରଲୋଭନବଶରେ ସେ ଏପରିସବୁ ଦିଗରେ ଚାଲିପାରେ ଯେଉଁଥିରେ କି ଭାରତ ଅନ୍ୟାନ୍ୟ 'ନେଶନ୍' ପରି ଏକ 'ନେଶନ୍' ହୋଇ ଉଠିପାରେ ସତ; ସମୃଦ୍ଧ ଶିଳ୍ପ, ବାଣିଜ୍ୟ, ଶକ୍ତିଶାଳୀ ସୁସଂହତ ସାମାଜିକ ଓ ରାଷ୍ଟ୍ରୀୟ ବ୍ୟବସ୍ଥା, ବିପୁଳ ସାମରିକ ବଳ ଗଢ଼ିପାରେ ସତ; ଛନ୍ଦକପଟପୂର୍ଣ୍ଣ ରାଜନୀତି-ଖେଳରେ ବିଶେଷ ସାଫଲ୍ୟ ଲାଭ କରିପାରେ, ନିଜର ଲାଭ ଓ ସ୍ୱାର୍ଥସମୂହକୁ ଉତ୍ସାହର ସହ ରକ୍ଷା କରିପାରେ ଓ ପ୍ରସାରିତ କରି ଚାଲିପାରେ, ଏପରିକି ପୃଥିବୀର ଏକ ବୃହତ୍ ଖଣ୍ଡକୁ ନିଜ ଆଧିପତ୍ୟର ଅନ୍ତର୍ଭୁକ୍ତ କରିନେଇପାରେ ସତ; କିନ୍ତୁ ଏହି ଆପାତପ୍ରତୀୟମାନ ମହା-ଉନ୍ନତି ମଧ୍ୟରେ ବି ସେ ତା'ର ସ୍ୱଧର୍ମରୁ ବିଚ୍ୟୁତ ହୋଇପାରେ, ହରାଇପାରେ ତା'ର ଆତ୍ମାକୁ । ତା'ହେଲେ ଏହି ପ୍ରାଚୀନ ଭାରତ ଓ ତା'ର ଅଧ୍ୟାତ୍ମ ଗୁଣ ଏକାବେଳେ ବିଲୁପ୍ତ ହୋଇପାରେ; ସେତେବେଳେ ଅନ୍ୟାନ୍ୟ 'ନେଶନ୍' ପରି ଆଉ ଗୋଟିଏ 'ନେଶନ୍'ହିଁ କେବଳ ଦେଖାଦେବ ଓ ସେଥିରେ ଆମର କିଛି ଲାଭ ହେବ ନାହିଁ ବା ଜଗତର କିଛି ଲାଭ ହେବ ନାହିଁ । ଅବଶ୍ୟ ପ୍ରଶ୍ନ ହୋଇପାରେ ଅପେକ୍ଷାକୃତ ନିର୍ଦ୍ଦୋଷ ପଥରେ ଚାଲି ବି ହୁଏତ ତା' ପକ୍ଷରେ ସମୃଦ୍ଧ ହୋଇଉଠିବା ସମ୍ଭବ – ତେବେ ଏ ପଥରେ ବି ତା'ର ସ୍ତୂପୀକୃତ, ସୁରକ୍ଷିତ ଅଧ୍ୟାତ୍ମ ଉପଲବ୍ଧି ଓ ଜ୍ଞାନରାଶିକୁ ଯେ ସମ୍ପୂର୍ଣ୍ଣ ଭାବରେ ସେ ନହରାଇପାରେ ତା' ନୁହେଁ; କି କରୁଣ ପରିହାସର କଥା ହେବ ଯଦି ଭାରତ ତା'ର ଅଧ୍ୟାତ୍ମ ଉପଲବ୍ଧିକୁ ବିସର୍ଜନ ଦେଇବସେ ଠିକ୍ ସେଇ ମୁହୂର୍ତ୍ତରେ ଯେତେବେଳେ ପୃଥିବୀର ଅନ୍ୟାନ୍ୟ ଅଂଶ କ୍ରମଶଃ ତା' ପ୍ରତି ଉନ୍ମୁଖ ହେଉଛନ୍ତି ଓ ତାକୁ ଅପେକ୍ଷା କରୁଛନ୍ତି ଆଧ୍ୟାତ୍ମିକ ସାହାଯ୍ୟ ପାଇଁ ଓ ମୁକ୍ତିପ୍ରଦାନକାରୀ ଆଲୋକ ପାଇଁ । ଏହା ହେବାକୁ ଆମେ ଦେବା ନାହିଁ, ଏହା ହେବ ନାହିଁ, କିନ୍ତୁ ବିପଦ ଯେ ନାହିଁ, ତା' କୁହାଯାଇପାରିବ ନାହିଁ । ଦେଶ ସମ୍ମୁଖରେ ଆହୁରି କଠୋର ସମସ୍ୟାସବୁ ରହିଛି ବା ଅନତିବିଳମ୍ବରେ ଆସି ଉପସ୍ଥିତ ହେବ । ଶେଷରେ ଆମର ବିଜୟ ହେବ, ଏଥିରେ ସନ୍ଦେହ ନାହିଁ; କିନ୍ତୁ ତା' ବୋଲି ଏହି ସତ୍ୟଟିକୁ ଆଢୁଆଳ କରି ରଖିଲେ ଚଳିବ ନାହିଁ ଯେ ଦୀର୍ଘକାଳର ପରାଧୀନତା ଫଳରେ ଆମ ଭିତରେ ଆସିଛି ଗୋଟାଏ ସଂକୀର୍ଣ୍ଣତା ଓ ବୈକଲ୍ୟ; ସୁତରାଂ ଆମର ପ୍ରୟୋଜନ ବିଶେଷ ଏକ ଆନ୍ତର ଓ ବାହ୍ୟ ମୁକ୍ତି ଏବଂ ପରିବର୍ତ୍ତନ, ବୃହତ୍ ଏକ ଆନ୍ତର ଏବଂ ବାହ୍ୟ ଉନ୍ନତି – ଯଦି ଆମେ ସାର୍ଥକ କରି ଗଢ଼ିବାକୁ ଚାହୁଁ ଭାରତର ଯଥାର୍ଥ ନିୟତି ।

(ଡିସେମ୍ବର, ୧୯୪୮) <

# ସତ୍ୟକୁ ବାଛିନେବା

## ଶ୍ରୀମା

*ପ୍ରଶ୍ନ : ସତ୍ୟ କହିଲେ କ'ଣ ବୁଝାଏ ? ଆପଣ ଯେତେବେଳେ ସେହି ସତ୍ୟ ବୋଲି କୁହନ୍ତି ତାହା କେଉଁ ଅର୍ଥରେ କୁହନ୍ତି ?*

ଶ୍ରୀମା : ତୁମେ ସତ୍ୟର ଏକ ମାନସିକ ସଂଜ୍ଞା ଖୋଜୁଛ । ସେହି ସତ୍ୟକୁ ମନର କଥାରେ ପ୍ରକାଶ କରି ହେବ ନାହିଁ ।

ସମସ୍ତ ପ୍ରକାର ପ୍ରଶ୍ନ ହେଉଛି ମାନସିକ ପ୍ରଶ୍ନ ।

ଯଥାର୍ଥ ସତ୍ୟକୁ କୌଣସି ସୂତ୍ରରେ ବାନ୍ଧି ହେବ ନାହିଁ, ତାହାକୁ କୌଣସି ସଂଜ୍ଞାରେ ନିରୂପିତ କରାଯାଇପାରିବ ନାହିଁ — ସତ୍ୟକୁ ନେଇ ବଞ୍ଚିବାକୁ ହେବ, ଜୀବନଧାରଣ କରିବାକୁ ହେବ ।

ଏବଂ ଯେଉଁ ବ୍ୟକ୍ତି ପୂର୍ଣ୍ଣଭାବରେ ସତ୍ୟ ପ୍ରତି ନିବେଦିତ, ଯେ ସତ୍ୟକୁ ନେଇ ଜୀବନଧାରଣ କରିବାକୁ ଚାହେଁ, ସତ୍ୟର ସେବା କରିବାକୁ ଚାହେଁ, ସେ ପ୍ରତ୍ୟେକ ମୁହୂର୍ତ୍ତରେ ଜାଣିପାରିବ କ'ଣ କରିବାକୁ ହେବ : ଏହା ଏକ ପ୍ରକାର ସଂବୋଧି ରୂପରେ ବା ପ୍ରକାଶ ରୂପରେ ଆସିବ (ଅଧିକାଂଶ ସମୟରେ କୌଣସି ଶବ୍ଦ ବ୍ୟତିରେକେ, କିନ୍ତୁ କେତେକ ସମୟରେ ଶବ୍ଦ ଭିତର ଦେଇ ମଧ୍ୟ ପ୍ରକାଶିତ ହୋଇପାରେ ।) ଯାହା ତୁମକୁ ଜଣାଇ ଦେବ ପ୍ରତ୍ୟେକ ମିନିଟରେ, ସେହି ମିନିଟର ସତ୍ୟ କ'ଣ । ଏବଂ ଏହାହିଁ ଖୁବ୍ ଆଗ୍ରହଜନକ । ତୁମେ ଜାଣିବାକୁ ଚାହଁ ''ସେହି ସତ୍ୟ'' ଏପରି ଏକ ଜିନିଷ ଯାହା ଭଲ ଭାବରେ ସଂଜ୍ଞା-ନିରୂପିତ, ଭଲ ଭାବରେ ଶ୍ରେଣୀ-ବିନ୍ୟସ୍ତ, ଭଲଭାବରେ ପ୍ରତିଷ୍ଠିତ, ଏବଂ ତା'ପରେ ତୁମେ ଯେପରି ବିଶ୍ରାମ ନିଅ, ଆଉ ଯେପରି ଅଧିକ ଖୋଜିବାର କିଛି ନାହିଁ ! ତୁମେ ତାହାକୁ ଗ୍ରହଣ କରିନିଅ ଏବଂ କୁହ, ''ଏଠାରେ, ହଁ, ଏହାହିଁ ସତ୍ୟ'' ଏବଂ ତା'ପରେ ଏହା ଯେପରି ସ୍ଥିରୀକୃତ ହୋଇଗଲା । ସମସ୍ତ ଧର୍ମ ଏହାହିଁ କରିଛନ୍ତି । ସେମାନଙ୍କ ସତ୍ୟକୁ ସେମାନେ ଏକ ଧର୍ମାନ୍ଧତା ରୂପେ ପ୍ରତିଷ୍ଠିତ କରିଛନ୍ତି । କିନ୍ତୁ ସେତେବେଳେ ତାହା ଆଉ ସତ୍ୟ ହୋଇ ରହେ ନାହିଁ ।

ସତ୍ୟ ହେଉଛି ଏପରି ଏକ ଜିନିଷ ଯାହା ଜୀବନ୍ତ, ଗତିଶୀଳ, ପ୍ରତ୍ୟେକ ସେକେଣ୍ଡରେ ନିଜକୁ ପ୍ରକାଶିତ କରି ଚାଲିଛି, ଏହା ହେଉଛି ପରମଙ୍କ ଦିଗରେ ଆଗେଇଯିବାର ଗୋଟିଏ ପଥ । ପରମଙ୍କ ଦିଗରେ ଆଗେଇଯିବା ପାଇଁ ପ୍ରତ୍ୟେକର ନିଜ ନିଜର ବାଟ ରହିଛି । ହୁଏତ ଏପରି କେତେକେ ଅଛନ୍ତି ଯେଉଁମାନେ ସେହି ଏକ ସମୟରେ ସବୁଦିଗ ଧରି ତାଙ୍କ ଆଡ଼କୁ ଆଗେଇ ଯାଆନ୍ତି । ଏପରି ବ୍ୟକ୍ତିମାନେ ଅଛନ୍ତି ଯେଉଁମାନେ ପରମଙ୍କ ଦିଗରେ ପ୍ରେମର ପଥ ଧରି ଆଗେଇ ଯାଆନ୍ତି, ଏପରି କେତେକ ଅଛନ୍ତି ଯେଉଁମାନେ ଶକ୍ତିର ପଥ ଧରି, ପୁଣି କେତେକ ଅଛନ୍ତି ଯେଉଁମାନେ ଚେତନାର ପଥ ଧରି, ଆଉ ଅଛନ୍ତି ଯେଉଁମାନେ ସତ୍ୟର ପଥ ଧରି ପରମଙ୍କ ଦିଗରେ ଆଗେଇ ଯାଆନ୍ତି । କିନ୍ତୁ ଏହି ପ୍ରତ୍ୟେକଟି ବିଭାବ ସ୍ୱୟଂ ପରମଙ୍କ ପରି ଅଖଣ୍ଡ, ନିଶ୍ଚୟାତ୍ମକ ଓ ସଂଜ୍ଞାତୀତ । ସ୍ୱୟଂ ପରମ ହେଉଛନ୍ତି ଅଖଣ୍ଡ, ନିଶ୍ଚୟାତ୍ମକ ଓ ସଂଜ୍ଞାତୀତ, ତାଙ୍କ କର୍ମରେ ତାଙ୍କୁ ଧରି ହେବ ନାହିଁ, ଏବଂ ତାଙ୍କ ସ୍ୱରୂପର ମଧ୍ୟ ଏହି ସମସ୍ତ ଗୁଣ ରହିଛି ସମାନଭାବରେ ।

ଥରେ ଏହା ଜାଣିସାରିବା ପରେ ଯେ ଏହି ସମସ୍ତ ବିଭାବରୁ କୌଣସି ଗୋଟିକର ସେବାରେ ନିଜକୁ ନିୟୋଜିତ କରେ (ଏହା ପ୍ରକଟିତ ହୁଏ ଜୀବନ ଭିତରେ, କାଳ ବା ସମୟ ଭିତରେ, କାଳର ଗତି ଭିତରେ) ସେ ପ୍ରତ୍ୟେକ ମୁହୂର୍ତ୍ତରେ ଜାଣିପାରିବ ସତ୍ୟ କ'ଣ, ଏବଂ ପ୍ରତ୍ୟେକ ମୁହୂର୍ତ୍ତରେ ଜାଣିପାରିବ ଚେତନା କ'ଣ, ଏବଂ ପ୍ରତ୍ୟେକ ମିନିଟରେ ଶକ୍ତି କ'ଣ, ଏବଂ ପ୍ରତ୍ୟେକ ମିନିଟରେ ଜାଣିପାରିବ ଦିବ୍ୟପ୍ରେମ କ'ଣ । ଏବଂ ଏହା ହେଉଛି ବହୁମୁଖୀ ଦିବ୍ୟଶକ୍ତି, ଦିବ୍ୟପ୍ରେମ, ଦିବ୍ୟଚେତନା, ଦିବ୍ୟସତ୍ୟ ଯାହାକି ପ୍ରକାଶ ଓ ଅଭିବ୍ୟକ୍ତି ଭିତରେ ଅସଂଖ୍ୟ ଓ ଅଗଣିତ ଭାବରେ ନିଜକୁ ପ୍ରକଟିତ କରି ଚାଲିଛି ଠିକ୍ ଯେପରି ସ୍ୱୟଂ ପରମ ପ୍ରଭୁ ପ୍ରକାଶ ଓ ଅଭିବ୍ୟକ୍ତି ଭିତରେ ଅସଂଖ୍ୟ ଓ ଅଗଣିତ ଭାବରେ ନିଜକୁ ପ୍ରକଟ କରି-ଚାଲିଛନ୍ତି ।

(୨୪ ଡିସେମ୍ବର ୧୯୬୬) ୮

# ଉର୍ଦ୍ଧ୍ୱର ସତ୍ୟ ଆମ ଭିତରକୁ ଆସିବ କିପରି

## ଶ୍ରୀମା

*ପ୍ରଶ୍ନ : ଆମର ଉର୍ଦ୍ଧ୍ୱରେ ଯେଉଁ ସତ୍ୟ ରହିଛି, ଆମ ଭିତରେ ତାହାର ପ୍ରକାଶ ହେବ କିପରି ?*

ଶ୍ରୀମା : ପ୍ରତ୍ୟେକ ଲୋକ ପାଇଁ ତାହା ଭିନ୍ନ ଭିନ୍ନ ଭାବରେ ହୋଇଥାଏ – ପ୍ରତ୍ୟେକଙ୍କ ପାଇଁ ତାହା ଭିନ୍ନ ଭାବରେ ଆସେ । ଦୁଇଥର ପାଇଁ ମଧ୍ୟ ଏହା ଆଦୌ ସମାନ ଭାବରେ ଆସେ ନାହିଁ । ସାଧାରଣତଃ, ତୁମେ ଯେତେବେଳେ ଏହାକୁ ଆଶା କରି ନଥାଅ, ଏବଂ ଯେତେବେଳେ... । ଯେତେବେଳେ ତୁମେ ତୁମର ତଥାକଥିତ ଜ୍ଞାନ, ତୁମର ନିଶ୍ଚୟତା, ପ୍ରାୟ ତୁମର ଆଶାସବୁକୁ ସମର୍ପିତ କରି ଦେଇଥାଅ, ସେତେବେଳେ ତୁମେ ଏପରି ଏକ ଅବସ୍ଥାରେ ଥାଅ ଯେଉଁଥିରେ ତୁମେ ସେହି ଉପଲବ୍ଧିକୁ ଗ୍ରହଣ କରିପାର, ଯାହା ସବୁସମୟରେ ବିଦ୍ୟମାନ ରହିଛି । ଏହା ସବୁସମୟରେ ରହିଛି । ଆମେମାନେହିଁ ତାହା ଗ୍ରହଣ କରୁ ନାହିଁ । ଜ୍ଞାନ ସବୁ ସମୟରେ ରହିଛି । ଆଲୋକ ସବୁ ସମୟରେ ରହିଛି; ସବୁ ସମୟରେ, ଯେପରିକି ଏହା ସବୁକିଛିର ଉପରେ ଭାସି ବୁଲୁଛି, ଗୃହୀତ ହେବା ପାଇଁ ସବୁ ସମୟରେ ପ୍ରସ୍ତୁତ । କିନ୍ତୁ ଆମେ ନିଜର ଜ୍ଞାନ ସମ୍ପର୍କରେ, ନିଜର କର୍ମ ସମ୍ପର୍କରେ, ଅର୍ଥାତ୍ ଯାହା ଜାଣୁ ଓ ଯାହା କରିବାକୁ ଚାହୁଁ ବୋଲି ଭାବୁ, ସେଥିରେ ଆମେ ଏତେ ଅନ୍ଧ ହୋଇ ଯାଇଥାଉ ଯେ ଆମେ ସେହି ଜ୍ଞାନ ଓ ଆଲୋକକୁ ଗ୍ରହଣ କରିପାରୁନା । କିନ୍ତୁ ଯେତେବେଳେ କୌଣସି ନା କୌଣସି କାରଣ ଯୋଗୁଁ ଆମେ ନିଜକୁ ସମର୍ପଣ କରୁ, ଯେତେବେଳେ ଆମେ କିଛିଟା ନିଷ୍କ୍ରିୟ ଓ ଉନ୍ମୋଚିତ ହୋଇଯାଉ, ସେତେବେଳେ ଆମେ ତାହା ଗ୍ରହଣ କରୁ ।

ଅବଶ୍ୟ ଏକ ସକ୍ରିୟ ମାର୍ଗ ରହିଛି । ସକ୍ରିୟ ମାର୍ଗଟି ହେଉଛି ଏକ ତୀବ୍ର ଅଭୀପ୍ସା, ଏକ ନିବିଡ଼ ପ୍ରୟୋଜନୀୟତା, ଏକ ଅପରିହାର୍ଯ୍ୟ ଆବଶ୍ୟକତା । ସେତେବେଳେ ଭିତରେ କିଛି ଖୋଲିଯାଏ ଏବଂ ଆମେ ଗ୍ରହଣ କରୁ । ଏପରି ଏକ ଧାରଣା ରହିବାକୁ ବାଧ୍ୟ ଯେ ଏହା ଆମ ଉର୍ଦ୍ଧ୍ୱରେ ରହିଛି, କାରଣ ଆମ ସତ୍ତାର ସେହି ଅଂଶରେ ଆମେ ଏହାକୁ ଗ୍ରହଣ କରୁ (ମା' ତାଙ୍କ ମସ୍ତକର ଶୀର୍ଷକୁ ସୂଚିତ କଲେ) । ଏହା ସେଇଠି ରହିଛି ସେଇଠି ରହିଛି, ପୂରାପୂରି ଆଉ ମାନବୀୟ ନୁହେଁ ଏପରି କିଛି ସଙ୍ଗେ ସମ୍ପର୍କ ସ୍ଥାପନର କ୍ଷମତା ସେଇଠିହିଁ ରହିଛି ।

ଆମେ ତାହା ପାଇଁ ଏକ ବିପୁଳ ଅଦମନୀୟ ପ୍ରୟୋଜନ ଅନୁଭବ କରିବା ଉଚିତ । ଅନୁଭବ କରିବା ଆବଶ୍ୟକ ଯେ ଏହାହିଁ ଆମ ଅସ୍ତିତ୍ୱର ଉଦ୍ଦେଶ୍ୟ, ଏଇଥିପାଇଁହିଁ ମାନବସମାଜ ରହିଛି ଯେପରିକି ସେହି ସତ୍ୟର ସୂତ୍ର ପ୍ରକାଶ ପାଇବ । ମାନବସମାଜ ହେଲା ପୃଥିବୀରେ ମାନସିକ ଉପଲବ୍ଧିର ଆଧାର, ଏବଂ ମନର ଅସ୍ତିତ୍ୱର ଉଦ୍ଦେଶ୍ୟ ହେଲା ସେହି ସତ୍ୟକୁ ସୂତ୍ରାୟିତ କରିବା, ପ୍ରକାଶ କରିବା, ତାହାକୁ ଏକ ବୁଦ୍ଧିଗତ ରୂପ ଦେବା ।

ତେଣୁ ଯେତେବେଳେ ଆମେ ଅନୁଭବ କରୁ ଯେ ଏହାହିଁ ସେହି ସତ୍ୟ ଯାହା ଆମେ ପ୍ରକାଶ କରିବାକୁ ଚାହୁଁ, ସେତେବେଳେ ଆମେ ଏହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ – ଯେତେବେଳେ ଆମେ ପ୍ରକୃତରେ ଜାଣିବାକୁ ଚାହୁଁ ଆମେ କାହିଁକି ବଞ୍ଚୁଛୁ, ମଣିଷ କାହିଁକି ରହିଛି, କାହିଁକି, କାହିଁକି । ଏବଂ ତହିଁ ସଙ୍ଗେ ସଙ୍ଗେ ମଧ୍ୟ ରହିଥାଏ ଆମ ନିଜର ଏକ ଅପୂର୍ଣ୍ଣତାର ଅନୁଭବ, ଏକ ପ୍ରକାର ବୋଧ ରହିଥାଏ ଯେ ଆମେ ଯାହା ହୋଇଛୁ ତାହା ଛଡ଼ା ଆଉ ଅଧିକ କିଛି ରହିଛି, ସର୍ବୋପରି, ଯାହା ଜାଣିଛୁ ତାହା ଛଡ଼ା ଜାଣିବା ପାଇଁ ଅଧିକ କିଛି ରହିଛି । ଆଉ କିଛି ରହିଛି ଯାହାକୁ ଆବିଷ୍କାର କରିବାକୁ ହେବ, ପ୍ରକାଶ କରିବାକୁ ହେବ । ସେତେବେଳେ ଜଣେ ଏଥିପାଇଁ ଅଭୀପ୍ସା କରେ, ଆକୁଳ ହୁଏ, ଏବଂ ତୀବ୍ର ଭାବରେ ଅନୁଭବ କରେ ଏହା ଜାଣିବାକୁହିଁ ହେବ । ସେତେବେଳେହିଁ ଜଣେ ପ୍ରସ୍ତୁତ । କିନ୍ତୁ ଅସଂଖ୍ୟ ପଥ ରହିଛି । ପ୍ରତ୍ୟେକଙ୍କ ପାଇଁ ପଥ ଭିନ୍ନ ଭିନ୍ନ । କେବଳ ପ୍ରତ୍ୟେକଙ୍କ ପାଇଁ ଜିନିଷଟି ସମାନ – ଏହି ସମାନ ଅନୁଭବ ଥାଏ ଯେ ଆମେ ଯାହା ହୋଇଛୁ, ଯାହା ଜାଣିଛୁ ଏବଂ ଯାହା କରିବା ପାଇଁ ସକ୍ଷମ ତାହାଛଡ଼ା ଆଉ ଅନ୍ୟକିଛି ରହିଛି, ଆମଠାରୁ ସୁଦୂର ଉର୍ଦ୍ଧ୍ୱରେ ଆମର ଅତୀତ ହୋଇରହିଛି । ତା'ହେଲେ ଏହାହିଁ ହେଉଛି ସେହି ଅବସ୍ଥା ଯାହା ନିତାନ୍ତ ଆବଶ୍ୟକ ।

ତୁମେ ଚାଲିଯାଉଛ । ଏହି କଥାଗୁଡ଼ିକ ମନେ ରଖିବ – (ମା ଜଣେ ଦର୍ଶନାର୍ଥୀଙ୍କୁ ଏହି କଥାଗୁଡ଼ିକ କହିଥିଲେ, ସେ ଚାଲିଯିବା ପରେ ମା କହିଥିଲେ : "ହଁ ସେ ପୁଣି ଫେରି ଆସିବ, ଯେଉଁମାନେ ପ୍ରକୃତରେ ଜାଣିବାକୁ ଚାହାନ୍ତି, ଯେଉଁମାନେ ଏହି ପ୍ରୟୋଜନୀୟତା ଅନୁଭବ କରନ୍ତି ସେମାନେ ବରାବର ଫେରି

ଆସନ୍ତି । ଭାରତରେ, ବିଶେଷକରି ବୋଧହୁଏ ଆମର ଏଠାରେ ଆମେ ଏହି ସତ୍ୟକୁ ନିଃଶ୍ୱାସ ପ୍ରଶ୍ୱାସରେ ଗ୍ରହଣ କରୁଛୁ । ଆମେ ଯେତେବେଳେ ନିଃଶ୍ୱାସ ନେଉ, ଏହା ଆପେ ଆପେ ଆମ ଭିତରେ ପ୍ରବେଶ କରେ । ସମଗ୍ର ବାତାବରଣ ଏଇଥିରେ ପୂର୍ଣ୍ଣ ହୋଇରହିଛି । ତେଣୁ ବୋଧହୁଏ ଅନ୍ୟ ସ୍ଥାନରେ ଯାହା କଷ୍ଟସାଧ୍ୟ ଏଠାରେ ତାହା ଅଧିକତର ସହଜ ।'') <

*ପ୍ରଶ୍ନ : ନିଜ ଚୈତ୍ୟସତ୍ତା ସମ୍ପର୍କରେ କୌଣସି ସଂଯୋଗ ନଥାଇ ଜଣେ କ'ଣ ଚିରନ୍ତନ ଦିବ୍ୟସତ୍ୟ ସହିତ ସଂଯୋଗ ସ୍ଥାପନ କରିପାରେ ?*

**ଶ୍ରୀମା :** ଏହି ବିଶ୍ୱରେ ଥିବା କେତେକ ସତ୍ତା ନିଜ ଚୈତ୍ୟସତ୍ତା ସହ କୌଣସି ସମ୍ପର୍କରେ ନଆସି ଚିରନ୍ତନ ଦିବ୍ୟସତ୍ୟ ସହ ସିଧାସଳଖ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରି ପାରନ୍ତି, କାରଣ ସେମାନଙ୍କର କୌଣସି ଚୈତ୍ୟସତ୍ତା ନଥାଏ । କିନ୍ତୁ ମନୁଷ୍ୟ ଭିତରେ ସଦାସର୍ବଦା ଏକ ଚୈତ୍ୟସତ୍ତା ରହିଛି ଏବଂ ବରାବର ଏହି ଚୈତ୍ୟସତ୍ତା ମାଧ୍ୟମରେହିଁ ସେମାନେ ଚିରନ୍ତନ ସତ୍ୟ ସହ ସମ୍ପର୍କ ସ୍ଥାପନ କରନ୍ତି । ଏବଂ ଚୈତ୍ୟସତ୍ତା ସହ ଏହି ସଂଯୋଗ ତା' ଆଖିରେ ସାଧାରଣତଃ ନିଜକୁ ଏହି ଭାବରେହିଁ ପ୍ରକାଶ କରେ; କାରଣ ଏହା ନିଜ ସହ ନିଜର ସେହି ଐଶ୍ୱର୍ଯ୍ୟ, ସୌନ୍ଦର୍ଯ୍ୟ ଓ ମହତ୍ତ୍ୱକୁ ବହନ କରିଥାଏ । ଚୈତ୍ୟସତ୍ତା ହେଉଛି ମନୁଷ୍ୟର ଚାରିତ୍ରିକ ବୈଶିଷ୍ଟ୍ୟ, ଏବଂ ଯଦି ଜଣେ ବିଷୟଟିର ତଳକୁ ଯାଏ ତା'ହେଲେ ବୋଧହୁଏ ଏହାହିଁ ମନୁଷ୍ୟକୁ ତା'ର ଶ୍ରେଷ୍ଠତ୍ୱ ପ୍ରଦାନ କରିଛି ।

ପୁରାତନ ଦର୍ଶନମାନଙ୍କରୁ ଅନେକଙ୍କର ସତ୍ତାର ଶ୍ରେଣୀ-ବିନ୍ୟାସ ସମ୍ପର୍କରେ ପୂର୍ଣ୍ଣଜ୍ଞାନ ନଥିଲା – ଚୈତ୍ୟସତ୍ତା ଓ ଆନ୍ତର ସତ୍ୟ ସମ୍ପର୍କରେ ସେମାନଙ୍କର ବିଶେଷ ଧାରଣା ନଥିଲା । ଏହିସବୁ ଦାର୍ଶନିକ ଧାରାଗୁଡ଼ିକର ଖୁବ୍ ସହଜ ବିଚାର ଓ ଧାରଣା ରହିଥିଲା – ଯଥା : ବାହ୍ୟ ଓ ଆନ୍ତର ଚେତନା, ଜାଗ୍ରତ୍ ଓ ସୁଷୁପ୍ତି ଚେତନା, ମନୁଷ୍ୟର ମନସ୍ତତ୍ତ୍ୱ ସମ୍ପର୍କରେ କୌଣସି ବିସ୍ତୃତ ପୁଙ୍ଖାନୁପୁଙ୍ଖ ଧାରଣା ନଥିଲା । କିଂବା ଯଦି ବା ଥିଲା ଏହାକୁ ସମସ୍ତଙ୍କ ପାଖରେ ଉପସ୍ଥାପିତ କରିବାକୁ ସେମାନେ ଉଚିତ ବୋଲି ଭାବୁ ନଥିଲେ । ଆଗକାଳରେ ଯେକୌଣସି ଲୋକ ଆଗରେ ଯଥାର୍ଥ ଜ୍ଞାନର ଉପସ୍ଥାପନକୁ ସେମାନେ ପସନ୍ଦ କରୁ ନଥିଲେ । ତାହା ଆଗରେ ଯଥାର୍ଥ କିଛି ଶିକ୍ଷା ବା ଜ୍ଞାନ ଉପସ୍ଥାପନ କରିବା ପୂର୍ବରୁ ତାହାକୁ ନିଜର ଯଥାଯଥ ସଦିଚ୍ଛା ବିକାଶ ଓ ସାମର୍ଥ୍ୟ ଦେଖାଇବାକୁ ପଡୁଥିଲା । କିନ୍ତୁ ବର୍ତ୍ତମାନ, ଆଧୁନିକ ଜୀବନରେ ଏହି ଜ୍ଞାନ ମୁଦ୍ରିତ ହୋଇ ବା ଛାପାଯାଇ ପୁସ୍ତକ ଆକାରରେ ପ୍ରକାଶିତ ହେଉଛି ଏବଂ ଯେକୌଣସି ଲୋକ ଏହି ପୁସ୍ତକ କିଣି ପଢ଼ିପାରେ । ଅବଶ୍ୟ ତୁମେ ଏପରି ଶହ ଶହ ଲୋକଙ୍କ ସମ୍ପର୍କରେ ଆସିବ ଯେଉଁମାନେ ତା'ର ଅର୍ଥ କ'ଣ ସେସମ୍ପର୍କରେ ଆଦୌ କିଛି ନଜାଣି କେବଳ ଗୁଡ଼ିଏ ଶବ୍ଦହିଁ ପଢ଼ନ୍ତି । ଗୋଟିଏ ସମୟରେ ଏଠାରେ ମଧ୍ୟ ଅନେକ ଲୋକ ଥିଲେ ଯେଉଁମାନେ ଅତିମାନସ ଉପଲବ୍ଧି କରିବାର ଦାବି କରୁଥିଲେ କିନ୍ତୁ ପ୍ରକୃତରେ ଏହା କ'ଣ, ସେସମ୍ପର୍କରେ ସେମାନଙ୍କର କିଛି ବି ଧାରଣା ନଥିଲା ।

ଆଜିର ଗଣତାନ୍ତ୍ରିକ ଯୁଗରେ ଜ୍ଞାନର ଏହି ସର୍ବସାଧାରଣୀକରଣ ବୋଧହୁଏ ଅବଶ୍ୟମ୍ଭାବୀ । କିନ୍ତୁ ବୋଧହୁଏ ଏଥିପାଇଁ ଯଥାର୍ଥ ନିର୍ବାଚନ-ପ୍ରକ୍ରିୟାରେ ଅନ୍ୟାନ୍ୟ ପଦ୍ଧତିମାନ ରହିଛି, ଯାହାକି ଅଧିକ ଗୋପନ, କମ୍ ସୁସ୍ପଷ୍ଟ କିନ୍ତୁ ଅଧିକ ଫଳପ୍ରଦ ।

(୧୮ ଜାନୁଆରି ୧୯୫୧) <

# ବିଶ୍ୱାସ, ଅନୁଭୂତି ଓ ଜ୍ଞାନ

## ଶ୍ରୀଅରବିନ୍ଦ

ଆମେ ଦିବ୍ୟସତ୍ୟକୁ ଜାଣିବା ପର୍ଯ୍ୟନ୍ତ (ମାନସିକ ଭାବରେ ନୁହେଁ, ଅନୁଭୂତି ଦ୍ୱାରା, ଚେତନାର ପରିବର୍ତ୍ତନ ଦ୍ୱାରା) ଆମର ଆବଶ୍ୟକତା ହେଉଛି ଆତ୍ମାର ବିଶ୍ୱାସ, ଯାହା ଆମକୁ ପୋଷଣ କରିବ ଓ ସତ୍ୟକୁ ଧରିରଖିବ – କିନ୍ତୁ ଆମେ ଯେତେବେଳେ ଜ୍ଞାନରେ ବାସକରୁ ସେତେବେଳେ ଏହି ବିଶ୍ୱାସ ଜ୍ଞାନରେ ପରିବର୍ତ୍ତିତ ହୁଏ ।

ଅବଶ୍ୟ ମୁଁ ପ୍ରତ୍ୟକ୍ଷ ଆଧ୍ୟାତ୍ମିକ ଜ୍ଞାନ କଥା କହୁଛି । ମାନସିକ ଜ୍ଞାନ ବିଶ୍ୱାସର ସ୍ଥାନ ନେଇପାରି ନାହିଁ, ଯେପର୍ଯ୍ୟନ୍ତ କେବଳ ମାନସିକ ଜ୍ଞାନ ରହିଥିବ, ସେପର୍ଯ୍ୟନ୍ତ ବିଶ୍ୱାସର ଆବଶ୍ୟକତା ରହିଥିବ ।

*

ବିଶ୍ୱାସ ସମ୍ପର୍କରେ କୁହାଯାଇପାରେ ଯେ ଆଧ୍ୟାତ୍ମିକ ଭାବରେ ବିଶ୍ୱାସ ଏକ ମାନସିକ ବିଶ୍ୱାସ ନୁହେଁ ଯାହାକି ଦୋହଲି ଯାଇପାରେ ଓ ପରିବର୍ତ୍ତିତ ହୋଇପାରେ । ମନରେ ଏହା ଏହିପରି ଏକ ଆକୃତି ବା ରୂପ ନେଇପାରେ, କିନ୍ତୁ ସେହି ବିଶ୍ୱାସ ଯଥାର୍ଥରେ ସ୍ୱୟଂ ଏକ ବିଶ୍ୱାସ ନୁହେଁ, ଏହା କେବଳ ଏକ ବାହ୍ୟରୂପ । ଯେପରି ଭାବରେ ଶରୀର ଯାହା ଏକ ବାହ୍ୟ ଆକାର ତାହା ବଦଳିପାରେ, କିନ୍ତୁ ଆତ୍ମା ସେହି ଏକହିଁ ହୋଇ ରହିଥାଏ, ଏଠାରେ ମଧ୍ୟ ସେହି କଥା । ବିଶ୍ୱାସ ହେଉଛି ଆତ୍ମାରେ ଏକ ନିଶ୍ଚିତତା, ଯାହାକି ଯୁକ୍ତିବୁଦ୍ଧି ଉପରେ ବା ଅମୁକ ବା ସମୁକ ମାନସିକ ଧାରଣା ଉପରେ ବା ପରିସ୍ଥିତି ଉପରେ, ବା ମନର ବା ପ୍ରାଣର ବା ଶରୀରର ପରିବର୍ତ୍ତନଶୀଳ ଅବସ୍ଥା ଉପରେ ନିର୍ଭର କରେ ନାହିଁ । ଏହା ସଂଗୁପ୍ତ ହୋଇ ରହିପାରେ ବା ଗ୍ରହଣ-ଗ୍ରାସ ପରି ଗ୍ରସ୍ତ ହୋଇପାରେ, ବା ଏପରିକି ଲୁପ୍ତ ହେଲା ପରି ଲାଗିପାରେ, କିନ୍ତୁ ଏହା ପୁଣି ଥରେ ଆବିର୍ଭୂତ ହୁଏ, ଝଡ଼ ବା ଗ୍ରହଣ-ଗ୍ରାସ କଟିଗଲା ପରେ; ଯେତେବେଳେ ଜଣେ ଭାବିଥାଏ ଯେ ଏହା ଚିରକାଳ ପାଇଁ ନିର୍ବାପିତ ହୋଇଯାଇଛି ତଥାପି ସେତେବେଳେ ମଧ୍ୟ ଏହା ଆତ୍ମାରେ ପ୍ରଜ୍ୱଳିତ ହୋଇ ରହିଥାଏ । ମନରେ ଅସୁମାରି ସନ୍ଦେହର ଢେଉ ଉଠୁଥାଇପାରେ, କିନ୍ତୁ ତଥାପି ତା' ଭିତରେ ସେହି ବିଶ୍ୱାସ ରହିପାରେ ଏବଂ ଏପରି ହେଲେ ଏହା ଏପରିକି ସନ୍ଦେହ-ଦୋଳାୟିତ ମନକୁ ଠିକ୍ ବାଟରେ ରଖିଥାଏ, ଯେପରିକି ତାହା ନିଜର ସମସ୍ତ ଦୋଷତ୍ରୁଟି ସତ୍ତ୍ୱେ ନିଜର ନିର୍ଦ୍ଧାରିତ ଲକ୍ଷ୍ୟ ଦିଗରେ ଅଗ୍ରସର ହେଉଥିବ । ବିଶ୍ୱାସ ହେଉଛି ଅଧ୍ୟାତ୍ମର, ଦିବ୍ୟତାର, ଆତ୍ମାର ଆଦର୍ଶର ଏକ ଆଧ୍ୟାତ୍ମିକ ନିଶ୍ଚିତତା, ଯାହାକି ଏସବୁକୁ ଜାବୁଡ଼ି ଧରିଥାଏ ଏପରିକି ଯେତେବେଳେ ଏହା ଜୀବନରେ ପୂର୍ଣ୍ଣ ହୁଏ ନାହିଁ, ଏପରିକି ଯେତେବେଳେ ଆଶୁ ଘଟଣାବଳୀ ବା ନିରବଚ୍ଛିନ୍ନ ପରିସ୍ଥିତି ଏହାକୁ ଅସ୍ୱୀକାର କରିବା ଭଳି ମନେ ହୁଏ । ମନୁଷ୍ୟର ଜୀବନରେ ଏହା ଏକ ସାଧାରଣ ସଚରାଚର ଅନୁଭୂତି; ଯଦି ଏପରି ହୋଇ ନଥା'ନ୍ତା ତାହେଲେ ମନୁଷ୍ୟ ପରିବର୍ତ୍ତନଶୀଳ ମନ ବା ପରିସ୍ଥିତିର ଖେଳରେ କେବଳ ଏକ ଖେଳଣା ମାତ୍ର ହୋଇ ରହିଥା'ନ୍ତା ।

*

ବିଶ୍ୱାସ ଅନୁଭୂତି ଉପରେ ନିର୍ଭର କରେ ନାହିଁ । ଅନୁଭୂତି ଲାଭ ପୂର୍ବରୁହିଁ ଏହା ରହିଥାଏ । ଯେତେବେଳେ ଜଣେ ଯୋଗସାଧନା ଆରମ୍ଭ କରେ, ସାଧାରଣତଃ ଏହା ଅନୁଭୂତିର ସାମର୍ଥ୍ୟ ଉପରେ ନୁହେଁ, ଏହା ସେ କରିଥାଏ ବିଶ୍ୱାସର ସାମର୍ଥ୍ୟ ଉପରେ । କେବଳ ଯୋଗ ବା ଆଧ୍ୟାତ୍ମିକ ଜୀବନ-କ୍ଷେତ୍ରରେ ନୁହେଁ, ସାଧାରଣ ଜୀବନ-କ୍ଷେତ୍ରରେ ମଧ୍ୟ ଏହା ପ୍ରଯୋଜ୍ୟ । କର୍ମକୁଶଳ ସମସ୍ତ ବ୍ୟକ୍ତି, ଆବିଷ୍କାରକ, ଉଦ୍ଭାବକ, ଜ୍ଞାନର ସ୍ରଷ୍ଟା – ସମସ୍ତେ ବିଶ୍ୱାସକୁ ନେଇ ଅଗ୍ରସର ହୋଇଥାଆନ୍ତି ଏବଂ ପ୍ରମାଣ ମିଳିବା ପର୍ଯ୍ୟନ୍ତ ବା କର୍ମଟି ସାଫଲ୍ୟ ମଣ୍ଡିତ ହେବା ପର୍ଯ୍ୟନ୍ତ ସେମାନେ ନାନାବିଧ ହତାଶା, ବ୍ୟର୍ଥତା, ପ୍ରମାଣହୀନତା, ଅସ୍ୱୀକାର ଆଦି ସତ୍ତ୍ୱେ ଆଗେଇ ଯାଇଥାଆନ୍ତି, କାରଣ ସେମାନେ ନିଜ ଭିତରେ ଏପରି କିଛି ଅନୁଭବ କରିଥାଆନ୍ତି ଯାହା ସେମାନଙ୍କୁ କହିଥାଏ ଯେ ଏହାହିଁ ସତ୍ୟ, ଏହାକୁହିଁ ଅନୁସରଣ କରିବାକୁ ହେବ ଏବଂ ସମ୍ପନ୍ନ କରିବାକୁ ହେବ । ଏପରିକି ଶ୍ରୀରାମକୃଷ୍ଣ ଏତେପର୍ଯ୍ୟନ୍ତ ଯାଇଥିଲେ ଯେ ଯେତେବେଳେ ତାଙ୍କୁ ପଚରାଯାଇଥିଲା ଅନ୍ଧବିଶ୍ୱାସ ଏକ ଭୁଲ୍ ଜିନିଷ ନୁହେଁ କି ? ସେ କହିଥିଲେ ଅନ୍ଧବିଶ୍ୱାସହିଁ ଏକମାତ୍ର ବିଶ୍ୱାସ, କାରଣ ହୁଏତ ଏହା ଅନ୍ଧବିଶ୍ୱାସ ନଚେତ୍ ଏହା ବିଶ୍ୱାସ

ନୁହେଁ, ଅନ୍ୟକିଛି – ଯୁକ୍ତିବୁଦ୍ଧିମୂଳକ ଅନୁମାନ, ପ୍ରମାଣମୂଳକ ଦୃଢ଼ ଧାରଣା ବା ନିଶ୍ଚୟାତ୍ମକ ଜ୍ଞାନ ।

ବିଶ୍ୱାସ ହେଉଛି ଆତ୍ମା ଦ୍ୱାରା ଏପରି କିଛିର ଦର୍ଶନ ଯାହାକି ଏପର୍ଯ୍ୟନ୍ତ ଅଭିବ୍ୟକ୍ତ, ସମ୍ପନ୍ନ ବା ଉପଲବ୍ଧ ହୋଇ ନାହିଁ କିନ୍ତୁ ଆମରି ଭିତରର ଜ୍ଞାତା ସମସ୍ତ ସୂଚନାର ଅଭାବ ସତ୍ତ୍ୱେ ଏହାକୁ ସତ୍ୟ ବୋଲି ଅନୁଭବ କରେ ବା ଏହାକୁ ଅନୁସରଣ କରିବା ଓ ସମ୍ପନ୍ନ କରିବାକୁ ପରମ ମୂଲ୍ୟବାନ୍ ବୋଲି ମନେକରେ । ଆମ ଭିତରେ ଏହି ଜିନିଷଟି ସ୍ଥାୟୀ ରହିପାରେ ଏପରିକି ଯେତେବେଳେ ମନରେ ଏସମ୍ପର୍କରେ ସ୍ଥିରୀକୃତ ବିଶ୍ୱାସ ନଥାଏ, ଏପରିକି ଯେତେବେଳେ ପ୍ରାଣ ଏଥିପାଇଁ ସଂଘର୍ଷ, ବିଦ୍ରୋହ ବା ଅସ୍ୱୀକାର କରିବାରେ ଜଡ଼ିତ ହୋଇପଡ଼େ । ଏପରି କେହି ଅଛନ୍ତି କି, ଯେ ଯୋଗ କରିଛନ୍ତି ଅଥଚ ଦୀର୍ଘକାଳ ଧରି ହତୋତ୍ସାହ, ବ୍ୟର୍ଥତା, ଅବିଶ୍ୱାସ ଓ ଅନ୍ଧକାର ଆଦିକୁ ଭୋଗି ନାହାନ୍ତି ? କିନ୍ତୁ ଏପରି କିଛି ରହିଥାଏ ଯାହା ତାଙ୍କୁ ଧରି ରଖେ ଏବଂ ତାଙ୍କର ସେହିସବୁ ନେତିବାଚକ ଅନୁଭୂତି ସତ୍ତ୍ୱେ ତାଙ୍କୁ ଆଗେଇ ନିଏ କାରଣ ଏହା ଅନୁଭବ କରିଥାଏ ଯେ ସେ ଯାହା ଅନୁସରଣ କରୁଛନ୍ତି ତଥାପି ତାହା ସତ୍ୟ ଏବଂ କେବଳ ଅନୁଭବ ନୁହେଁ ତାହା ଅପେକ୍ଷା ଏହା ଅଧିକ, ଏହା ଜାଣେ । ଯୋଗର ମୌଳିକ ବିଶ୍ୱାସ ହେଉଛି ଏହା ଏବଂ ଏହା ଆତ୍ମାରେ ରହିଥାଏ ଯେ ଭଗବାନ୍ ରହିଛନ୍ତି ଏବଂ ଭଗବାନ୍ ହେଉଛନ୍ତି ଏକମାତ୍ର ସତ୍ୟ ଯାହାଙ୍କୁ ଅନୁସରଣ କରିବାକୁ ହେବ – ଏହା ତୁଳନାରେ ଜୀବନରେ ଅନ୍ୟକିଛିକୁ ଅନୁସରଣ କରିବାରେ କିଛି ମୂଲ୍ୟ ନାହିଁ । ଯେପର୍ଯ୍ୟନ୍ତ ଯେଉଁ ବ୍ୟକ୍ତିର ଏହି ଧରଣର ଦୃଢ଼ବିଶ୍ୱାସ ରହିଥାଏ ସେ ଏକ ଆଧ୍ୟାତ୍ମିକ ଜୀବନ ପାଇଁହିଁ ଚିହ୍ନଟ ହୋଇଥାଏ ଏବଂ ମୁଁ କହିବି ଏପରିକି ଯଦି ତା'ର ପ୍ରକୃତି ନାନା ପ୍ରତିବନ୍ଧକରେ ଭରି ରହିଥାଏ ଏବଂ ନାନା ଅସ୍ୱୀକାର ଓ ବାଧାବିଘ୍ନରେ ଜଡ଼ି ରହିଥାଏ ଏବଂ ତାକୁ ବହୁବର୍ଷ ଧରି ନାନା ସଂଘର୍ଷ କରିବାକୁ ପଡ଼େ ତଥାପି ଆଧ୍ୟାତ୍ମିକ ଜୀବନରେ ତା'ର ସାଫଲ୍ୟ ଅବଧାରିତ ।

ଏହି ଧରଣର ବିଶ୍ୱାସକୁହିଁ ତୁମକୁ ବିକଶିତ କରାଇବାକୁ ହେବ । – ଏପରି ଏକ ବିଶ୍ୱାସ ଯାହା ଯୁକ୍ତିବୁଦ୍ଧି ଓ ସାଧାରଣ ଜ୍ଞାନ ଅନୁଯାୟୀହିଁ ହୋଇଥିବ – ଯଦି ଭଗବାନ୍ ଥାଆନ୍ତି ଏବଂ ତୁମକୁ ଏହି ପଥରେ ଚାଲିବା ପାଇଁ ଆହ୍ୱାନ ଦେଇଛନ୍ତି (ଯାହାକି ବେଶ୍ ସ୍ପଷ୍ଟ) ତା'ହେଲେ ଏହା ପଛରେ ଓ ଏହା ମଧ୍ୟରେ ଏକ ଭଗବତ୍ ମାର୍ଗଦର୍ଶନ ରହିଛି ଏବଂ ସମସ୍ତ ବାଧାବିଘ୍ନ ସତ୍ତ୍ୱେ ତୁମେ ଲକ୍ଷ୍ୟରେ ପହଞ୍ଚିବହିଁ ପହଞ୍ଚିବ । ଯେଉଁସବୁ ବିରୋଧୀ ଶକ୍ତିର କଣ୍ଠସ୍ୱର ତୁମକୁ ବ୍ୟର୍ଥତାର ଭୟ ଦେଖାଏ ବା ଧୈର୍ଯ୍ୟହୀନତାର ଯେଉଁ ସ୍ୱରସବୁ ଶୁଭେ ଏବଂ ପ୍ରାଣିକ ଚଞ୍ଚଳତା ବା ତରବରିଆଭାବ ତା'ର ଯେଉଁ ପ୍ରତିଧ୍ୱନି ଦିଏ ସେଗୁଡ଼ିକୁ ଶୁଣିବାକୁ ହେବ ନାହିଁ । ଏବଂ ଏହା ବିଶ୍ୱାସ କରିବାକୁ ହେବ ନାହିଁ ଯେ ଯେହେତୁ ଏତେ ବିରାଟ ବାଧାବିଘ୍ନସବୁ ଅଛି ତେଣୁ ସାଫଲ୍ୟର ଆଶା ନାହିଁ ବା ଭଗବାନ୍ ତୁମକୁ ଏପର୍ଯ୍ୟନ୍ତ ଦର୍ଶନ ଦେଇନାହାନ୍ତି ବୋଲି ସେ କେବେ ବି ଦର୍ଶନ ଦେବେ ନାହିଁ । ତୁମକୁ ସେହି ଆସନ ଓ ମନୋଭାବ ନେବାକୁ ହେବ ଯାହା ଏକ ମହାନ୍ ଓ କଷ୍ଟସାଧ୍ୟ ଲକ୍ଷ୍ୟଲାଭ ପାଇଁ ଲୋକମାନେ ନେଇଥାଆନ୍ତି, ''ସଫଳତା ଲାଭକରିବା ପର୍ଯ୍ୟନ୍ତ ମୁଁ ଆଗେଇ ଚାଲିବି – ଯେତେ ଯାହା ବାଧାବିଘ୍ନ ଆସୁ ପଛକେ ।'' ଏହା ସଙ୍ଗରେ ଭଗବତ୍ ବିଶ୍ୱାସୀ ବ୍ୟକ୍ତି ଯୋଗକରେ : ''ଭଗବାନ୍ ଅଛନ୍ତି, ଭଗବାନଙ୍କୁ ଅନୁସରଣ କରିବାରେ ମୁଁ କେବେହେଲେ ବ୍ୟର୍ଥହେବି ନାହିଁ । ତାଙ୍କୁ ପାଇବାପାଇଁ ମୁଁ ସବୁକିଛି ଭିତରଦେଇ ଆଗେଇ ଯିବା ପାଇଁ ପ୍ରସ୍ତୁତ ।''

(ବୁଲେଟିନ୍ ଏପ୍ରିଲ୍ ୨୦୧୨, ପୃ ୪୦-୪୨) <

ଏପରି ସ୍ୱପ୍ନ ଦେଖ ନାହିଁ ଯେ ବସ୍ତୁଗତ ଦାରିଦ୍ର୍ୟକୁ ଦୂର କରିଦେଲେ ମଣିଷ ସୁଖୀ ଓ ସନ୍ତୁଷ୍ଟ ହୋଇଯିବ ବା ସମାଜ ସମସ୍ତ ବ୍ୟାଧି, ବାଧାବିଘ୍ନ ଓ ସମସ୍ୟାରୁ ମୁକ୍ତ ହୋଇଯିବ । ଏହା ହେଉଛି କେବଳ ପ୍ରଥମ ଓ ସର୍ବନିମ୍ନ ଆବଶ୍ୟକତା । ଭିତରର ଆତ୍ମା ଯେତେବେଳେ ଦୋଷ-ଦୁର୍ବଳତା ନେଇ ସଂଗଠିତ ହୋଇରହିଥିବ ସେତେବେଳେ ବାହ୍ୟ ଭାବରେ ସର୍ବଦା ଅସ୍ଥିରତା, ବିଶୃଙ୍ଖଳା ଓ ବିପ୍ଳବ ଲାଗିରହିଥିବ ।

– ଶ୍ରୀଅରବିନ୍ଦ

# ଭାରତର ସ୍ୱାଧୀନତା ଓ ଭବିଷ୍ୟତ୍

## ଶ୍ରୀଅରବିନ୍ଦ

ଭାରତ ଆଜି ସ୍ୱାଧୀନ ଏବଂ ଯଦି ଭଗବତ୍ କର୍ମ ସମ୍ପାଦନ କରିବାକୁ ହୁଏ, ତେବେ ତାହାର ଏହି ସ୍ୱାଧୀନତା ଏକାନ୍ତ ଆବଶ୍ୟକ । ବର୍ତ୍ତମାନ ତାହାର ଚତୁଃପାର୍ଶ୍ୱରେ ଯେଉଁସବୁ ବାଧା-ବିପତ୍ତି ଘେରିରହିଛି ଏବଂ ଆଉ କିଛିକାଳ ଯେଉଁସବୁ ବାଧା-ବିପତ୍ତିର ଆଧିକ୍ୟ ଦେଖାଦେଇପାରେ – ବିଶେଷତଃ ପାକିସ୍ତାନ ସମ୍ପର୍କୀୟ ଜଟିଳ ରାଜନୈତିକ ଘଟଣା ସମ୍ବନ୍ଧରେ – ସେସବୁର ଆଗମନ ଏବଂ ସମାଧାନ ମଧ୍ୟ ଆବଶ୍ୟକ ଥିଲା... ଏଠାରେ ମଧ୍ୟ ଏକ ପୂର୍ଣ୍ଣ ସମାଧାନ ହେବାର ନିଶ୍ଚିତତା ରହିଛି ଯଦିଓ ଦୁର୍ଭାଗ୍ୟବଶତଃ ଏହି ଘଟଣାକ୍ରମେ ଅସାମାନ୍ୟ ମାନବିକ ଦୁଃଖ-ଦୁର୍ଦ୍ଦଶାର ଆଗମନ ଅପରିହାର୍ଯ୍ୟ । ଏହାପରେ ଭଗବତ୍ କର୍ମ-ସମ୍ପାଦନ ଅଧିକ ସହଜସାଧ୍ୟ ହେବ ଏବଂ ଅଧ୍ୟାତ୍ମ ଆଲୋକ ଦିଗରେ ଜଗତକୁ ଅଗ୍ରସର କରାଇବାର ସ୍ୱପ୍ନ – ଯଦି ଏହାକୁ ସ୍ୱପ୍ନ ବୋଲି କହିବାକୁ ହୁଏ – ଏକ ବାସ୍ତବତାରେ ପରିଣତ ହୋଇପାରେ । ତେଣୁ ବର୍ତ୍ତମାନ ମଧ୍ୟ, ଏହି ଅନ୍ଧକାରପୂର୍ଣ୍ଣ ଅବସ୍ଥାରେ, ଯେତେବେଳେ ବିଫଳତାକୁ ନିଶ୍ଚିତ ବୋଲି ଧରିନିଆଯାଇଛି, ଜଗତକୁ ସାହାଯ୍ୟ କରିବାର ସଂକଳ୍ପରୁ ମୁଁ ନିବୃତ୍ତ ନୁହେଁ । (୪. ୪. ୧୯୫୦)

*

ଯୁଗ-ଯୁଗର ଭାରତ ମୃତ ନୁହେଁ କିଂବା ସେ ତାହାର ଅନ୍ତିମ ସୃଜନୀବାଣୀ ପ୍ରକାଶ କରିସାରିଛି, ଏହା ମଧ୍ୟ ନୁହେଁ; ସେ ଜୀବନ୍ତ ଏବଂ ନିଜ ପାଇଁ ତଥା ମାନବସମାଜ ପାଇଁ ତା'ର କିଛି କରିବାର ଅଛି । ଏବଂ ବର୍ତ୍ତମାନ ଭାରତ ଜାଗ୍ରତ୍ ହେବା ପାଇଁ ତାକୁ ଯେଉଁ ଆଦର୍ଶର ସନ୍ଧାନ କରିବାକୁ ହେବ, ତାହା ଏକ ଇଂରାଜୀଭାବାପନ୍ନ ପ୍ରାଚ୍ୟ ମାନବ ନୁହେଁ, ପାଶ୍ଚାତ୍ୟର ଆଜ୍ଞାଧୀନ ଛାତ୍ର ନୁହେଁ, ଏବଂ ପାଶ୍ଚାତ୍ୟରେ ସଫଳତା ଓ ବିଫଳତାର ଭାଗ୍ୟଚକ୍ରକୁ ପୁନରାବୃତ୍ତ କରିଚାଲିବା ତାହା ସକାଶେ ବିଧିନିର୍ଦ୍ଦିଷ୍ଟ ନୁହେଁ, ବରଂ ଅଦ୍ୟାପି ତାହାର ପ୍ରାଚୀନ ସ୍ମରଣାତୀତ ଶାଶ୍ୱତ ଶକ୍ତିର ଗଭୀରତମ ଆତ୍ମା ପୁନରୁତ୍‌ଥିତ ହେଉଛି, ଜ୍ୟୋତିଃ ଓ ଶକ୍ତିର ପରମ ଉତ୍ସ ଦିଗରେ ତାହାର ମସ୍ତକ ଉତ୍ତୋଳନ କରୁଛି ଏବଂ ତାହାର ସନାତନ ଧର୍ମର ସମ୍ପୂର୍ଣ୍ଣ ଅର୍ଥ ବୃହତ୍ତର ସ୍ୱରୂପକୁ ଆବିଷ୍କାର କରିବା ନିମିତ୍ତ ପ୍ରବୃତ୍ତ ହେଉଛି ।

*

ଭାରତର ନବଜାଗରଣ ଆଗାମୀ କାଲିର ସୂର୍ଯ୍ୟୋଦୟ ପରି ସୁନିଶ୍ଚିତ ଏବଂ ଏହି ବିରାଟ ଦେଶର ଜନତା, ଯେଉଁମାନଙ୍କର ରହିଛି ଏକ ଅସାଧାରଣ ମତିଗତି, ଜୀବନର ଏକ ଅତୁଳନୀୟ ଐତିହ୍ୟ, ଅତି ଶକ୍ତିଶାଳୀ ବୁଦ୍ଧିମତ୍ତା ଏବଂ ଯେଉଁ ଦେଶର ରହିଛି ପ୍ରଚ୍ଛନ୍ନ ଶକ୍ତିବିଶିଷ୍ଟ ବିରାଟ ଜନତା, ତାହାର ନବଜନ୍ମ ଆଧୁନିକ ଜଗତର ଏକ ଅତ୍ୟାଶ୍ଚର୍ଯ୍ୟମୟ ଘଟଣା ହେବା ଅବଶ୍ୟମ୍ଭାବୀ ।

*

ଭାରତୀୟମାନଙ୍କର ଏହି ଦୃଢ଼ ବିଶ୍ୱାସ ରହିବା ଆବଶ୍ୟକ ଯେ ଭାରତର ଉତ୍ଥାନ ହେବ ଏବଂ ଏହା ମହାନ୍ ହୋଇଉଠିବ । ଯାହାକିଛି ଘଟିଯାଇଛି – ପ୍ରତ୍ୟେକ ବାଧାବିଘ୍ନ, ପ୍ରତ୍ୟେକ ଓଲଟପାଲଟ – ସେସବୁ ସହାୟକ ହେବ ଏବଂ ପରିଣାମ ଦିଗରେ ଅଗ୍ରସର କରାଇବ । ପ୍ରବୃତ୍ତି ଉର୍ଦ୍ଧ୍ୱମୁଖୀ ହୋଇଛି ଏବଂ କ୍ଷୟମୁଖୀ କାଳର ଅବସାନ ଘଟିଛି । ପ୍ରଭାତ ଆସନ୍ନ ଏବଂ ଆଲୋକ ଦୃଶ୍ୟମାନ । ପୁନଶ୍ଚ ରାତ୍ରିର ଆଗମନ ଅସମ୍ଭବ । ଅତି ଶୀଘ୍ର ଉଷା ଅତୀତ ହେବ ଏବଂ ଦିଗ୍‌ବଳୟରେ ସୂର୍ଯ୍ୟର ଉଦୟ ହେବ । ଭାରତ-ଭାଗ୍ୟାକାଶର ସୂର୍ଯ୍ୟ ଶୀଘ୍ର ଉଦିତ ହୋଇ ତାହାର ଆଲୋକ ଦ୍ୱାରା ସମଗ୍ର ଭାରତକୁ, ଏସିଆକୁ ତଥା ସମଗ୍ର ଜଗତକୁ ପ୍ଲାବିତ କରିବ । ପ୍ରତ୍ୟେକ ମୁହୂର୍ତ୍ତ ଭଗବତ୍ ନିର୍ଦ୍ଧାରିତ ଦିବସର ଉଜ୍ଜ୍ୱଳତାକୁ ନିକଟତର କରାଇବ ।

*

ଅନେକ ବ୍ୟକ୍ତି ଏହି ମହାନ୍ ଓ ପ୍ରାଚୀନ ଜାତିର ଅତୀତ ଗୌରବ ନିମିତ୍ତ ଖେଦୋକ୍ତି ପ୍ରକାଶ କରି କହନ୍ତି ଯେପରିକି ପ୍ରାଚୀନ ଋଷିଗଣ, ଚିନ୍ତାଧାରା ଓ ସଭ୍ୟତାରେ ପ୍ରଣୋଦିତ ସ୍ରଷ୍ଟାଗଣ ଆମ୍ଭମାନଙ୍କ ଅତୀତ ବୀରଯୁଗର ଅଲୌକିକ ସୃଷ୍ଟି ଥିଲେ ଏବଂ ସେମାନେ ଆମ୍ଭମାନଙ୍କ ଅଧଃପତିତ ମାନବସମାଜ

ମଧ୍ୟରେ ଏବଂ ବର୍ତ୍ତମାନର ଦୁଃଖମୟକାଳରେ ପୁନର୍ବାର ଜନ୍ମଗ୍ରହଣ କରିବେ ନାହିଁ । ଏହା ଭ୍ରମ ଧାରଣା – କେବଳ ଥରେ ନୁହେଁ, ଏହା ତିନିଥର କୁହାଯାଇପାରେ – ଆମ୍ଭମାନଙ୍କର ଦେଶ, ସମାଜ ଓ ଧର୍ମ ଚିରନ୍ତନ ଏବଂ ଆମ୍ଭମାନଙ୍କର ଶକ୍ତି, ମହାନତା, ପବିତ୍ରତା ବିଶେଷଭାବେ ମେଘାଚ୍ଛନ୍ନ ହୋଇପାରେ କିନ୍ତୁ କଦାପି, ଏପରିକି ଏକ ମୁହୂର୍ତ୍ତକ ସକାଶେ ବି ସମ୍ପୂର୍ଣ୍ଣ ରୂପେ ଧ୍ୱଂସପ୍ରାପ୍ତ ହେବ ନାହିଁ । ବୀର, ଋଷି, ସାଧୁସନ୍ଥଗଣ ଆମ୍ଭମାନଙ୍କ ଭାରତଭୂମିର ସ୍ୱାଭାବିକ ସୃଷ୍ଟି ଏବଂ ଏପରି କୌଣସି ଯୁଗ ନାହିଁ ଯେତେବେଳେ ସେମାନେ ଜନ୍ମ ହୋଇ ନାହାନ୍ତି ।

*

ଭାରତ ଧ୍ୱଂସ ହୋଇ ନପାରେ, ଆମ୍ଭମାନଙ୍କର ଜାତି ଲୁପ୍ତ ହୋଇ ନପାରେ, କାରଣ ମାନବଗୋଷ୍ଠୀସମୂହ ମଧ୍ୟରେ ଭାରତ ସକାଶେ ନିର୍ଦ୍ଦିଷ୍ଟ ରହିଛି ସମଗ୍ର ମାନବଜାତିର ଭବିଷ୍ୟତ୍ ହିତାର୍ଥେ ଅପରିହାର୍ଯ୍ୟ ଏକ ଉଜ୍ଜ୍ୱଳତମ ଓ ମହତ୍ତମ ସିଦ୍ଧି । ନିଜ ମଧ୍ୟରୁ ତାହାକୁ ତୋଳି ଧରିବାକୁ ହେବ ସମଗ୍ର ଜଗତର ଭାବୀ ଧର୍ମ, ସେହି ସନାତନ ଧର୍ମ ଯହିଁରେ ସକଳ ଧର୍ମ, ବିଜ୍ଞାନ ଏବଂ ଜୀବନ ସାମଞ୍ଜସ୍ୟ ପ୍ରାପ୍ତହୁଏ, ଯାହା ସମଗ୍ର ମାନବଜାତିକୁ ଏକାତ୍ମ କରେ । ସେହିପରି ନୈତିକ କ୍ଷେତ୍ରରେ ତାହାର ଲକ୍ଷ୍ୟ ମନୁଷ୍ୟ ମଧ୍ୟରୁ ତାହାର ଦୁର୍ବଳତା ଦୂରକରିବା, ବିଶ୍ୱକୁ ଆର୍ଯ୍ୟ-ଧର୍ମରେ ଦୀକ୍ଷିତ କରାଇବା । ଆଉ ଏଥିପାଇଁ ପ୍ରଥମେ ଭାରତକୁ ଆର୍ଯ୍ୟ ହେବାକୁ ହେବ ।

*

...ଏକ ଆଧ୍ୟାତ୍ମିକ ଆଦର୍ଶ ଚିରକାଳହିଁ ଭାରତର ଭାବନା ଓ ଆସ୍ପୃହାର ବିଶେଷତ୍ୱ । କିନ୍ତୁ କାଳର ଅଗ୍ରଗତି ଓ ମାନବସମାଜର ପ୍ରୟୋଜନ ହେତୁ ସେହି ଆଦର୍ଶର ଏକ ନୂତନ ସଂସ୍କରଣ ପ୍ରୟୋଜନ ହୋଇଛି । ସେହି ପୁରାତନ ରୂପ ଓ ପୁରାତନ ପନ୍ଥା ବର୍ତ୍ତମାନ ଯୁଗଧର୍ମର ଲକ୍ଷ୍ୟ ନିମିତ୍ତ ଯଥେଷ୍ଟ ନୁହେଁ, ଭବିଷ୍ୟତରେ ଭାରତକୁ ଯେଉଁ ବିରାଟ ପଦକ୍ଷେପ ନେବାକୁ ହେବ ସେଥି ନିମିତ୍ତ ସେହି ସଂକୀର୍ଣ୍ଣ ପଥ ଦେଇ ଭାରତ ଆଉ ତାହାର ଲକ୍ଷ୍ୟସାଧନ କରିପାରିବ ନାହିଁ । ଆମ୍ଭମାନଙ୍କ ଆଧ୍ୟାତ୍ମିକତା ମଧ୍ୟ ସେହି ପୁରାତନ, ଜୀର୍ଣ୍ଣ, ସଂସ୍କାରବିମୁଖ ଆଧ୍ୟାତ୍ମିକ ଜୀବନ ନୁହେଁ ଏବଂ ଈଶ୍ୱରଙ୍କ ବିରାଟ ସୃଷ୍ଟିର ଶୋଚନୀୟ ନିରର୍ଥକତା ଓ ମାୟାବାଦ ଦ୍ୱାରା ଭାରାକ୍ରାନ୍ତ ନୁହେଁ; ଆମ୍ଭମାନଙ୍କ ଆଦର୍ଶ ସେହି ଆଧ୍ୟାତ୍ମିକତା ନୁହେଁ ଯାହା ପାର୍ଥିବ ଜୀବନରୁ ମୁଖ ଫେରାଇନିଏ ବରଂ ଆମ୍ଭମାନଙ୍କ ଆଦର୍ଶ ହେଲା ସେହି ଅଧ୍ୟାତ୍ମ ଶକ୍ତି ଦ୍ୱାରା ଜୀବନରେ ବିଜୟ ପ୍ରାପ୍ତ-ହେବା । ଏହା କେବଳ ଏହି ଜଗତକୁ ଭାଗବତ ଅଭିବ୍ୟକ୍ତିର ଏକ ଉଦ୍ୟମ ବୋଲି ଗ୍ରହଣକରେ ନାହିଁ ବରଂ ଭାଗବତ ଅଭିବ୍ୟକ୍ତିର ଏକ ବୃହତ୍ତର ଓ ମହତ୍ତର ଉଦ୍ୟମ ଦ୍ୱାରା ମାନବସମାଜର ରୂପାନ୍ତର ଚାହେଁ ଯାହା ଏପର୍ଯ୍ୟନ୍ତ କେବେ ବି ହୋଇ ନାହିଁ ଏବଂ ଯାହାର ପରିଣାମରେ ଭଗବାନ୍ ଓ ମନୁଷ୍ୟ ମଧ୍ୟରେ ଥିବା ପରଦା ଦୂରହେବ, ଆମ୍ଭମାନଙ୍କ ମଧ୍ୟରେ ଥିବା ସେହି ଦିବ୍ୟମାନବତ୍ୱ ମୂର୍ତ୍ତ ହେବ ଏବଂ ଆମ୍ଭମାନଙ୍କ ପାର୍ଥିବ ଜୀବନ ଭାଗବତ ସତ୍ୟ, ଜ୍ୟୋତିଃ ଓ ସାମର୍ଥ୍ୟ ଦ୍ୱାରା ରୂପାନ୍ତରିତ ହେବ ।

*

...ଆମର ଆଧ୍ୟାତ୍ମିକତାକୁ ଆହୁରି ବୃହତ୍ତର, ଉଦାରତର କରି ଜୀବନ-କ୍ଷେତ୍ରରେ ପ୍ରୟୋଗ କରିବାକୁ ହେବ, ଆମର ପୂର୍ବପୁରୁଷଙ୍କ ଅପେକ୍ଷା କମ୍ ନୁହେଁ, ଯଦି ସମ୍ଭବ ହୁଏ ତେବେ ଆମକୁ ବେଶୀ ଆଧ୍ୟାତ୍ମିକ ହେବାକୁ ହେବ । ପାଶ୍ଚାତ୍ୟର ବିଜ୍ଞାନ, ଯୁକ୍ତି, ଉନ୍ନତିଶୀଳତା ଓ ଆଧୁନିକ ଯୁଗର ମୂଳ ସତ୍ୟକୁ ଆମେ ଗ୍ରହଣକରିବା, କିନ୍ତୁ ଆମର ନିଜସ୍ୱ ଜୀବନଧାରା ଉପରେ ଛିଡ଼ାହୋଇ, ତାହାକୁ ଆମର ଅଧ୍ୟାତ୍ମ ଆଦର୍ଶ ଓ ଲକ୍ଷ୍ୟ ସହ ମିଳାଇ ଧରି । ଆମର ଚତୁର୍ଦ୍ଦିଗରେ ଯେଉଁ ଜୀବନପ୍ରବାହ ବିପୁଳ ସ୍ପନ୍ଦନ ନେଇ ଛୁଟିଚାଲିଛି, ଆଧୁନିକ ପ୍ରାଣରେ ଯେତେ ଐହିକ ପ୍ରେରଣା, ଆଧିଭୌତିକ କର୍ମୈଷଣାର ଆଲୋଡ଼ନ ଦେଖାଦେଇଛି, ତା' ଭିତରେ ଆମେ ଝାମ୍ପଦେଇପାରୁ, କିନ୍ତୁ ସେଥିପାଇଁ ଈଶ୍ୱରଙ୍କ ସମ୍ବନ୍ଧରେ, ମନୁଷ୍ୟ ସମ୍ବନ୍ଧରେ, ପ୍ରକୃତି ସମ୍ବନ୍ଧରେ ଆମର ଯେଉଁ ମୂଳ ଉପଲବ୍ଧି, ତାହାକୁ ପରିତ୍ୟାଗ କରିବାକୁ ହେବ କାହିଁକି ? ଦୁଇଟି ଭିତରେ ତ କୌଣସି ବିସମ୍ବାଦ ନାହିଁ ବରଂ ସେମାନେ ନିଜନିଜର ତାତ୍ପର୍ଯ୍ୟ ଓ ଭାବବ୍ୟଞ୍ଜନାର ପରିପ୍ରକାଶ ପାଇଁ, ନିଜନିଜର ପରିପୂର୍ଣ୍ଣ ଅଭିବ୍ୟକ୍ତି ଓ ଋଦ୍ଧିମନ୍ତ ଜାଗୃତି ପାଇଁ ପରସ୍ପର ପରିପୂରକ । ୮

# ଅଗଷ୍ଟ ପନ୍ଦରର ବିଶେଷ ଉତ୍ସବ

## ଏ. ବି. ପୁରାଣୀ

**(୧୫-୮-୧୯୨୪)**

ଏଇ ଦିବସଟିକୁ କିଏ ବର୍ଣ୍ଣନା କରିପାରିବ ? କଳ୍ପନାର ରଙ୍ଗଦେଇ, କବିତ୍ୱର ଉପମାଦେଇ, କାହାଣୀମାଳାର ଓଜନ ଦେଇ – ଏସବୁ ମିଶାଇଲେ ବି ତା' ସହିତ ସମାନ ହେବନି । ଏତିକି କହିଲେ ଯଥେଷ୍ଟ ହେବ : ''ଦିନଟି ହେଉଛି ଅଗଷ୍ଟ ୧୫ ତାରିଖ'' । ଆଧ୍ୟାତ୍ମିକ କ୍ରିୟାର ଦୃଷ୍ଟିରୁ ଗଭୀରତା ଏବଂ ପ୍ରଗାଢ଼ତାରେ କୌଣସି ବି ଦିନ ଏହାର ପାଖାପାଖି ଆସିପାରିବ ନାହିଁ – ଆବେଗପ୍ରବଣ ବନ୍ୟାର ଊର୍ଦ୍ଧ୍ୱମୁଖୀ ଗତିଧାରା ଏବଂ ସେଇ ଧାରାରେ – ଯେଉଁଥିରେ ଏସ୍ଥାନର ପ୍ରତ୍ୟେକ ବ୍ୟକ୍ତି ଏଇ ବାତାବରଣରେ ଅବଗାହନ କରନ୍ତି, ଅନ୍ୟ କୌଣସି ଦିନ ବି ସେ ପର୍ଯ୍ୟାୟର ନୁହେଁ ।

ଅନୁଗତମାନଙ୍କୁ ଯଥାର୍ଥ ଓ ନିଖୁଣଭାବେ ଗଢ଼ି-ତୋଳିବାରେ ସେ ଯେଉଁ ସାମ୍ରାଜ୍ୟ ସମ୍ପର୍କ ସ୍ଥାପନ କରିଛନ୍ତି, ତାହା ପ୍ରଭୁଙ୍କର କରୁଣାର ସର୍ବୋତ୍ତମ ନମୁନା । ପ୍ରତ୍ୟେକ ଶିଷ୍ୟ ତାଙ୍କୁ ଆପଣାର ବୋଲି ଜାଣନ୍ତି ଏବଂ ପ୍ରଭୁ ମଧ୍ୟ ପ୍ରତ୍ୟେକଙ୍କୁ ତାଙ୍କ ନିଜର ବୋଲି ଗ୍ରହଣ କରିଛନ୍ତି । ପ୍ରତ୍ୟେକେ ବିଶ୍ୱାସ କରନ୍ତି ଯେ ପ୍ରଭୁ ତାଙ୍କୁହିଁ ସବୁଠାରୁ ଅଧିକ ଭଲପା'ନ୍ତି ଏବଂ ଏହା ମଧ୍ୟ ସତ ଯେ ପ୍ରଭୁ ସମସ୍ତଙ୍କୁ ଅତିମାତ୍ରାରେ ଭଲପା'ନ୍ତି । ଏ ଅନୁଭବ ମାୟା ଓ ପ୍ରହେଳିକା ନୁହେଁ କିଂବା ଆତ୍ମ-ବଶୀକରଣର ବିଭ୍ରାନ୍ତି ନୁହେଁ, ବରଂ ଏକାନ୍ତ ବାସ୍ତବ । ପରମ ସତ୍ୟର ସ୍ୱତଃସ୍ଫୂର୍ତ୍ତ ସକ୍ରିୟ ବିଧାନହିଁ ଏଇଭଳି, ଯାହାକୁ ସେ ମୂର୍ତ୍ତିମନ୍ତ କରି ତୋଳିଛନ୍ତି ପ୍ରେମରୂପେ – ଦିବ୍ୟପ୍ରେମ ରୂପେ ।

ସବୁ ଆଶ୍ରମବାସୀଙ୍କ ମଧ୍ୟରେ ସମର୍ପଣର ଆନନ୍ଦ ଉଦ୍‌ବେଳିତ ହେଉଛି – ଆତ୍ମ ସମର୍ପଣର ଆନନ୍ଦ । ଏହାର ସ୍ଫୁଲିଙ୍ଗ ସମସ୍ତଙ୍କୁ ଛାଇଯାଇଛି । ସମସ୍ତକିଛି ଦିଆହୋଇଛି, ସବୁଥିରେ ଆତ୍ମୋତ୍ସର୍ଗ । ଏହା ଫଳରେ କେଡ଼େ ମୁକ୍ତ ଅନୁଭବ କରୁଛ ତୁମେ ! କେଡ଼େ ହାଲୁକା ଓ ଉଶ୍ୱାସବୋଧ ହେଉଛି ତୁମକୁ ! ଜଣେ କେହି ଅଛନ୍ତି ଯିଏ ତୁମର ସବୁଭାର ନେଇ ନେଉଛନ୍ତି – ଏହାହିଁ ପରମପ୍ରେମର ସାମର୍ଥ୍ୟ । ତାଙ୍କ ଉପରେ ତୁମେ ନିର୍ଦ୍ୱନ୍ଦ୍ୱରେ ଭରସା କରିପାର । ସେଥିପାଇଁ, କେବଳ ଆବଶ୍ୟକ ତୁମର ଏଇ ନିଜତ୍ୱଟିକୁ ଦେଇଦେବା, ବାକିସବୁ କାର୍ଯ୍ୟ ତାଙ୍କର । ତୁମର କିଛି ଚିନ୍ତା ନାହିଁ କି ବ୍ୟସ୍ତତା ନାହିଁ । କୌଣସି ଆୟାସ ନାହିଁ । ଉପାୟଟି କେବଳ ପ୍ରେମପୂର୍ଣ୍ଣ ଶରଣାଗତି । ଆଃ କେତେ ସହଜ !

ସମର୍ପଣର ଆନନ୍ଦରେ ସମସ୍ତଙ୍କର ମୁଖ ଉଜ୍ଜ୍ୱଳ, ସମସ୍ତେ ସୁଖୀ ଆନନ୍ଦରେ ଉଚ୍ଛୁଳିପଡ଼ିବା ଭଳି । ଅଥଚ କିଛି ବି ବାହ୍ୟକାରଣ ନାହିଁ, ଏଇ ମୁକ୍ତ ଉତ୍‌ଫୁଲ୍ଲତା ପାଇଁ ବାହ୍ୟ କିଛି ଉପାଦାନ ବି ନାହିଁ । ଏ ଅପର୍ଯ୍ୟାପ୍ତ ଆନନ୍ଦ କେଉଁଠାରୁ ବହିଆସୁଛି ? ଏମାନେ କହୁଛନ୍ତି ଦୁଇ-ତିନିବର୍ଷ ହେଲା ପ୍ରଭୁ ମଧ୍ୟ ଏପରି ଖୁସିଥିବାଭଳି ଲାଗୁ ନଥିଲେ ।

ଅତି ସକାଳୁ ଆଶ୍ରମ ନାନା କାର୍ଯ୍ୟରେ ବ୍ୟାପୃତ – ସାଜସଜା, ପୁଷ୍ପସମ୍ଭାର, ଫୁଲମାଳ ଆଦି ଏବଂ ଆଶ୍ରମବାସୀଙ୍କର ସ୍ନାନ, ଭୋଜନର ପର୍ବ ଶେଷ କରିବାର ବ୍ୟସ୍ତତା – ପ୍ରଭୁଙ୍କ ଦର୍ଶନ ଲାଗି ପ୍ରସ୍ତୁତ ହେବାରେ ବ୍ୟଗ୍ର ସମସ୍ତେ । ସମୟ ଯେପରି ଉତ୍‌କଣ୍ଠିତ ଆବେଗର ବନ୍ୟା ଭିତରେ ଜୁଆରଭଳି ଆଗେଇ ଚାଲିଛି । ଆଜି 'ଦର୍ଶନ' – ଆମେ ପ୍ରତ୍ୟହ ତାଙ୍କୁ ଦେଖୁଥାଇଁ ମାତ୍ର ଅଦ୍ୟ ଦିବସଟି ବିଶେଷ - 'ଦର୍ଶନ' । ଜଣକ ପରେ ଜଣେ ବ୍ୟକ୍ତିଗତଭାବେ ଆଜି ତାଙ୍କୁ ଦେଖନ୍ତି, ଏ ବିବିଧ କାମଦାମ ଭିତରେ ଚେତନା ଏକାଗ୍ର ହୁଏ । ଆଜି ହେଉଛି ଦର୍ଶନ – କୌଣସି ମାନବୀୟ ବ୍ୟକ୍ତିର ନୁହେଁ, ସର୍ବଶେଷ ଦିବ୍ୟତ୍ୱର ଦର୍ଶନ । ଆଜି ଦିନଟିରେ ଭଗବାନଙ୍କର ଦର୍ଶନଲାଭ ସକାଶେ ଦୁର୍ଲଭ ସୁଯୋଗ ଆମକୁ ଦିଆଯାଇଛି ।

ସେଠାରେ ସେ ବସିଛନ୍ତି – ବାରଣ୍ଡାରେ ଏକ ରାଜକୀୟ ସିଂହାସନରେ – ରାଜକୀୟ ଓ ମହିମମୟ ସେ ଚିତ୍ର । ସେଠି ତାଙ୍କ ଭଙ୍ଗିମାରେହିଁ ରହିଛି ଦିବ୍ୟ ଆତ୍ମ-ବିଶ୍ୱାସ । ସେଇ ମହାଯୋଗୀଙ୍କର ହୃଦୟରେ ଉଚ୍ଛ୍ୱସିତ ହେଉଛି ଭାବାବେଗର ସାଗର – ଏହା କ'ଣ ସେଇ ପ୍ଲାବନ ଯାହା ଏକ ସାଙ୍ଗରେ ଊର୍ଦ୍ଧ୍ୱାୟିତ ହୋଇଯାଉଛି ପୁଣି ମାନବ-ଗତିଛନ୍ଦ ମଧ୍ୟକୁ ଉପରୁ ନିମ୍ନକୁ ପ୍ରବହମାନ ହୋଇଆସୁଛି । ଯେଉଁ କେତେଜଣ ଭକ୍ତ ଦିବ୍ୟତାକୁ ନିଜ ଅନୁଭୂତିରେ ପାଇଛନ୍ତି, ସେଇମାନେହିଁ କିଛି

ମାତ୍ରାରେ ଏହାକୁ ଜାଣି ପାରୁଥିବେ । ଯେଉଁମାନେ ଥରେ ଏଥିରେ ସ୍ନାତ ହୋଇଛନ୍ତି, ସେଇମାନେ ଉକ୍ତ ଆନନ୍ଦସିନ୍ଧୁରୁ ବାହାରକୁ ଆସିବେନି । ସେଠାରେ ସେ ଉପବେଶନ କରିଛନ୍ତି – ଶୁଭ୍ର ଓ ରକ୍ତପଦ୍ମର ମାଳାରେ ବିଭୂଷିତ ହୋଇ, ତାଙ୍କ ନିକଟରେ ଭକ୍ତମାନଙ୍କର ଉତ୍ସର୍ଗିତ ଛୋଟ-ବଡ଼ ଫୁଲ ତୋଡ଼ାମାନ ରଖା ଯାଇଛି । ହୃଦୟ-ସ୍ପନ୍ଦନ, ପ୍ରାର୍ଥନା, ଅନୁଯୋଗ, ପ୍ରାଣାବେଗ ତାଙ୍କଠାରେ ଜମା ହେଉଛି – ଏବଂ ସେସବୁ ଲାଗି ଆଶୀର୍ବାଦର ଭରପୂର ସ୍ରୋତସ୍ୱିନୀ ବି ବହିଆସୁଛି ପ୍ରଖରବେଗରେ । ବିଶ୍ୱାସର ଅଭାବ ଓ ସଂଶୟ-ପୋଷଣକାରୀମାନେ ବି ଏଇଦିନ ଆଶ୍ୱାସନା ପାଆନ୍ତି । ଯେତେସବୁ ମାନବୀୟ ପ୍ରୟୋଜନ, ସେସବୁ ଭଗବାନ୍ ପୂରଣ କରିଦିଅନ୍ତି, ସେ ପୂର୍ତ୍ତି ଦେଇସାରିଲା ପରେ ବି କରୁଣାର ଧାରାରେ ପ୍ଲାବିତ କରନ୍ତି ଏବଂ କରୁଣାର ଧାରା ନିରବଚ୍ଛିନ୍ନ-ଭାବେ ପ୍ରବାହିତ ହୁଏ । ଆନନ୍ଦ ଢାଳି ଦେଉଥିବା ଉକ୍ତ ନୟନଯୁଗଳରୁ ଅବର୍ଣ୍ଣନୀୟ ପ୍ରେମ ଓ କରୁଣାର ଦିବ୍ୟଧାରା ବହି ଆସୁଥିଲା, ଏହା କାହାର ଦୃଷ୍ଟିପଥରେ ପଡ଼ି ନାହିଁ ଅବା କିଏ ଏହା ଭୁଲିପାରିବ ? ଏଇଠାରେ ଯଦି ଅପରିମେୟ ଦିବ୍ୟତା ରହିବ ନାହିଁ ତ ଆଉ କେଉଁଠି ରହିବ ?

ସାଧାରଣତଃ, ସେ ଜ୍ଞାନର ମୂର୍ତ୍ତ ରୂପ, ଆଜି କିନ୍ତୁ, ସେ ଭିନ୍ନ ଏକ ରୂପ – ସେ ହେଉଛନ୍ତି ସମସ୍ତ ପ୍ରେମ । ସେ କବିରୂପେ ଯେମିତି ମହାନ୍, ପରମ ପ୍ରେମିକରୂପେ ବି ପରମ ଅବତାର । ଗୋଟିଏ ଦୃଷ୍ଟିପାତରେ ସେ ସମ୍ମୁଖସ୍ଥ ବ୍ୟକ୍ତିର ଅନ୍ତରର ସନ୍ଧାନ ପାଇଯା'ନ୍ତି, ତାକୁ ସ୍ନେହ କରନ୍ତି ଆଉ ତା' ଉପରେ ଆଶିଷ ବି ଢାଳନ୍ତି – ସବୁ ସେଇ ଏକହିଁ ପଲକପାତରେ । ଲୋକେ ସେଇ ଚକ୍ଷୁ ଦୁଇଟି ଓ ତାହାର ଚାହାଣିରେ ବିସ୍ମୟ ପ୍ରକାଶକରନ୍ତି, କିନ୍ତୁ ସେଇତକ ପାଇଁ ଯେଉଁ ଦିବ୍ୟତ୍ୱ ଆବଶ୍ୟକ – ତାହା ହେବା ଦରକାର ପ୍ରତୁଳ ।

ପ୍ରଶ୍ନଟି ହେଉଛି, କ'ଣ ଯାଚନା କରିବା – ତାଙ୍କର ଭଲ ପାଇବା ନା ତାଙ୍କର ଆଶିଷ ନା ଉଭୟ ପାଇଁ ପ୍ରାର୍ଥନା କରିବା ଉଚିତ ? ଏବଂ ତତ୍‌ସହିତ ଆମଭଳି ଅଯୋଗ୍ୟ ଲୋକଙ୍କୁ ଗ୍ରହଣ କରନ୍ତୁ ବୋଲି ପ୍ରାର୍ଥନା । ଅସୀମର ପ୍ରାନ୍ତରେ ଦଣ୍ଡାୟମାନ ହୋଇ ଆତ୍ମା ଯେତେବେଳେ ପ୍ରଭୁଙ୍କର ଭାବୀ କାଳର ସ୍ୱପ୍ନଭରା ସ୍ନେହମୟ ସେଇ ନୟନଦ୍ୱୟକୁ ଚାହିଁ ରହେ, ସେତେବେଳେ ସେଇ ଆତ୍ମା ସର୍ବକାଳ ପାଇଁ ତାଙ୍କ ସହ ବନ୍ଧା ପଡ଼ିଯାଏ । ଦିବ୍ୟପ୍ରେମର ଦୁର୍ବୋଧ ରହସ୍ୟ ଏଇଠି ହାତ ପାଆନ୍ତାରେ ! କିଏ ଏଇ ସତ୍ୟଟିକୁ ବୁଝି ପାରିବ ? ଘଟଣା ତ ଏକ ଘଟଣା ଏବଂ ଅନୁଭୂତି ତ ଏକ ଅନୁଭୂତିହିଁ, ତାହାର କୌଣସି ବ୍ୟାଖ୍ୟା ସମ୍ଭବପର ନୁହେଁ ।

ମନର ଏଇ ପ୍ରଶ୍ନ – 'ମୁଁ ତାଙ୍କୁ କ'ଣ ଦେବା ଉଚିତ ?' ହୃଦୟର ପ୍ରଶ୍ନ – 'କ'ଣ ମୁଁ ମାଗିପାରେ ?' ଉଭୟେ ଉତ୍ତର ଦେବାକୁ ଅରାଜି ଏବଂ ପ୍ରଶ୍ନଦୁଇଟିର ଉତ୍ତର ନାହିଁ । ମନ ଅନୁଭବରେ ବୁଝିପାରେ ତା'ର ଉତ୍ସର୍ଗର ନ୍ୟୂନତା ଓ ତେଣୁ ନୀରବ ହୋଇଯାଏ । ହୃଦୟ ଲଜ୍ଜାବନତ ହୁଏ, କାହିଁକି ନା ଏ ମାଗିବାଟା ଭିକ୍ଷୁକର ମନୋଭାବ, ଅନୁଭବରେ ତା'ର ଅଭିଧାନ ଆହତ ହୁଏ । ବର୍ତ୍ତମାନର ଏଇ ମଧୁର ବିହ୍ୱଳତା କିଏ ସମାଧାନ କରିପାରିବ । ଭିକ୍ଷୁକର ହୃଦୟ ନେଇ ଦିନଟାଯାକ କଟିଯାଏ । ଏହା ବ୍ୟତୀତ ଗୋଟିଏ ପ୍ରକାର କୌତୂହଳ ଥାଏ ଜାଣିବା ପାଇଁ ଯେ କେମିତିଭାବେ ଗୃହୀତ ହେଉଛନ୍ତି ପ୍ରତ୍ୟେକ ବ୍ୟକ୍ତି, କ'ଣ ହେଉଛି ତା'ପରେ ପ୍ରତ୍ୟେକଙ୍କର ?

ପରନ୍ତୁ ଏସବୁ ତ ଥିଲା ଦର୍ଶନର ପୂର୍ବାବସ୍ଥା । ଯାବତୀୟ କୌତୂହଳ, ଯେତେପ୍ରକାର ଆତ୍ମାଭିମାନ, ସବୁ ଚିନ୍ତା, ସବୁ ପ୍ରଶ୍ନ, ଯେତେସବୁ ସଂକଳ୍ପ – ସେସମସ୍ତ ବିରାଟ ନାଏଗ୍ରାର ଦିବ୍ୟ ପ୍ରବଳ ସ୍ରୋତରେ ଭାସିଗଲା । ହେ ଦିବ୍ୟପ୍ରେମର ମୂର୍ତ୍ତିମନ୍ତ ବିଗ୍ରହ ! କି ସ୍ୱଚ୍ଛତା ! ପରମପ୍ରଭୁଙ୍କର ହୃଦୟ ଭିତରେ ବି ଆବେଗର ସାଗର ଉଦ୍‌ବେଳିତ ହେଉଥିବ । ଆମେ ଶିଷ୍ୟ, ଆମର ହୃଦୟ ତରଳିଯାଏ ନିଜର ଅଜ୍ଞାତସାରରେ, ସତ୍ତା ତାଙ୍କ ପଦତଳେ ଆପଣାଛାଏଁ ନଇଁଯାଏ, ଏପରି ସ୍ଥାନରେ ଭାଷାର ଅବକାଶ କାହିଁ ? କେବଳ ଏକମାତ୍ର ବିଷୟ, ଶରୀରର ଭାଷା – ଏବଂ ତାହାର ସ୍ୱତଃସ୍ଫୂର୍ତ୍ତ ଅବନମିତ ହେବା ତଥା ଆତ୍ମୋତ୍ସର୍ଗର ବିଧାନରେ ଶରୀର ସାଷ୍ଟାଙ୍ଗ ପ୍ରଣିପାତ କରିବା ଓ ହୃଦୟର ସ୍ପନ୍ଦନ ଏବଂ ତତ୍‌ସହିତ ଚକ୍ଷୁଦ୍ୱୟରୁ ଅଶ୍ରୁପାତ ଓ ଦିବ୍ୟତାଭରା ପରମଶାନ୍ତି ! ଏବଂ ଏଇସବୁ ଅନୁଭୂତିର କି ଅପରିମିତ ସୌନ୍ଦର୍ଯ୍ୟ !

ସଭିଏଁ ସମତା ରଖିବାର ଚେଷ୍ଟା କରୁଥା'ନ୍ତି । ପ୍ରତ୍ୟେକେ ନୀରବ ଓ ଶାନ୍ତ ରହିବାକୁ ଯଥେଷ୍ଟ ଯତ୍ନ କରୁଥା'ନ୍ତି । କିନ୍ତୁ ଆଜି ଦିନରେ ମାନବିକତାର ସମସ୍ତ ବାଧାବନ୍ଧନ ଦୂର ହୋଇଯାଉଛି ଦିବ୍ୟପ୍ରେମର ପ୍ରବାହରେ । ଆତ୍ମା ତା'ର ସମତା ରକ୍ଷାକରେ, କିନ୍ତୁ ସମଗ୍ର ପ୍ରକୃତି ଭିତରେ ରହିଛି ଉତ୍ତେଜନାର ଅନୁକ୍ଷୋଭ ଯେହେତୁ ଅଜଣା-ଅଶୁଣା ଜଳରାଶି ତା' ଭିତରକୁ ଧସେଇ ପଶିଆସିଛି । ଜ୍ଞାନକୁ ଦିଆଯାଇଛି ଥାକ ଉପରେ ସୁରକ୍ଷିତଭାବେ, ଆଉ ଏଠାରେ ଚାଲିଛି ପ୍ରେମର ପ୍ଲାବନ ।

ଆଜି ଆତ୍ମା ଦିବ୍ୟତାର ବିଜୟର ନିଶ୍ଚୟତା ଲାଭକରିଛି, ଯାହା ସେ ପୂର୍ବରୁ କେବେ ଲାଭ କରି ନାହିଁ ।

ଭୋଜନାଳୟରେ ସମସ୍ତେ ଏକାଠି ହୋଇଛନ୍ତି । ସ୍ନାନ କରୁଛନ୍ତି, ଆନନ୍ଦର ସ୍ନାନ କରୁଛନ୍ତି । ସମସ୍ତେ ଖୁସୀ । ସର୍ବତୋଭାବେ ଖୁସୀ – ପରିପୂର୍ଣ୍ଣ ଉଲ୍ଲାସ ଭିତରେ ସମସ୍ତେ । ଆଜି ସେଠାରେ ଅଛି ଗୋଟିଏ ଆନନ୍ଦର ସାମ୍ରାଜ୍ୟ ! ହେ ଶିଳ୍ପି ! କି ମହନୀୟ ଶିଳ୍ପକଳା ! ସେମାନଙ୍କ ଭିତରୁ ପ୍ରତ୍ୟେକଙ୍କ ପାଇଁ ଅତ୍ୟନ୍ତ ଆନନ୍ଦ ! ଆନନ୍ଦ ସମସ୍ତଙ୍କୁ ବୁଡ଼ାଇ ରଖିଛି ଏବଂ ପ୍ଲାବିତ ହୋଇଯାଇଛି ।

ଅପରାହ୍ଣ ୪ଟାବେଳେ ବାରଣ୍ଡାରେ ସାଧାରଣତଃ ଯେଉଁଠି ସମସ୍ତେ ବସିବା ପାଇଁ ଏକତ୍ରିତ ହୁଅନ୍ତି – ସେଇଠି, ଅର୍ଥାତ୍ ବାରଣ୍ଡାରେ ସମବେତ ହେଲେ । ନୀରବତା ମଧ୍ୟରେ ଆଶାନ୍ୱିତ ହୋଇ, କେହି ଜଣେ-ଦୁଇଜଣ ନିଜ ଭିତରେ ତୁନି ତୁନି କଥା ହେଉଛନ୍ତି । ସମବେତ ଶିଷ୍ୟବୃନ୍ଦ ନିଃଶବ୍ଦରେ ବାରଂବାର ନିଜ ଭିତରେ କହୁଛନ୍ତି : 'କେବେ ସେ ଆସିବେ ?' କିଂବା 'ସେ ଆସୁଛନ୍ତି ପରା' । ୪ଟା ବାଜି ପନ୍ଦରମିନିଟ ହେଲା, ସେଇ ପୁରୁଣା ପରିଚିତ ପୁଣି ନୂତନ ଭାବେ 'ଖଟ୍ କରି ହେବା' ଦରଜାର ସେପଟରୁ । ଧୀରେ ଦୁଆର ମେଲିଗଲା । ଗୁରୁଦେବ ଆଗେ ପାଦବଢ଼ାଇ ଆସିଲେ, ତାଙ୍କୁ ଅନୁସରଣ କରି ନାଲି ଧଡ଼ିଥିବା କ୍ରିମ୍ ରଙ୍ଗର ଶାଢ଼ି ପିନ୍ଧି ଶ୍ରୀମା । ପ୍ରଭୁ ତାଙ୍କର ବ୍ୟବହୃତ ବଡ଼ ଜାପାନୀ ଚେୟାରରେ ବସିଲେ, ତାଙ୍କର ଦକ୍ଷିଣରେ ମା' ବସିଲେ ଏକ ଛୋଟ ଟୁଲ୍ ଉପରେ । ଅଳ୍ପ କିଛି ସମୟ ପାଇଁ, ହୁଏତ ପାଞ୍ଚ ମିନିଟ୍ ପାଇଁ ସେଠାର ବାତାବରଣ ସମ୍ପୂର୍ଣ୍ଣ ନୀରବ ।

ତତ୍ପରେ ସେ ପ୍ରତ୍ୟେକଙ୍କୁ ଅଲଗା ଅଲଗା କରି ଚାହିଁଲେ । ପ୍ରତିଟି ମୁହୂର୍ତ୍ତ ନୀରବତାରେ ଦ୍ରବୀଭୂତ । ସମସ୍ତଙ୍କ ଭିତରେ ଆହୁରି ଥରେ ସେଇ ଆବେଗର ସ୍ପନ୍ଦନ, ତରଙ୍ଗ; ଯେପରି ସଭିଏଁ ଦିବ୍ୟ ଆବେଗର ସାଗରରେ ଅବଗାହନ କରିବାକୁ ଯାଉଛନ୍ତି । କିପରି ହୁଅନ୍ତା ଯଦି ସମଗ୍ର ଶାଶ୍ୱତକାଳ ଏଇ ନିବିଡ଼ ଅନୁଭୂତିରେ ଭାସିଯାଇଥା'ନ୍ତା ! କାଳ, ବିଚରା କାଳ, ତା'ର ପ୍ରବାହକୁ ନେଇ ଲୋକଙ୍କର କେତେ ଆକ୍ଷେପ ! ଅଥଚ ସମୟର ସ୍ରୋତର ଦୋଷତ୍ରୁଟି କେଉଁଠି ? ଯଦି ଏତେ ପ୍ରେମ ଏବଂ ଏଇଭଳି ଦିବ୍ୟ ଆନନ୍ଦର ଲୀଳା ତ ସେଇ ସମୟ ଭିତରେହିଁ ଚାଲିଛି – ସେଇ ସମୟ ବିଚରା ପ୍ରବହମାନ ହେଉ ଏବଂ ତା'ର ଶାଶ୍ୱତସ୍ପର୍ଶକୁ ନେଇ ! ଏ ଜଗତ୍ ଦିବ୍ୟ ହେଉ ! ଅନ୍ୟ ଏକ ଦୃଢ଼ ଅଭୀପ୍ସା ଉପରସ୍ତରକୁ ଉଠି ଆସିଲା : ''ଏହାକୁ ଅଭିବ୍ୟକ୍ତ କରିବା ଦରକାର ନାହିଁ – ଶାଶ୍ୱତର ସମଗ୍ରତା ଏଇ ନୀରବତା ଭିତରେହିଁ ବହିଯାଉ !''

(*Evening Talks with Sri Aurobindo*, p. 486 - 487)

ଅନୁବାଦ : ଶ୍ରୀ ଅନାଦି ଚରଣ ସ୍ୱାଇଁ ~

ପୃଥିବୀକୁ ନେଇହିଁ ମୋର କର୍ମ, ବହିର୍ଜଗତସବୁକୁ ନେଇ ଖାସ୍ ସେମାନଙ୍କ ସକାଶେ ନୁହେଁ; ପାର୍ଥିବ ସିଦ୍ଧିହିଁ ମୋର ଲକ୍ଷ୍ୟ, ସୁଦୂର ଶିଖରସବୁ ଉଦ୍ଦେଶ୍ୟରେ ଉଡ୍ଡୟନ ନୁହେଁ । ଅନ୍ୟସବୁ ଯୋଗ ଏ ଜୀବନକୁ ଏକ ମାୟା ଅଥବା ଅସ୍ଥାୟୀ ପର୍ଯ୍ୟାୟ ଭାବେ ଦେଖନ୍ତି; ଏକମାତ୍ର ଅତିମାନସ ଯୋଗହିଁ ଏହାକୁ ଭଗବାନଙ୍କର କ୍ରମାଗତ ପରିପ୍ରକାଶ ସକାଶେ ସୃଷ୍ଟ ବୋଲି ମନେକରେ ଏବଂ ଜୀବନ ତଥା ସ୍ଥୂଳଦେହର ପରିପୂର୍ଣ୍ଣତା ଏହାର ଲକ୍ଷ୍ୟ ବୋଲି ଗ୍ରହଣ କରେ ।

– ଶ୍ରୀଅରବିନ୍ଦ

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### କଂଗ୍ରେସ-ସଂସ୍କାର ସମ୍ବନ୍ଧରେ 'ଦି ଟାଇମସ୍'

ଭାରତୀୟ ପରିଷଦମାନଙ୍କର ଅଧିକ ସଂସ୍କାର ଓ ପ୍ରସାରଣ ପାଇଁ କଂଗ୍ରେସ ଦେଇଥିବା ପ୍ରସ୍ତାବ ଉପରେ 'ଦି ଟାଇମସ୍' ଯେଉଁ ଆନୁଷ୍ଠାନିକ ବିବୃତି ଦେଇଛି ତାହା ମହତ୍ତ୍ୱପୂର୍ଣ୍ଣ, କାରଣ କଂଗ୍ରେସର ସମୁଦାୟ ଆଦର୍ଶର ତମାମ ନିଷ୍ଫଳତା ଆଉ ସମ୍ଭାବନାବିହୀନତାକୁ ଲେଖକ ଧରାପକେଇ ଦେଇଛନ୍ତି । ମିଃ ଗୋଖଲେ ଗତବର୍ଷ କଂଗ୍ରେସର ସଭାପତି ହିସାବରେ ଅନେକ କଷ୍ଟ ସ୍ୱୀକାରପୂର୍ବକ ତାଙ୍କର ଅଭିଭାଷଣରେ ପୁଙ୍ଖାନୁପୁଙ୍ଖ ରୂପେ ସୂଚନା ଦେଇ କହିଛନ୍ତି ଯେ ଭାରତୀୟ ବଡ଼ଲାଟଙ୍କ ଅଧୁନା ପରିଷଦର ପୁନର୍ଗଠନ କରାଯାଇପାରେ, ସରକାରଙ୍କ ବର୍ତ୍ତମାନର ସ୍ଥିତିରେ ବିଶୃଙ୍ଖଳା ସୃଷ୍ଟି ନକରି । ତାଙ୍କ ଚିନ୍ତାଧାରା ଅନୁସାରେ ରାଜପ୍ରତିନିଧିସଭାକୁ (Vice Regal) ପାଞ୍ଚରୁ ବାରଜଣ ସଦସ୍ୟ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ ଯାହା ଭିତରୁ ଦୁଇଜଣ ବାଣିଜ୍ୟସଂଘ (Chamber of commerce)ରୁ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ଶିଳ୍ପରୁ ପ୍ରତିନିଧି ହିସାବରେ ଓ ଦଶଜଣ ସଭ୍ୟ ବିଭିନ୍ନ ପ୍ରଦେଶମାନଙ୍କରୁ ନିର୍ବାଚିତ ହୋଇଆସିବେ । ବାଣିଜ୍ୟ ଆଉ ଶିଳ୍ପର ଦୁଇଟିଯାକ ପ୍ରତିନିଧି ମିଃ ଗୋଖଲେଙ୍କ ମତରେ ବଛାହେବେ ୟୁରୋପରୁ ଯେହେତୁ ସେଇ ପରିଷଦର ସର୍ବମୋଟ ପଚିଶଜଣ ସଦସ୍ୟ ଭିତରୁ ଦଶଜଣ ଭାରତୀୟ ରହିବେ । ଯଦିବା ଅନ୍ୟମାନଙ୍କ ସହିତ ଏକାଠି ସେମାନେ ଭୋଟ ଦିଅନ୍ତି ସେମାନଙ୍କୁ ଏକ ସ୍ଥାୟୀ ଓ ସଂଖ୍ୟାଲଘୁ ସଦସ୍ୟ ବୋଲି ବିବେଚନା କରାଯିବ । ସରକାରଙ୍କ ବିରୋଧରେ ସେମାନେ ଦେଇଥିବା ଭୋଟର ଫଳାଫଳ ଯଦି କିଛି ଥାଏ ସେଇଟା ଏକ ନୈତିକ ପରିଣାମର ରୂପ ନେଇପାରେ । ଏହା ହେଉଛି ମିଃ ଗୋଖଲେଙ୍କର ସ୍ଥିତି ଓ କାର୍ଯ୍ୟକ୍ରମ; ଆଉ 'ଦି ଟାଇମସ୍' ଓ ଆମେ କେହିହେଲେ ଏଥିନେଇ ଭୟଭୀତ ନୋହୁଁ । ଉଚ୍ଚ ପଦପଦବୀରେ ଆସୀନ ଯେଉଁ ବ୍ୟକ୍ତିମାନେ ମତ ଦିଅନ୍ତି ଯେ ଯାହାକିଛି ଅବାସ୍ତବ ଆଉ ମଧ୍ୟମ ଧରଣର ସେସବୁ ଖାଣ୍ଟି ରାଷ୍ଟ୍ରନୀତି ପ୍ରବଣତାରୁ ଜନ୍ମ ନେଇଛି । ସେହି ବ୍ୟକ୍ତିମାନଙ୍କ ବ୍ୟତୀତ ଯେକେହି ସ୍ପଷ୍ଟରୂପେ ଦେଖିପାରିବ ଯେ ଏଇ ବିଜ୍ଞ ସତର୍କ ପରାମର୍ଶକୁ ଗ୍ରହଣ କରିନେଲେ ସରକାରଙ୍କୁ କିଂବା ଜନସାଧାରଣଙ୍କୁ କ'ଣ ଫାଇଦା ମିଳିବ । ଭାରତରେ ଏଇ ଦଶଜଣ ଭାରତୀୟ ସଭ୍ୟ ମହାମାନ୍ୟ ସମ୍ରାଟ୍‌ଙ୍କ ଚିରନ୍ତନ ବିରୋଧକୁ ସଂଗଠନ କରିବେ : ବାସ୍ ସେତିକି; ପ୍ରକୃତ ବିରୋଧିଦଳର ଭୂମିକା ତୁଲାଉଥିବା ଗୋଷ୍ଠୀ ଦିନେ ନା ଦିନେ ସରକାର ଗଢ଼ିବାର ଆଶା ରଖିଥାଏ ଆଉ ଏଇ ସମ୍ଭାବନାଟି ତାକୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଓ ଦାୟିତ୍ୱବାନ୍ କରି ଗଢ଼ିଥାଏ ତା' ପାଖରୁ ହାସଲ କରାଯାଉଥିବା ସୁବିଧା-ସୁଯୋଗଗୁଡ଼ିକ ସ୍ଥାୟୀ ବିରୋଧୀର ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ଗୋଷ୍ଠୀ ପାଖରେ ନଥାଏ, ବରଂ ତା' ପାଖରେ ଥାଏ ଦାୟିତ୍ୱହୀନ ସମାଲୋଚନାର ସବୁ ପ୍ରକାର ଅନିଷ୍ଟକାରୀ ଗୁଣଗୁଡ଼ିକ । 'ଦି ଟାଇମସ୍' ଯାହା କହୁଛି, ''କଂଗ୍ରେସ ଦ୍ୱାରା ପ୍ରସ୍ତାବିତ ଏ ନୀତି ହେଲା ଏପରି ଏକ ନୀତି ଯାହା ସରକାରଙ୍କୁ ଅସମ୍ମାନଜନକ ସ୍ଥିତି ଭିତରକୁ ନେଇଆସିବ, ସେଠି ସକଳ ଲୋକପ୍ରିୟ ସମ୍ବିଧାନର ଯେଉଁ ରକ୍ଷାକବଚଗୁଡ଼ିକର ବ୍ୟବସ୍ଥାସବୁ ଯୋଗାଇ ଦିଆଯାଇଛି ସେସବୁ ଆଉ ରହିବନି । ଏହା ହେଲା ଏମିତି ଏକ ନୀତି ଯାହା ବାଷ୍ପ ସୃଷ୍ଟିକରିବ ସତ କିନ୍ତୁ ସେଠି ସତର୍କତାମୂଳକ ବ୍ୟବସ୍ଥାସ୍ୱରୂପ ନିରାପତ୍ତା ଭଲ୍‌ବ(Safety valve)ଗୁଡ଼ିକ ମିଳିବନି, ଆଉ ଏଇ ସମାଲୋଚନାର ପଛରେ ଯେଉଁ ଯୁକ୍ତିଯୁକ୍ତତା ରହିଛି ତାକୁ ସରଳ ଭାବରେ ଅସ୍ୱୀକାର କରି ହେବନି ।

ମିଃ ଗୋଖଲେଙ୍କର କାର୍ଯ୍ୟକ୍ରମରେ ସରକାରଙ୍କୁ କିଛି ସୁବିଧା ପ୍ରଦାନ କରିବାର ନିର୍ଭର ପ୍ରତିଶ୍ରୁତି ଯଦି ନମିଳେ ଏହା ସାଧାରଣ ଲୋକଙ୍କୁ କିଛି ସୁବିଧା ଦେଇପାରିବ ନାହିଁ । ଅବଶ୍ୟ ହାତଗଣତି କେତୋଟି ବ୍ୟକ୍ତିଙ୍କୁ ବାଦ୍‌ଦେଇ, ଯେଉଁମାନେ କି ମାନ୍ୟଗଣ୍ୟ ବ୍ୟକ୍ତି ହିସାବରେ ଅୟସ ଆରାମରେ ମଜ୍ଜି ରହିବାର ସୁଯୋଗ ପାଇବେ ଆଉ ସରକାରଙ୍କ ଅଧୀନରେ ଥିବା ଦପ୍ତରଗୁଡ଼ିକରେ ନିଜର ଆତ୍ମୀୟ ଓ ଆଶ୍ରିତମାନଙ୍କର ନିଯୁକ୍ତି ପାଇଁ ଅନୁମୋଦନ କରିବାର ବିରାଟ ସୁଯୋଗମାନ ପାଇବେ । ଏସମସ୍ତ ପରିଷଦର ନିର୍ବାଚନରେ ଜନସାଧାରଣଙ୍କର ତିଳେହେଲେ ଆଗ୍ରହ ନାହିଁ କାରଣ ସେମାନେ ଶୀଘ୍ର ଦେଖିବାକୁ ପାଇବେ – ଯାହା ବଙ୍ଗଳାରେ ସେମାନେ ଦେଖିଆସିଛନ୍ତି, ନିର୍ବାଚିତ ସଭ୍ୟମାନେ ପରିଷଦ ମାଧ୍ୟମରେ କୌଣସି ଜନହିତକର କାର୍ଯ୍ୟ ହାତକୁ ନେଇପାରିବେନି କିଂବା ନିତାନ୍ତ

ଖଳ-ସ୍ୱଭାବର ଲୋକଙ୍କୁ ଫଳସ୍ୱରୂପ ବିରୋଧ କରିପାରିବେନି । ମିଃ ଗୋଖଲେ ନିର୍ବାଚିତ ସଭ୍ୟମାନଙ୍କୁ ସଂଖ୍ୟାଲଘୁମାନଙ୍କ ଭିତରେ ବରାବର ରଖିବା ପାଇଁ କେବଳ ବ୍ୟଗ୍ରହୋଇ ଉଠୁନାହାନ୍ତି, କିନ୍ତୁ ବଜେଟ୍‌ରେ ସଂଶୋଧନ ଆଗତ କରିବାର ଅଧିକାର ସେମାନଙ୍କ ପାଖରେ ରହୁ ବୋଲି ସେ ଯଦି ବା ଚାହୁଁଛନ୍ତି ପ୍ରସ୍ତାବକୁ ସମର୍ଥନ ମିଳିଲେ ମଧ୍ୟ ତାହା ଉପରେ ଭିଟୋ ପ୍ରୟୋଗର କ୍ଷମତା ଯେମିତିହେଲେ ବଡ଼ଲାଟଙ୍କର ରହିବ । ଅସଲ କଥା ହେଲା ସମୁଦାୟ ପ୍ରସଙ୍ଗଟି ପ୍ରତି କିଛିହେଲେ ଗୁରୁତ୍ୱ ନାହିଁ । ଏସବୁ କେବଳ ଗୋଟିଏ ପିଲାଖେଳ । କିଂବା ମିଃ ଗୋଖଲେ ଭାବୁଛନ୍ତି ବୋଧହୁଏ ଧୀରେ ଧୀରେ ଏସବୁ ତଥାକଥିତ ଅଧିକାରମାନ ହାତକୁ ଆସିଗଲେ ସେ ତାଙ୍କର ବ୍ରିଟିଶ ମାଲିକମାନଙ୍କଠାରୁ ପ୍ରକୃତ ସାମ୍ବିଧାନିକ ଅଧିକାର ଆଉ ସୁବିଧାମାନ ହାସଲ କରିନେବେ । କିନ୍ତୁ ସେ ଯେ ଭୁଲି ଯାଉଛନ୍ତି ଅତୀତର ଏଇ ମାଲିକମାନେ ଏକ ସାର୍ବଭୌମ ଶକ୍ତିଭାବେ ସେମାନଙ୍କ ସ୍ୱାର୍ଥ ଓ ପଦମର୍ଯ୍ୟାଦାର ସିଧାସଳଖ କ୍ଷତି ହେଲା ପରି କୌଣସି କାର୍ଯ୍ୟ କରିନାହାନ୍ତି କିଂବା ଭବିଷ୍ୟତରେ ସେମାନେ ଏପରି କାର୍ଯ୍ୟ ଆଦୌ କରିବେ ନାହିଁ । ଅବଶ୍ୟ କୌଣସି ଭୟଭ୍ରାନ୍ତିବଶତଃ ହେଉ କିଂବା କିଛି ବିରାଟ କ୍ଷତି ଓ ବିପଦ ଆଶଙ୍କାରେ ହେଉ ଯେପର୍ଯ୍ୟନ୍ତ ସେମାନେ ଏହା କରିବା ପାଇଁ ବାଧ୍ୟ ନହୋଇଛନ୍ତି । କାରଣ ଏଇ ଧାରଣା ପ୍ରସଙ୍ଗରେ କହିବାକୁ ଗଲେ ବିଧାନ ପରିଷଦରେ ତଥାକଥିତ ସଂସ୍କାର ଯେ ଜନସାଧାରଣଙ୍କୁ ଶିକ୍ଷିତ କରି ଯେକୌଣସି ପ୍ରକାରେ ଲୋକପ୍ରିୟ ସ୍ୱାଧୀନତାର ପଥ ସୁଗମ କରିବ, ଏଇ କୃତିତ୍ୱକୁ ହାସଲ କରିବା ପାଇଁ ମଧ୍ୟ କିଛି ସ୍ପଷ୍ଟରୂପେ ଯୁକ୍ତିଯୁକ୍ତ ଯଥାର୍ଥତା ନାହିଁ । କାରଣ 'ଟାଇମ୍‌ସ୍' ଯାହା ପ୍ରକୃତରେ ସୂଚନା ଦେଇଛି ମିଃ ଗୋଖ୍‌ଲେଙ୍କ କାର୍ଯ୍ୟକ୍ରମରେ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ କୌଣସି ପ୍ରତ୍ୟକ୍ଷ ରାଜନୀତି ଶିକ୍ଷାର ସୁବିଧା ରଖାଯାଇନି । ଏଇ ସୂଚନାକୁ ସମ୍ପୂର୍ଣ୍ଣରୂପେ ଉଦ୍ଧୃତ କରାଯାଉଛି : –

''ଏହା ଏମିତି ଏକ ନୀତି ନୁହେଁ ଯାହା ଭାରତୀୟ ଜନତାଙ୍କୁ କୌଣସି ପ୍ରକାରର ଗୁରୁତ୍ୱପୂର୍ଣ୍ଣ ସୁବିଧା ପ୍ରଦାନ କରିବ । ସେମାନଙ୍କ ପାଇଁ ଏହା ସମାଲୋଚନାର ବର୍ଦ୍ଧିତ ସୁଯୋଗକୁ ଆଣିଦେଇଛି ସତ କିନ୍ତୁ ଦାୟିତ୍ୱର ଅଭିବୃଦ୍ଧି ସାଧନ କରୁନି । ଭାରତୀୟମାନଙ୍କୁ ରାଜନୀତି ସମ୍ବନ୍ଧରେ ସେଇ ଶିକ୍ଷା ଦେବା ପାଇଁ ଏହା କିଛିହେଲେ କରୁନି ଯାହା ଏକାନ୍ତ ଅପରିହାର୍ଯ୍ୟ ଯଦି... ସେମାନଙ୍କ ନିଜ ବ୍ୟାପାରର ପରିଚାଳନାରେ ପ୍ରଥମ ଥର ପାଇଁ ସେମାନଙ୍କୁ କିଛି ପରିମାଣରେ ଅଂଶ ଗ୍ରହଣ କରିବାକୁ ପଡୁଥାଏ । ବିଚାରାଧୀନ ଗୁପ୍ତ କାର୍ଯ୍ୟକ୍ରମ ଦ୍ୱାରା ଭାରତୀୟ ମତର କର୍ଣ୍ଣଧାରମାନଙ୍କର ଦାୟିତ୍ୱବୋଧ କେବେ ବି ଆସିବନି ଯାହା ଅନିବାର୍ଯ୍ୟବଶତଃ ସେଇମାନଙ୍କ ପାଖକୁ ଆସିଥାଏ ଯେଉଁମାନେ ନିଜେ ଅନତିବିଳମ୍ବେ କ୍ଷମତାସୀନ ହେବା ପାଇଁ ଆଶା ବାନ୍ଧିଥା'ନ୍ତି । ସରକାରଙ୍କ ଦୋଷତ୍ରୁଟି ଦେଖିବା ପାଇଁ ସେମାନେ ସୁଯୋଗମାନ ଖୋଜନ୍ତି କିନ୍ତୁ କେବେହେଲେ ସେମାନଙ୍କର ପ୍ରତିଶ୍ରୁତି ପୂରଣ ଦିଗରେ ସଫଳ ହୋଇପାରନ୍ତିନି । କେବଳ ଏକ ହାଲୁକା ଚିଉରେ ଟିକସକୁ ହ୍ରାସ କରିବା ପାଇଁ ଦାବି ଉପସ୍ଥାପିତ କରିବେ କିଂବା ଦୁର୍ଭିକ୍ଷକୁ ରୋକାଯାଇ ପାରୁନଥିବାରୁ ସରକାରଙ୍କୁ ନିନ୍ଦା କରିବେ । କାରଣ ଏ ସଂସ୍କାରଗୁଡ଼ିକ ଯେ ସମ୍ଭବପର ହୋଇପାରେ ଏକଥା ସାବ୍ୟସ୍ତ କରିବା ପାଇଁ ସେମାନେ ନିଜେ କେବେ ବି ଡକାହୋଇ ଆସିବେ ନାହିଁ । ଏଇ ତେବେ କ'ଣ ଆମ ଅନୁଷ୍ଠାନର ସମ୍ଭାବିତ ଉନ୍ନତି ଯାହା ୟୁରୋପୀୟର ବିରୋଧକୁ ଶାନ୍ତ ଓ ନିୟନ୍ତ୍ରିତ କରିବ ! ଭାରତୀୟ ରାଷ୍ଟ୍ରନୀତିଜ୍ଞମାନେ ଯେ ନରମପନ୍ଥୀ ହୋଇଯିବେ ଆଉ ତାହା ପୁଣି ବିନା କୌଣସି ସଂଯମ ଆଚରଣ ନକରି – ଏକଥା ଧରିନେବା କ'ଣ ବିଜ୍ଞତାର ପରିଚୟ ?''

ଆଉ ଏଇ ସମାଲୋଚନାର ଯଥାର୍ଥତାକୁ କିଏ ବା ଅସ୍ୱୀକାର କରିବ ? ମିଃ ଗୋଖଲେଙ୍କର କାର୍ଯ୍ୟକ୍ରମ ଯଦି ସରକାରଙ୍କ ଦ୍ୱାରା ଗୃହୀତ ହୋଇଯାଏ ତା'ହେଲେ ଭାରତରେ ଜନମତ ଆଉ ରାଜନୈତିକ ଜୀବନର ବିକାଶ ଉପରେ ଏହାର କେବଳ ଏକ ପ୍ରଭାବ ପଡ଼ିପାରେ : ଜନସାଧାରଣଙ୍କ ପାଇଁ ଅସଲ ଓ ମହତ୍ତ୍ୱପୂର୍ଣ୍ଣ ଅଧିକାରମାନ ଲାଭକରିବା ଦିଗରେ ଏପରି ଅଧାପନ୍ତରିଆ ପଦକ୍ଷେପଗୁଡ଼ିକର ଚରମ ବିଫଳତା ଏହାଦ୍ୱାରା ପ୍ରମାଣିତ ହୋଇଯିବ । ପଚିଶ ବର୍ଷ ପୂର୍ବେ ବ୍ୟର୍ଥତା ଭିତର ଦେଇ ଏହିପରି ଏକ ଶିକ୍ଷାର ଆବଶ୍ୟକତା ଥିଲା ଯେତେବେଳେ ବ୍ରିଟିଶର ପୁରୁଣାକାଳିଆ ମତିଗତି କିଂବା ବ୍ରିଟିଶର ଚାଲିଚଳନରେ, ନୀତିରେ ଜନସାଧାରଣଙ୍କର ବିଶ୍ୱାସ ତଥାପି ଅତୁଟ ରହିଥିଲା; ଏହା ସମ୍ପୂର୍ଣ୍ଣ ନିଷ୍ପ୍ରୟୋଜନ ଆଉ ଏଥିରେ ଅଯଥା ସମୟ ଓ ଶକ୍ତିର ଅପଚୟ ହୁଏ ଯାହା ସେମାନଙ୍କ ପାଇଁ ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ ତଥା ଜରୁରୀ କାର୍ଯ୍ୟ-ସମ୍ପାଦନ ସକାଶେ ଅନେକ ମହତ୍ତର ଆହ୍ୱାନ ରଖିଥାଏ, – ଆଜି ଯେତେବେଳେ ବ୍ରିଟିଶ୍ ପ୍ରଭୁମାନଙ୍କ ସାହଚର୍ଯ୍ୟବିନା ତଥା

ବାସ୍ତବପକ୍ଷେ ସେମାନଙ୍କର ସ୍ୱଭାବତଃ ପ୍ରଚଣ୍ଡ ପ୍ରତିରୋଧ ସତ୍ତ୍ୱେ ଭାରତୀୟ ଜନସାଧାରଣ ହୃଦୟଙ୍ଗମ କରିବାକୁ ଆରମ୍ଭ କଲେଣି ଯେ ସେମାନଙ୍କୁହିଁ ଆପଣା ଭବିଷ୍ୟତକୁ ଗଢ଼ିବାକୁ ହେବ । ୧୯୦୬ ମସିହାର ଭାରତବର୍ଷକୁ ଦେଖିଲେ ମିଃ ଗୋଖଲେଙ୍କର ମତାଦର୍ଶ ଓ ନୀତି ହେଉଛି ସମୟାନୁପଯୋଗୀ । ଗୋଟିଏ ସର୍ବସାଧାରଣଙ୍କ ପାଖରେ ବିଶ୍ୱାସକୁ ସମ୍ପୂର୍ଣ୍ଣ ହରେଇ ବସିଛି ଆଉ ଆରଟି ନିର୍ବୋଧ ଓ ଦୁଷ୍କର ବୋଲି ସରକାରଙ୍କ ଦ୍ୱାରା ଘୋଷିତ ହୋଇଛି । କଂଗ୍ରେସକୁ ଏସବୁ ନିଶ୍ଚୟ ପରିହାର କରିବାକୁ ପଡ଼ିବ । ତା' ନହେଲେ ଦେଶ ଭିତରେ ଏହା ଏକ ପ୍ରାଣସ୍ପନ୍ଦନହୀନ ସତ୍ତାଭାବେ ଯୁଗକୁ ଚାହିଁ ଅନୁପଯୋଗୀ ହୋଇ ରହିଯିବ କିଂବା ଏଇ ମତାଦର୍ଶ ଓ ନୀତି ପଛରେ ଥିବା ଯୁକ୍ତିଛଳରେ ସମ୍ଭବତଃ ଏକ ରାଜାନୁଗତ ଦଳରେ ପରିଣତ ହୋଇ ଭାରତବର୍ଷରେ ସକଳ ବାସ୍ତବ ଓ ଶକ୍ତିଶାଳୀ ଗଣ-ଆନ୍ଦୋଳନ ଆଉ ପ୍ରଚାରବିରୋଧୀ ଭୂମିକା ଗ୍ରହଣ କରିବ । ଆମେ କ'ଣ ଏପରି ଏକ ଅନୁଷ୍ଠାନକୁ ଏମିତି ପଙ୍ଗୁ ଆଉ ବେକାର ଅବସ୍ଥାରେ ରହିଯିବାକୁ ଛାଡ଼ିଦେବା ଯାହାର ଏଇତକ ବର୍ଷ ଆମେ ଏତେ ନିଷ୍ଠାର ସହିତ ସେବା କରିଆସିଛୁ ଆଉ ଯାହା ଦିନେ ସଭିଙ୍କର ବିଚାର-ଆଲୋଚନାର ଆଉ ସାର୍ଥକ ଜନଜୀବନର ହୁଏତ ଏକ ଲୋକପ୍ରିୟ ସୁସଂଗଠିତ ଅନୁଷ୍ଠାନର ରୂପ ନେଇପାରେ ? ସର୍ବଜନ ଆଦୃତ ସ୍ୱାଧୀନତାର ଶତ୍ରୁମାନଙ୍କ ହସ୍ତରେ ଏହାକୁ ଟେକିଦେବା ଆମ ପକ୍ଷରେ ତିଳେହେଲେ ସମ୍ଭବ ନୁହେଁ । ବର୍ତ୍ତମାନ ଦେଶ ସମ୍ମୁଖରେ ତାହାହିଁ ପ୍ରଶ୍ନ । କଲିକତାରେ ଆସନ୍ତା କଂଗ୍ରେସ ଅଧିବେଶନ ବୋଧେ ଏ ବିଷୟରେ ସିଦ୍ଧାନ୍ତ ନେବ । ସର୍ବଜନଆଦୃତ ସ୍ୱାଧୀନତାର ମିତ୍ରମାନେ ଏ ଦୁଇଟି ବିପର୍ଯ୍ୟୟରୁ କଂଗ୍ରେସକୁ ସୁରକ୍ଷା ଦେବା ସକାଶେ ହୃଦୟଙ୍ଗମ କରିବା ଉଚିତ ଏବଂ ସେମାନଙ୍କର ସକଳ ଶକ୍ତିକୁ ଏକତ୍ରିତ କରିବା ଉଚିତ ହେବ ।

**ପ୍ରସଙ୍ଗ କ୍ରମେ**

'ମିରର୍' ଦୟନୀୟଭାବେ ଅସନ୍ତୋଷ ପ୍ରକଟ କରିଛି ଯେ ଗୋଟିଏ ପଟେ ଚରମପନ୍ଥୀ ଆଉ ଅନ୍ୟ ପଟେ ଖାଣ୍ଟି ନରମପନ୍ଥୀ ଏ ଦୁଇ ଗୋଷ୍ଠୀ ହାତରେ ଦେଶ ପଡ଼ିଯାଇଛି ଆଉ ମଝିରେ ''ଇଣ୍ଡିଆନ୍ ମିରର୍'' ପରି ଦେଖଣାହାରୀମାନେ ବାଡ଼ ପାଖରେ ବସି ଚିତ୍କାର କରି ଚାଲିଛନ୍ତି ଯାହାକୁ କେହି କର୍ଣ୍ଣପାତ କରୁ ନାହାନ୍ତି । ଆମ ସମସାମୟିକ ବନ୍ଧୁଙ୍କ ପକ୍ଷରେ ଏହା କଷ୍ଟକର ବ୍ୟାପାର । କିନ୍ତୁ ସେ ଉପଲବ୍ଧି କରିବା ଉଚିତ ଯେ ଏଇ ଜାତିର ଇତିହାସରେ ଏପରି ଏକ ମୁହୂର୍ତ୍ତ ଉପଗତ ହୋଇଛି ଯେତେବେଳେ ଲୋକମାନେ ଦୁଇଟି ପକ୍ଷରୁ ଯେକୌଣସି ଗୋଟିଏ ପକ୍ଷକୁ ବାଛିନେବା ଉଚିତ ଯଦି ସେମାନେ ଭବିଷ୍ୟତ୍ ଗଠନ ଦିଗରେ କିଛି ମନେ ମନେ ବିଚାର କରୁଥାଆନ୍ତି । ବର୍ଜନ-ଆନ୍ଦୋଳନର ସଭାରେ ପୌରୋହିତ୍ୟ କରିବା ଆଉ ବର୍ଜନ-ଆନ୍ଦୋଳନକୁ ନେଇ ହାନିକାରକ ମନ୍ତବ୍ୟ ଦେବା ହେଲା ଗୋଟିଏ ପନ୍ଥା ଯାହାକୁ ସମ୍ପୃକ୍ତ ରାଜନୀତିଜ୍ଞ ତା' ନିଜ ବିବେକରେ ତଉଲି ଏକ ସମାଧାନରେ ପହଞ୍ଚିପାରେ କିନ୍ତୁ ଏହାଦ୍ୱାରା ଦେଶବାସୀଙ୍କୁ ଧରି ତା' ପ୍ରଭାବର ଗୁରୁତ୍ୱକୁ ବିସ୍ତାର କରିବା ପ୍ରାୟତଃ ସମ୍ଭବ ନୁହେଁ ।

*

ଫୁଲାର୍‌ଙ୍କ ବହିଷ୍କାର ପରଠାରୁ 'ଇଂଲିଶ୍‌ମ୍ୟାନ୍' ଯେଉଁ ଅସାଧାରଣ ଅଶୋଭନୀୟ ନୃତ୍ୟ କରିଚାଲିଛି ସେଥିରେ 'ପାଓନିଅର୍' ଯୋଗଦାନ କରିବା ଦେଖି ଆମେ ବିସ୍ମିତ ହେଉଛୁ । ଆମେ ତ 'ପାଓନିଅର୍'କୁ ସ୍ଥିରବୁଦ୍ଧିସମ୍ପନ୍ନ ଏକ ସୁପରିଚାଳିତ ପତ୍ରିକାଭାବେ ବିଚାର କରିବାରେ ଅଭ୍ୟସ୍ତ ହୋଇ ପଡ଼ିଥିଲୁ ଯଦିବା ଏହାର ରାଜନୈତିକ ଦୃଷ୍ଟିକୋଣ 'ଇଂଲିଶ୍‌ମ୍ୟାନ୍' ତୁଳନାରେ କମ୍ ମାରାତ୍ମକ ନଥିଲା । କିନ୍ତୁ ସାମ୍ପ୍ରଦାୟିକତାର ତୀବ୍ର କଷାଘାତରେ ଏହା ''ହ୍ୟାରେ ଷ୍ଟ୍ରିଟ୍''କୁ ଟପିଯାଇଛି । ଜୋରରେ ଚିତ୍କାର କରି କହିଚାଲିଛି, ''ହେ ବଙ୍ଗାଳୀ ବ୍ୟକ୍ତିବୃନ୍ଦ, ସାବଧାନ, ସାବଧାନ ଯଦି ତୁମେ ବିଦ୍ରୋହ କରିବସ ତା'ହେଲେ ଗୁଳିଗୋଳା ଆଉ ତରବାରିର ଆଘାତରେ ତୁମକୁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ କରିଦେବୁ । ସିପାହିବିଦ୍ରୋହ ସମୟରେ ଆମେ କରିଥିବା ନୃଶଂସ କାର୍ଯ୍ୟଠୁ ବଳି ଆହୁରି ନୃଶଂସ ହୋଇଉଠିବୁ, ଆମେ ଯେ ବ୍ୟାଘ୍ରଗୁଡ଼ିଏ, ଆମେ ଯେ ବ୍ୟାଘ୍ରଗୁଡ଼ିଏ ! ଦେଖ, ଆମର ଶାଣିତ ବକ୍ର ନଖଗୁଡ଼ିକୁ ।'' ଏହା ବାସ୍ତବିକ ନିତାନ୍ତ ରକ୍ତଲୋଲୁପତା ଆଉ 'ପାଓନିୟର'କୁ ଏହା ରକ୍ତମୁଖାଭାବେ ଚିତ୍ରିତ କରିଛି । କିନ୍ତୁ ଏସବୁ ଦେଖି ମନେ-ହେଉଛି ସତେଯେପରି ଆଙ୍ଗ୍ଲୋ-ଭାରତ ବିଶୁଦ୍ଧ ପାଗଳ ହୋଇଗଲାଣି । ଏପରି ଏକ ଦୟନୀୟ ପ୍ରଦର୍ଶନ ଦ୍ୱାରା ପରାଧୀନ ଜାତିଟିର ତା' ଶାସକବର୍ଗଙ୍କ ପ୍ରତି ସମ୍ମାନ ଆଦୌ ବୃଦ୍ଧି ପାଇବନି ।

*

ଭାରତୀୟ ଦେଶପ୍ରେମୀମାନଙ୍କର ସ୍ୱାର୍ଥପରାୟଣତା ସମ୍ପର୍କରେ ''ଇଣ୍ଡିୟାନ୍ ମିରର୍'' ଏକ ଲେଖା ପ୍ରକାଶ କରିଛି । ଆତ୍ମସନ୍ତୋଷରେ ମଜି ରହିଥିବା ଏଇ ସମୀକ୍ଷକଙ୍କ ଅନୁସାରେ ବଙ୍ଗଳାରେ କେବଳ ଦୁଇଟି ନିଃସ୍ୱାର୍ଥପର ବ୍ୟକ୍ତି ଅଛନ୍ତି । ସେମାନେ ହେଲେ ଟି. ପାଲିତ୍ ଆଉ *ଇଣ୍ଡିଆନ୍ ମିରର୍*। ଗୌରୀପୁରର ରାଜା ସୁବୋଧ ମଲ୍ଲିକ ଆଉ ବ୍ରଜେନ୍ଦ୍ର କିଶୋର ଏ ଦୁଇଜଣ ହେଉଛନ୍ତି ବିଶେଷ ଅପଯଶ ଅର୍ଜନ କରିଥିବା ଶିକାରୀ ଯେଉଁମାନେ ରାଜା ଆଉ ମହାରାଜା ଉପାଧି ପାଇବା ସକାଶେ ନଗଦ ଟଙ୍କା ଓ ଜମି ଆକାରରେ ଉଚ୍ଚ ଦାମ୍ ଦେବାକୁ ପସନ୍ଦ କରିଛନ୍ତି । ବାବୁ ଶିଶିର କୁମାର ଘୋଷ ହେଉଛନ୍ତି ଜଣେ ପ୍ରତାରକ ଯିଏ ନିଜକୁ ଅବତାର ବୋଲି ଦେଖେଇ ହୁଅନ୍ତି; ବାବୁ ସୁରେନ୍ଦ୍ର ନାଥ ବାନାର୍ଜୀ ହେଲେ ଜଣେ ଶଠ ଯିଏ ନିଜକୁ ସହିଦ ବୋଲି ଅଭିନୟ କରନ୍ତି; ଆଉ ତୃତୀୟ ଶଠ ଜଣକ କେଉଁଠି ଲୁଚିଛନ୍ତି, ନିଜେ ନିଜକୁ ଏକ ନାୟକ ଭୂମିକାରେ ରଖିଛନ୍ତି – ବର୍ତ୍ତମାନ ଆମେ ଏଇ ଭଦ୍ରଲୋକଙ୍କୁ ଠାବ କରିପାରିବାନି । ଆମ ଦେଶ କେବେ ବି ଏମିତି ଭଦ୍ରଲୋକଙ୍କୁ ଚାହେଁନି; ଏହା ଲୋଡ଼େ ଏମିତି ଲୋକଙ୍କୁ ଯେଉଁମାନେ ସେମାନଙ୍କ ଦେଶ ସକାଶେ ସାହସର ସହିତ ବିପଦର ସମ୍ମୁଖୀନ ହୋଇପାରିବେ ଓ ମୃତ୍ୟୁ ବରଣ କରିବେ । ସେ ମରଣ-କମାଣର ଗୁଳିରେ ହେଉ କିଂବା ତରବାରିର ଆଘାତରେ ହେଉ କିଂବା ବ୍ୟାଘ୍ରର ତୀକ୍ଷ୍ଣ ପଂଝାରେ ହେଉ ଯାହା ସମ୍ପର୍କରେ 'ପାଓନିଅର୍' ଭୟଭୀତ କରିଛି କିଂବା ଇନ୍‌ଫ୍ଲୁଏନ୍‌ଜା, କଲେରା ଅବା ଶଂକାଜନିତ ମୃତ୍ୟୁ ହେଉ, ସେକଥା ସ୍ପଷ୍ଟ ବୁଝା ପଡୁନି । ଯାହାହେଉ ଆମକୁ ଖବର ମିଳିଛି, ମିଃ ପାଲିତ୍ ଓ ବାବୁ ନରେନ୍ଦ୍ରନାଥ ସେନ୍ ଏକାଠି ହୋଇଛନ୍ତି ଦେଶ ସକାଶେ ବିପଦ ବରଣ କରିବା ପାଇଁ ଓ ମରିବା ପାଇଁ – ଏକଥା ଶୁଣି ଆମକୁ ବେଶ୍ ଖୁସି ଲାଗୁଛି । ଏଇ ଗୌରବମୟ କୀର୍ତ୍ତି ସକାଶେ ଅପେକ୍ଷମାଣ ଥିବା ସମୟରେ ଆମେ ପଚ୍ଛଜଣଙ୍କୁ ପରାମର୍ଶ ଦେବୁ ଯେ ସେ ଆହୁରି ବିନୀତ ଭାବରେ ନିଜେ ସହିଦ ହେବାର ଆଶା ପୋଷଣ କରନ୍ତୁ ଆଉ ଦ୍ୱିତୀୟତଃ ସର୍ବସାଧାରଣଙ୍କ ଉପରେ ତାଙ୍କର ଯଦି ଆକ୍ରମଣ କରିବାକୁ ଥାଏ, ତା'ହେଲେ କଥା ପ୍ରସଙ୍ଗରେ ଅଧେ ପ୍ରଚ୍ଛନ୍ନ ରଖି ଇଙ୍ଗିତ ପ୍ରୟୋଗର ପନ୍ଥା ଧରିବା ପରିବର୍ତ୍ତେ ତାହାକୁ ସୁସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ କରିଦିଅନ୍ତୁ । ନହେଲେ ଏପ୍ରକାର କାର୍ଯ୍ୟକୁ କିଛି ଲୋକେ କାପୁରୁଷୋଚିତ କାର୍ଯ୍ୟ ବୋଲି କହିପାରନ୍ତି ।

ଏକ ଗୁପ୍ତସମାଜକୁ ରୋମାଞ୍ଚକର ନାମଟିଏ ଦେଇ 'ଇଂଲିଶମ୍ୟାନ୍' ତଥାପି ତା'ର ଅମଙ୍ଗଳ ସୂଚକ ଆବିଷ୍କାରରେ ତତ୍ପର ହୋଇ ଉଠିଛି । ଏସମ୍ବନ୍ଧରେ ତା'ର ଜ୍ଞାନ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଯାହା ମନେହୁଏ ଇଏ ଚିନ୍‌ସୁରା ସୋସାଇଟି ନୁହଁ କିନ୍ତୁ କଲିକତାସ୍ଥ ଏକ ଜନ ସଙ୍ଗଠନ ଯାହା ମଇମନ୍‌ସିଂଠାରେ ସକ୍ରିୟ ହୋଇଉଠିଛି । ଏ ସର୍ବବ୍ୟାପୀ ପ୍ରକାଣ୍ଡକାୟ ବସ୍ତୁଟି ତିବ୍‌ବତୀୟମାନଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କଲାପରି ମନେ ହେଉଛି । ବୋଧହୁଏ କଲିକତା ଆସିଲା ସମୟରେ ତଶିଲାମା ଏହାକୁ ଗଠନ କରିଥିଲେ । କାରଣ ଯାହା ପ୍ରତୀତି ହେଉଛି ''ଗୋଲ୍ଡେନ୍'' ଶବ୍ଦଟି ପ୍ରାଚ୍ୟ ଭାବବ୍ୟଞ୍ଜନାର ଏକ ଅଂଶମାତ୍ର ଆଉ ଏହାକୁ ତିବ୍‌ବତୀୟମାନେ ପ୍ରୟୋଗ କରନ୍ତି ସେଇ ସମସ୍ତମଣିଷଙ୍କୁ ଚିହ୍ନଟକରିବା ପାଇଁ ଯେଉଁମାନେ ଏଥିପାଇଁ କିଂବା ସେଇ ଉଦ୍ଦେଶ୍ୟରେ ମୃତ୍ୟୁବରଣ କରିବାକୁ ଶପଥ ନେଇସାରିଛନ୍ତି । ବାସ୍ତବିକ 'ସୋନାର୍' ଶବ୍ଦଟି ସାଧାରଣ ପ୍ରଚଳିତ ବଙ୍ଗଳା ଭାଷାରେ ଗୌରବ ଓ ଅନୁରାଗ ଅର୍ଥରେ ନିଆଯାଇଥାଏ ଯାହା ସେକ୍ସପିଅରଙ୍କର ''ସ୍ୱର୍ଣ୍ଣାଭ (Golden) କିଶୋର କିଶୋରୀ'' ତୁଳନାରେ ଆଦୌ ଅଧିକ ରହସ୍ୟମୟ କିଂବା ସାଙ୍କେତିକ ନୁହେଁ । 'କଲିକତା'ର ବଜାରରେ ଭଲ ଭଲ ହାସ୍ୟରସାତ୍ମକ ପତ୍ରିକାକୁ ଶୂନ୍ୟ କରିଦେବା ସକାଶେ 'ଇଂଲିଶ୍‌ମ୍ୟାନ୍' ବଦ୍ଧପରିକର ଥିବାର ଜଣାପଡୁଛି । ଯାହା ଦେଖାଯାଉଛି ଏହାର ମୂଲ୍ୟ ଏକ ଅଣାକୁ ଖସି ଆସିଲେ ମଧ୍ୟ ଏହାର ପ୍ରସାରଣ ଆଦୌ ବଢ଼ିନି ।

[ବନ୍ଦେ ମାତରମ୍, ସେପ୍ଟେମ୍ବର ୮, ୧୯୦୬]

(କ୍ରମଶଃ)

ଅନୁବାଦକ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ୪

# ନୂତନ ଯୁଗରେ ଧର୍ମ

## ଶ୍ରୀ କିଶୋର ଗାନ୍ଧି

ଅଧୁନା ଯେହେତୁ ମାନବଜାତିର ବିବର୍ତ୍ତନରେ ଏକ ନୂଆ ଯୁଗ ଆସନ୍ନ, ତେଣୁ ମୁଖ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଟିଏ ଉଠୁଛି : ଏଇ ଯେଉଁ ନୂଆ ଆଧ୍ୟାତ୍ମିକ ସତ୍ୟ ନୂଆଯୁଗ ପ୍ରବର୍ତ୍ତନ କରିବାକୁ ଯାଉଛି, ତାହା କ'ଣ ସ୍ୱୟଂ ନିଜକୁ ଏକ ନୂତନ ଧର୍ମର ରୂପ ଦେବ ? ଏଇ ପ୍ରଶ୍ନଟି ଯଥେଷ୍ଟ ପ୍ରାସଙ୍ଗିକ, କାରଣ ମାନବଜାତିର ବିଗତ ଇତିହାସରେ ଯେତେବେଳେ ବି କିଛି ନୂଆ ଅଧ୍ୟାତ୍ମ-ଜାଗରଣର ବ୍ୟାପକ ପ୍ରସାର ଘଟିଛି, ତାହାର ପରିଣାମରେ ଏକ ନୂତନଧର୍ମ ରୂପ ଗ୍ରହଣ କରିଛି । ଶ୍ରୀଅରବିନ୍ଦ ଯେପରି ଲକ୍ଷ୍ୟ କରିଛନ୍ତି : ''ଅତୀତରେ ଆଧ୍ୟାତ୍ମିକତାର ମହାନ୍ ଅନୁପ୍ରବେଶ ଘଟିଥିବା କାଳରେ ସାଧାରଣତଃ ତାହାର ଫଳସ୍ୱରୂପ ଏକ ବିଶେଷ ଧରଣର ନୂଆ ଧର୍ମର ଅନୁପ୍ରବେଶ ହୋଇଛି ଯାହା ମନୁଷ୍ୟଜାତି ଉପରେ ଏକ ବିଶ୍ୱୋପଯୋଗୀ ନୂଆ ପଦ୍ଧତି ଥାପି ଦେବାକୁ ପ୍ରଚେଷ୍ଟା କରିବାର ଦେଖାଯାଇଛି ।''[୧] ଅତୀତରେ ଏଇ ସଦୃଶ ଘଟଣାରୁ ବର୍ତ୍ତମାନ ବହୁସଂଖ୍ୟକ ଲୋକ ଏହା ଆଶା କରୁଛନ୍ତି ଯେ ଅତିଶୀଘ୍ର ଅନ୍ତରାତ୍ମାର ନବଯୁଗର ଆଗମନ ହେବାକୁ ଯାଉଛି, ତାହା ଉକ୍ତ ସମୟ ପାଇଁ ବିଶ୍ୱସ୍ତରରେ ଗୃହୀତ ହେବାଭଳି ଏକ ନୂତନ ଧର୍ମ ସଂସ୍ଥାପିତ କରିବ ଯାହାକୁ ସର୍ବମାନବ ସ୍ୱୀକୃତି ଦେବ । ଏଇ ଲୋକଙ୍କ ପକ୍ଷରେ ଏ ପ୍ରକାର ପରିସ୍ଥିତି ଆଶା କରିବା ଏକାନ୍ତ ସ୍ୱାଭାବିକ ଏବଂ ସେମାନେ ଉଦ୍‌ଗ୍ରୀବ ହୋଇ ଏହାର ତୁରନ୍ତ ସଫଳତା ଦେଖିବା ଲାଗି ଚାହିଁ ବସିଛନ୍ତି; କାହିଁକି ନା, ସେମାନଙ୍କ ଧାରଣା ଯେ ନୂଆଯୁଗ ମାନବସମାଜକୁ ଯାହାସବୁ ଦେବାକୁ ଯାଉଛି, ସେଗୁଡ଼ିକ ମଧ୍ୟରେ ଏଇଟିହିଁ ସର୍ବାପେକ୍ଷା ତାତ୍ପର୍ଯ୍ୟପୂର୍ଣ୍ଣ ତଥା ମୂଲ୍ୟବାନ୍ ଅବଦାନ (ବରଦାନ) । ଯଦିବା, ସେମାନେ ଯେଉଁ ଜିନିଷଟି ନେଇଆସିବାକୁ ଚାହାନ୍ତି, ତା' ପାଇଁ 'ଧର୍ମ' ଶବ୍ଦଟି ବ୍ୟବହାର କରିବାକୁ ଯାଉ ନାହାନ୍ତି, ତଥାପି କାର୍ଯ୍ୟତଃ ତାତ୍ପର୍ଯ୍ୟ ଦିଗରୁ ଏହା ସେଇ ଏକହିଁ ଜିନିଷକୁ ବୁଝାଉଛି । କାରଣ ସେଇ ଲୋକମାନେ ଆଶା କରୁଛନ୍ତି ଯେ ନୂତନ ଆଧ୍ୟାତ୍ମିକ ସତ୍ୟ, ଯାହା ନୂଆଯୁଗ ପ୍ରବର୍ତ୍ତନ କରୁଛି, ତାହା ମାନବଜାତି ଆଗରେ ଏକ ନୂତନ ଟାଣୁଆ ଧର୍ମବିଶ୍ୱାସ ଓ ଧର୍ମୀୟ ମତବାଦ ଏବଂ ଉପାସନାର ନୂଆ ନିର୍ଦ୍ଦିଷ୍ଟ ପଦ୍ଧତିମାନ ରଖିଦେବ ଯାହା ମଣିଷ-ଜୀବନକୁ ସଂଜୀବିତ କରିବାକୁ ବିଫଳ ହୋଇଥିବା ପୁରାତନ ଧର୍ମସବୁର ତ୍ରୁଟି ଓ ଭୁଲଭ୍ରାନ୍ତିରୁ ମୁକ୍ତ ହୋଇଥିବ ।

ଏଇ ଧରଣର ଯେଉଁ ପ୍ରତ୍ୟାଶା, ତାହା ଯୁକ୍ତିଯୁକ୍ତ କି ? ଅତିମାନସ ସତ୍ୟର ପୃଥିବୀପୃଷ୍ଠରେ ଏଇ ଆବିର୍ଭାବ ଯାହା ଏଠାରେ ନୂତନଯୁଗ ସୃଷ୍ଟିକରିବ, ତାହା କ'ଣ ଏକ ଅଭିନବ ଧର୍ମ ସଂସ୍ଥାପନ କରିବ ? ଶ୍ରୀମା ଏଇ ପ୍ରଶ୍ନର ଉତ୍ତର ତାଙ୍କର ବୈଶିଷ୍ଟ୍ୟପୂର୍ଣ୍ଣ ଭାଷାରେ ଦେଇଛନ୍ତି :

''ଅତିମାନସ ସୃଷ୍ଟିରେ ଆଉ କୌଣସି ଧର୍ମ ରହିବ ନାହିଁ ।''[୨]

''ଏକ ଅଭିନବ ଧର୍ମ ସେଠାରେ ଯେ ଅନାବଶ୍ୟକ, ସେତିକି ମାତ୍ର ନୁହେଁ, ଏହା କ୍ଷତିକାରକ ମଧ୍ୟ ।''[୩]

ନୂଆ ଯୁଗରେ ଏକ ଅଭିନବ ଧର୍ମଟିଏ ଗଠନକରିବା ବିଷୟଟି ଶ୍ରୀମା ମୂଳରୁହିଁ ପ୍ରତିବାଦ କଲେ କାହିଁକି ? ତାଙ୍କର ପ୍ରତିବାଦର କାରଣ ନିର୍ଣ୍ଣୟ କରିବା କଷ୍ଟକର; କାହିଁକି ନା, ମଣିଷକୁ ତା'ର ସାଧାରଣ ପାର୍ଥିବ ସୀମାର ସ୍ତରରୁ ଉପରକୁ ଉଠାଇନେବା ପାଇଁ ଯେତେଗୁଡ଼ିଏ ପ୍ରଚେଷ୍ଟା ହୋଇଛି, ସେଗୁଡ଼ିକ ମଧ୍ୟରେ ଧର୍ମ ସର୍ବୋତ୍ତମ, ଯେହେତୁ ତାହା ''...ପରମ ପ୍ରଭୁଙ୍କୁହିଁ ତା'ର ଲକ୍ଷ୍ୟରୂପେ ଗ୍ରହଣକରିଛି, ବାକି ଅନ୍ୟସବୁ କିଛି ପରୋକ୍ଷଭାବେ ସେଇଟିକୁ କାମ୍ୟରୂପେ ମାନିବାର ଦେଖାଯାଇଛି ବାହାରିଆ କିଂବା ଅପରିଣତ ପ୍ରତିଭାସରେ ବିମୋହିତ ହୋଇ ଅନେକ ପ୍ରକାରେ ଝୁଣ୍ଟିଉଠି ଓ ଭ୍ରମିଭ୍ରମି ଶେଷରେ ସେଠାରେ ପହଞ୍ଚିଛି ।''[୪] ଶ୍ରୀମା ସ୍ୱୟଂ କହିଛନ୍ତି, ''ଧର୍ମ ଏକ ବସ୍ତୁ ଯାହା ମନୁଷ୍ୟଜାତିର ଉଚ୍ଚତର ମନର ଅନ୍ତର୍ଭୁକ୍ତ । ମଣିଷର ଉଚ୍ଚତର ମନ, ତାହାର କ୍ଷମତାରେ

[୧] SABCL, Vol. 15, P. 248

[୨] ବୁଲେଟିନ୍, ୧୯୫୭, ନଭେମ୍ବର ସଂଖ୍ୟା; [୩] ବୁଲେଟିନ୍, ୧୯୫୭, ଅଗଷ୍ଟ ସଂଖ୍ୟା

[୪] SABCL, Vol. 15, P. 162

ଯେତେଦୂର ସମ୍ଭବ, ତାକୁ ଅତିକ୍ରମ କରି ଯାହା ରହିଛି ଅର୍ଥାତ୍ ଯାହାକୁ ସେ ନାମ ଦେଇଛି ଭଗବାନ୍ ଅବା ପରମାତ୍ମା ଅବା ପରମସତ୍ୟ କିଂବା ପରମବିଶ୍ୱାସ ଅବା ପରମଜ୍ଞାନ କିଂବା ଅସୀମ ତତ୍ତ୍ୱ – ସେଇ ବସ୍ତୁ ଯାହା ମନୁଷ୍ୟମନର ଅପହୁଞ୍ଚ ଏବଂ ଏହା ସତ୍ତ୍ୱେ ସେଠାରେ ଉପନୀତ ହେବାର ଚେଷ୍ଟାରୁ ଏବେ ବି ସେ ବିରତ ନୁହେଁ ।''[୫] ଏଇ ଦୃଷ୍ଟିକୋଣରୁ ଚାହିଁଲେ ନୂଆ ଅତିମାନସର ଆବିର୍ଭାବକୁ ନେଇଆସିବା ପାଇଁ ଯେଉଁ ପ୍ରସ୍ତୁତି, ତା' ସକାଶେ ଓ ତତ୍‌ସହିତ ମନୁଷ୍ୟଜୀବନରେ ତାକୁ ସ୍ଥାୟୀ ଭାବେ ଅଭିବ୍ୟକ୍ତ କରାଇବାରେ ଧର୍ମ ସବୁଠାରୁ ସହାୟକ ବସ୍ତୁ ବୋଲି ମନେହେଉଥିଲା । ଅଥଚ ମା' ଯେ ଏଠାରେ ଏହାକୁ ଏକାନ୍ତ ବିପରୀତ ସଂଜ୍ଞା ଦେଉଛନ୍ତି : ତାଙ୍କ ଦୃଷ୍ଟିରେ ଏକ ନୂଆ ଧର୍ମ ଖାଲି ଅନାବଶ୍ୟକ କହିଲେ ଯଥେଷ୍ଟ ନୁହେଁ, ଏହା ହାନିକାରକ । ମା' ଏପରି କଥା କାହିଁକି କହିଲେ ?

## (୨)

ଶ୍ରୀମାଙ୍କର ଅତିମାନସ ଯୁଗରେ ଧର୍ମକୁ ନେଇ ଆସିବାରେ ଯେଉଁ ବିରୋଧ, ସେଇଟିକୁ ବୁଝିବାକୁ ହେଲେ ଆମକୁ ପରିଷ୍କାରଭାବେ ଜାଣିବାକୁ ହେବ ଯେ ମୂଳଉତ୍ସରେ ଧର୍ମର ସ୍ୱରୂପ ଓ ତାହାର ସାରବସ୍ତୁ କ'ଣ ଥିଲା ଏବଂ ପରେ ମଣିଷଜାତି ବାସ୍ତବ ଦୈନନ୍ଦିନ ଜୀବନରେ ନିଜ ଉପଯୋଗରେ ଲଗାଇବାକୁ ଯାଇ ତାକୁ କ'ଣ ରୂପ ଦେଲା – ଏ ଦୁଇଟିର ପାର୍ଥକ୍ୟ ଆମର ସ୍ପଷ୍ଟ ଜାଣିବା ଦରକାର । ମା'ଙ୍କ କହିବା କଥା – କିଛି ଅଧ୍ୟାତ୍ମ ସତ୍ୟର ଦିବ୍ୟ ଅଭିପ୍ରକାଶ (revelation)ହିଁ ଯାବତୀୟ ଧର୍ମର ଉତ୍ସ ଯାହା କୌଣସି ମହାନ୍ ବ୍ୟକ୍ତିଙ୍କ ନିକଟରେ ପ୍ରଥମେ ନିଜକୁ ଅଭିବ୍ୟକ୍ତ କରିଥାଏ ଓ ସିଏ ତାକୁ ଗ୍ରହଣ କରିବା ଲାଗି ଆଗେଇ ଆସିଥା'ନ୍ତି; ଏବଂ ଏଇ ଧରାଧାମରେ ସେଇ ଆବିର୍ଭୂତ ସତ୍ୟକୁ ଏକ ମୂର୍ତ୍ତରୂପ ଦିଅନ୍ତି । ସେ ମହାନ୍ ବ୍ୟକ୍ତି ଉକ୍ତ ସତ୍ୟର ଜୀବନ୍ତ ଶରୀରଧାରୀ ସତ୍ତା ଏବଂ ତାଙ୍କ ପ୍ରତି ଯେଉଁମାନେ ଆକର୍ଷିତ, ସେଇପରି ଅନୁଗାମୀମାନଙ୍କୁ ସେଇ ସତ୍ୟ ସମ୍ପର୍କରେ ସେ ଅବଗତ କରାଇବାକୁ ଚାହାନ୍ତି । କିନ୍ତୁ ତାଙ୍କ ପାଖରୁ ସେମାନଙ୍କ ପାଖକୁ ଯିବାର ପ୍ରକ୍ରିୟାରେ ଉକ୍ତ ସତ୍ୟ ଆପଣାର ଅବିମିଶ୍ର ଘନତ୍ୱ ପୂର୍ବବତ୍ ରଖିପାରେ ନାହିଁ ଓ ଅସଂସ୍କୃତ ମାନୁଷୀ ଅଜ୍ଞାନର ଅପମିଶ୍ରଣ ଫଳରେ ତାହା ବିକୃତ ହୋଇଯାଏ । ପ୍ରଥମ କଥା – ତାଙ୍କର ଅନୁଗାମୀ ଓ ଶିଷ୍ୟବୃନ୍ଦ ତାଙ୍କର ଉପଦେଶବାଣୀ ବୁଝିପାରନ୍ତି ନାହିଁ, ସେମାନଙ୍କ ଜୀବନରେ ତାହାକୁ ଅଭ୍ୟାସରେ ପରିଣତ କରିବାର ଚେଷ୍ଟା ତଦପେକ୍ଷା ବି ଆହୁରି କମ୍ । ତଥାପି ତାଙ୍କ ଜୀବଦ୍ଦଶା ଭିତରେ ତାଙ୍କ ବାଣୀ ଜୀବନ୍ତ ଶକ୍ତି ଭଳି କାର୍ଯ୍ୟ କରେ, କାହିଁକି ନା, ତାଙ୍କର ଉପଦେଶମାନ ଜୀବନ୍ତ ବ୍ୟକ୍ତି-ସ୍ୱରୂପ ଓ ଦୃଷ୍ଟାନ୍ତ ହୋଇ ରହିଥାଏ । ମାତ୍ର ତାଙ୍କର ତିରୋଧାନ ପରେ ପରେ, ଏପରିକି ଦେହାବସାନ ପୂର୍ବରୁହିଁ ତାଙ୍କର ଶିଷ୍ୟ ତଥା ଅନୁଗାମିବୃନ୍ଦ ମହାପୁରୁଷଙ୍କର ଜୀବନ୍ତ ଦୈବଦୃଷ୍ଟ ସତ୍ୟକୁ ଅନ୍ୟରୂପ ଦେବାକୁ ଲାଗିପଡ଼ନ୍ତି – ଏକ ବଦ୍ଧମୂଳ ଧର୍ମବିଶ୍ୱାସ, ଦୃଢ଼ପ୍ରତିଷ୍ଠ ଏକ ଧାରଣା ଓ ଶକ୍ତ ନିୟମ-ପଦ୍ଧତିରେ ତାକୁ ପରିଣତ କରନ୍ତି । ଏଇସବୁ ମାନସିକ ମତବାଦ ଓ ଉପଚାର ନିୟମ-ପଦ୍ଧତିରୁ ଆନ୍ତର ଆଧ୍ୟାତ୍ମିକ ସାରବସ୍ତୁ କ୍ରମଶଃ ଅନ୍ତର୍ହିତ ହୋଇଯାଏ ଏବଂ ବାହ୍ୟ ଉପଚାର-ଅନୁଷ୍ଠାନାଦି ଖାଲି ପଡ଼ି ରହେ । ଦେଖାଯାଇଛି : ପରେ ଏଇସବୁ ଅନ୍ତଃସାରଶୂନ୍ୟ ବାହ୍ୟ ଅନୁଷ୍ଠାନ ପଦ୍ଧତିକୁ ଏକ ଏକ କର୍ତ୍ତୃତ୍ୱପୂର୍ଣ୍ଣ ବିଧାନରୂପେ ଠିଆ କରାଇ ଦିଆଯାଇଛି, ଏଇସବୁ ପ୍ରତି ଅନୁଗାମୀମାନଙ୍କଠାରୁ ପ୍ରଶ୍ନାତୀତ ଆଜ୍ଞାବହତା ଦାବି କରାଯାଇଛି । ସେଇ ଧର୍ମର ମତବାଦ ଓ ଉତ୍ସବ-ଅନୁଷ୍ଠାନ ପ୍ରତି କ୍ରମଶଃ ଶକ୍ତ ଆନୁଗତ୍ୟକୁ ଚାପ ଦିଆଯାଏ ଏବଂ ଯଥାର୍ଥ ଆନ୍ତର ଅଧ୍ୟାତ୍ମ-ଜିଜ୍ଞାସା ଓ ଆସ୍ପୃହା ଅପେକ୍ଷା ଏଗୁଡ଼ିକହିଁ ଅଧିକରୁ ଅଧିକ ସ୍ଥାନ ଗ୍ରହଣ କରେ । ପୃଥିବୀପୃଷ୍ଠରେ ଯେଉଁସବୁ ଅଧ୍ୟାତ୍ମ ଦୈବ-ଅଭିପ୍ରକାଶ ଦେଖା ଦେଇଛି, ଏଠାରେ ତାକୁ ଆବିର୍ଭୂତ କରିଥିବା ବ୍ୟକ୍ତିଙ୍କୁ ଜଗଦ୍‌ବାସୀ ଅବତାର ବା ମହାତ୍ମା ବୋଲି ଯେତେ ଶ୍ରଦ୍ଧାସମ୍ମାନ ଜଣାଉଥିଲେ ବି ସେଇ ଆବିର୍ଭାବର ଭାଗ୍ୟର ଅବଶ୍ୟମ୍ଭାବୀ ପରିଣତି ଏଇଭଳି ହୋଇଥାଏ । ସେଇ ମହାନ୍ ବ୍ୟକ୍ତିଗଣ ଦିବ୍ୟ ଆଧ୍ୟାତ୍ମିକ ଅନ୍ତଃପ୍ରବାହାଦିର ଉତ୍ସମୁଖ, ଅଥଚ ଶୀଘ୍ର ହେଉ ବା ବିଳମ୍ବରେ ହେଉ ସେମାନଙ୍କର ଉପଲବ୍ଧିରୁ ବହିଆସୁଥିବା ସ୍ରୋତସ୍ୱିନୀମାନଙ୍କର ପଥ ମନୁଷ୍ୟ-ଜୀବନର ବାଲୁକାରାଜି ମଧ୍ୟରେ ରୁଦ୍ଧ ହୋଇଯାଏ କିଂବା ମଣିଷର ଅହଂକେନ୍ଦ୍ରିତ କର୍ଦ୍ଦମାକ୍ତ କଦାକାର ଗର୍ତ୍ତରେ କେଉଁଠି ବୁଡି ହଜିଯାଏ । ଶ୍ରୀମା ଏ ବିଷୟରେ ଏପରି କହିଛନ୍ତି : ''ଜଗତରେ ଯେତେ ଧର୍ମ ରହିଛି, ସେଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟି ଏଇ ଏକହିଁ କାହାଣୀକୁ

---

[୫] *Mother's Conversation* (9 - June 1929)

ବିବୃତ କରିଛନ୍ତି । ସେଇ ଧର୍ମସବୁର ଜନ୍ମର ଉପଲକ୍ଷ୍ୟ ଘଟିଥାଏ ଧରାଧାମକୁ ଆଗମନ କରିଥିବା ଜଣେ ଜଣେ ମହାନ୍ ଆଚାର୍ଯ୍ୟ ବା ଉପଦେଷ୍ଟାଙ୍କ ହେତୁ । ସେମାନେ ଆସନ୍ତି ଏବଂ ଦୈବ ଅଭିପ୍ରକାଶକୁ ସମସ୍ତଙ୍କର ପ୍ରତ୍ୟକ୍ଷକୁ ନେଇଆସନ୍ତି, ପୁଣି ସେ ସ୍ୱୟଂ ସେଇ ଦିବ୍ୟସତ୍ୟର ଅବତାର-ସ୍ୱରୂପ ମୂର୍ତ୍ତରୂପ ହୋଇଥା'ନ୍ତି । କିନ୍ତୁ ମନୁଷ୍ୟମାନେ ତା' ଉପରେ ଝାମ୍ପି ପଡ଼ନ୍ତି, ତାକୁ ନେଇ ବେପାର କରନ୍ତି, ଏବଂ ତାହାକୁ କେନ୍ଦ୍ର କରି ତାହାରି ଉପରେ ପ୍ରାୟଶଃ ରାଜନୈତିକ ପ୍ରତିଷ୍ଠାନ ଗଠନ କରିବାରେ ଲାଗିପଡ଼ନ୍ତି, ଉକ୍ତ ଧର୍ମକୁ ସେମାନେ ଏକ ରାଜନୈତିକ ପ୍ରତିଷ୍ଠାନ ଓ ତା'ର ଶାସନ-ଯୋଜନାର ଅସ୍ତ୍ରଶସ୍ତ୍ର ତଥା ବିଧାନଶୃଙ୍ଖଳା ଦ୍ୱାରା ସଜ୍ଜିତ କରନ୍ତି; ସେତିକି ନୁହେଁ – ବଦ୍ଧମୂଳ ଧାରଣା, ଧାର୍ମିକ ମତବାଦ, ତାହାର ରୀତି-ନୀତି, ତାହାର ଉତ୍ସବ ଅନୁଷ୍ଠାନ – ଏ ସମସ୍ତ ଦେଇ ସେଇ ଧର୍ମର ବିଶ୍ୱସ୍ତ ଅନୁଗାମୀମାନଙ୍କୁ ଆଣ୍ଠ କରି ବାନ୍ଧି ଦିଆଯାଏ, ପୂରାପୂରି ଚରମ ଓ ଅଲଂଘନୀୟ ଶୃଙ୍ଖଳ ଦେଇ । ରାଷ୍ଟ୍ର ଯେମିତି ବ୍ୟବହାର କରେ, ଏହି ଧର୍ମ ବି ତଦନୁରୂପ ତା'ର ବିଶ୍ୱସ୍ତ ଅନୁଗତଙ୍କୁ ପୁରସ୍କାରରେ ଭୂଷିତ କରେ, ଯେଉଁମାନେ ବିଦ୍ରୋହ କରନ୍ତି, ସେମାନଙ୍କୁ ଅବା ବିପଥଗାମୀ ବୋଲି ଯାହାକୁ ମନେକରେ, ସେଇମାନଙ୍କୁ ଦଣ୍ଡାଦେଶ କରେ – ବିରୋଧ ମତାବଲମ୍ବୀ ବା ବିଧର୍ମୀ ହୋଇଥିବା ହେତୁ ।''[୬]

ମନୁଷ୍ୟ-ପ୍ରକୃତି ଏପରି ଏକ ପ୍ରବଣତାକୁ ଆଦରି ନେଇଛି, ଯାହାକୁ କେବେହେଲେ ବି ଆଉ ସଂଶୋଧନ କରାଯାଇ ସଜାଡ଼ି ହେବନି, ସେଇଟି ହେଉଛି – ସବୁଧର୍ମର ମୂଳରେ ଥିବା ଆଧ୍ୟାତ୍ମିକ ସାରଭୂତ ସତ୍ୟ, ଆଉ ବିଶେଷ ନିର୍ଦ୍ଦିଷ୍ଟ ଧାରଣା, ଧର୍ମମତ, ସଂସ୍ଥା ବା ଚର୍ଚ୍ଚ ଭଳି ସ୍ୱୀକୃତ ପ୍ରତ୍ୟେକଟି ଐତିହାସିକ ଧର୍ମର ଜରିଆରେ ଚାପିଦିଆ ଯାଉଥିବା ଅନ୍ଧବିଶ୍ୱାସ ଓ ଶକ୍ତ ମତବାଦ ଯାହା ନିଜର ବିଶ୍ୱାସକୁ ତଥା ଧର୍ମମତକୁହିଁ ପରମ ସତ୍ୟ ବୋଲି ଦାବି କରେ ଓ ଅପରର ଧର୍ମ ବିଶ୍ୱାସକୁ ନିକୃଷ୍ଟ ବା ମିଥ୍ୟା ବୋଲି ଅପବାଦ ଦେଇଥାଏ – ଏ ଦୁଇଟିରେ ଥିବା ପାର୍ଥକ୍ୟ ବୁଝିବାରେ ତାହା ଗଣ୍ଡଗୋଳ କରିପକାଏ । ଏଇ ଭ୍ରମାତ୍ମକ ପ୍ରବଣତାହିଁ ଯାବତୀୟ ସଂକୀର୍ଣ୍ଣ ସାମ୍ପ୍ରଦାୟିକତା ତଥା ଧର୍ମାନ୍ଧତା ପାଇଁ ଦାୟୀ ଯାହା ଶେଷରେ ପାରସ୍ପରିକ ଘୃଣା, ନିର୍ଯାତନା, ଅପରାଧ ଓ ପ୍ରଚଣ୍ଡ ଦ୍ୱନ୍ଦ୍ୱ ସଂଘାତରେ ପହଞ୍ଚେ – ଏସବୁ ନେଇ ମାନବଜାତିର ଧର୍ମ ଇତିହାସ ଉଚ୍ଛୁଳି ପଡ଼ିବା ଭଳି ଏକେବାରେ ଭରପୂର । ଏଇ ପ୍ରବଣତା ଧର୍ମଜଗତର ଏତେ ଗଭୀରତଳ ଯାଏଁ ବ୍ୟାପିଛି, ପୁଣି ଏତେ ତଳଯାଏଁ ବିଶ୍ୱ-ପ୍ରସାରିତ ହୋଇଯାଇଛି ଯେ ଅତିମାତ୍ରାରେ ସହନକ୍ଷମ ଧର୍ମ ବି ଏଇ ଭ୍ରାନ୍ତିରୁ ସମ୍ପୂର୍ଣ୍ଣଭାବେ ମୁକ୍ତ ବୋଲି କୁହାଯାଇ ପାରିବ ନାହିଁ ।

ଶ୍ରୀଅରବିନ୍ଦ ଯେପରି ଲକ୍ଷ୍ୟ କରିଛନ୍ତି : ''ଏ ପ୍ରକାର ପ୍ରମାଦ ପ୍ରତି ମାନବିକ ପ୍ରବଣତା ଏତେ ଶକ୍ତ ଯେ ଏମିତିକି ପ୍ରାଚୀନ ସହନଶୀଳ ପୌତ୍ତଳିକତାର (paganism) ମତବାଦ ବି ଧର୍ମ ଓ ନୀତିରକ୍ଷା ନାମରେ ସକ୍ରେଟିସ୍‌ଙ୍କୁ ନିଧନ କରିଛନ୍ତି, ଇସିସ୍ ଅବା ମିଥ୍ର ସମ୍ପ୍ରଦାୟର ଉପାସକଗଣଙ୍କୁ ବିଜାତୀୟ ଧର୍ମରେ ବିଶ୍ୱାସୀ ବୋଲି ଦୋଷ ଦେଇ ଯେତେ କମ୍ ହେଲେ ବି ନିର୍ଯାତିତ କରିଛନ୍ତି; ଏବଂ ପ୍ରାରମ୍ଭିକ କାଳର ଖ୍ରୀଷ୍ଟିଆନଙ୍କ ଆଚରିତ ଧର୍ମମତକୁ ଅପଘାତୀ ଓ ସମାଜ ବିରୋଧୀ ବୋଲି ଅପବାଦ ଦେଇ ସେମାନଙ୍କ ଉପରେ ଅତ୍ୟଧିକ ଅତ୍ୟାଚାର କରିଛନ୍ତି; ଏବଂ ଏମିତିକି ଏମାନଙ୍କଠାରୁ ମୂଳତଃ ସର୍ବାଧିକ ସହନଶୀଳ ହିନ୍ଦୁଧର୍ମ ତାହାର ଆଧ୍ୟାତ୍ମିକ ଉଦାରତା ତଥା ମାନସିକ ଉଜ୍ଜ୍ୱଳତା ସତ୍ତ୍ୱେ ଏକ ସମୟରେ ଅପେକ୍ଷାକୃତ ଅଳ୍ପ ହେଲେ ବି ପରସ୍ପର ମଧ୍ୟରେ ଜୁଗୁପ୍ସା ବିଦ୍ୱେଷ ନେଇ ଆସିଛି, କେବେ କେବେ ସାମୟିକ ଭାବେ କ୍ଷଣକାଳ ପାଇଁ ଅତ୍ୟାଚାର କରିବାକୁ ପଛେଇ ନାହିଁ – ବୌଦ୍ଧ, ଜୈନ, ଶୈବ ତଥା ବୈଷ୍ଣବମାନଙ୍କ ଉପରେ ।''[୭]

(କ୍ରମଶଃ)

(Religion in the New Age, ପୁସ୍ତକର *Social Philosophy of Sri Aurobindo* ପ୍ରବନ୍ଧରୁ ଗୃହୀତ)

ମର୍ମାନୁବାଦ : କୃଷ୍ଣା ଦେବୀ ୮

[୬] *Mother's Conversation* (9 - June 1929)

[୭] SABCL, Vol. 15, P. 165

## ବେଦରହସ୍ୟ - (ପୂର୍ବାର୍ଦ୍ଧ) : ଅଷ୍ଟାଦଶ ଅଧ୍ୟାୟ

# ମାନୁଷ ପିତୃଗଣ

## (୨)

ଶ୍ରୀଅରବିନ୍ଦ

ପିତୃଗଣଙ୍କ ଏହି ଧୀ ଓ ଏହାର ତମୋନାଶକ ଯମଜ ସନ୍ତାନମାନଙ୍କର ଏହିପରି ବର୍ଣ୍ଣନା ପରେ ବିଶ୍ୱାମିତ୍ର ଏହାର ପ୍ରଥମ ସୃଜନକାରୀ ପିତୃଗଣଙ୍କ କଥା ଏବଂ ସେମାନଙ୍କର ସେହି ମହାନ୍ ଜୟର କଥା କହିଛନ୍ତି ଯାହାଦ୍ୱାରା ସେମାନେ ''ଅନ୍ଧକାର ମଧ୍ୟରେ ଅବସ୍ଥିତ ସତ୍ୟକୁ ଅର୍ଥାତ୍ ସୂର୍ଯ୍ୟଙ୍କୁ'' ଆବିଷ୍କାର କରିଥିଲେ । ''ମର୍ତ୍ତ୍ୟମାନଙ୍କ ମଧ୍ୟରେ ଏପରି କେହି ନାହିଁ ଯିଏ ସେମାନଙ୍କୁ ଅର୍ଥାତ୍ ଗୋମାନଙ୍କ ନିମନ୍ତେ ସଂଗ୍ରାମରତ ଆମର ପ୍ରାଚୀନ ପିତୃଗଣଙ୍କୁ ନିନ୍ଦା କରିପାରେ (ଅଥବା, ଏହାର ଅର୍ଥ ମୋର ଯେପରି ମନେହୁଏ – ମର୍ତ୍ତ୍ୟତ୍ୱର ଏପରି କୌଣସି ଶକ୍ତି ନାହିଁ ଯାହା ସେମାନଙ୍କୁ ସୀମିତ ବା ବନ୍ଧ କରି ରଖିପାରେ), ସେମାନଙ୍କ ପାଇଁ ପରାକ୍ରମୀ ଇନ୍ଦ୍ର ତଥା ସଫଳକର୍ମୀ ଇନ୍ଦ୍ର ଦୁର୍ଗ ପରି ସୁରକ୍ଷିତ ଗୋବନ୍ଦିଶାଳାଗୁଡ଼ିକର ଦ୍ୱାରକୁ ଊର୍ଦ୍ଧ୍ୱ ଆଡ଼କୁ ଉନ୍ମୁକ୍ତ କରିଦେଲେ – ଏହା ସେହି ଊର୍ଦ୍ଧ୍ୱଲୋକ ଯେଉଁଠାରେ ମିତ୍ରରୂପୀ ଇନ୍ଦ୍ର ନିଜ ଅନ୍ୟ ମିତ୍ର, ଯୋଦ୍ଧା, ନବଗ୍ୱମାନଙ୍କ ସହିତ ଆଣ୍ଟେଇ ଆଣ୍ଟେଇ ଗୋମାନଙ୍କୁ ଅନୁସରଣ କରନ୍ତି । ଦଶଜଣ ନବଗ୍ୱଙ୍କ ସହିତ ଇନ୍ଦ୍ର ସେହି ସତ୍ୟକୁ (**ସତ୍ୟଂ ତଦ୍**) ଲାଭ କରିଥିଲେ, ଏପରିକି ଅନ୍ଧକାର ମଧ୍ୟରେ ଅବସ୍ଥିତ ସୂର୍ଯ୍ୟଙ୍କୁ ବି ପ୍ରାପ୍ତ ହୋଇଥିଲେ'' (ଋକ୍-୪-୫)[୧୧] । ଜ୍ୟୋତିର୍ମୟ ଗୋଯୂଥଙ୍କୁ ଜୟକରି ଆଣିବାର ଏବଂ ପ୍ରଚ୍ଛନ୍ନ ସୂର୍ଯ୍ୟଙ୍କୁ ଆବିଷ୍କାର କରିବାର ଏହି ଏକ ରୂପକଳ୍ପ ବେଦରେ ପ୍ରାୟଶଃ ଦେଖାଯାଏ; କିନ୍ତୁ ପରବର୍ତ୍ତୀ ଋକ୍‌ରେ ଯେଉଁ ଅନ୍ୟଦୁଇଟି ରୂପକଳ୍ପ ସହିତ ଏହା ସଂଶ୍ଳିଷ୍ଟ, ଯାହା ବୈଦିକ ସୂକ୍ତଗୁଡ଼ିକରେ ପୁନଃ ପୁନଃ ଦେଖାଯାଏ, ତାହା ହେଉଛି – ଗୋଚାରଣ ଭୂମି ବା କ୍ଷେତ୍ର ଏବଂ ଗୋ ମଧ୍ୟରେ ଥିବା ମଧୁ । ''ଗୋଚାରଣ ଭୂମିରେ ପଦ ଓ ଖୁରଯୁକ୍ତ[୧୨] ସମ୍ପଦସ୍ୱରୂପ ଉଜ୍ଜ୍ୱଳ ରୂପଧାରିଣୀଙ୍କୁ ଇନ୍ଦ୍ର ଦେଖିବାକୁ ପାଇଲେ ଯାହାଙ୍କ ମଧ୍ୟରେ ମଧୁ ସଂଚିତ ହୋଇ ରହିଥିଲା ।'' (ଋକ୍-୬)[୧୩] । ଉଜ୍ଜ୍ୱଳ ରୂପଧାରିଣୀ 'ଉସ୍ରିୟା'('ଉସ୍ରା' ମଧ୍ୟ) ଆଉ ଗୋଟିଏ ଶବ୍ଦ ଯାହା ଗୋ ଅର୍ଥ ପରି ରଶ୍ମି ଓ ଗାଭୀ ଦ୍ୱ୍ୟର୍ଥବୋଧକ ଏବଂ ବେଦରେ ଏହା 'ଗୋ'ର ପ୍ରତିଶବ୍ଦରୂପେ ବ୍ୟବହୃତ ହୋଇଛି । ଆମେ ଅନବରତ ଗାଭୀ ମଧ୍ୟରେ ସଞ୍ଚିତ ଘୃତ କଥା ଶୁଣିଥାଉ । ବାମଦେବଙ୍କ ଉକ୍ତି ଅନୁସାରେ ପଣିମାନେ ସେଠାରେ ଏହାକୁ ତିନି ଅଂଶରେ ବିଭକ୍ତ କରି ଲୁଚାଇ ରଖିଛନ୍ତି; କିନ୍ତୁ କେତେବେଳେ ଏହା ମଧୁଯୁକ୍ତ ଘୃତ ତ କେତେବେଳେ ପୁଣି କେବଳ ମଧୁ, **ମଧୁମଦ୍ ଘୃତମ୍** (୯।୮୬।୩୭) ଓ **ମଧୁ** । ଅନ୍ୟାନ୍ୟ ସୂକ୍ତରେ ଆମେ ଦେଖିଛୁ ଯେ ଗୋଜାତ ଘୃତ ଓ ସୋମଲତାର ରସ କେତେ ନିବିଡ଼ ଭାବରେ ପରସ୍ପର ସଂଯୁକ୍ତ ଏବଂ ବର୍ତ୍ତମାନ ଯେତେବେଳେ ଆମେ 'ଗୋ'ର ଅର୍ଥ ଯେ ପ୍ରକୃତରେ କ'ଣ ତାହା ନିଶ୍ଚିତ ଭାବରେ ଜାଣିପାରିଲୁ ସେତେବେଳେ ଏହି ଅଦ୍ଭୁତ ଓ ଅସଙ୍ଗତ ସଂଯୋଗଟି ସରଳ ଓ ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି । ଆଉମଧ୍ୟ ଘୃତର ଅର୍ଥ ଦୀପ୍ତି, ଏହା ଭାସ୍ୱର 'ଗୋ'ଠାରୁ ଭାସ୍ୱର ଦୁଗ୍ଧ; ଏବଂ ଦୀପ୍ତ ଚେତନା ମଧ୍ୟରେ ସଞ୍ଚିତ ହୋଇ ରହିଥିବା ଏହି ବସ୍ତୁ ହେଉଛି ମାନସିକତା ମଧ୍ୟରେ ସଚେତନ ଜ୍ଞାନର ରୂପାୟିତ ଆଲୋକ ଏବଂ ଗୋମୋଚନ ଫଳରେ ଏହା

[୧୧] **ନକିରେଷାଂ ନିନ୍ଦିତା ମର୍ତ୍ତ୍ୟେଷୁ ଅସ୍ମାକଂ ପିତରୋ ଗୋଷୁ ଯୋଧାଃ ।**
**ଇନ୍ଦ୍ର ଯେଷାଂ ଦୃଂହିତା ମହିନା ବାନୁଦ୍ ଗୋତ୍ରାଣି ସସୃଜେ ଦଂସନାବାନ୍ ॥**
**ସଖା ହ ଯତ୍ର ସଖିଭିର୍ନବଗ୍ୱୈରଭିଜ୍ଞ୍ୱା ସତ୍ୱଭିର୍ଗା ଅନୁଗ୍ମନ୍ ।**
**ସତ୍ୟଂ ତଦିନ୍ଦ୍ରୋ ଦଶଭିର୍ଦଶଗ୍ୱୈଃ ସୂର୍ୟଂ ବିବେଦ ତମସି କ୍ଷିୟନ୍ତମ୍ ॥** (ଋ-୩।୩୯।୪;୫)

[୧୨] **''ନମେ ଗୋଃ''** । 'ନମ' ନମ୍‌ଧାତୁରୁ ନିଷ୍ପନ୍ନ, ଯାହାର ଅର୍ଥ ଗତିକରିବା, ବିଚରଣ କରିବା । ଗ୍ରୀକ୍ ଭାଷାରେ 'ନେମୋ', ନମ୍ ଶବ୍ଦର ଅର୍ଥ କ୍ଷେତ୍ର, ଗୋଚାରଣ ଭୂମି, ଗ୍ରୀକ୍ ଭାଷାର ନମୋଜ୍ (Namos) ।

[୧୩] **ଇନ୍ଦ୍ରୋ ମଧୁ ସଂଭୃତମୁସ୍ରିୟାୟାଂ ପଦ୍ୱଦ୍ୱିବେଦ ଶଫବନ୍ନମେ ଗୋଃ ॥୬॥**

ମୁକ୍ତିଲାଭ କରେ : ସୋମ ହେଉଛି ଆହ୍ଲାଦ, ସୁଖ ଓ ଆନନ୍ଦ, ସତ୍ତାର ଦୀପ୍ତାବସ୍ଥାଠାରୁ ଏହା ଅବିଭାଜ୍ୟ; ବେଦର ବକ୍ତବ୍ୟ ଅନୁସାରେ ଆମ ମଧ୍ୟରେ ମାନସିକତାର ତିନି ସ୍ତର ଯେପରି ରହିଛି ଠିକ୍ ସେହିପରି ଘୃତର ତିନୋଟି ଭାଗ ରହିଛି, ଏଗୁଡ଼ିକ ସୂର୍ଯ୍ୟ, ଇନ୍ଦ୍ର ଓ ସୋମ ଏହି ତିନି ଦେବତାଙ୍କ ଉପରେ ନିର୍ଭରଶୀଳ, ଏବଂ ସୋମ ମଧ୍ୟ ତିନି ଅଂଶରେ ପର୍ବତର ତିନି ସ୍ତରରେ, **ତ୍ରିଷୁ ସାନୁଷୁ**, ଅର୍ପିତ ହୁଏ । ଏହି ତିନି ଦେବତାଙ୍କ ସ୍ୱଭାବ ପ୍ରତି ଲକ୍ଷ୍ୟ କରି ଆମେ କଳ୍ପନା କରିପାରିବା ଯେ ସୋମ ଇନ୍ଦ୍ରିୟଗତ ମାନସିକତାରୁ, ଇନ୍ଦ୍ର ପ୍ରତ୍ୟୁତ୍ପନ୍ନ କ୍ରିୟାଶୀଳ ମାନସିକତାରୁ ଏବଂ ସୂର୍ଯ୍ୟ ଶୁଦ୍ଧ-ବିବେଚନାଶୀଳ ମାନସିକତାରୁ ଦିବ୍ୟ ଆଲୋକକୁ ଉନ୍ମୁକ୍ତ କରନ୍ତି । ଗୋଚାରଣ-ଭୂମି ସମ୍ବନ୍ଧରେ ଯଦି କହିବାକୁ ହୁଏ ତେବେ ଏ ବିଷୟରେ ଆମେ ପୂର୍ବେ କହିସାରିଛୁ । ଏହା ସେହି କ୍ଷେତ୍ର ଯାହାକୁ ଇନ୍ଦ୍ର ନିଜ ଭାସ୍ୱର ସଖାମାନଙ୍କ ନିମନ୍ତେ ଦସ୍ୟୁମାନଙ୍କଠାରୁ ଜୟ କରିଥିଲେ ଏବଂ ଅତ୍ରି ଯାହା ମଧ୍ୟରେ ଯୋଦ୍ଧା ଅଗ୍ନିଙ୍କୁ ଓ ଜ୍ୟୋତିର୍ମୟ ଗୋମାନଙ୍କୁ ଏପରିକି ସେମାନଙ୍କ ମଧ୍ୟରୁ ଯେଉଁମାନେ ବୃଦ୍ଧା ହୋଇ ମଧ୍ୟ ପୁନର୍ବାର ତରୁଣୀ ହୋଇ ଉଠିଥିଲେ, ସେଇମାନଙ୍କୁ ଦେଖିଥିଲେ । ଦେବତାମାନେ ଯଜ୍ଞ-ଦ୍ୱାରା ମାନବର ଅନ୍ତଃପୁରୁଷକୁ ଯେଉଁ ଜ୍ୟୋତିର୍ମୟ ଧାମକୁ (କ୍ଷୟକୁ) ନେଇଯା'ନ୍ତି ଏହି କ୍ଷେତ୍ର ତା'ର ଅନ୍ୟ ଏକ ରୂପକଳ୍ପ ।

ତା'ପରେ ଏହି ରୂପକଗୁଡ଼ିକର ପ୍ରକୃତ ରହସ୍ୟାର୍ଥର ସୂଚନା ଦେବା ପାଇଁ ବିଶ୍ୱାମିତ୍ର ଅଗ୍ରସର ହୋଇଛନ୍ତି – "ଗୁହା ମଧ୍ୟରେ ନିହିତ ଓ ଜଳରାଶି ମଧ୍ୟରେ ସଂଗୁପ୍ତ ସେହି ଗୁହ୍ୟ ବସ୍ତୁକୁ ଦକ୍ଷିଣାବାନ୍ ନିଜ ଦକ୍ଷିଣ ହସ୍ତରେ (**ଦକ୍ଷିଣେ ଦକ୍ଷିଣାବାନ୍**) ଧାରଣ କରିଥିଲେ । ପୂର୍ଣ୍ଣରୂପେ ଜ୍ଞାତ ହୋଇ ସେ ଜ୍ୟୋତିଃକୁ ଅନ୍ଧକାରଠାରୁ ତାହାକୁ ପୃଥକ୍ କରନ୍ତୁ (**ଜ୍ୟୋତିଃ ବୃଣୀତ ତମସୋ ବିଜାନନ୍**), ଆମେ ଯେପରି ଅଶୁଭର ଉପସ୍ଥିତିଠାରୁ ଦୂରରେ ରହୁ" (ଋକ୍-୬-୭)[୧୪]। ଏହି ଦେବୀ ଦକ୍ଷିଣାଙ୍କ ସ୍ୱରୂପ ଜାଣିବା ପାଇଁ ଏଠାରେ ଏକ ସୂତ୍ର ମିଳୁଛି, କୌଣସି କୌଣସି ସୂକ୍ତରେ ଏହି ଦେବୀ ହେଉଛନ୍ତି ଉଷାଙ୍କର ଏକ ରୂପ ବା ଉପାଧି ଏବଂ ଅନ୍ୟ କେତେକ ସୂକ୍ତରେ ଏହି ଦେବୀ ଯଜ୍ଞରେ ନିବେଦିତ ସମସ୍ତ ହବିଃକୁ ସଂବିଭକ୍ତ କରୁଥିବାର ମନେହୁଏ; ଏହାଙ୍କର ଯଥାର୍ଥ ସନ୍ଧାନ ଏଠାରେ ମିଳେ । ଉଷା ହେଉଛନ୍ତି ଦିବ୍ୟଦୀପ୍ତି ଏବଂ ଦକ୍ଷିଣା ହେଉଛନ୍ତି ଏହି ଉଷାଙ୍କ ସହିତ ଆଗମନ କରୁଥିବା ବିଚାରଶୀଳ ଜ୍ଞାନ ଯାହା ମନରେ ଥିବା ଦିବ୍ୟଶକ୍ତିସ୍ୱରୂପ ଇନ୍ଦ୍ରଙ୍କୁ କାର୍ଯ୍ୟକ୍ଷମ କରାଏ, ଅର୍ଥାତ୍ ଯଥାର୍ଥ ସତ୍ୟକୁ ଜାଣିବା, ଅନ୍ଧକାରଠାରୁ ଆଲୋକକୁ, ଅନୃତଠାରୁ ସତ୍ୟକୁ, କୁଟିଳତାଠାରୁ ସରଳତାକୁ ପୃଥକ୍ କରିବାରେ ସମର୍ଥ ହେବା – **ବୃଣୀତ ବିଜାନନ୍** । ଇନ୍ଦ୍ରଙ୍କର ଦକ୍ଷିଣ ଓ ବାମହସ୍ତ ହେଲେ ଜ୍ଞାନମଧ୍ୟରେ ତାଙ୍କ କ୍ରିୟାର ଦୁଇ ଶକ୍ତି; କାରଣ ତାଙ୍କ ଦୁଇହସ୍ତ 'ଗଭସ୍ତି' ନାମରେ ଅଭିହିତ, ସାଧାରଣତଃ ଏହି ଶବ୍ଦର ଅର୍ଥ ସୂର୍ଯ୍ୟଙ୍କର ରଶ୍ମି, ତାଙ୍କ ଅଗ୍ରଭୁଜ ମଧ୍ୟ, ଏବଂ ସେ ଦୁହେଁ ତାଙ୍କର ବୋଧନଶୀଳ ଦୁଇଶକ୍ତି, ତାଙ୍କର ଦୁଇ ଉଜ୍ଜ୍ୱଳ ଅଶ୍ୱ (ହରୀ) ସହ ସମ୍ପର୍କିତ, ଯଥା – ଏହି ଅଶ୍ୱମାନେ ସୂର୍ଯ୍ୟଚକ୍ଷୁ (**ସୂର୍ଯ୍ୟ ଚକ୍ଷସା**) ଏବଂ ସୂର୍ଯ୍ୟଙ୍କର ବୋଧନଶୀଳ ଦୃଷ୍ଟିଶକ୍ତିଦ୍ୱୟ – **ସୂର୍ୟସ୍ୟ କେତୁଃ** – ବୋଲି ବର୍ଣ୍ଣିତ । ଦକ୍ଷିଣା ହେଉଛନ୍ତି ହସ୍ତସ୍ଥ ଶକ୍ତିର ଅଧିଷ୍ଠାତ୍ରୀ, ଦକ୍ଷିଣ, ତେଣୁ ଏହି ପଦର ଏକତ୍ର ଦ୍ୱିବିଧ ବ୍ୟବହାର ଆମେ ଦେଖୁ – **ଦକ୍ଷିଣେ ଦକ୍ଷିଣାବାନ୍** । ଏହି ବିଚାରବୁଦ୍ଧିହିଁ ଯଜ୍ଞର ଯଥାଯଥ କ୍ରିୟାରେ ଓ ନୈବେଦ୍ୟସମୂହର ଯଥାଯଥ ବିତରଣରେ ଅଧ୍ୟକ୍ଷତା କରନ୍ତି ଏବଂ ପଣିମାନଙ୍କ ପୁଞ୍ଜୀଭୂତ ଧନକୁ ନିଜ ଦକ୍ଷିଣ ହସ୍ତରେ ଦୃଢ଼ରୂପେ ଧାରଣ କରିବାକୁ ଏହାହିଁ ଇନ୍ଦ୍ରଙ୍କୁ ସମର୍ଥ କରାଏ । ଶେଷରେ ଆମକୁ କୁହାଯାଇଛି ଯେ ଆମ ପାଇଁ ଗୁହା ମଧ୍ୟରେ ରଖାଯାଇଥିବା ଏବଂ ସତ୍ତାରୂପକ ଆପଃ ମଧ୍ୟରେ ପ୍ରଚ୍ଛନ୍ନ ହୋଇ ରହିଥିବା ଏହି ଗୂଢ଼ ବସ୍ତୁଟି କ'ଣ, ଏହା ସେହି ଆପଃ ଯାହା ମଧ୍ୟରେ ପିତୃଗଣ ଦିବ୍ୟଧୀକୁ ସ୍ଥାପନ କରିବେ – **ଅପ୍‌ସୁ ଧିୟଂ ଦଧିଷେ** । ଏହା ସେହି ପ୍ରଚ୍ଛନ୍ନ ସୂର୍ଯ୍ୟ, ଆମ ଦିବ୍ୟ ଅସ୍ତିତ୍ୱର ଗୂଢ଼ ଜ୍ୟୋତିଃ, ଏହାକୁ ଆବିଷ୍କାର କରିବାକୁ ହେବ ଏବଂ ଅନ୍ଧକାର ମଧ୍ୟରେ ପ୍ରଚ୍ଛନ୍ନହୋଇ ରହିଥିବା ଏହାକୁ ଜ୍ଞାନ ଦ୍ୱାରା ବାହାରକୁ ଆଣିବାକୁ ହେବ । ଏହା ଯେ କୌଣସି ଭୌତିକ ଜ୍ୟୋତିଃ ନୁହେଁ ତାହା '**ବିଜାନନ୍**' ପଦର ବ୍ୟବହାରରୁ ଜଣାଯାଉଛି, କାରଣ ସମ୍ୟକ୍ ଜ୍ଞାନ ଦ୍ୱାରା ଏହା ପ୍ରାପ୍ତହେବ ଏବଂ ତା'ସହିତ ନୈତିକ ଫଳଲାଭ କରିବା ଦ୍ୱାରା ବି ଅର୍ଥାତ୍ ଆମେ ସମସ୍ତ ଅଶୁଭର ଉପସ୍ଥିତିଠାରୁ, '**ଦୁରିତାଦ୍**', ଯା'ର

[୧୪] **ଗୁହାହିତଂ ଗୁହ୍ୟଂ ଗୂଳ୍ହମପ୍‌ସୁ ହସ୍ତେ ଦଧେ ଦକ୍ଷିଣେ ଦକ୍ଷିଣାବାନ୍ ।।୬।।**
**ଜ୍ୟୋତିର୍ବୃଣୀତ ତମସୋ ବିଜାନନ୍ନାରେ ସ୍ୟାମ ଦୁରିତାଦଭୀକେ ।।୭।।**

ଆକ୍ଷରିକ ଅର୍ଥ ଭ୍ରାନ୍ତଗତି ବା ସ୍ଖଳନ, ତା'ଠାରୁ ଦୂରକୁ ଯାଇପାରିବା; ଯେପର୍ଯ୍ୟନ୍ତ ସୂର୍ଯ୍ୟଙ୍କୁ ଲାଭକରା ନ ଯାଇଛି ଓ ଦିବ୍ୟ ଉଷାର ଉଦୟ ନ ହୋଇଛି ସେପର୍ଯ୍ୟନ୍ତ ଆମେ ସତ୍ତାର ରାତ୍ରି ମଧ୍ୟରେ ଏହି ଅଶୁଭର ଅଧୀନସ୍ଥ ହୋଇ ବାସକରୁଥିବା ।

ଗୋଯୂଥ, ସୂର୍ଯ୍ୟ, ମଧୁମଦ୍ୟ, ଆଙ୍ଗିରସ ଉପାଖ୍ୟାନର ଯାବତୀୟ ଘଟଣା ଏବଂ ପିତୃଗଣଙ୍କର କର୍ମ, ଏହି ବିଷୟଗୁଡ଼ିକ ଯଦ୍ୟପି କର୍ମକାଣ୍ଡୀୟ ଅଥବା ପ୍ରକୃତିବାଦୀ ବ୍ୟାଖ୍ୟା ଦୃଷ୍ଟିରୁ ଅତ୍ୟନ୍ତ ଅସଂଗତଭାବେ ଯୋଡ଼ାତାଳି ପକାଇଲାଭଳି ଲାଗେ, ସୂକ୍ତଗୁଡ଼ିକର ଐତିହାସିକ ବା ଆର୍ଯ୍ୟ-ଦ୍ରାବିଡ଼ ମତଯୁକ୍ତ ବ୍ୟାଖ୍ୟା ଅତ୍ୟନ୍ତ ନୈରାଶ୍ୟଜନକଭାବେ ଅସମ୍ଭବ ବୋଲି ମନେହୁଏ, ତଥାପି ଯଦି ଥରେ ଏସବୁରେ ନିହିତ ମର୍ମାର୍ଥର ସନ୍ଧାନସୂତ୍ର ଆମକୁ ମିଳିଯାଏ ତେବେ ଏଗୁଡ଼ିକ ଅତ୍ୟନ୍ତ ସ୍ପଷ୍ଟ, ସୁସଂଲଗ୍ନ-ବୋଧ ହୋଇଯାନ୍ତି ଏବଂ ଗୋଟିଏ ଅନ୍ୟଟି ଉପରେ ଆଲୋକପାତ କରେ । ଆମେ ସେତେବେଳେ ପ୍ରତ୍ୟେକ ଋକ୍‌କୁ ତା'ର ସମଗ୍ର ଅର୍ଥ ଦେଇ ବୁଝୁ ଏବଂ ଅନ୍ୟ ଋକ୍ ସହ ଥିବା ତା'ର ସମ୍ପର୍କକୁ ମଧ୍ୟ ବୁଝିପାରୁ; ବେଦର ପ୍ରତ୍ୟେକ ଅସଂବଦ୍ଧ ପଂକ୍ତି, ପ୍ରତ୍ୟେକ ସୂକ୍ତ, ପ୍ରତ୍ୟେକ ବିକୀର୍ଣ୍ଣ ସଂକେତ ଅନିବାର୍ଯ୍ୟ-ରୂପେ ଏକ ସାଧାରଣ ସମଗ୍ରତାର ସମ୍ପତ୍ତିରେ ପର୍ଯ୍ୟବସିତ ହୁଏ । ସତ୍ୟର ଉଜ୍ଜ୍ୱଳ କିରଣରୂପକ ଗୋ-ମଧ୍ୟରେ ଆନନ୍ଦରୂପୀ ମଧୁ କିପରି ସଂଚିତ ହୋଇ ରହିଛି; ସେହି ଜ୍ୟୋତିଃର ପ୍ରଭୁ ତଥା ଉତ୍ସସ୍ୱରୂପ ସୂର୍ଯ୍ୟଙ୍କ ସହିତ ମଧୁବାହିନୀ ଗୋମାନଙ୍କ ସମ୍ପର୍କ ବା କ'ଣ, ଅନ୍ଧକାର ମଧ୍ୟସ୍ଥ ସୂର୍ଯ୍ୟଙ୍କ ଆବିଷ୍କାର, ଅଙ୍ଗିରସଗଣଙ୍କ ଦ୍ୱାରା ପଣିମାନଙ୍କଠାରୁ ଗୋ-ବିଜୟ ବା ପୁନରୁଦ୍ଧାର ବିଷୟ କାହିଁକି ସମ୍ପର୍କିତ; ଏହି ଉଦ୍ଧାରକୁ କାହିଁକି ସେହି ସତ୍ୟର ଆବିଷ୍କାର ବୋଲି କୁହାଯାଏ; ପଦ ଓ କ୍ଷୁରଯୁକ୍ତ ସମ୍ପଦ ଏବଂ ଗୋମାନଙ୍କର କ୍ଷେତ୍ର ଓ ଚାରଣଭୂମି ପ୍ରଭୃତି କହିଲେ କ'ଣ ବୁଝାଏ, ଏ ସମସ୍ତ ଆମେ ଜାଣିପାରୁ । ଆମେ ଆହୁରି ମଧ୍ୟ ବୁଝିବାକୁ ଆରମ୍ଭ କରୁ ଯେ ପଣିମାନଙ୍କର ଗୁହା କ'ଣ ଏବଂ 'ବଳ'ର ନିଜ ମଧ୍ୟରେ ଯାହା ପ୍ରଚ୍ଛନ୍ନ ଥିଲା ତାହା ମଧ୍ୟ ବୃତ୍ର କବଳରୁ ଇନ୍ଦ୍ରଙ୍କ ଦ୍ୱାରା ବିମୋଚିତ ହୋଇଥିବା ଜଳଧାରାମାନଙ୍କ ମଧ୍ୟରେ ବି ପ୍ରଚ୍ଛନ୍ନ ରହିଥିଲା ବୋଲି କାହିଁକି କୁହାଯାଇଛି; କାରଣ ଏହି ଜଳଧାରାମାନେ ହେଲେ ସପ୍ତନଦୀ ଯାହାକୁ ଅୟାସ୍ୟଙ୍କ ସପ୍ତଶୀର୍ଷୀ ସ୍ୱର୍ଗଜୟୀ ଧୀ ଅଧିକାର କରିଥିଲା; ଗୁହା ମଧ୍ୟରୁ ସୂର୍ଯ୍ୟଙ୍କୁ କାହିଁକି ଉଦ୍ଧାର କରାଯାଏ, ଏକ ସର୍ବ-ବିଚାରକ୍ଷମ ଜ୍ଞାନ ଦ୍ୱାରା ଅନ୍ଧକାରଠାରୁ ଜ୍ୟୋତିଃକୁ ପୃଥକ୍ ବା ଚୟନ କରାଯାଏ କାହିଁକି; ସରମା ଓ ଦକ୍ଷିଣା କିଏ ଏବଂ ଇନ୍ଦ୍ର ନିଜ ଦକ୍ଷିଣହସ୍ତରେ ଯେଉଁ କ୍ଷୁରଯୁକ୍ତ ସମ୍ପଦ ଧାରଣ କରନ୍ତି ତାହାର ଅର୍ଥ କ'ଣ, ଇତ୍ୟାଦି । ଆହୁରି ମଧ୍ୟ, ଏହିସବୁ ସିଦ୍ଧାନ୍ତରେ ଉପନୀତ ହେବା ପାଇଁ କଥାଗୁଡ଼ିକର କୌଣସି କଷ୍ଟକଳ୍ପିତ ଅର୍ଥ ବାହାର କରିବାକୁ ପଡ଼େନା, ସେଇ ଏକା ପଦକୁ ସାମୟିକ ସୁବିଧା ଅନୁସାରେ ବିଭିନ୍ନରୂପେ ବ୍ୟାଖ୍ୟା କରିବାକୁ ହୁଏନା କିଂବା କୌଣସି ପଂକ୍ତି ବା ପଦଗୁଚ୍ଛକୁ ବିଭିନ୍ନ ସୂକ୍ତରେ ବିଭିନ୍ନରୂପେ ଗ୍ରହଣ କରିବାକୁ ହୁଏନା ଅଥବା ଅସଂଲଗ୍ନତାକୁ ଯଥାର୍ଥ ବ୍ୟାଖ୍ୟାର ମାନଦଣ୍ଡ ହିସାବରେ ସ୍ୱୀକାର କରିବାକୁ ପଡ଼େନା; ବରଂ ଅନ୍ୟପକ୍ଷରେ ଆମର ଏହି ବ୍ୟାଖ୍ୟାରେ ଋକ୍‌ଗୁଡ଼ିକର ପଦ ଓ ଆକାର ମଧ୍ୟରେ ଆହୁରି ଅଧିକ ବିଶ୍ୱସ୍ତତା ରହେ ଏବଂ ବେଦର ସାଧାରଣ ଓ ବିଶଦ ଅର୍ଥ ନିରନ୍ତର ସ୍ୱଚ୍ଛ ଓ ପୂର୍ଣ୍ଣରୂପେ ପ୍ରକାଶିତ ହୁଏ ।

ସୁତରାଂ ଆମ ଦ୍ୱାରା ଆବିଷ୍କୃତ ଅର୍ଥକୁ ଅନ୍ୟସୂକ୍ତ-ମାନଙ୍କରେ ପ୍ରୟୋଗ କରିବାର ଯେଉଁ ଅଧିକାର ଆମକୁ ମିଳିଛି ସେହି ଅନୁସାରେ ଏହା ପରେ ମୁଁ ବସିଷ୍ଠଙ୍କ ୭।୭୬ ସୂକ୍ତକୁ ପରୀକ୍ଷା କରିବି, ଯଦିଓ ଏହା ବାହ୍ୟଦୃଷ୍ଟିରେ ପ୍ରାକୃତିକ ଉଷାର ଏକ ଆନନ୍ଦମୟ ବର୍ଣ୍ଣନା ବୋଲି ମନେହୁଏ । ସେ ଯାହା ବି ହେଉ, ଯେତେବେଳେ ଆମେ ଏହାକୁ ପରୀକ୍ଷା କରୁ ସେତେବେଳେ ଏହି ପ୍ରଥମ ଧାରଣା ଦୂର ହୋଇଯାଏ; ସେଠାରେ ଏକ ଗଭୀରତର ଅର୍ଥର ବ୍ୟଞ୍ଜନା ନିରନ୍ତର ଆମ ଆଖି ଆଗରେ ପ୍ରତିଭାତ ହୁଏ ଏବଂ ଆମକୁ ମିଳିଥିବା ଚାବିକୁ ଆମେ ଯେଉଁ ମୁହୂର୍ତ୍ତରେ ପ୍ରୟୋଗ କରୁ ସେତେବେଳେ ପ୍ରକୃତ ଅର୍ଥର ସଙ୍ଗତି ପ୍ରତ୍ୟକ୍ଷ ହୋଇଯାଏ । ଦେବତା ଓ ଅଙ୍ଗିରସମାନଙ୍କ ଦ୍ୱାରା ଯେଉଁ ପରମା ଉଷା ଆନୀତା ତାଙ୍କର ଜ୍ୟୋତିଃ ମଧ୍ୟରେ ସୂର୍ଯ୍ୟୋଦୟର ବର୍ଣ୍ଣନା ସହିତ ସୂକ୍ତଟିର ଆରମ୍ଭ । ''ବିଶ୍ୱପୁରୁଷ (ବୈଶ୍ୱାନର) ସବିତାଦେବ ଯେଉଁ ଜ୍ୟୋତିଃ ମଧ୍ୟକୁ ଉତ୍ତରଣ କରିଛନ୍ତି ତାହା ଅମୃତ ତଥା ସମଗ୍ର-ଜନ୍ମ-ସମ୍ବଳିତ, **ଜ୍ୟୋତିରମୃତଂ ବିଶ୍ୱଜନ୍ୟମ୍**; ଯଜ୍ଞ-କର୍ମ ଦ୍ୱାରା ଦେବତାମାନଙ୍କ ଚକ୍ଷୁ ଜନ୍ମଲାଭ କରୁଛି (ଅଥବା, ଦେବତାମାନଙ୍କ ସଂକଳ୍ପଶକ୍ତି ଦ୍ୱାରା ଦୃଷ୍ଟି ଜନ୍ମଲାଭ କରିଛି); ଉଷା ବିଶ୍ୱଭୁବନକୁ ବ୍ୟକ୍ତ କରିଛନ୍ତି (ଅଥବା, ଯାହାକିଛି ଜାତ ହୁଏ, ଅର୍ଥାତ୍ ସମଗ୍ର ଅସ୍ତିତ୍ୱ, **ବିଶ୍ୱଂ**

**ଭୁବନମ୍**, ସେ ଅଭିବ୍ୟକ୍ତ କରୁଛନ୍ତି)'' (ଋକ୍-୧)[୧୫] । ଏହି ଯେଉଁ ଅମୃତ ଜ୍ୟୋତିଃ, ଯାହାମଧ୍ୟକୁ ସୂର୍ଯ୍ୟ ଉତ୍ତରଣ କରନ୍ତି, ତାକୁ ଅନ୍ୟତ୍ର ସତ୍ୟଜ୍ୟୋତିଃ, **ଋତଂ ଜ୍ୟୋତିଃ**, ବୋଲି ମଧ୍ୟ କୁହାଯାଇଛି, ବେଦରେ ସତ୍ୟ ଓ ଅମୃତ ନିରନ୍ତର ଏକତ୍ର ସନ୍ନିବିଷ୍ଟ । ଏହି ଜ୍ଞାନଜ୍ୟୋତିଃ ହେଉଛି – ଅୟାସ୍ୟ ଯେତେବେଳେ ନିଜ ସତ୍ତାରେ ବିଶ୍ୱଜନୀନ, 'ବିଶ୍ୱଜନ୍ୟ', ହୋଇ ଉଠିଥିଲେ, ସେତେବେଳେ ସେ ଯେଉଁ ସପ୍ତଶୀର୍ଷୀ ଧୀ ଆବିଷ୍କାର କରିଥିଲେ, ସେଇ ଧୀ ଦ୍ୱାରା ଏଇ ଜ୍ୟୋତିଃ ପ୍ରଦତ୍ତ; ସେହି କାରଣରୁ ଏହି ଜ୍ୟୋତିଃକୁ ମଧ୍ୟ ବିଶ୍ୱଜନ୍ୟ କୁହାଯାଏ, କାରଣ ଏହା ଚତୁର୍ଥଲୋକର ଅନ୍ତର୍ଭୁକ୍ତ, ଅୟାସ୍ୟଙ୍କ ''**ତୁରିୟଂ ସ୍ୱିଦ୍**'', ଏହି ଲୋକରୁହିଁ ଅବଶିଷ୍ଟ ଅନ୍ୟ ସମସ୍ତ ଲୋକ ଜନ୍ମଲାଭ କରିଛନ୍ତି ଏବଂ ଏହାରି ସତ୍ୟରୁ ଅବଶିଷ୍ଟ ଅନ୍ୟ ସମସ୍ତ କିଛି ମିଥ୍ୟା ଓ କପଟତାର ସୀମିତ ପରିଚୟ ପରିହାରପୂର୍ବକ ସ୍ୱକୀୟ ବୃହତ୍ ବିଶ୍ୱାତ୍ମକତା ମଧ୍ୟରେ ବ୍ୟକ୍ତ ହୋଇଛନ୍ତି । ତେଣୁ ଏହାକୁ ଦେବଚକ୍ଷୁ ଓ ଦିବ୍ୟ ଉଷା ବୋଲି କୁହାଯାଏ ଯିଏ ସମଗ୍ର ଅସ୍ତିତ୍ୱକୁ ଅଭିବ୍ୟକ୍ତ କରନ୍ତି ।

ଏହି ଦିବ୍ୟଦୃଷ୍ଟିର ଜନ୍ମଫଳରେ ମନୁଷ୍ୟର ପଥ ସ୍ୱୟଂ ତା' ନିକଟରେ ପ୍ରକାଶିତ ହୁଏ ଏବଂ ଦେବଗଣଙ୍କ ଦିଗରେ ଅଥବା ଦେବାଭିମୁଖୀ ସେହିସବୁ ଯାତ୍ରା (ଦେବୟାନ) ମଧ୍ୟ ଅଭିବ୍ୟକ୍ତ ହୁଏ ଯାହା ଦିବ୍ୟ ଅସ୍ତିତ୍ୱର ଅନନ୍ତ ବ୍ୟାପ୍ତି ମଧ୍ୟକୁ ତାକୁ ନେଇଯାଏ । ''ମୋ ଦୃଷ୍ଟି ସମକ୍ଷରେ ଦେବଯାନଗୁଡ଼ିକ ଦୃଶ୍ୟ ହେଉଛନ୍ତି, ସେହିସବୁ ଯାତ୍ରା ସତ୍ୟନିୟମକୁ ଉଲ୍ଲଙ୍ଘନ କରେନା, ଏଗୁଡ଼ିକର ଗତିବିଧି ବସୁମାନଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଆମ ସମ୍ମୁଖରେ ଉଷାଚକ୍ଷୁ ଜନ୍ମଲାଭ କରିଛି ଏବଂ ସେ ଆମ ଗୃହରେ ଉପସ୍ଥିତା ହୋଇ ଆମ ଆଡ଼କୁ ଆସୁଛନ୍ତି''(୨)[୧୬] । ଅନ୍ତଃପୁରୁଷ ଆରୋହଣ କରୁଥିବା ସ୍ତରଗୁଡ଼ିକୁ ଏବଂ ତାଙ୍କ ବିଶ୍ରାମସ୍ଥଳକୁ ଯେପରି କ୍ଷେତ୍ର ବା ଧାମ ବୋଲି କୁହାଯାଏ ସେହିପରି ଯେଉଁ ଦେହ ଆତ୍ମାର ଆବାସସ୍ଥଳ ତାହାକୁ ବେଦରେ ନିରନ୍ତର ଗୃହରୂପେ ଚିତ୍ରଣ କରାଯାଏ । ପରମ ଧାମରେ ଉପନୀତ ହେବା ମନୁଷ୍ୟର ଗତି, ସେଥିପାଇଁ ତା'ର ପଥ ଏବଂ ଦେବଯାନଗୁଡ଼ିକ ଯେଉଁ ପଥକୁ ଲଙ୍ଘନ କରନ୍ତି ନାହିଁ ତାହା ଦେବତାମାନଙ୍କ କର୍ମ; ଜୀବନର ଦିବ୍ୟ ବିଧାନ ମଧ୍ୟକୁ ଆତ୍ମାକୁ ବିକଶିତ ହୋଇ ଉଠିବାକୁ ହେବ, ପଞ୍ଚମ ଋକ୍‌ରେ ଏହି ବାକ୍ୟାଂଶଟିର ପୁନରାବୃତ୍ତି ଘଟିଛି । ତା'ପରେ ଏପରି କୌତୂହଳଜନକ ରୂପକଳ୍ପ ଆମେ ଦେଖୁ ଯାହା ମେରୁପ୍ରଦେଶବିଷୟକ ତଥ୍ୟକୁ ସମର୍ଥନ କଲାପରି ଲାଗେ । ''ସୂର୍ଯ୍ୟୋଦୟର ପୂର୍ବେ ଏପରି ବହୁ ଦିବସ ଥିଲା (ଅଥବା, ସୂର୍ଯ୍ୟୋଦୟ ବେଳକୁ ଯାହା ପୁରୁଣା ହୋଇଯାଇଥିଲା), ଯା' ମଧ୍ୟରେ ସେତେବେଳେ ହେ ଉଷା, ତୁମେ ଏପରି ଦେଖାଯାଉଥିଲ ଯେପରି ତୁମେ ନିଜ ପ୍ରେମିକ ସମୀପରେ ବିଚରଣ କରୁଛ ଏବଂ (ଏଆଡ଼କୁ) ପୁନର୍ବାର ଆସୁ ନାହଁ''(୩)[୧୭] । ରାତ୍ରି ଦ୍ୱାରା ଅବ୍ୟାହତ ଅବ୍ୟବଚ୍ଛିନ୍ନ ଉଷାଗୁଡ଼ିକ ମେରୁପ୍ରଦେଶରେ ଯେପରି ଦୃଶ୍ୟମାନା ନିଶ୍ଚିତରୂପେ ଏହା ତାହାରି ଏକ ଚିତ୍ରଣ । ଏହି ଋକ୍ ମଧ୍ୟରୁ ଯେଉଁ ମନସ୍ତାତ୍ତ୍ୱିକ ଅର୍ଥ ପ୍ରକଟ ହୁଏ ତାହା ସୁସ୍ପଷ୍ଟ ।

ଏଗୁଡ଼ିକ କେଉଁ ଉଷା ? ଏମାନେ ପ୍ରାଚୀନ ପିତୃପୁରୁଷ ଅଙ୍ଗିରସମାନଙ୍କ କର୍ମ ଦ୍ୱାରା ସୃଷ୍ଟ ହୋଇଥିଲେ । ''ଏମାନେ ନିଶ୍ଚୟ ଦେବତାମାନଙ୍କ ସହିତ (ସୋମର) ଆନନ୍ଦ ଲାଭ କରିଥିଲେ ।[୧୮] ପ୍ରାଚୀନକାଳର ଏହି ଋଷିବୃନ୍ଦ, ପିତୃଗଣ, ସତ୍ୟକୁ ଧାରଣ କରିଥିଲେ, ଏମାନେ ଗୂଢ଼ ଜ୍ୟୋତିଃ ଲାଭ କରିଥିଲେ, ଏମାନେ 'ଧୀ'ର (ସତ୍ୟମନ୍ତ୍ରାଃ – ଅନ୍ତଃ ପ୍ରେରିତ ବାକ୍ ମଧ୍ୟରେ ପ୍ରକଟିତ ସତ୍ୟଧୀ) ଅଧିକାରୀ ହୋଇ ଉଷାଙ୍କୁ

---

[୧୫] **ଉଦୁ ଜ୍ୟୋତିରମୃତଂ ବିଶ୍ୱଜନ୍ୟଂ ବିଶ୍ୱାନରଃ ସବିତା ଦେବୋ ଅଶ୍ରେତ୍ ।**
**କ୍ରତ୍ୱା ଦେବାନାମଜନିଷ୍ଟ ଚକ୍ଷୁରାବିରକର୍ଭୁବନଂ ବିଶ୍ୱମୁଷାଃ ।।** (ଋ. ୭।୭୬।୧)

[୧୬] **ପ୍ର ମେ ପନ୍ଥା ଦେବୟାନା ଅଦୃଶ୍ରନ୍ନମର୍ଧନ୍ତୋ ବସୁଭିରିସ୍କୃତାସଃ ।**
**ଅଭୂଦୁ କେତୁରୁଷସଃ ପୁରସ୍ତାତ୍ ପ୍ରତୀଚ୍ୟାଗାଦଧି ହର୍ମ୍ୟେଭ୍ୟଃ ।।** (ଋ-୭।୭୬।୨)

[୧୭] **ତାନୀଦହାନି ବହୁଳାନ୍ୟାସନ୍ ଯା ପ୍ରାଚୀନମୁଦିତା ସୂର୍ଯ୍ୟସ୍ୟ ।**
**ଯତଃ ପରି ଜାର ଇବାଚରନ୍ତ୍ୟୁଷୋ ଦଦୃକ୍ଷେ ନ ପୁନର୍ଯତୀବ ।।** (ଋ-୭।୭୬।୩)

[୧୮] ମୁଁ ଏଠାରେ ''ସାଧମାଦ'' ପଦଟିକୁ ବୈକଳ୍ପିକଭାବେ ପାରମ୍ପରିକ ଅର୍ଥରେ ଗ୍ରହଣ କରୁଛି, ଯଦିଓ ତାହା ଯେ ଠିକ୍ ଅର୍ଥ, ସେ ବିଷୟରେ ମୁଁ ନିଶ୍ଚିତ ନୁହେଁ ।

ଜନ୍ମ ଦେଇଥିଲେ''(୪)[୧୯] । ତା'ପରେ ପ୍ରଶ୍ନ ଉଠେ ଏହି ଉଷା, ପଥ, ଦେବଯାନ ପ୍ରଭୃତି ପିତୃଗଣଙ୍କୁ କେଉଁଠାକୁ ନେଇଥିଲେ ? ସମାନ ବ୍ୟାପ୍ତି ମଧ୍ୟକୁ (**ସମାନେ ଉର୍ବେ**) ନେଇଥିଲେ, ଏହାକୁ ଅନ୍ୟତ୍ର ଅବାଧ ବୃହତ୍ ବୋଲି କୁହାଯାଇଛି, **ଉରୌ ଅନିବାଧେ**, ଏହା ସେହି ପ୍ରଶସ୍ତ ସତ୍ତା ବା ଜଗତ୍; ବୃତ୍ରକୁ ବଧକରି ସେମାନେ ଯେତେବେଳେ ଦ୍ୟୌ ଓ ପୃଥିବୀର ଅତୀତ ଧାମ ମଧ୍ୟକୁ ପ୍ରସ୍ଥାନ କରନ୍ତି ସେସମୟରେ ମନୁଷ୍ୟମାନେ ଏହାକୁ ସୃଷ୍ଟି କରନ୍ତି; ଏହାହିଁ ବୃହତ୍ ସତ୍ୟ ଏବଂ ଅଦିତିଙ୍କ ଅନନ୍ତ ସତ୍ତା ବୋଲି ଋଷି କଣ୍ୱ କହୁଛନ୍ତି । ''ସେମାନେ ବ୍ୟାପ୍ତି ମଧ୍ୟରେ ମିଳିତ ହୁଅନ୍ତି ଓ ସେମାନଙ୍କ ଜ୍ଞାନକୁ ଏକତ୍ର ସଙ୍ଗତିଯୁକ୍ତ କରନ୍ତି (ଅଥବା, ଉତ୍ତମରୂପେ ଜାଣନ୍ତି), ପରସ୍ପର ମଧ୍ୟରେ ଅସଂଗତି ଆଣନ୍ତି ନାହିଁ, ସେମାନେ ଦେବତାମାନଙ୍କ କର୍ମକୁ କ୍ଷୁଣ୍ଣ କରନ୍ତି ନାହିଁ (ସୀମିତ କରନ୍ତି ନାହିଁ ବା ବିଘ୍ନ ଘଟାନ୍ତି ନାହିଁ) । ସେମାନଙ୍କୁ ଉଲ୍ଲଘଂନ ନ କରି (ବସୁଗଣଙ୍କ ସାହାଯ୍ୟରେ) ସେମାନେ (ନିଜ) ଲକ୍ଷ୍ୟ ଦିଗରେ ଆଗେଇ ଚାଲନ୍ତି''(୫)[୨୦] । ଏହା ସ୍ପଷ୍ଟ ଯେ ସପ୍ତ ଅଙ୍ଗିରସ ମାନବ ବା ଦିବ୍ୟ ଯାହା ହୁଅନ୍ତୁ, ସେମାନେ 'ଜ୍ଞାନ'ର, 'ଧୀ'ର ବା 'ବାକ୍' ସମ୍ବନ୍ଧିତ ବିଭିନ୍ନ ତତ୍ତ୍ୱର ପ୍ରତୀକ – ସେମାନେ ସପ୍ତଶୀର୍ଷୀ ଧୀ, ବୃହସ୍ପତିଙ୍କ ସପ୍ତମୁଖୀ ବାଣୀ ଏବଂ ସମାନ ବ୍ୟାପ୍ତିରେ, ଏକ ବିଶ୍ୱବ୍ୟାପୀ ଜ୍ଞାନରେ ଏମାନେ ସୁସଙ୍ଗତ । ଯେଉଁ ପ୍ରମାଦ, କୁଟିଳତା, ଅନୃତ ଆଦି ଦ୍ୱାରା ମନୁଷ୍ୟମାନେ ଦେବଗଣଙ୍କ କ୍ରିୟାକୁ ଲଘଂନ କରନ୍ତି ଏବଂ ଏହାରି ଦ୍ୱାରା ସେମାନଙ୍କ ସତ୍ତାଗତ ଚେତନା ଓ ଜ୍ଞାନର ବିଭିନ୍ନ ତତ୍ତ୍ୱ ପରସ୍ପର ଯେପରି ଅଜ୍ଞାନ-ସଂଘର୍ଷକୁ ପଶି ଜଡ଼ିଯା'ନ୍ତି, ସେସବୁ ଦିବ୍ୟ ଉଷାଙ୍କ ଚକ୍ଷୁ ବା ଦୃଷ୍ଟି ଦ୍ୱାରା ଅପସୃତ ହୋଇଯାଏ ।

ଏହି ଦିବ୍ୟ ତଥା ଆନନ୍ଦମୟୀ ଉଷାଙ୍କ ପ୍ରତି ବସିଷ୍ଠଗଣଙ୍କ ଆସ୍ପୃହା ସହିତ ସୂକ୍ତସମାପ୍ତି ଘଟିଛି । ସେଥିରେ ଉଷାଙ୍କୁ ଯୂଥଗୁଡ଼ିକର ନେତ୍ରୀ, ଋଦ୍ଧିର ପତ୍ନୀ (**ବାଜପତ୍ନୀ**) ଏବଂ ସୁଖ ଓ ସୂନୃତଗୁଡ଼ିକର (**ସୂନୃତାନାମ୍**)[୨୧] ସମ୍ପାଦୟିତ୍ରୀ ବୋଲି କୁହାଯାଇଛି । ଆଦ୍ୟ ଋଷି ପିତୃଗଣ ଯେଉଁ ସିଦ୍ଧି କାମନା କରିଥିଲେ ଏମାନେ ମଧ୍ୟ ସେହିଭଳି ସିଦ୍ଧି ଲାଭ କରିବାକୁ କାମନା କରନ୍ତି ଏବଂ ସେସବୁଥିରୁ ଦେଖାଯାଏ ଯେ ସେମାନେ ଦିବ୍ୟ ଅଙ୍ଗିରସ ନୁହନ୍ତି ବରଂ ମାନୁଷ ଅଙ୍ଗିରସ । ସେ ଯା'ହେଉ ଅଙ୍ଗିରସଗଣଙ୍କ କଥାନକର ପୁଙ୍ଖାନୁପୁଙ୍ଖ ସମସ୍ତ ଅର୍ଥ ସାବ୍ୟସ୍ତ ହେଲା, କିନ୍ତୁ ପଣିଗଣ ତଥା ଶୁନୀ ସରମା ନିର୍ଦ୍ଦିଷ୍ଟରୂପେ କ'ଣ ତାହାରି ଉପସ୍ଥାପନା ବାକି ଅଛି । ସେଥିପାଇଁ ବର୍ତ୍ତମାନ ଚତୁର୍ଥମଣ୍ଡଳର ପ୍ରଥମ କେତେକ ସୂକ୍ତର ଆଲୋଚନା କରିବା ଦିଗରେ ମୁଖ ଫେରାଇବା ଯେଉଁଠାରେ କି ମାନୁଷ ପିତୃଗଣଙ୍କ ବିଷୟ ସ୍ପଷ୍ଟଭାବେ କୁହାଯାଇଛି ଏବଂ ସେମାନଙ୍କ ସିଦ୍ଧି ବିଷୟରେ ବର୍ଣ୍ଣନା କରାଯାଇଛି । ଆଙ୍ଗିରସ ଉପାଖ୍ୟାନର ଏହି ଦିଗଟି ସମ୍ବନ୍ଧରେ ବାମଦେବଙ୍କ ଏହି ସୂକ୍ତଗୁଡ଼ିକ ସର୍ବାପେକ୍ଷା ଅଧିକ ଆଲୋକପାତ କରନ୍ତି ଏବଂ ଏହା ଗୁରୁତ୍ୱପୂର୍ଣ୍ଣ ମଧ୍ୟ । ଏଣୁ ଋଗ୍‌ବେଦ ମଧ୍ୟରେ ଅତ୍ୟନ୍ତ ଚିତ୍ତାକର୍ଷକ ସୂକ୍ତମାନଙ୍କ ମଧ୍ୟରେ ଏଗୁଡ଼ିକ ସ୍ୱୟଂ ଗଣ୍ୟ ।

[ଶ୍ରୀଅରବିନ୍ଦଙ୍କ 'The Secret of the Veda' ଗ୍ରନ୍ଥର ଅଷ୍ଟାଦଶ ଅଧ୍ୟାୟ ''The Human Fathers''ର ଓଡ଼ିଆ ଅନୁବାଦ ।

ଶ୍ରୀ ଚକ୍ରଧର ଦାଶଙ୍କ ଦ୍ୱାରା ଅନୂଦିତ, ସର୍ବଶ୍ରୀ ନିମାଇ ଚରଣ ମହାପାତ୍ର, କୃଷ୍ଣାଦେବୀ ଓ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ] <

---

[୧୯] ତ ଇଦ୍ଦେବାନାଂ ସଧମାଦ ଆସନ୍ନୃତାବାନଃ କବୟଃ ପୂର୍ବ୍ୟାସଃ ।
ଗୂଳ୍‌ହଂ ଜ୍ୟୋତିଃ ପିତରୋ ଅନ୍ୱବିନ୍ଦନ୍ତ୍ସତ୍ୟମନ୍ତ୍ରା ଜନୟନ୍ନୁଷାସମ୍ ।। (ଋ-୭।୭୬।୪)

[୨୦] ସମାନ ଉର୍ବେ ଅଧି ସଂଗତାସଃ ସଂ ଜାନତେ ନ ଯତନ୍ତେ ମିଥସ୍ତେ ।
ତେ ଦେବାନାଂ ନ ମିନନ୍ତି ବ୍ରତାନ୍ୟମର୍ଧନ୍ତୋ ବସୁଭିର୍ଯାଦମାନାଃ ।। (ଋ-୭।୭୬।୫)

[୨୧] ପ୍ରତି ତ୍ୱା ସ୍ତୋମୈରୀଳତେ ବସିଷ୍ଠା ଉଷର୍ବୁଧଃ ସୁଭଗେ ତୁଷ୍ଟୁବାଂସଃ ।
ଗବାଂ ନେତ୍ରୀ ବାଜପତ୍ନୀ ନ ଉଚ୍ଛୋଷଃ ସୁଜାତେ ପ୍ରଥମା ଜରସ୍ୱ ।।
ଏଷା ନେତ୍ରୀ ରାଧସଃ ସ୍ୱନୃତାନାମୁଷା ଉଚ୍ଛନ୍ତୀ ରିଭ୍ୟତେ ବସିଷ୍ଠୈଃ । (ଋ-୭।୭୬।୬-୭)

# କିମାଶ୍ଚର୍ଯ୍ୟମ୍

## (ଏକ ସୁଧୀ ସମାବେଶରେ ପ୍ରଶ୍ନୋତ୍ତର ଲିପି)

**ଶ୍ରୀ ମନୋଜ ଦାସ**

***ପ୍ରଶ୍ନ :*** *ପ୍ରଶ୍ନଟି ମୋର ତାତ୍ତ୍ୱିକ ନୁହେଁ, ଅତି ସାଧାରଣ । ମୃତ୍ୟୁ ଅନିବାର୍ଯ୍ୟ, ମଣିଷ ଏକଥା ମନେରଖିଲେ ଦୁଷ୍କର୍ମରୁ ବିରତ ହୁଅନ୍ତା । ସେ କାହିଁକି ତାହା ମନେରଖେନା ? ଆଚ୍ଛା, ମୃତ୍ୟୁଭୟରୁ ମୁକ୍ତ ରହିବାର ଉପାୟ କ'ଣ ?*

ମୃତ୍ୟୁ ଅନିବାର୍ଯ୍ୟ, ଯଦି ମଣିଷ ଏତିକି ମନେରଖି ଦୁଷ୍କର୍ମରୁ ବିରତ ରହନ୍ତା, ତେବେ ମନ୍ଦ ହୁଅନ୍ତା ନାହିଁ । କିନ୍ତୁ ତା'ହେଲେ ସେ କର୍ମରୁ ମଧ୍ୟ ବିରତ ରହିବାକୁ ସ୍ଥିର କରିପାରେ । ଅନିବାର୍ଯ୍ୟ ମୃତ୍ୟୁ ଯେକୌଣସି ମୁହୂର୍ତ୍ତରେ ତାକୁ ଚିରସ୍ତବ୍ଧ କରିଦେବ, ଏ ଚିନ୍ତା ତାକୁ ସତ୍‌କର୍ମ ପ୍ରତି ମଧ୍ୟ ଉଦାସୀନ କରି ଦେଇପାରେ ।

କିନ୍ତୁ କର୍ମହିଁ ଏ ଜୀବନର ପ୍ରମାଣ; ସୃଷ୍ଟି ବିଧାତାର କର୍ମ-ବିଶେଷ । ସମଗ୍ର ପୃଥିବୀ ଅବିରତ କର୍ମରତ । ପୃଥିବୀ ସୂର୍ଯ୍ୟ-ପ୍ରଦକ୍ଷିଣରୁ ବିରତ ହୁଏନା; ଉଦ୍ଦାମ ଲହରୀ ଖେଳାଇ ସମୁଦ୍ର ତା'ର ସ୍ଥିତି ସାବ୍ୟସ୍ତ କରୁଥାଏ । ଋତୁ ସମାହାର, ବାରିପାତ, ଭୂମିରୁ ଆମ ପ୍ରାଣର ଆଧାର ଫସଲର ଉଦ୍‌ଭବ – ନିୟତ କର୍ମରତ ବିଶ୍ୱ ତଥା ମହାଜାଗତିକ ସୃଷ୍ଟିର ଏସବୁ ଏକ ଏକ ଦିଗ ।

ଏହି କର୍ମ ମାଧ୍ୟମରେ ହୁଏ ଆମ ଚେତନାର ଅଗ୍ରଗତି । ଏହାର ଅର୍ଥ ନୁହେଁ ଯେ କର୍ମ-ବିରତ ଏକାଗ୍ରତା, ଧ୍ୟାନ, ନିଦ୍ରା, ଏସବୁର ଭୂମିକା ଆମ ଚେତନାର ଅଗ୍ରଗତି ଦିଗରେ ଗୌଣ । ଟିକିଏ ପର୍ଯ୍ୟାଲୋଚନା କଲେ ଆମେ ଦେଖିବା ସେଭଳି କର୍ମବିରତ ଅବସ୍ଥା ମଧ୍ୟ କର୍ମ । ଏକାଗ୍ରତା ବା ଧ୍ୟାନ ସକାଶେ ପ୍ରଯତ୍ନ କରିବାକୁ ହୁଏ । ତେବେ ସେ ପ୍ରସଙ୍ଗ ଥାଉ । ସବୁ ସାଧାରଣ ମଣିଷଙ୍କୁ ସାଧାରଣ କର୍ମ କରିବାକୁ ହୋଇଥାଏ । ସେସବୁ କର୍ମ ସମାହିତ ହେବା ଭିତରେ ଅଥବା ପରିଣତିରେ ଆଣିଥାଏ ସଫଳତା-ବିଫଳତା, ଜୟ-ପରାଜୟ, ସୁଖ-ଦୁଃଖ, ଗୌରବ-ଗ୍ଲାନି, ଏଭଳି ନାନାଦି ଅଭିଜ୍ଞତା । ଏହି ଅଭିଜ୍ଞତାର କ୍ରମାଗତ ସଞ୍ଚୟ ଆମ ଚେତନାର ପରିପକ୍ୱତା ଦିଗରେ ସହାୟକ । ମୃତ୍ୟୁଭୟ ଯୋଗୁଁ ଆମେ ନିଷ୍କର୍ମ ହୋଇଗଲେ ଏହି ଜନ୍ମଜନ୍ମାନ୍ତର-ନିର୍ଭର ପ୍ରଗତି ବାଧାପ୍ରାପ୍ତ ହେବ ।

ଯିଏ ଆତ୍ମା-ସଚେତନ, ସିଏ ନିଜକୁ ଅମର ବୋଲି ଜାଣେ । ସେ ମୃତ୍ୟୁ-ସଚେତନ ମଧ୍ୟ । କିନ୍ତୁ ମୃତ୍ୟୁର ସଂଜ୍ଞା ତା' ପାଇଁ ଭିନ୍ନ । ନିୟତ ମୃତ୍ୟୁ-ସଚେତନ ରହିଥିଲେ ମଧ୍ୟ ତା'ର କର୍ମଧାରାରେ କୌଣସି ବୈଷମ୍ୟ ବା ବ୍ୟତିକ୍ରମ ଦେଖାଦିଏନା । କିନ୍ତୁ ଅଜ୍ଞାନ କ୍ଷେତ୍ରରେ ମୃତ୍ୟୁ-ସଚେତନତା ସାଧାରଣତଃ ଦୁଇ ବିଡ଼ମ୍ବନାରୂପେ ଦେଖାଦିଏ : ଭୟ ଏବଂ ଉଦାସୀନତା ବା କର୍ମବୀତସ୍ପୃହା । ଏହା ନିଶ୍ଚୟ କୌଣସି ମଣିଷର ଜୀବନଯାତ୍ରା ପାଇଁ ଶୁଭଙ୍କର ନୁହେଁ ।

ତେଣୁ ପ୍ରକୃତି ଏମିତି କୌଶଳ କରିଛି, ଜଣେ ଅହରହ ନିଜ ଚତୁର୍ଦ୍ଦିଗରେ ମୃତ୍ୟୁର କରାମତିର ସାକ୍ଷୀ ହେବା ସତ୍ତ୍ୱେ ନିଜ ଅନିବାର୍ଯ୍ୟ ଅନ୍ତ ସମ୍ପର୍କରେ ଚିନ୍ତା କରେ ନାହିଁ । ସେଇଟା ସତେ ଅବା ସୁଦୂର ଭବିଷ୍ୟତରେ କେବେ ଘଟିଲେ ଘଟିପାରେ ! 'ମହାଭାରତ'ରେ ଯକ୍ଷ ପ୍ରଶ୍ନର ଉତ୍ତର ଦେଇ ଯୁଧିଷ୍ଠିର ଏହାକୁ ''କିମାଶ୍ଚର୍ଯ୍ୟମତଃପର'' ବୋଲି କହିବାର ହଜାର ହଜାର ବର୍ଷ ପରେ ମଧ୍ୟ, ପୁରୁଷ-ପୁରୁଷ ଧରି ଆମେ ଏହା ପଢ଼ିବା ଅଥବା ଶୁଣିବା ସତ୍ତ୍ୱେ ବ୍ୟାପାରଟି ଅଦ୍ୟାବିଧି 'କିମାଶ୍ଚର୍ଯ୍ୟମ୍' ହୋଇ ରହିଛି ।

କେତେବର୍ଷ ତଳେ କୌଣସି ଏକ ନିବନ୍ଧରେ ଏହି ମାନସିକତାର ଗୋଟାଏ ସାଂପ୍ରତିକ ଦୃଷ୍ଟାନ୍ତ ଦେଇଥିଲି ବୋଲି ମନେ ପଡୁଛି । ବିଂଶ ଶତାବ୍ଦୀର ଜଣେ ଦୀର୍ଘସ୍ଥାୟୀ ଡିକ୍‌ଟେଟର୍ ଅବଶେଷରେ, ଅତ୍ୟନ୍ତ ପରିଣତ ବୟସରେ, ମୃତ୍ୟୁ ଶଯ୍ୟାରେ ଶାୟିତ । ଡାକ୍ତର ଘୋଷଣା କରିସାରିଲେଣି, ଯେକୌଣସି ମୁହୂର୍ତ୍ତରେ ସେ ଚିରବିଦାୟ ନେବେ ।

ଡିକ୍‌ଟେଟର୍ ମହୋଦୟଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟଗଣ ପାର୍ଶ୍ୱବର୍ତ୍ତୀ କୋଠରିରେ ସମବେତ ହୋଇ ଅପେକ୍ଷା କରିଛନ୍ତି । ଡିକ୍‌ଟେଟର୍ ସଂଜ୍ଞାହତ ଅବସ୍ଥାରେ । ତେବେ ମଧ୍ୟେ ମଧ୍ୟେ ଚେତା ଫେରିଆସେ ମୁହୂର୍ତ୍ତକ ପାଇଁ ।

ସେମିତି ଥରେ ଚେତା ଫେରିଆସିଥିବାବେଳେ ସେ

ତାଙ୍କ ଡାକ୍ତରଙ୍କୁ ପ୍ରଶ୍ନ କଲେ, ''ପାଖ କୋଠରିରେ ଗୁଡ଼ାଏ ମଣିଷ ଗପସପ ହେଉଥିବାର ଶୁଣିପାରୁଛି । କିଏ ସେମାନେ ?''

''ଆଜ୍ଞା, ସେମାନେ ଆପଣଙ୍କ ମନ୍ତ୍ରିବୃନ୍ଦ ।'' ଡାକ୍ତର ଜଣାଇଲେ ।

''ମନ୍ତ୍ରିବୃନ୍ଦ ? ସେମାନେ ସେଠି ବସି କ'ଣ କରୁଛନ୍ତି ?''

ଟିକିଏ ଦୋଦୋପାଞ୍ଚ ହୋଇ, ସତ୍ୟ ବରଂ ଜଣାଇ ଦେବା ଠିକ୍ ହେବ ବୋଲି ମନେକରି ଡାକ୍ତର କହିଲେ, ''ଆଜ୍ଞା, ସେମାନେ ଆପଣଙ୍କୁ ବିଦାୟ ଜଣାଇବାକୁ ଆସିଛନ୍ତି !''

''ବିଦାୟ ?'' ଡିକ୍‌ଟେଟର୍ ସାମାନ୍ୟ ବିରକ୍ତ ହୋଇ ପଚାରିଲେ, ''କାହିଁକି ? ସେମାନେ କୁଆଡ଼େ ଯିବାକୁ ବାହାରିଛନ୍ତି କି ?''

ଏହାହିଁ ସମ୍ଭବତଃ ଥିଲା ଡିକ୍‌ଟେଟର୍‌ଙ୍କ ସର୍ବଶେଷ ଉଚ୍ଚାରଣୀ ।

ମଣିଷର ଏହି ନିଦାରୁଣ ଅଚେତନତାକୁ ପୋଥିପୁରାଣ ନାନାଦି ଦୃଷ୍ଟାନ୍ତ ମାଧ୍ୟମରେ ବିଦ୍ରୂପ କରିଛି; ଚେତାବନୀ ଦେଇଛି । ବାଇବେଲ୍‌ର 'ବୁକ୍ ଅଫ୍ ଡାନିଏଲ୍' ଦେଖନ୍ତୁ । ସୁପ୍ରାଚୀନ ରାଜ୍ୟ କାଲ୍‌ଡିଆ (ଆଧୁନିକ ଭୂଗୋଳରେ ଦକ୍ଷିଣ ଇରାକ୍) ସେତେବେଳେ ବେଲ୍‌ସାଜାର୍ ନାମକ ଦୁର୍ଦ୍ଦାନ୍ତ ନରପତିଙ୍କ ଅଧୀନରେ । ଅରାଜକତାହିଁ ତାଙ୍କ ରାଜୁତି; ଯଥେଚ୍ଛା ଭୋଗବିଳାସ ତାଙ୍କ ଜୀବନ । ତାଙ୍କ ସଭାରେ ଥିଲେ ଡାନିଏଲ୍ ନାମକ ଜ୍ଞାନୀ । ଦିନେ ରାତିରେ ପ୍ରାସାଦରେ ଚାଲିଛି ଭୋଜନ ଓ ମଦ୍ୟପାନ । ଉନ୍ମତ୍ତ କୋଳାହଳରେ ବ୍ୟାପୃତ ରାଜାଙ୍କର ପାତ୍ରମିତ୍ରବୃନ୍ଦ । ହଠାତ୍ ପ୍ରାଚୀର ଗାତ୍ରରେ ଫୁଟି ଉଠିଲା କୌଣସି ରହସ୍ୟମୟ ଅଙ୍ଗୁଳି ଚାଳିତ ଲେଖନୀର କିଛି ପ୍ରୋଜ୍ଜ୍ୱଳ ଲିପି । ସମସ୍ତେ ବିସ୍ମିତ । ଡାନିଏଲ୍‌ଙ୍କୁ ଡକାଗଲା । ସେ କଲେ ପାଠୋଦ୍ଧାର : ରାଜାଙ୍କର କାଳ ହୋଇ ଆସିଲାଣି । ରାଜ୍ୟ ଖଣ୍ଡ-ବିଖଣ୍ଡ ହୋଇ ଅନ୍ୟମାନଙ୍କ ଶାସନକୁ ଚାଲିଯିବ ଯଥାଶୀଘ୍ର ।

ସେ ଯଥାଶୀଘ୍ର ଯେ ଏଡ଼େ ଶୀଘ୍ର, ଏକଥା ବେଲ୍‌ସାଜାର୍ ଅଥବା ତାଙ୍କ ଦୁର୍ମତି ସଖାମାନେ ଜାଣି ନଥିଲେ । ସେହି ରାତ୍ରରେହିଁ ନରପତି ହେଲେ ନିହତ । ପୂର୍ବରୁ ସେଦିଗରେ ବହୁ ସଙ୍କେତ ସେ ଅଗ୍ରାହ୍ୟ କରିଥିଲେ ।

ବିଳାସ-ମଜ୍ଜିତ ମଣିଷକୁ ଏସବୁ ଏହି ବାର୍ତ୍ତା ଦିଏ ଯେ କାଳ ସହ ଯଥେଚ୍ଛା ଆଚରଣ କରନା !

ଯିଏ ଭାଗ୍ୟବାନ୍, ସିଏ ଏଭଳି ଚେତାବନୀ ଦ୍ୱାରା ଉପକୃତ ହୋଇଥାଏ । ଥିଲେ ଜଣେ ବେପରୁଆ ରାଜପୁତ୍ର । ପିତାଙ୍କ ଅନ୍ତେ ସେ ସିଂହାସନ ଆରୋହଣ କରି ବିଳାସ-ବ୍ୟସନରେ ସମୟ ବିତାଇବା ସଙ୍ଗେ ସଙ୍ଗେ ପ୍ରଜାବର୍ଗଙ୍କ ପ୍ରତି ତାଚ୍ଛଲ୍ୟଭାବ ପୋଷଣ କରୁଥା'ନ୍ତି ଏବଂ ଶୁଭେଚ୍ଛୁମାନଙ୍କ ପ୍ରତି କ୍ରୂର ଆଚରଣ କରୁଥା'ନ୍ତି ।

ଏମନ୍ତ ନୂଆ ରାଜାଙ୍କ ପ୍ରାସାଦରେ ଦିନେ ଆସି ଉପନୀତ ହେଲେ ପିତୃଗୁରୁ, ଜଣେ ଋଷିତୁଲ୍ୟ ମହାପୁରୁଷ । ସେ ପରଲୋକଗତ ରାଜାଙ୍କର ଥିଲେ ପୂଜ୍ୟ; ନୂଆ ରାଜା ଆବାଲ୍ୟ ତାଙ୍କୁ ଭୟ କରୁଥା'ନ୍ତି – ତାଙ୍କ ଯୋଗବିଭୂତିରେ ଥିଲା ଯୁବକଙ୍କର ଅକାଟ୍ୟ ବିଶ୍ୱାସ ।

ପିତୃଗୁରୁ ଯେଉଁ ସପ୍ତାହଟି ପ୍ରାସାଦରେ ରହିଲେ, ନୂଆ ରାଜା ସେ ସପ୍ତାହକାଳ ସମ୍ଭ୍ରାନ୍ତ ଓ ସଂଯତ ଆଚରଣ କଲେ । କିନ୍ତୁ ଗୁରୁଙ୍କୁ ଗୋପନରେ ଅମାତ୍ୟମାନେ ରାଜାଙ୍କ ଚରିତ୍ରର ବିବରଣୀ ଦେବାରେ ହେଳା କଲେ ନାହିଁ ।

ଗୁରୁ ବିଦାୟ ନେବାବେଳେ ଏକାନ୍ତରେ ରାଜା ତାଙ୍କୁ ପ୍ରଣାମ କଲେ ଓ ସୌଜନ୍ୟ ବଶତଃ କହିଲେ, ''କିଛି ଉପଦେଶ ଦେବେ ଗୁରୁଦେବ !''

''ଦେଇ ଆଉ କ'ଣ ହେବ ବାବା ! ଉପଦେଶ ପାଳନ କରିବାକୁ ତୁମର ଆଉ କେତେ ବା ବେଳ ଅଛି !'' ଗମ୍ଭୀର ଭାବରେ କହିଲେ ଗୁରୁ ।

''ମାନେ ? ମୋର ଆୟୁ ସରିଆସିଲାଣି ?'' କାନ୍ଦ କାନ୍ଦ ହୋଇ ପଚାରିଲେ ଯୁବକ-ରାଜା !

''ମଣିଷ-ଜୀବନ ତ ପଦ୍ମପତ୍ରରେ ଜଳବିନ୍ଦୁ ଭଳି !'' ମନ୍ତବ୍ୟ ଦେଇ ଚାଲିଗଲେ ଗୁରୁ ।

ଦିନଯାକ ସ୍ତବ୍ଧ ରହିଲେ ଯୁବକ-ରାଜା । ପରଦିନଠାରୁ ତାଙ୍କ ଆଚାର-ବ୍ୟବହାରରେ ଦେଖାଦେଲା ଅପ୍ରତ୍ୟାଶିତ ପରିବର୍ତ୍ତନ । ସେ ହେଲେ ବିନୟୀ ଏବଂ ଭଦ୍ର । ଦିନଯାକ ରାଜ୍ୟର ହିତରେ ଧ୍ୟାନ ଦେଇ ସନ୍ଧ୍ୟା ହେଲେ ହେଉଥା'ନ୍ତି ଧ୍ୟାନସ୍ଥ ।

ପାଞ୍ଚବର୍ଷ ଅନ୍ତେ ଗୁରୁଙ୍କର ହେଲା ପୁନରାବିର୍ଭାବ । ତାଙ୍କୁ ପାଇ ରାଜାଙ୍କ ଆନନ୍ଦ କହିଲେ ନସରେ । ଗୁରୁ ବିଦାୟ ନେବା ଦିନ ରାଜା ଏକାନ୍ତରେ ତାଙ୍କୁ କହିଲେ, ''ଭାବିଥିଲି, ମୋର ଆଉ ଅଧିକ ଦିନ ନାହିଁ ! ମୃତ୍ୟୁ ଆସନ୍ନ ।''

''ରାଜା ! ପାଞ୍ଚବର୍ଷ ତଳର ଉଦ୍ଧତ ରାଜାର କ'ଣ ମୃତ୍ୟୁ ହୋଇ ନାହିଁ ? ତୁମେ କ'ଣ ସେହି ମଣିଷ ? ଦୀର୍ଘଜୀବୀ ହୁଅ ।'' ଗୁରୁ କରୁଣାର ହସ ହସି ବିଦାୟ ନେଲେ ।

ଟିକିଏ ଉନ୍ନତ ଚେତନାସମ୍ପନ୍ନ ମଣିଷ ଭିତରେ ମୃତ୍ୟୁ-ସଚେତନତା ଏମିତି ଶୁଭଙ୍କର ଭୂମିକା ତୁଲାଇପାରେ; ସମସ୍ତଙ୍କ ଭିତରେ ନୁହେଁ ।

ଏମିତି ଭାବରେ, ଅଜ୍ଞାନକୁ ମାଧ୍ୟମ କରି ପ୍ରକୃତି ମଣିଷକୁ ମୃତ୍ୟୁ-ସଚେତନାଠାରୁ ଦୂରେଇ ରଖି କର୍ମ ଜରିଆରେ ଅଭିଜ୍ଞତା-ସଞ୍ଚୟର ସୁଯୋଗ ଦିଏ । ଅପର ପକ୍ଷରେ ପ୍ରାଜ୍ଞ ପୁରୁଷ ନିଜକୁ ଅମର ବୋଲି ଜାଣିଥିବାରୁ ସେ ବି କର୍ମବିରତ ରହେ ନାହିଁ ।

ଆତ୍ମାର ଉପଲବ୍ଧିହିଁ ଅମରତ୍ୱର ଉପଲବ୍ଧି । ତାହାହିଁ ମୃତ୍ୟୁଭୟର ଚୂଡ଼ାନ୍ତ ପ୍ରତିକାର ।

ତେବେ ନିଜର ସୁସ୍ଥ ସାଧାରଣ ଜ୍ଞାନପ୍ରୟୋଗ କରି ଆମେ ନିଜକୁ ଅନ୍ତତଃ ଏତକ ବୁଝାଇପାରିବା ଉଚିତ ଯେ ଅଦ୍ୟାବଧି ସମସ୍ତେ ଯେଉଁ ମୃତ୍ୟୁ ଭିତରକୁ ପ୍ରସ୍ଥାନ କରିଛନ୍ତି, କେହି ବାଦ୍ ପଡ଼ିବାର ଜଣା ନାହିଁ, ସେ ଅନିବାର୍ଯ୍ୟ ପରିଣତି ପାଇଁ ଭୟର ଯାଥାର୍ଥ୍ୟ କ'ଣ ? ଯେଉଁ ମୃତ୍ୟୁ ପ୍ରତି ମୋର ଭୟ, ସେହି ମୃତ୍ୟୁହିଁ ତ ଆଜିର ଏ ଜୀବନ ପାଇଁ ଦାୟୀ । ଅର୍ଥାତ୍ ପୂର୍ବଜନ୍ମର ମୃତ୍ୟୁହିଁ ଏ ଜନ୍ମ ମୋତେ ଯୋଗାଇ ଦେଇଛି । ଯଦି ମୁଁ ଏ ଚଳିତ ଜୀବନର ପ୍ରେମରେ ପଡ଼ିଯାଇଛି, ଆଗାମୀ ମୃତ୍ୟୁ ଯେଉଁ ଜୀବନ ଆଣିଦେବ, ତା' ପ୍ରେମରେ ପଡ଼ିବି ନାହିଁ କାହିଁକି ?

ସମସ୍ତ ପ୍ରକାର ଭୟର ଉତ୍ସ ଅହଂଭାବ । ଅବଶ୍ୟ ତାହା ଅନ୍ୟ ଏକ ବିଷୟ । ତେବେ ଜଣେ ସଚେତନ ମଣିଷ ନିଜ ଜୀବନର ପରିଣତି ନିୟତି ଉପରେହିଁ ଛାଡ଼ିଦେବ । ଜୀବନକୁ ସଂକ୍ଷିପ୍ତ କରିବା ଦିଗରେ ଆଗ୍ରହ ଅନୁଭବ କରିବା ଯେପରି ଭୁଲ୍, ଜୀବନ-ଦୀପ ଲିଭିଗଲେ ହେବ କ'ଣ, ସେଦିଗରେ ଉତ୍କଣ୍ଠା ମଧ୍ୟ ସେମିତି ଭୁଲ୍ ଆବେଗ ।

('*ଜୀବନ ଜିଜ୍ଞାସା ଓ ସ୍ମରଣିକା ସ୍ତବକ*'ରୁ ସଂଗୃହୀତ) <

କିନ୍ତୁ ଲୋକମାନେ ଏଡ଼େ ମୂର୍ଖ । ମୃତ୍ୟୁ ସଂପର୍କରେ ସେମାନେ ଏପରି ବିବ୍ରତ, ବ୍ୟତିବ୍ୟସ୍ତ ହୋଇ କୋଳାହଳ କରନ୍ତି, ସତେ ଯେପରି ଏହାହିଁ ହେଉଛି ସବୁ କିଛିର ଶେଷ – 'ମୃତ୍ୟୁ' ଏହି ଶବ୍ଦଟି ଏଡ଼େ ଉଦ୍ଭଟ । ମୁଁ ଦେଖେ ଏହା କେବଳ ଗୋଟିଏ ଗୃହରୁ ଅନ୍ୟ ଏକ ଗୃହକୁ ଚାଲିଯିବା । ବା ଗୋଟିଏ ପ୍ରକୋଷ୍ଠରୁ ଚାଲିଯାଇ ଅନ୍ୟ ଏକ ପ୍ରକୋଷ୍ଠରେ ପ୍ରବେଶ କରିବା । ତୁମେ ଏକ ସହଜ ପଦକ୍ଷେପ ନେଇ ଏରୁଣ୍ଡି ବନ୍ଧଟି ଅତିକ୍ରମ କରିଗଲ, ଏବଂ ପହଞ୍ଚିଗଲ ଅପର ପାର୍ଶ୍ୱରେ – ଏବଂ ତା'ପରେ ତୁମେ ସେଠାରୁ ଫେରିଆସ ।

ଏବଂ ତୁମେ ଯେତେବେଳେ ତୁମ ଅନ୍ତରାତ୍ମାରେ ବାସ କର, ସେତେବେଳେ ଏକ କ୍ରମିକ ନିରବଚ୍ଛିନ୍ନତା ରହିଥାଏ, କାରଣ ଅନ୍ତରାତ୍ମାର ସବୁ ସ୍ମରଣ ରହେ, ସମସ୍ତ ସ୍ମୃତି ଏହା ଧରି ରଖେ, ସମସ୍ତ ଘଟଣାକୁ ଏହା ମନେ ରଖେ, ଏପରିକି ଏହା ଜଡ଼ିତ ହୋଇଥିବା ସମସ୍ତ ବାହ୍ୟ ଘଟଣାବଳୀ, ସମସ୍ତ ବାହ୍ୟ ଗତିବୃତ୍ତିକୁ ଏହା ମନେ ରଖେ । ତେଣୁ ଏହା ଏଠାରୁ ସେଠାକୁ, ଗୋଟିଏ ପ୍ରକୋଷ୍ଠରୁ ଆଉ ଗୋଟିଏ ପ୍ରକୋଷ୍ଠକୁ, ଗୋଟିଏ ଜୀବନରୁ ଆଉ ଗୋଟିଏ ଜୀବନକୁ ଏକ ଧାରାବାହିକ ବିରାମହୀନ ଗତିବୃତ୍ତି ।

– ଶ୍ରୀମା

# ‘ଶ୍ରୀଅରବିନ୍ଦ’ଙ୍କ ନାମ ସହ ସଂଯୁକ୍ତ ଭାଷାତାତ୍ତ୍ୱିକ ଅନେକ ଗଠନ ତଥା ଶବ୍ଦ-ପ୍ରୟୋଗ

## (ଏକ ପତ୍ର)

**ଅମଲକିରଣ**

ମୁଁ ଯେଉଁ ‘‘ଅରବିନ୍ଦୋନୀୟ’’ (Aurobindonian) ବିଶେଷଣ ସଦୃଶ ଗଠନଟିକୁ ପ୍ରୟୋଗ କରେ, ତା’ ଅପେକ୍ଷା ତୁମେ ବରଂ ‘ଅରବିନ୍ଦୀୟ’ (Aurobindian) ଗଠନକୁ ଅଧିକ ପସନ୍ଦଯୋଗ୍ୟଭାବେ ଗ୍ରହଣ କରିନେଇଥିବାର ମୁଁ ଦେଖୁଛି । ଶ୍ରୀଅରବିନ୍ଦଙ୍କ ପକ୍ଷରୁ ଉଭୟ ଗଠନର ପ୍ରୟୋଗ ସମର୍ଥିତ ହୋଇଛି । ନୀରଦବରଣଙ୍କର *Correspondence with Sri Aurobindo* ପୁସ୍ତକର ଦ୍ୱିତୀୟ ଭାଗ, ୧୦୯ ପୃଷ୍ଠାରେ ପ୍ରଭୁ ଲେଖିଥିବାର ତଥ୍ୟ ଆମ ପାଖରେ ଅଛି : ‘‘I groan in an unAurobindian despair when I hear such things.’’ ଅର୍ଥାତ୍, ‘‘ଯେତେବେଳେ ଏପରି କଥାସବୁ ମୁଁ ଶୁଣେ, ସେତେବେଳେ ‘ଅଣଅରବିନ୍ଦୀୟ’ ହତାଶାରେ ଆର୍ତ୍ତନାଦ କରେ’’ । *Life-Literature-Yoga* ପୁସ୍ତକର ସଂଶୋଧିତ ଓ ବର୍ଦ୍ଧିତ ସଂସ୍କରଣର ୧୫୪ ପୃଷ୍ଠାରେ ଆମେ ଦେଖୁ : ‘‘But even if I had no justification from the dictionary and the noun ‘empy´rean’ were only an Aurobindonian freak and a wilful shifting of the accent I would refuse to change it; for the rhythm here is an essential part of whatever beauty there is in the line. [His heart a chaos and an empyrean].’’ ଅର୍ଥାତ୍, ‘‘ଏମିତିକି ଭାଷାକୋଷରୁ ଯଦି ମୁଁ କିଛି ବି ଔଚିତ୍ୟ ନପାଏ ଏବଂ ‘ଏମ୍ପିରିଆନ୍’ (ସର୍ବୋଚ୍ଚ ସ୍ୱର୍ଗ) ବିଶେଷ୍ୟଟି କେବଳ ଅରୋବିନ୍ଦୋନିଆନ୍ ବା ଅରବିନ୍ଦୋନୀୟ ଖିଆଲ ହୋଇଥାଏ ତଥା ସ୍ୱରବିବର୍ତ୍ତ(accent)ର ସ୍ୱେଚ୍ଛାଚାର ଚାତୁରୀ ମାତ୍ର ହୋଇଥାଏ, ତେବେ ବି ମୁଁ ଏହାକୁ ପରିବର୍ତ୍ତନ କରିବାକୁ ଅସ୍ୱୀକାର କରିବି; କାରଣ ଏହି ପଂକ୍ତି ‘His heart a chaos and an empyrean’ରେ ଯାହାସବୁ ମହାନ୍-ସୌଷମ୍ୟ ଅଛି, ତା’ର ଏକ ଅପରିହାର୍ଯ୍ୟ ଅଂଶ ହେଉଛି ଏଠାକାର ତାଳ-ଛନ୍ଦ-ଲୟ ।

ବୋଧହୁଏ ‘ଅରୋବିନ୍ଦୋନିଆନ୍’ ପ୍ରୟୋଗ ସପକ୍ଷରେ କେବଳ ଗୋଟିଏ ବସ୍ତୁ ଅଛି ଯେ ତାହା ୪. ୮. ୧୯୪୯ରେ ଲେଖାଯାଇଥିଲା ଯେଉଁଠିକି ‘ଅରୋବିନ୍ଦିଆନ୍’ ୨୩-୨-୧୯୩୫ର ପୁରାତନ ପ୍ରୟୋଗ । ମୋର ବିଶ୍ୱାସ ଯେ ଦିଲୀପ କୁମାର ରାୟ ସର୍ବପ୍ରଥମେ ଏହାର ପ୍ରୟୋଗ କରିଥିଲେ ଏବଂ ଆମେମାନେ ତାହାକୁ ଗ୍ରହଣ କରିନେଲୁ । ସମ୍ଭବତଃ ଆମମାନଙ୍କ ନିରନ୍ତର ପ୍ରୟୋଗହିଁ ଶ୍ରୀଅରବିନ୍ଦଙ୍କୁ ଏଦିଗରେ ପ୍ରବୃତ୍ତ କରାଇଥିଲା ।

ଅଥବା ଆମେ କହିପାରୁ ଯେ ପ୍ରସଙ୍ଗାନୁଯାୟୀ ଏକର ବା ଅପରଟିର ଉପସ୍ଥାପନ ଆମ ଉପରେହିଁ ନିର୍ଭରକରେ । ‘ଅରୋବିନ୍ଦିଆନ୍ ଖିଆଲ’ ଅପେକ୍ଷା ଖାମଖିଆଲି ସ୍ୱଭାବକୁ ‘ଅରୋବିନ୍ଦୋନିଆନ୍ ଖିଆଲ’ ଅଧିକ ଉତ୍ତମଭାବେ ଜଣାଇ ଦେଇଥାଏ ।... ...

ଅବଶ୍ୟ ଅନ୍ୟାନ୍ୟ ସମ୍ଭାବନା ରହିଛି : ‘‘ଅରୋବିନ୍ଦେଆନ୍, ଅରୋବିନ୍ଦୋଆନ୍, ଅରୋବିନ୍ଦୋଏସ୍କ, ଅରୋବିନ୍ଦୋଇକ୍, ଅରୋବିନ୍ଦୋବ୍ୟାନ୍ ।’’ କିନ୍ତୁ ସେସବୁ ଈଷତ୍ ବିଜାତୀୟ – ସ୍ୱୟଂ ପ୍ରଭୁ ସେସବୁର ପ୍ରୟୋଗ ନେଇ କେବେ ବି ଚେଷ୍ଟା କରିନାହାନ୍ତି ।

କଥାପ୍ରସଙ୍ଗରେ ଆମେ ଲକ୍ଷ୍ୟ କରିପାରୁ ଯେ ସେ ନିଜ ଯୋଗଧାରାକୁ କୌଣସି ବିଶେଷଣରୁ ଏକ ଗଠନସୂତ୍ରରେ ନାମିତ ନକରି ପ୍ରତ୍ୟକ୍ଷଭାବେ ବିଶେଷ୍ୟରୁହିଁ ନାମିତ କରିଛନ୍ତି । ଏହିପରି ସେ ଦିଲୀପଙ୍କୁ ପତ୍ର ଲେଖିଥିଲେ : ‘‘କୃଷ୍ଣଙ୍କ ଅଧ୍ୟାତ୍ମ ମହାନତା ସହ ମୋର ଅଧ୍ୟାତ୍ମ ମହତ୍ତ୍ୱର ତୁଳନାତ୍ମକ ଯୁକ୍ତିକୁ ତୁମେ କେବେହେଲେ ମୋଠାରୁ ଆଶା କରିବ ନାହିଁ । ପ୍ରଶ୍ନଟା ସଙ୍ଗତ ହୁଅନ୍ତା ଯଦି କେବଳ ଦୁଇଟି ବିବଦମାନ ପନ୍ଥା ଅର୍ଥାତ୍

'ଅରୋବିନ୍ଦୋଇଜିମ୍‌' ଓ 'ବୈଷ୍ଣବିଇଜିମ୍‌'ର ଧର୍ମ ହୋଇଥା'ନ୍ତା ଯେଉଁଠି ପ୍ରତ୍ୟେକେ ନିଜସ୍ୱ ଈଶ୍ୱରଙ୍କ ମାହାତ୍ମ୍ୟ ଉପରେ ଜୋରଦେଇ ଦର୍ଶାଉଥା'ନ୍ତେ । ଏହି କ୍ଷେତ୍ରରେ ତ ସେକଥା ନାହିଁ ...'' (SABCL, Vol - 26, p. 136)

ତା'ପରେ 'ଶ୍ରୀଅରବିନ୍ଦ' ନାମରେ 'ଶ୍ରୀ' ବିଷୟକ ଆମର ପ୍ରଶ୍ନ ଉଠେ । ମୁଁ ବ୍ୟକ୍ତିଗତଭାବେ 'ଶ୍ରୀ' ପ୍ରୟୋଗକୁ କେବେ ବି ଉପେକ୍ଷା କରେ ନାହିଁ । କିନ୍ତୁ ସେଥିପ୍ରତି ମୋର ନିର୍ଦ୍ଦିଷ୍ଟ କିଛି ଆସକ୍ତି ନାହିଁ ଏବଂ ଶ୍ରୀଅରବିନ୍ଦଙ୍କ ଅଧ୍ୟାତ୍ମ ଦର୍ଶନର ଇଉରୋପୀୟ ବା ଆମେରିକୀୟ ପ୍ରଶଂସକ ବା ବ୍ୟାଖ୍ୟାକାରଙ୍କର କେବଳ 'ଅରବିନ୍ଦ' ପ୍ରୟୋଗରେ ଏମିତି କିଛି ନିନ୍ଦନୀୟ କଥା ଅଛି ବୋଲି ମୁଁ ଭାବେ ନାହିଁ । ବାସ୍ତବିକ, ତାଙ୍କ ନାମଟି ତ ପ୍ରଥମେ ଠିକ୍ ଏହା ଥିଲା ଏବଂ ଏମିତିକି ଏହାର ଅଧୁନା ପ୍ରୟୋଗରେ ଅଯୌକ୍ତିକତା କିଛି ନାହିଁ । ଅଧିକନ୍ତୁ, ପ୍ରଭୁଙ୍କ ଦ୍ୱାରା ତାଙ୍କ ନାମରୁ ଗଠିତ ବିଶେଷଣଟି (ଅରୋବିନ୍ଦୀଆନ୍ କିଂବା ଅରୋବିନ୍ଦୋନିଆନ୍) ହେଉଛି 'ଶ୍ରୀ' ରହିତ । ଯଦି ସେ 'ଶ୍ରୀ'କୁ ସେହି ନାମର ଏକ ଅଂଶବିଶେଷଭାବେ ଗ୍ରହଣ କରିଥା'ନ୍ତେ, ତେବେ ସେ ବୋଧହୁଏ ତାହାକୁ ତାଙ୍କ ନାମରେ ପୃଥକ୍ କରି ରଖି ନଥା'ନ୍ତେ ।

ପାଶ୍ଚାତ୍ୟବାସୀମାନଙ୍କୁ 'ଶ୍ରୀ'ରହିତ ପ୍ରୟୋଗ ସକାଶେ ଯାହା ଅଧିକ ପ୍ରବୃତ୍ତ କରେ, ତା'ହେଲା ଆଜିକାଲି ଏହି ପଦଟିକୁ ଆମ ସରକାର ପ୍ରତ୍ୟେକ ଭାରତୀୟ ପୁରୁଷ ପାଇଁ Mr.ର ସମାର୍ଥକ କରିଛନ୍ତି । ଭାରତରେ ମଧ୍ୟ ଏପରି ସମ୍ଭବପରତା ଅଛି : 'ଅରବିନ୍ଦ' ନାମ ପୂର୍ବରୁ 'ଶ୍ରୀ' ରଖିବା ଦ୍ୱାରା ଅନୁମାନ କରାଯାଇପାରେ ଯେ ଆମେ ପ୍ରଭୁଙ୍କୁ ପାରମ୍ପରିକ ସମ୍ମାନ ପ୍ରଦର୍ଶନ କରୁଛୁ ଠିକ୍ ଯେପରି ଆମେ ଅନ୍ୟାନ୍ୟ ଭାରତୀୟଙ୍କୁ କରୁ । କିନ୍ତୁ ଏସବୁର ବିରୋଧରେ ଆମେ ତଥା ପାଶ୍ଚାତ୍ୟବାସୀ ଉଭୟେ ମନେ ରଖିବା ଉଚିତ ଯେ ପ୍ରାଚୀନ ଭାରତୀୟ ପ୍ରୟୋଗ ରୀତିରେ ଏହି ସମ୍ମାନସୂଚକ ପ୍ରୟୋଗ ହେଉଛି ଆଧ୍ୟାତ୍ମିକତା ପଦବୀର ଏକ ବିଶେଷ ଚିହ୍ନ । ଆମେ 'ଶ୍ରୀରାମ' ଏବଂ 'ଶ୍ରୀକୃଷ୍ଣ' କହୁ କିନ୍ତୁ ରାମଙ୍କ ପିତାଙ୍କୁ ଆମେ 'ଶ୍ରୀଦଶରଥ' କିଂବା କୁରୁକ୍ଷେତ୍ର ଯୁଦ୍ଧରେ ଶ୍ରୀକୃଷ୍ଣଙ୍କର ଅନ୍ତରଙ୍ଗ ସହଚରଙ୍କୁ 'ଶ୍ରୀଅର୍ଜୁନ' କହି ନଥାଉ । କିଂବା ଏମିତିକି, ସେଥି ସକାଶେ ବୌଦ୍ଧ ସମ୍ରାଟ ଅଶୋକ ଯଦିଓ ଏକ ଉଚ୍ଚସ୍ତରୀୟ ଧାର୍ମିକ ବ୍ୟକ୍ତି ଥିଲେ, ତାଙ୍କୁ ଆମେ 'ଶ୍ରୀଅଶୋକ' କହି ନଥାଉ । ଏବଂ ସର୍ବାଧିକଭାବେ ଆମେ ସ୍ମରଣ କରିବା କଥା ଯେ ସ୍ୱୟଂ ଆମର ପ୍ରଭୁ ତାଙ୍କ ଅଧ୍ୟାତ୍ମ ଜୀବନ ପର୍ଯ୍ୟାୟର ଏକ ନିର୍ଦ୍ଦିଷ୍ଟ ସମୟରେ 'ଶ୍ରୀ' ପ୍ରୟୋଗକୁ ନିଜସ୍ୱମତେ ଗ୍ରହଣ କରିନେଇଥିଲେ । ସେ ଅରବିନ୍ଦ ଘୋଷ ବା A. G. ଭାବେ ଦସ୍ତଖତ କରିଚାଲୁଥିଲେ, ଏମିତିକି 'ଆର୍ଯ୍ୟ' ଲିଖନ ସମୟରେ ମଧ୍ୟ ସେହିପରି ଦସ୍ତଖତ ଥିଲା । ମୋର ପ୍ରତ୍ୟୟ ଯେ ଏହି ଶତାବ୍ଦୀର ଦ୍ୱିତୀୟ ଦଶାର୍ଦ୍ଧର ମଧ୍ୟକାଳରେ 'ଅରବିନ୍ଦ ଘୋଷ'ହିଁ 'ଶ୍ରୀଅରବିନ୍ଦ'ରେ ପରିଣତ ହେଲେ । ଏହି ଦସ୍ତଖତର ପରିବର୍ତ୍ତନ ପରିପ୍ରକାଶିତ ବ୍ୟକ୍ତିତ୍ୱରେ ଥିବା ପରିବର୍ତ୍ତନକୁହିଁ ଦର୍ଶାଇଥିଲା । ୨୪ ନଭେମ୍ବର ୧୯୨୬ ପରେ ତାଙ୍କର ସ୍ଥୂଳ ଶରୀର-ତତ୍ତ୍ୱରେ ଅଧିମାନସର ଅବତରଣ ଦିବସ ପରେ ବୋଧହୁଏ ଏ ପରିବର୍ତ୍ତନଟି ଆସିଥିଲା । ଏହା ଗବେଷଣାଯୋଗ୍ୟ ଏକ ବିଷୟ ଏବଂ ଗଭୀରଭାବେ ମହତ୍ତ୍ୱପୂର୍ଣ୍ଣ । ନୂତନ ନାମର ଗୁରୁତ୍ୱ ରହିଛି କାରଣ ତାହା ଅଧ୍ୟାତ୍ମ ଉପଲବ୍ଧିର ଫଳସ୍ୱରୂପ ଉତ୍ପନ୍ନ ହୋଇଛି । ଏହାର ଉତ୍ପତ୍ତି ବା ଭିତ୍ତି କେବଳ ଶିଷ୍ୟମାନଙ୍କର ଭକ୍ତି-ପ୍ରଦର୍ଶନରେ ନଥାଏ । ଏହା ହେବାପରେ, ମୁଁ ଅନୁଭବ କରେ ଯେ ଏହାକୁ ଯେତେଦୂର ସମ୍ଭବ ବଜାୟ ରଖିବା ଉଚିତ ଯଦିଓ ଆମେ ଏହାର ଅନ୍ଧାନୁସରଣ କରିବା ନିଷ୍ପ୍ରୟୋଜନ ।

ଆମେ କ'ଣ 'ଶ୍ରୀକୃଷ୍ଣ' କିଂବା 'ଶ୍ରୀରାମ' ପ୍ରୟୋଗର ଜଡ଼ପୂଜା କରୁ ? ବେଶ୍ ଅଧିକାଂଶ ସମୟରେ ଆମେ କେବଳ 'କୃଷ୍ଣ' ବା 'ରାମ' କହିଥାଉ । ସ୍ୱୟଂ ଶ୍ରୀଅରବିନ୍ଦ ଏପରି ମଧ୍ୟ କହିଥା'ନ୍ତି । ୨୪ ନଭେମ୍ବର ୧୯୨୬ର ବିଜୟଦିବସ ଭାବେ ନାମିତ ବ୍ୟାଖ୍ୟାରେ ସେ ଲେଖିଥିଲେ : ''କୃଷ୍ଣ ଅତିମାନସ ଆଲୋକ ନୁହନ୍ତି । କୃଷ୍ଣଙ୍କ ଅବତରଣର ଅର୍ଥ ଅଧିମାନସ ଈଶ୍ୱରଙ୍କର ଅବତରଣ ଯାହା ପ୍ରସ୍ତୁତ କରେ, ଯଦିଓ ତାହାହିଁ ପ୍ରକୃତରେ ଅତିମାନସର ଓ ଆନନ୍ଦର ଅବତରଣ ନୁହେଁ । କୃଷ୍ଣ ହେଉଛନ୍ତି ଆନନ୍ଦମୟ; ସେ ଅଧିମାନସର ମାଧ୍ୟମରେ ଆନନ୍ଦ ଅଭିମୁଖେ ପରିଚାଳିତ କରି ବିବର୍ତ୍ତନକୁ ସାହାଯ୍ୟ କରନ୍ତି ।''

(ତତ୍ରୈବ)

ଅନ୍ୟତ୍ର ସେଇ ଏକ ଓ ସମାନ ପ୍ରସଙ୍ଗରେ ଶ୍ରୀଅରବିନ୍ଦ ଲେଖିଛନ୍ତି 'କୃଷ୍ଣ' ଓ 'ଶ୍ରୀକୃଷ୍ଣ' :

''ଶ୍ରୀକୃଷ୍ଣ କେବେହେଲେ କୌଣସି ଶାରୀରିକ ରୂପାନ୍ତର-ସାଧନ କରିବାରେ ପ୍ରବୃତ୍ତ ନଥିଲେ, ତେଣୁ ତାଙ୍କ କ୍ଷେତ୍ରରେ ଏପ୍ରକାର କିଛିକଥା ଆଶା କରାଯାଇ ନପାରେ ।

''ବୁଦ୍ଧ, ଶଙ୍କର କିଂବା ରାମକୃଷ୍ଣଙ୍କର ମଧ୍ୟ ଶରୀର ରୂପାନ୍ତରର କୌଣସି ଧାରଣା ନଥିଲା । ଆଧ୍ୟାତ୍ମିକ ମୁକ୍ତି ଥିଲା

ସେମାନଙ୍କର ଲକ୍ଷ୍ୟ, ତା' ବ୍ୟତୀତ ଅନ୍ୟକିଛି ନୁହେଁ । ଅର୍ଜୁନଙ୍କୁ କର୍ମ ମଧ୍ୟରେ ମୁକ୍ତିଲାଭ କରିବାର ଶିକ୍ଷା କୃଷ୍ଣ ଦେଇଥିଲେ କିନ୍ତୁ କୌଣସି ଶାରୀରିକ ରୂପାନ୍ତର କଥା କହି ନଥିଲେ... ।''

(ତତ୍ରୈବ)

ଠିକ୍ ସେଇ ସମାନ ପ୍ରୟୋଗ ଶ୍ରୀଅରବିନ୍ଦ ଅନ୍ୟ ଜଣେ ଅଧ୍ୟାତ୍ମ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ କରିଥିଲେ, ଯିଏକି ତାଙ୍କ ଦୃଷ୍ଟିରେ ବହୁ ଉଚ୍ଚସ୍ତରରେ ଆସୀନ ଥିଲେ :

''ରାମକୃଷ୍ଣଙ୍କୁ ଯେ ଜଣେ ସାମାନ୍ୟ ଆଧ୍ୟାତ୍ମିକ ଖର୍ବବ୍ୟକ୍ତି ଭାବେ (ଏକ ଅଗ୍ରଗାମୀ ସାଧକଙ୍କ ସହ ଏକମତ ହୋଇ) ମୁଁ ବିବେଚନା କରୁଛି ଶୁଣି ବିସ୍ମୟବିହ୍ୱଳ ହୋଇଯାଇଥା'ନ୍ତି ଯଦି ଏସବୁ ବିଷୟରେ ମୁଁ ବିସ୍ମୟାତୀତ ଅବସ୍ଥାକୁ ଉଠିଯାଇ ନଥା'ନ୍ତି ।... ମୋର କ'ଣ କହିବା ଦରକାର ଯେ ମୁଁ ଏପରି କଥା କେବେବି ଚିନ୍ତାକରି ନାହିଁ ଏବଂ କେବେହେଲେ କହିପାରି ନଥା'ନ୍ତି, ଯେହେତୁ ଅଧ୍ୟାତ୍ମ ମୂଲ୍ୟାୟନର କିଛି କ୍ଷୀଣ ଧାରଣା ବା ଅନୁଭୂତି ଅନ୍ତତଃ ମୋର ଅଛି ? ଯେଉଁ ଉଦ୍ଧୃତାଂଶଟି ତୁମେ ଦେଇଛ, ତାହାହିଁ ଶ୍ରୀରାମକୃଷ୍ଣଙ୍କ ପ୍ରତି ମୋର ସୁବିବେଚିତ ସମ୍ମାନବୋଧ ।''

(ତତ୍ରୈବ, ପୃ - ୧୩୪)

ହଁ, ଏହିପରି ଆମ ପ୍ରୟୋଗ ସପକ୍ଷରେ ଆମେ ଶ୍ରୀଅରବିନ୍ଦଙ୍କ ଦୃଷ୍ଟାନ୍ତ ଦେଇପାରୁ, ଯଦି ଆମେ କେବଳ 'ଅରବିନ୍ଦ' ବ୍ୟବହାର କରିବାକୁ ପସନ୍ଦ କରୁ । କିନ୍ତୁ ଏଠାରେ ବିଦେଶୀ ବ୍ୟକ୍ତିମାନଙ୍କର 'ଶ୍ରୀ' ବାଦ୍‌ଦେବା ଅଭ୍ୟାସର ପ୍ରସଙ୍ଗକ୍ରମେ ଶ୍ରୀମା କ'ଣ କହିଥିଲେ, ତାହାକୁ ବ୍ୟକ୍ତ କରି ଆମେ ଏହାର ନିରାକରଣ କରିପାରୁ । ସେ ମନ୍ତବ୍ୟ ଦେଇଥିଲେ ଯେ ସେମାନେ 'ଅରୋଭିଲ୍' ନାମକୁ ଅର୍ଥାତ୍ ନୂତନ ନମୁନାଗତ ନଗର ସକାଶେ ଶ୍ରୀମା ଯେଉଁ ନବଗଠିତ ଶବ୍ଦ ସୃଷ୍ଟି କରିଥିଲେ, ତାହାକୁ ଚିନ୍ତାକରି ଏପରି କରନ୍ତି; ଯେହେତୁ 'ଅରୋଭିଲ୍' ନାମର ଆରମ୍ଭ ଭାଗରେ 'ଅରୋ' ଧ୍ୱନିଟି ରହିଛି, ସେମାନେ ଭାବନ୍ତି ଯେ 'ଅରୋ' ଶବ୍ଦଟି ହେଉଛି 'ଅରୋବିନ୍ଦୋ' ନାମର ସଂକ୍ଷିପ୍ତୀକରଣ । ଏହାକୁ ସରଳ କରି ସେ କହିଥିଲେ ଯେ 'ଅରୋ' ଶବ୍ଦଟି ଫରାସୀ ''aurore'' ଶବ୍ଦରୁ ଗଠିତ ଯାହାର ଅର୍ଥ ଉଷା, ତା'ହେଲେ 'ଅରୋଭିଲ୍' ଉଷାନଗରୀ ପାଇଁ ସଂଗତ ହୁଏ । ସେଥିରେ ପୁଣି ଯୋଗକରି ସେ ବ୍ୟକ୍ତ କଲେ ଯେ ଆମ ପ୍ରଭୁଙ୍କୁ ଆମେ ଯେଉଁ ନାମରେ ଜାଣିଛୁ, ସେଥିରେ 'ଶ୍ରୀ' ହେଉଛି ଏକ ପୂର୍ଣ୍ଣାଙ୍ଗ ଅଂଶ । ଏହାହିଁ ଅର୍ଥପ୍ରକାଶ କରେ ଯେ ଶ୍ରୀମା ଆମ ସମସ୍ତଙ୍କୁ – ଭାରତୀୟମାନଙ୍କୁ ଏବଂ ସେମାନଙ୍କଠାରୁ କିଛି କମ୍ ନକରି ପାଶ୍ଚାତ୍ୟବାସୀଙ୍କୁ ମଧ୍ୟ ସର୍ବଦା 'ଶ୍ରୀଅରବିନ୍ଦ' ଗଠନଟିକୁ ପ୍ରୟୋଗ କରିବା ଲାଗି ପସନ୍ଦ କରନ୍ତି ।

(*The Vision and Work of Sri Aurobindo* ପୁସ୍ତକର ପୃ - ୧୯୪-୧୯୭ରୁ ଅନୂଦିତ)

ଅନୁବାଦ : ଆଶାଲତା ଦାଶ

---

କେବଳ ଭଗବତ୍ କୃପାରହିଁ ସେହି ଶକ୍ତି ଅଛି ଯାହା ଏହି ବିଶ୍ୱ-ନ୍ୟାୟର କ୍ରିୟା ଓ ଗତିବୃତ୍ତି ଉପରେ ହସ୍ତକ୍ଷେପ କରିପାରେ ଓ ତାହାକୁ ବଦଳାଇ ଦେଇପାରେ । ଅବତାରଙ୍କ ମହାନ୍ କାର୍ଯ୍ୟ ହେଉଛି ପୃଥିବୀପୃଷ୍ଠରେ ଭଗବତ୍ କୃପାକୁ ପ୍ରକଟ ଓ ଅଭିବ୍ୟକ୍ତ କରିବା । ଅବତାରଙ୍କ ଶିଷ୍ୟ ହେବାର ଅର୍ଥ ହେଉଛି ସେହି ଭଗବତ୍ କୃପାର ଯନ୍ତ୍ର ହୋଇ ଉଠିବା । ପରମ କୃପାଦାୟିନୀ ମା', ଭଗବାନଙ୍କ ସହ ଏକାତ୍ମ ହୋଇ ଓ ବିଶ୍ୱନ୍ୟାୟର ଅଖଣ୍ଡ ଯନ୍ତ୍ର ଓ କ୍ରିୟା ସହ ଏକାତ୍ମ ହୋଇ, ତାହାର ପୂର୍ଣ୍ଣ ଜ୍ଞାନଲାଭ କରି ସେହି ଭଗବତ୍ କୃପାକୁ ବିତରଣ କରନ୍ତି ।

– ଶ୍ରୀମା

# ଅତିମାନସ ଚେତନାର ଲକ୍ଷଣ

## ମମତା ଦାଶ

ବିଂଶ ଶତାବ୍ଦୀର ପ୍ରାରମ୍ଭ କାଳରେ, ଶ୍ରୀଅରବିନ୍ଦ କହିଥିଲେ ଯେ, ''ମଣିଷ ଗୋଟିଏ ମଧ୍ୟବର୍ତ୍ତୀକାଳୀନ ଜୀବସତ୍ତା'' – ଅର୍ଥାତ୍, ମଣିଷ ନାମକ ଜୀବସତ୍ତା ବା ପ୍ରଜାତି, ତାହାର ନିଜ ସ୍ଥିତିରେ ସଂପୂର୍ଣ୍ଣ ନୁହେଁ । ମନୁଷ୍ୟ ତା'ର ପରବର୍ତ୍ତୀ ପ୍ରଜାତି ଭିତରେହିଁ ସମାହିତ ହୋଇପାରିବ । ଏ ପ୍ରକାର ଏକ ମୌଳିକ ଘୋଷଣା, ମନୁଷ୍ୟ ନିମିତ୍ତ ଅବିଶ୍ୱାସ୍ୟ ଓ ଅଚିନ୍ତନୀୟ ହୋଇପାରେ; କିନ୍ତୁ ଶ୍ରୀଅରବିନ୍ଦ ଓ ଶ୍ରୀମା ଏହାର ଯୁକ୍ତିଯୁକ୍ତ କାରଣ ଦର୍ଶାଇଛନ୍ତି ।

ଏଯାବତ୍ ପୃଥିବୀରେ ଜନ୍ମଗ୍ରହଣ କରିଥିବା ସମସ୍ତ ଆଧ୍ୟାତ୍ମିକ ଗୁରୁ, ମହାପୁରୁଷମାନଙ୍କର ଉଚ୍ଚାରଣରେ, ଏଯାବତ୍ ପୃଥିବୀରେ ରଚିତ ହୋଇଥିବା ଧର୍ମଗ୍ରନ୍ଥ ବା ଶାସ୍ତ୍ରରେ – ଏପରିକି ବିଶ୍ୱର ବୈଜ୍ଞାନିକ ଗବେଷଣା ମଧ୍ୟରେ ଏଭଳି ଗୋଟିଏ ଘୋଷଣାର ଦୃଷ୍ଟାନ୍ତ ନାହିଁ । ଅବଶ୍ୟ ବର୍ତ୍ତମାନ ଅନେକ ବୈଜ୍ଞାନିକ ମଣିଷଠାରୁ ଭିନ୍ନ ଗୋଟିଏ ପ୍ରଜାତି ସୃଷ୍ଟି କରିହେବ ବୋଲି କହିଛନ୍ତି; କିନ୍ତୁ ତାହା ବିବର୍ତ୍ତନ ମଧ୍ୟରେ ନୁହେଁ । ବୈଜ୍ଞାନିକ ପ୍ରକ୍ରିୟା ଦ୍ୱାରା ଜିନ୍ କୁ, ଡି.ଏନ୍.ଏ.କୁ କୃତ୍ରିମ ଭାବରେ ଅଧିକତର ପ୍ରତିଭାବାନ୍, ଉନ୍ନତ ମଣିଷ ସୃଷ୍ଟି କରାଯିବାର ସମ୍ଭାବନା ସମ୍ବନ୍ଧରେ କହିଛନ୍ତି । କିନ୍ତୁ ତାହାର କିଛି ବିଶେଷ ରୂପରେଖ ସମ୍ବନ୍ଧରେ ଏପର୍ଯ୍ୟନ୍ତ କୁହାଯାଇ ନାହିଁ ।

ଶ୍ରୀମା' ଥରେ କହିଥିଲେ, ''ମୁକ୍ତି ହେଉଛି ଏକ ଶାରୀରିକ ବ୍ୟାପାର''– (Salvation is physical) । ଅର୍ଥାତ୍, ଶରୀରରୁ ବାହାରିଯାଇ ବା ଜଡ଼ପଦାର୍ଥକୁ ଅଗ୍ରାହ୍ୟ କରି ଯେଉଁ ମୁକ୍ତି ବା ମୋକ୍ଷ ଲାଭ କରାଯାଏ, ତାହା ପ୍ରକୃତ ମୁକ୍ତି ନୁହେଁ । ଶରୀର ମଧ୍ୟରେ ରହି ମନୁଷ୍ୟ ତା' ନିଜର ସୀମା ବନ୍ଧନ ମଧ୍ୟରୁ, ତା'ର ଚେତନାର ସୀମାବଦ୍ଧତାରୁ, ତା'ର ଶରୀରର ସୀମା ମଧ୍ୟରୁ ମୁକ୍ତି ପାଇବାକୁହିଁ ଯଥାର୍ଥ ମୁକ୍ତି ବୋଲି କୁହାଯିବ ।

ଏହି ମୁକ୍ତି ଯେଉଁ ଚେତନାରେ ସମ୍ଭବ ହେବ, ଶ୍ରୀଅରବିନ୍ଦ ତାହାକୁ 'ଅତିମାନସ ଚେତନା' ବୋଲି କହିଛନ୍ତି । ସେହି ଚେତନାକୁ ଧାରଣକରି ପୃଥିବୀପୃଷ୍ଠରେ ଆବିର୍ଭୂତ ହେବାକୁ ଯାଉଥିବା ଜୀବସତ୍ତା ବା ପ୍ରଜାତିକୁ 'ଅତିମାନସିକ ସତ୍ତା' ବୋଲି ଅଭିହିତ କରିଛନ୍ତି ।

ଶ୍ରୀଅରବିନ୍ଦ ଓ ଶ୍ରୀମା କହିଛନ୍ତି ଯେ ଅତିମାନସିକ ସତ୍ତା, ମାନସଶକ୍ତିର ବିଭାଜନରୁ ମୁକ୍ତ ହୋଇ ଅନ୍ୟ ଏକ ଜଡ଼ ପଦାର୍ଥ ମଧ୍ୟରେ, ସ୍ୱାଭାବିକ ଜୈବବିଜ୍ଞାନିକ ପ୍ରକ୍ରିୟା ଦ୍ୱାରା ଜନ୍ମ ନହୋଇ ଭିନ୍ନ ଭାବରେ ସୃଷ୍ଟ ହେବ ଏବଂ ଏହି ସତ୍ତାର ଆବିର୍ଭାବ ଦ୍ୱାରା ପରମେଶ୍ୱରଙ୍କର ଏକ ବିଶେଷ ଉଦ୍ଦେଶ୍ୟ ସାଧିତ ହେବ । ଏହି ଚେତନା ଓ ଏହି ଶରୀର ମଧ୍ୟରେହିଁ ବର୍ତ୍ତମାନର ମାନବଜାତି ସମାହିତ ହେବ, ପୂର୍ଣ୍ଣତା ଲାଭ କରିବ । ଏହି ପ୍ରଜାତିର ସୃଷ୍ଟି ନିମିତ୍ତ 'ପୂର୍ଣ୍ଣଯୋଗ'ର ଧାରା ନିର୍ଣ୍ଣୀତ ହୋଇଛି । ଏହି ଯୋଗ ସାଧନା ବଳରେ ମଣିଷ ନିଜେ ନିଜର ବିବର୍ତ୍ତନକୁ ତ୍ୱରାନ୍ୱିତ କରିପାରିବ – ନିଜର ଚେତନା, ମନ, ପ୍ରାଣ ଓ ଶରୀରର ରୂପାନ୍ତର କରିବା ଦ୍ୱାରା ସଚେତନ ଭାବରେ ଅନ୍ୟ ଗୋଟିଏ ପ୍ରଜାତିର ଚେତନା ଓ ଶରୀର ମଧ୍ୟକୁ ନିକ୍ଷିପ୍ତ ହେବ ।

ମନ, ପ୍ରାଣର ରୂପାନ୍ତର ପରେ ଶରୀରର ରୂପାନ୍ତରହିଁ ପୂର୍ଣ୍ଣଯୋଗର ସିଦ୍ଧି । ସେ ସିଦ୍ଧି ଏପର୍ଯ୍ୟନ୍ତ କାହାରିକୁ ମିଳି ନାହିଁ । ଶ୍ରୀମା' ୧୯୫୦ ମସିହାରୁ ୧୯୭୩ ମସିହା ପର୍ଯ୍ୟନ୍ତ ଶରୀର ରୂପାନ୍ତରର ପ୍ରଗାଢ଼ ସାଧନା ଭିତରେ ନିୟୋଜିତ ଥିଲେ । ଏହି ସାଧନାର ପର୍ଯ୍ୟାୟକୁ ସେ 'ଜୀବକୋଷମାନଙ୍କର ଯୋଗ' ବୋଲି ଅଭିହିତ କରିଥିଲେ । ଶରୀରର ଜୀବକୋଷ ମଧ୍ୟରେ ବି ଏହି ଯୋଗର ଶେଷ ପର୍ଯ୍ୟାୟ ସାଧିତ ହେବ ଓ ଶରୀର ରୂପାନ୍ତରିତ ହେବ, ଏକ ନୂତନ ଜଡ଼ପଦାର୍ଥ ଦ୍ୱାରା ଏକ ନୂତନ ଜୀବସତ୍ତା ନିର୍ମିତ ହେବ ।

ଏହା ହେଉଛି ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ଦ୍ୱାରା ନିର୍ଣ୍ଣୀତ ହୋଇଥିବା ଯୋଗ ପନ୍ଥାର ଏକ ସଂକ୍ଷିପ୍ତ ରୂପରେଖ ।

ଏହି 'ଅତିମାନସ ଚେତନା'କୁ ଧାରଣ କରୁଥିବା ବ୍ୟକ୍ତି କିପରି ହେବ ? ଏହି ଅତିମାନସ ଶରୀର କିପରି ଭାବରେ ରୂପାନ୍ତରିତ ହେବ ? ରୂପାନ୍ତରିତ ଶରୀର କିପରି ଦେଖାଯିବ ? ଅତିମାନସିକ ସତ୍ତାରେ ରୂପାନ୍ତରିତ ହେବା ପାଇଁ ଆବଶ୍ୟକ ଗୁଣାବଳୀ କ'ଣ ? ଏ ସମ୍ବନ୍ଧରେ ଶ୍ରୀମା'ଙ୍କର ଚମକପ୍ରଦ ଅଭିଜ୍ଞତାସବୁ ରହିଛି । ଏହି ଅଭିଜ୍ଞତାରୁ କିଛି କିଛି ଏଠାରେ ଉଲ୍ଲେଖ କରୁଛି ।

ଶ୍ରୀମା ଥରେ କହିଥିଲେ, ''ମାନ୍ଦ୍ରାଜରେ ଜଣେ

ଆମେରିକୀୟ ବ୍ୟକ୍ତି ଅଛନ୍ତି ଜଣେ ବିଖ୍ୟାତ ଲୋକ ବୋଧହୁଏ, ଆମେରିକାର ନୂଆ ରାଷ୍ଟ୍ରପତି କେନେଡିଙ୍କର ଜଣେ ବନ୍ଧୁ । ସେ ଶ୍ରୀଅରବିନ୍ଦଙ୍କୁ ବାରବାର ପଢ଼ିଛନ୍ତି ଓ ଖୁବ୍ ଆଗ୍ରହୀ ହୋଇଛନ୍ତି । ସେ କେତେକଙ୍କ ପାଖକୁ ଚିଠି ଲେଖିଛନ୍ତି ଯେ କେନେଡ଼ି ଏଠାକୁ ଆସିଲେ, ସେ ତାଙ୍କୁ ଆଶ୍ରମକୁ ନେଇ ଆସିବେ । ଏହି ଲୋକଜଣକ ବେଶ୍ ଆକର୍ଷଣୀୟ ପ୍ରଶ୍ନଟିଏ ପଚାରିଛନ୍ତି ଏକପ୍ରକାର ତୁଳନାତ୍ମକ ବିଚାର ସହିତ... ''ଗୋଟିଏ ଘଞ୍ଚ ଜଙ୍ଗଲରେ, ଗୋଟିଏ ତୃଷାର୍ତ୍ତ ହରିଣ ପାଣି ଖୋଜିବାକୁ ଯାଇଛି । ଏ ବିଷୟରେ କେହି ସଚେତନ ନାହାନ୍ତି, କିନ୍ତୁ ଜଣେ ବ୍ୟକ୍ତି ଯେ'କି ହରିଣ ଶିକାର ବିଷୟରେ ବିଶେଷ ଜ୍ଞାନଲାଭ କରିଛି, ସେ ହରିଣ ଯାଇଥିବା ବାଟକୁ ଦେଖି ଏହା ଜାଣିପାରିବ ଯେ, ସେ କେଉଁ ପ୍ରକାରର ହରିଣ, ତାହାର ବୟସ କେତେ, ତଥା ତା'ର ଲିଙ୍ଗ, ସବୁକିଛି ଜାଣିପାରିବ । ସେହିପରି ସେହି ଶିକାରୀମାନଙ୍କ ଭଳି ବିଶେଷ ଆଧ୍ୟାତ୍ମିକ ଜ୍ଞାନ ଥିବା କେତେକ ବ୍ୟକ୍ତି ନିଶ୍ଚୟ ଥିବେ ଯେଉଁମାନେ ଅତିମାନସର ସ୍ପର୍ଶ ପାଇଥିବା ଜଣେ ବ୍ୟକ୍ତିକୁ ଦେଖି ଚିହ୍ନିପାରିବେ । ଅଥଚ ସାଧାରଣ ଲୋକ ଏସମ୍ବନ୍ଧରେ କିଛି ଜାଣିପାରିବ ନାହିଁ । ତେଣୁ ସେ ପଚାରିଛନ୍ତି, ''ମୁଁ ଜାଣିବାକୁ ଚାହୁଁଛି ଯେ, କେଉଁ କେଉଁ ଲକ୍ଷଣ ଦ୍ୱାରା ଏଭଳି ବ୍ୟକ୍ତିକୁ ଚିହ୍ନି ହେବ ?''

''ଏହା ଗୋଟିଏ ବୁଦ୍ଧିମାନ୍ ପ୍ରଶ୍ନ । ମୁଁ ଇଂରାଜୀରେ, ସଂକ୍ଷେପରେ ଉତ୍ତର ଦେଇଛି... ମୁଁ ତତ୍‌କ୍ଷଣାତ୍ କହିପାରେ ଯେ, ଦୁଇଟି ଲକ୍ଷଣ ରହିଛି, ଦୁଇଟି ନିର୍ଦ୍ଦିଷ୍ଟ ଓ ଅକାଟ୍ୟ ଲକ୍ଷଣ ।... ଏହି ଦୁଇଟି ଲକ୍ଷଣ କେବଳ ଅତିମାନସ ଚେତନା ସହିତ ଆସିପାରିବ । ଏହା ବ୍ୟତୀତ ଜଣେ ଏହି ଦୁଇଟିକୁ ଲାଭ କରିପାରିବ ନାହିଁ – କୌଣସି ଯୌଗିକ ପ୍ରଚେଷ୍ଟା, କୌଣସି ଶୃଙ୍ଖଳା କିଂବା ତପସ୍ୟା ଏହାକୁ ଦେଇପାରିବ ନାହିଁ । ଅତିମାନସ ସହିତ ସ୍ୱତଃସ୍ଫୂର୍ତ୍ତ ଭାବରେ ଏହା ଆସିଯିବ ।

''ପ୍ରଥମ ଲକ୍ଷଣ ହେଉଛି :

୧. ଏକ ପୂର୍ଣ୍ଣ ଓ ସ୍ଥାୟୀ ସମତା ।

୨. ଜ୍ଞାନରେ ଏକ ଚରମ ନୈଶ୍ଚିତ୍ୟଭାବ ।

'ଯୋଗ ସମନ୍ୱୟ'ରେ ଶ୍ରୀଅରବିନ୍ଦ 'ସମତା' ଉପରେ ପୂରା ଅଧ୍ୟାୟଟିଏ ଲେଖିଛନ୍ତି – ସେ ଯେମିତି ଆଶ୍ଚର୍ଯ୍ୟଜନକ ନୈଶ୍ଚିତ୍ୟର ସହିତ ବର୍ଣ୍ଣନା କରିଛନ୍ତି, ଅବିକଳ ସେମିତି । ଏହା ସମତା (ସମଚିତ୍ତତା) ନୁହେଁ, ଏହା ଏକ ନିର୍ଦ୍ଦିଷ୍ଟ ଅବସ୍ଥା । ଯେଉଁଠାରେ, ଜଣେ ସବୁକିଛି ସହିତ, ବାହ୍ୟ, ଆନ୍ତର ଏବଂ ପ୍ରତ୍ୟେକ ବ୍ୟକ୍ତିଗତ ବସ୍ତୁ ସହିତ ଏକାପରି ସମ୍ବନ୍ଧିତ ହୋଇଥାଏ । ଏହାହିଁ ପୂର୍ଣ୍ଣ ସମତା : ଲୋକଙ୍କଠାରୁ, ସଂସର୍ଗଠାରୁ, କୌଣସି ବସ୍ତୁଠାରୁ ଆସୁଥିବା ଯେକୌଣସି ସ୍ପନ୍ଦନର ଏହି ଅବସ୍ଥାକୁ ବଦଳାଇ ଦେବାର ଶକ୍ତି ନ ଥାଏ ।

''ଦ୍ୱିତୀୟ ଲକ୍ଷଣ ହେଉଛି, ଜ୍ଞାନରେ ଏକ ଚରମ ପୂର୍ଣ୍ଣତାର ଭାବ । ଏହି ଅବସ୍ଥାକୁ ମନର କୌଣସି ସ୍ତର ଦ୍ୱାରା ଲାଭ କରାଯାଇପାରିବ ନାହିଁ । ଏପରିକି ସବୁଠାରୁ ଆଲୋକିତ ଓ ଉନ୍ନତ ମନ ଦ୍ୱାରା ମଧ୍ୟ ନୁହେଁ ।... ସମସ୍ତ ଜ୍ଞାନ, ଏପରିକି ଉଚ୍ଚତମ ଜ୍ଞାନ ମଧ୍ୟ ଏକ ଉପସଂହାରମୂଳକ ଜ୍ଞାନ । ଏହା ଅନ୍ୟକିଛିର ଉପସଂହାର ଭାବରେ ଆସେ – ଉଦାହରଣସ୍ୱରୂପ ବୋଧିଜ୍ଞାନ । ବୋଧିଜ୍ଞାନ ତୁମକୁ ନିର୍ଦ୍ଦିଷ୍ଟ ଉପଲବ୍ଧି ଦିଏ, କିନ୍ତୁ ତାହା ବି ବୋଧିଜ୍ଞାନର ଉପସଂହାରମୂଳକ । ଏପରିକି ଦୈବୀଜ୍ଞାନ ବି ଉପସଂହାରମୂଳକ... ଅତିମାନସ ଅଭିଜ୍ଞତାରେ ଏପରି ହୁଏ ନାହିଁ – ଏହା ଏକପ୍ରକାର ଚରମ ସମ୍ପୂର୍ଣ୍ଣତା ।... ଏକତ୍ୱ ମଧ୍ୟରୁ ଉଦ୍ଭୂତ ଏକପ୍ରକାର ଚରମପୂର୍ଣ୍ଣତାର ଜ୍ଞାନ – ଜଣେ ଯେଉଁ ବସ୍ତୁଟିକୁ ଜାଣେ ଓ ଅନୁଭବ କରେ, ସେ ତାହାହିଁ ହୋଇଯାଏ । ଜଣେ ତାହାକୁ ଜାଣିପାରେ, କାରଣ ସେ ନିଜେ ତାହାହିଁ ।

''ଯେତେବେଳେ ଏହି ଦୁଇଟି ଲକ୍ଷଣ ରହିଥାଏ, (ଉଭୟ ଆବଶ୍ୟକ । ଗୋଟିଏ, ଅନ୍ୟଟି ବ୍ୟତୀତ ଅପୂର୍ଣ୍ଣ) । ଯେତେବେଳେ ଜଣେ ବ୍ୟକ୍ତିର ଉଭୟ ଗୁଣ ଥାଏ, ତେବେ ଜଣେ ନିଶ୍ଚିତ ହୋଇପାରେ ଯେ ସେ ଅତିମାନସର ସଂସ୍ପର୍ଶରେ ଆସିଛି । ତେଣୁ, ଯେଉଁ ଲୋକମାନେ ଆଲୋକ ପାଇଥିବା ସମ୍ବନ୍ଧରେ କହିଛନ୍ତି... (ହସି) ସେସବୁ ଧୂଆଁବାଣ । କିନ୍ତୁ ଏହି ଦୁଇଟି ଲକ୍ଷଣ ରହିଥିଲେ, ତୁମେ ତୁମର ଧାରଣା ସମ୍ବନ୍ଧରେ ନିଶ୍ଚିତ ରହିପାର ।''

ଅତିମାନସ ଚେତନାର ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିର ଏହି ଦୁଇଟି ଲକ୍ଷଣ ରହିବା ଉଚିତ ବୋଲି ମା' କହିବା ପରେ, ଆଶା କରାଯାଏ ଯେ ଆମେମାନେ ନିଜ ସମ୍ବନ୍ଧରେ, ଅନ୍ୟ କାହା ସମ୍ବନ୍ଧରେ ଆଉ କୌଣସି ପ୍ରକାର କାଳ୍ପନିକ ନିଷ୍ପତ୍ତି ନେଇ ପାରିବା ନାହିଁ କିଂବା ସାମାନ୍ୟ କିଛି ପ୍ରାପ୍ତିରେ ଅତିରଞ୍ଜିତ ଭାବରେ ଗର୍ବ ଅନୁଭବ କରିବା ନାହିଁ ।

ଏଭଳି ଚେତନାରେ ପହଞ୍ଚିବା ପାଇଁ, ମା' କେତେକ ନୂତନ ପ୍ରକ୍ରିୟା ସମ୍ବନ୍ଧରେ କହିଛନ୍ତି, ଅନ୍ୟ ଏକ ଆଲୋଚନାରେ ସେ ସମ୍ବନ୍ଧରେ ଉଲ୍ଲେଖ କରିବି । <

## ପୂର୍ଣ୍ଣଯୋଗର ଭିତ୍ତି, ପ୍ରସ୍ତୁତି ଓ ପରିଣତି (୨୫)

# ପୂର୍ଣ୍ଣଯୋଗ : ଭଗବତ୍ ବିଧାନର ଏକନିଷ୍ଠ ପୂର୍ଣ୍ଣାଙ୍ଗ ଅନୁସରଣ (୪)

**ଶ୍ରୀପତି ଦାସ**

ଏହି ଶୀର୍ଷକ ପ୍ରବନ୍ଧ (ପୂର୍ଣ୍ଣଯୋଗ : ଭଗବତ୍ ବିଧାନର ଏକନିଷ୍ଠ ପୂର୍ଣ୍ଣାଙ୍ଗ ଅନୁସରଣ)ର ପୂର୍ବବର୍ତ୍ତୀ ତିନୋଟି ପ୍ରବନ୍ଧରେ ବିଶ୍ୱସୃଷ୍ଟିର ପ୍ରତ୍ୟେକ ବିଭାବରେ – ଜଡ଼ଜଗତ୍, ପ୍ରାଣଜଗତ୍, ମାନବଜଗତ୍ ଏବଂ ଅନ୍ତରାତ୍ମିକ ତଥା ପରମାତ୍ମିକ କ୍ଷେତ୍ରରେ – ଥିବା ଲୁକ୍କାୟିତ ଭଗବତ୍ ବିଧାନର ବା ବିଶ୍ୱବିଧାନର ଏକ ସର୍ବାଙ୍ଗୀଣ, ସୁସମନ୍ୱିତ, ସୁସଂଗତ ତଥା ସୁସଂଗଠିତ ଅନୁସରଣ ଯେ ପୂର୍ଣ୍ଣଯୋଗର ଯୁଗୋପଯୋଗୀ ପୂର୍ଣ୍ଣାଙ୍ଗ ଦିବ୍ୟଜୀବନ-ଯାପନ ସକାଶେ ଏକାନ୍ତ ଆବଶ୍ୟକ – ଏହା ଆଲୋଚିତ ହୋଇଛି । ଜଡ଼ଜଗତରେ ଦିବ୍ୟସୌନ୍ଦର୍ଯ୍ୟର, ପ୍ରାଣଜଗତରେ ଦିବ୍ୟଶକ୍ତିର, ମାନସଜଗତରେ ଦିବ୍ୟଜ୍ଞାନର ଏବଂ ଅନ୍ତରାତ୍ମିକ ତଥା ପରମାତ୍ମିକ କ୍ଷେତ୍ରରେ ଦିବ୍ୟପ୍ରେମର ପରିପ୍ରକାଶ ନେଇ ପରମେଶ୍ୱରଙ୍କର ଅନ୍ତହୀନ ଏହି ଯେଉଁ ବିଶ୍ୱସୃଷ୍ଟି, ଏ ସମ୍ବନ୍ଧେ ଅନୁଧ୍ୟାନ କଲେ ଯେକୌଣସି ସଚେତନ ମାନବ ପକ୍ଷରେ ବିସ୍ମୟବିହ୍ୱଳ ହୋଇଉଠିବା ସ୍ୱାଭାବିକ ।

ପୂର୍ଣ୍ଣଯୋଗର ଏହି ସାଧନା ନିମିତ୍ତ ପ୍ରଥମ ଆବଶ୍ୟକତା ହେଉଛି ବିଶ୍ୱ ମଧ୍ୟରେ ମାନବଶରୀରର ଅସ୍ତିତ୍ୱକୁ ବଜାୟ ରଖିବା । କାରଣ ଯେଉଁ ଶରୀର ହେଉଛି ପ୍ରାଣ, ମନ, ଓ ପରମାତ୍ମାଙ୍କ ପ୍ରତିନିଧି ଅନ୍ତରାତ୍ମାଙ୍କର ଭିତ୍ତିଭୂମି, ତାହାର ଅସ୍ତିତ୍ୱ ବ୍ୟତୀତ ପୂର୍ଣ୍ଣଯୋଗ-ସାଧନା ଏକାନ୍ତଭାବେ ଅସମ୍ଭବ । କେବଳ ଶରୀରକୁ ନେଇ ବଞ୍ଚିରହିବା ଯଥେଷ୍ଟ ନୁହେଁ, ଏଥିପାଇଁ ଅପରିହାର୍ଯ୍ୟ ହେଉଛି ସ୍ୱାସ୍ଥ୍ୟ, ଅର୍ଥ, ନିରାପତ୍ତା, ଶାନ୍ତି, ସ୍ୱାଧୀନତା, ପାରସ୍ପରିକତା, ସୁସଂଗତି ଓ ମାନବ-ଏକତା । ତେବେ ଏହାକୁ ସମ୍ଭବପର କରିବା ନିମିତ୍ତ ନିଜ ସମ୍ବନ୍ଧେ, ବିଶ୍ୱସୃଷ୍ଟି ସମ୍ବନ୍ଧେ ତଥା ବିଶ୍ୱସ୍ରଷ୍ଟା ପରମେଶ୍ୱରଙ୍କ ସମ୍ବନ୍ଧେ ଏକ ପୂର୍ଣ୍ଣାଙ୍ଗ ଶିକ୍ଷାର ମଧ୍ୟ ଆବଶ୍ୟକତା ରହିଛି । ପୂର୍ଣ୍ଣାଙ୍ଗ ଶିକ୍ଷାକୁ କାର୍ଯ୍ୟକାରୀ ବା ଜୀବନରେ ପ୍ରୟୋଗ କରିବା ନିମିତ୍ତ ପୂର୍ଣ୍ଣାଙ୍ଗ ସାଧନା (ଶରୀର, ପ୍ରାଣ, ମନ ଓ ଚୈତ୍ୟସତ୍ତାର ସାଧନା) ମଧ୍ୟ ଆବଶ୍ୟକ । ଏହି ସାଧନା ଆମକୁ ନେଇଚାଲିବ ଅନ୍ତହୀନ ସିଦ୍ଧି ବା ଭଗବତ୍ ଉପଲବ୍ଧି ଦିଗରେ । ପୂର୍ଣ୍ଣଯୋଗରେ ଭଗବତ୍ ଉପଲବ୍ଧି ଶେଷ କଥା ନୁହେଁ । ପୁରାତନ ଯୋଗ-ସାଧକମାନେ ଏହି ଭଗବତ୍ ଉପଲବ୍ଧିକୁ ନେଇ ସନ୍ତୁଷ୍ଟ ରହୁଥିଲେ । କାରଣ ଏହି ଉପଲବ୍ଧି ହେଲେ ପୁନର୍ବାର ଜନ୍ମଗ୍ରହଣ କରି ରୋଗ-ଜରା-ମୃତ୍ୟୁର ଅସରନ୍ତି ବାଧା-ବିପଦ, ଓ ଦୁଃଖ-ଦୁର୍ଦ୍ଦଶାରୁ ମୁକ୍ତି ମିଳିପାରେ । ଏହିଠାରେହିଁ ପୁରାତନ ଯୋଗର ଅନ୍ତ ଘଟୁଥିଲା । କିନ୍ତୁ ପୂର୍ଣ୍ଣଯୋଗ ବା ରୂପାନ୍ତର-ଯୋଗର ବିଶେଷତ୍ୱ ଏହିଠାରୁହିଁ ଆରମ୍ଭ ହୁଏ । କାରଣ ପୂର୍ଣ୍ଣଯୋଗର ଲକ୍ଷ୍ୟ ହେଉଛି ବ୍ୟକ୍ତିଗତ ତଥା ସାମୂହିକ ଜୀବନ, ସମାଜ ଓ ଜଗତରେ ବିଶ୍ୱସ୍ରଷ୍ଟାଙ୍କ ବିଶ୍ୱସୃଷ୍ଟିର ଉଦ୍ଦେଶ୍ୟ – ଦିବ୍ୟପ୍ରେମ, ଦିବ୍ୟଜ୍ଞାନ, ଦିବ୍ୟଶକ୍ତି ଓ ଦିବ୍ୟସୌନ୍ଦର୍ଯ୍ୟର ପରିପ୍ରକାଶ ବା ଏକ ଦିବ୍ୟସଂସ୍କୃତିସମ୍ପନ୍ନ ଅଭିବ୍ୟକ୍ତି । ଏହାହିଁ ପୂର୍ଣ୍ଣଯୋଗର ବିଶେଷତ୍ୱ ଏବଂ ଏହାପରେ ଆବଶ୍ୟକ ଏହି ଦିବ୍ୟପରିପ୍ରକାଶର ଏକ ସୁସଂଗଠନ ଯାହା ଫଳରେ ଜୀବନ ଓ ଜଗତରେ ପରିସ୍ଫୁଟିତ ହୋଇପାରେ ଏକ ଦିବ୍ୟରୂପାନ୍ତରିତ ଦିବ୍ୟପୂର୍ଣ୍ଣତା । ଏହା ପୂର୍ଣ୍ଣଯୋଗର ପରିପୂର୍ଣ୍ଣ ଲକ୍ଷ୍ୟ ଏବଂ ପୂର୍ଣ୍ଣଯୋଗ-ସାଧକଙ୍କର ପୂର୍ଣ୍ଣାଙ୍ଗ ସାଧନା । କାରଣ ପୂର୍ଣ୍ଣଯୋଗର ଲକ୍ଷ୍ୟ ଯେପରି ପରିପୂର୍ଣ୍ଣ, ଏହାର ସାଧନା ଓ ସିଦ୍ଧି ମଧ୍ୟ ସେହିପରି ପରିପୂର୍ଣ୍ଣ ।

ତେବେ ବିଶ୍ୱସ୍ରଷ୍ଟାଙ୍କର ବିଶ୍ୱସୃଷ୍ଟିର ଏହି ପୂର୍ଣ୍ଣାଙ୍ଗ ଉଦ୍ଦେଶ୍ୟକୁ ପରିପୂର୍ଣ୍ଣ କରିବା ଆଦୌ ସହଜସାଧ୍ୟ ନୁହେଁ । ଏଥିପାଇଁ କଠିନ ସାଧନାର ପ୍ରୟୋଜନ ରହିଛି ଏବଂ ଏହି ସାଧନାର ତୀବ୍ରତା ଉପରେହିଁ ଏହି ପରିପୂର୍ଣ୍ଣତା ନିର୍ଭରକରେ । ବାସ୍ତବରେ ଏହି ସାଧନାର ପ୍ରାରମ୍ଭ ଘଟିଛି ବିଶ୍ୱସୃଷ୍ଟିର ପ୍ରଥମରୁ । ବିଶ୍ୱବିବର୍ତ୍ତନଧାରାରେ ଜଡ଼ଜଗତ୍, ଉଦ୍ଭିଦଜଗତ୍, ପ୍ରାଣଜଗତ୍ ଓ ମାନବଜଗତରେ କ୍ରମଶଃ ଏହାର ଅଭିବୃଦ୍ଧି ଘଟିଛି । ତେବେ ବର୍ତ୍ତମାନର ମାନବଜୀବନରେ ଏହି ସାଧନାର ଅଗ୍ରଗତି ନିମିତ୍ତ ଏକ ବିଶେଷ ସୁଯୋଗ ରହିଛି । କାରଣ ମାନସଚେତନା ହେଉଛି ଏପର୍ଯ୍ୟନ୍ତ ସୃଷ୍ଟି ମଧ୍ୟରେ ପ୍ରକାଶିତ ସର୍ବାଧିକ ଚେତନା ଏବଂ ମାନବ ଯଦି ଚାହେଁ, ସେ ଏହି ସାଧନାକୁ ତ୍ୱରାନ୍ୱିତ କରି ପରମେଶ୍ୱରଙ୍କ ସର୍ବାଙ୍ଗୀଣ ପରିପ୍ରକାଶରେ ଏକନିଷ୍ଠ ଯନ୍ତ୍ର ବା ସହାୟକ ହୋଇପାରେ । ମାନବର ଏହି ସାଧନା ତାକୁ ଚେତନାର ପରବର୍ତ୍ତୀ ସ୍ତରସମୂହ – ଉଚ୍ଚତର ମାନସ, ପ୍ରଦୀପ୍ତ

ମାନସ, ବୋଧିମାନସ, ଅଧିମାନସ ଓ ଅତିମାନସ ଚେତନା ଦିଗରେ ଆଗେଇ ନେଇପାରେ । ଏହି ଅତିମାନସ ଚେତନାହିଁ ପରମେଶ୍ୱରଙ୍କ ନିର୍ଭୁଲ ସୃଜନଶୀଳ ଚେତନା ଯାହା ଜୀବନ ଓ ଜଗତରେ ଦିବ୍ୟପ୍ରେମ, ଦିବ୍ୟଜ୍ଞାନ, ଦିବ୍ୟଶକ୍ତି ଓ ଦିବ୍ୟ ସୌନ୍ଦର୍ଯ୍ୟକୁ ପୂର୍ଣ୍ଣତଃ ପରିପ୍ରକାଶ କରିପାରେ । ଏହି ରୂପାନ୍ତରର ତିନୋଟି ପର୍ଯ୍ୟାୟ ରହିଛି – ଚୈତ୍ୟ ରୂପାନ୍ତର, ଆଧ୍ୟାତ୍ମିକ ରୂପାନ୍ତର ଓ ଅତିମାନସ ରୂପାନ୍ତର । ଆଦିମକାଳରୁ ମନୁଷ୍ୟ ଏହି ଦିବ୍ୟପୂର୍ଣ୍ଣତା ନିମିତ୍ତ ଅଭୀପ୍ସା ଓ ପ୍ରଚେଷ୍ଟା କରିଆସିଛି । କିନ୍ତୁ ଏପର୍ଯ୍ୟନ୍ତ ଏହା ସମ୍ଭବପର ହୋଇ ନାହିଁ । ଏହି ସାଧନାକୁ ତ୍ୱରାନ୍ୱିତ କରିବା ନିମିତ୍ତ ଶ୍ରୀଅରବିନ୍ଦ ଓ ଶ୍ରୀମା' ପୃଥିବୀପୃଷ୍ଠରେ ଅବତୀର୍ଣ୍ଣ ହୋଇ ମାନବସମାଜକୁ ପୂର୍ଣ୍ଣଯୋଗର ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି ।

ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏପର୍ଯ୍ୟନ୍ତ ମାନବ ଏହି ସାଧନାରେ କେତେଦୂର ଅଗ୍ରସର ହୋଇଛି ଏବଂ ଆଉ କ'ଣ କରିବାକୁ ବାକି ରହିଛି । ଏତିକି କୁହାଯାଇପାରେ ଯେ ମାନବ ଏପର୍ଯ୍ୟନ୍ତ ଯାହା କରିଆସିଛି, ତାହା ମଧ୍ୟ କିଛି କମ୍ ନୁହେଁ । ସମାଜ, ଅର୍ଥନୀତି, ରାଜନୀତି, କଳା, ବିଜ୍ଞାନ, ଦର୍ଶନ, ଯୋଗ-ସାଧନା ଇତ୍ୟାଦି କ୍ଷେତ୍ରରେ ଏପର୍ଯ୍ୟନ୍ତ ଯାହାକିଛି ବିକାଶ ଘଟିଛି, ସେସବୁ ପ୍ରତି ଦୃଷ୍ଟିପାତ କଲେ ମଧ୍ୟ ବିସ୍ମୟାଭିଭୂତ ହେବାକୁ ହୋଇଥାଏ । ମାନବର ଏହି ଅଗ୍ରଗତି ପଶ୍ଚାତରେ ଅନ୍ତର୍ନିହିତ ଅଛି ଭାଗବତ ବିଧାନର ରହସ୍ୟ ଯାହା ଅନନ୍ତ, ନିତ୍ୟନୂତନ, ଆନନ୍ଦମୟ ସର୍ବାଙ୍ଗୀଣ ଦିବ୍ୟପୂର୍ଣ୍ଣତା ଦିଗରେ ତାକୁ ପରିଚାଳିତ କରିଚାଲିଛି । ପଥ ମଧ୍ୟରେ ନାନା ବାଧାବିଘ୍ନ ସତ୍ତ୍ୱେ ସେ ଏହି ପୂର୍ଣ୍ଣତା-ସାଧନରୁ ବିରତ ହୋଇ ନାହିଁ । ତେବେ ତଥାପି ଯାହା କରିବାକୁ ବାକି ଅଛି ତାହା ତୁଳନାରେ ସେ ଯାହା କରିଛି, ତାହା ଅତି ନଗଣ୍ୟ । ଅତୀତ ଓ ବର୍ତ୍ତମାନର ବିକାଶକ୍ଷେତ୍ରରେ ଯାହାସବୁ ଘଟିସାରିଛି ତାହା ତୁଳନାରେ ଯାହାସବୁ ସଂଘଟିତ ହେବାକୁ ରହିଛି ତାହା ଅକଳ୍ପନୀୟ ଭାବରେ ବିରାଟ ଓ ଅଚିନ୍ତନୀୟ । ଏହି ମର୍ମରେ ଶ୍ରୀମା କହନ୍ତି : "...one knows nothing compared to what one ought to know,..." (CWM Vol. 16. p. 428)

ଅର୍ଥାତ୍ ''...ବ୍ୟକ୍ତି ଯାହା ଜାଣିବା ଉଚିତ, ତାହା ତୁଳନାରେ ସେ ଯାହା ଜାଣେ ତାହା କିଛି ବି ନୁହେଁ,...''

ଶିକ୍ଷା, ସାଧନା, ସଂସ୍କୃତି ଓ ସଂଗଠନ – ମାନବ-ବିକାଶର ଏହି ଚତୁର୍ବିଧ କ୍ଷେତ୍ରରେ କିଛି ଦୂର ଅଗ୍ରସର ହେବା ପରେ, ବିରୋଧୀଶକ୍ତିସବୁର ଆକ୍ରମଣ ପ୍ରବଳ ହୋଇ ଦେଖାଦିଏ । ଏହି ଆକ୍ରମଣ ତାହାର ଅଜ୍ଞାତସାରରେ ତାକୁ ଅଜ୍ଞାନତା, ଅହଂକାର, ସ୍ୱାର୍ଥପରତା, ଆତ୍ମଗର୍ବ ଇତ୍ୟାଦି ବିଭିନ୍ନ ଭାବେ ସାଧନା-ବିରୋଧୀ କର୍ମରେ ପ୍ରବୃତ୍ତ କରାଏ ଯାହାସବୁ ତାହାର ସର୍ବନାଶର କାରଣ ହୋଇଥାଏ । କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ – ଏହି ଷଡ଼ରିପୁ ସାଧନା-କ୍ଷେତ୍ରରେ ଅଦମନୀୟ ଶତ୍ରୁଭାବେ ଦଣ୍ଡାୟମାନ ହୋଇଥା'ନ୍ତି । ମନୁଷ୍ୟ ହିତାହିତ ଚେତନା ହରାଇ ନାନା କୁକର୍ମରେ ପତିତ ହୁଏ ଯଦ୍ଦ୍ୱାରା ଶିକ୍ଷା, ସାଧନା, ସଂସ୍କୃତି ଓ ସଂଗଠନର ପଥରେ ନାନା ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ହୋଇଥାଏ । ଏହାର କାରଣ ଏହି ଯେ ଏବେ ମଧ୍ୟ ମନୁଷ୍ୟ ତାହାର ସକଳ ଅକଳ୍ପନୀୟ ବିକାଶ ସତ୍ତ୍ୱେ ଏକ ମନୋବିଶିଷ୍ଟ ପଶୁରୂପେ ଜୀବନଯାପନ କରୁଛି । ସାଧନାକ୍ଷେତ୍ରରେ ନିରନ୍ତର ଅଭୀପ୍ସା, ନିଷ୍ଠା, ପ୍ରଚେଷ୍ଟା, ସମର୍ପଣ ଏବଂ ବିରୋଧିଶକ୍ତିର କ୍ରିୟାକଳାପକୁ ସର୍ବାଙ୍ଗୀଣରୂପେ ପ୍ରତ୍ୟାଖ୍ୟାନ ନକଲେ ସାଧନାରେ ନାନା ବିଘ୍ନ ଦେଖା ଦେଇ ତାକୁ ସାଧାରଣ ପଶୁ-ମାନବରେ ପଡ଼ିରହିବାକୁ ବାଧ୍ୟ କରିଥାଏ ।

ସାଧନାର ତୀବ୍ରତା ଅଭାବରୁ ପୃଥିବୀପୃଷ୍ଠରେ ମନୁଷ୍ୟର ଅସ୍ତିତ୍ୱ ଲକ୍ଷ ଲକ୍ଷ ବର୍ଷଧରି ରହିଆସିଥିଲେ ମଧ୍ୟ ଏସବୁର ସମ୍ମୁଖୀନ ହେବା ଏବେ ବି ତାହା ପକ୍ଷରେ ଅତି କଠିନ ହୋଇ ରହିଛି । ତେଣୁ ଏଥିସକାଶେ ସାଧକକୁ ସର୍ବଦା ବୀରଯୋଦ୍ଧାରୂପେ ସକ୍ରିୟ ରହିବାକୁ ହେବ । ଯାହା ଏକାନ୍ତ ଆବଶ୍ୟକ, ତାହା ହେଉଛି ବିରୋଧୀ ଶକ୍ତିର ବାଧା-ବିରୋଧର ସମ୍ମୁଖୀନ ହେବାକୁ ସର୍ବଦା ଭଗବାନଙ୍କ ନିକଟରେ ନିଷ୍ଠାର ସହ ସମର୍ପିତ ହେବାକୁ ହେବ । କାରଣ ଏପରି କୌଣସି ବିରୋଧୀ ଶକ୍ତି ନାହିଁ ଯାହା ଭଗବତ୍ ପରିପ୍ରକାଶକୁ ବିଳମ୍ବିତ କଲେ ମଧ୍ୟ ଶେଷରେ ପରାଜୟ ସ୍ୱୀକାର କରିବାକୁ ବାଧ୍ୟ ହୋଇ ନଥାଏ ।

ତେଣୁ ପୂର୍ଣ୍ଣଯୋଗର ଅନ୍ୟନାମ ହେଉଛି ସମର୍ପଣ-ଯୋଗ । ମନୁଷ୍ୟର ନିଜସ୍ୱ ସୀମିତ ଶକ୍ତି ଏଥିନିମିତ୍ତ ଅତି ସାମାନ୍ୟ ଓ ନଗଣ୍ୟ । ଏହି ଭଗବତ୍ ସମର୍ପଣର ତୀବ୍ରତାହିଁ ମନୁଷ୍ୟକୁ ବିରୋଧିଶକ୍ତିର ସକଳ ବାଧା-ବିରୋଧ ସତ୍ତ୍ୱେ ଦିବ୍ୟରୂପାନ୍ତର-ପଥରେ ଅଗ୍ରଗାମୀ କରାଇପାରେ । ନିମ୍ନ ପଶୁପ୍ରକୃତିରୁ ଉତ୍ତୀର୍ଣ୍ଣ ହେବାକୁ ହେଲେ ଏପର୍ଯ୍ୟନ୍ତ ମାନୁଷୀ ପ୍ରକୃତିର ଦିବ୍ୟରୂପାନ୍ତର ଏକାନ୍ତ ଆବଶ୍ୟକ ଏବଂ ଏଥିପାଇଁ ପୂର୍ଣ୍ଣଯୋଗ ବା ରୂପାନ୍ତର-ଯୋଗର ସାଧନା ସକାଶେ

ପରମେଶ୍ୱରଙ୍କ ନିକଟରେ ଏକନିଷ୍ଠ ଆତ୍ମସମର୍ପଣ ଅପରିହାର୍ଯ୍ୟ । ଏହି ଦୃଷ୍ଟିକୋଣରୁ ଶ୍ରୀମା କହନ୍ତି : "No human will can finally prevail against the Divine's Will. Let us put ourselves deliberately and exclusively on the side of the Divine, and the Victory is ultimately certain." (New Year's Message, 1955)

ଅର୍ଥାତ୍, ''ଭଗବତ୍ ସଂକଳ୍ପ ବିରୋଧରେ କୌଣସି ମାନୁଷୀ ଇଚ୍ଛା ଶେଷପର୍ଯ୍ୟନ୍ତ ତିଷ୍ଠିପାରେ ନାହିଁ । ଆସ, ଆମେ ସ୍ୱେଚ୍ଛାରେ ଏବଂ ଅନନ୍ୟଭାବେ ଭଗବାନଙ୍କ ପକ୍ଷ ଗ୍ରହଣ କରିବା ଏବଂ ପରିଣାମରେ ବିଜୟ ସୁନିଶ୍ଚିତ । — ଶ୍ରୀମା

କେବଳ ସମର୍ପଣ ମଧ୍ୟ ଯଥେଷ୍ଟ ନୁହେଁ, ଗଭୀର ଭଗବତ୍ ଶ୍ରଦ୍ଧା ସହିତ ସକ୍ରିୟ ସଚେଷ୍ଟ ରୂପାନ୍ତର-ସାଧନା ମଧ୍ୟ ଏଥିପାଇଁ ବିଶେଷ ଆବଶ୍ୟକ । ମାନବ ମଧ୍ୟସ୍ଥ ପଶୁ-ପ୍ରକୃତିର ଦିବ୍ୟ ରୂପାନ୍ତର ବ୍ୟତୀତ ଜୀବନ ଓ ସମାଜରେ ଜ୍ଞାନ, ପ୍ରେମ, ଶକ୍ତି ଓ ସୌନ୍ଦର୍ଯ୍ୟର ଦିବ୍ୟ ଅଭିବ୍ୟକ୍ତି ଅସମ୍ଭବ । ତେଣୁ ଶ୍ରୀମା'ଙ୍କ ଭାଷାରେ : "Lord, we are upon earth to accomplish Thy work of transformation. It is our sole will, our sole preoccupation. Grant that it may be also our sole occupation and that all our actions may help us towards this single goal." (New Year's Message, 1951)

ଅର୍ଥାତ୍, ''ହେ ଭଗବାନ୍ ! ତୁମର ରୂପାନ୍ତର କାର୍ଯ୍ୟ ସୁସଂପନ୍ନ କରିବା ନିମିତ୍ତ ଆମେ ପୃଥିବୀରେ ଅବସ୍ଥାନ କରୁଛୁ । ଏହାହିଁ ଆମର ଏକାନ୍ତ ସଂକଳ୍ପ, ଏକମାତ୍ର ପ୍ରବୃତ୍ତି । ପୁନଶ୍ଚ ଏହାହିଁ କର, ଯେପରି ଏହା ଆମର ଏକମାତ୍ର ଜୀବନ-ବୃତ୍ତି ହୋଇଉଠେ ଏବଂ ଆମର ସକଳ କର୍ମ ଯେପରି ଏହି ଏକହିଁ ଲକ୍ଷ୍ୟ-ସାଧନାରେ ସହାୟକ ହୁଏ ।'' — ଶ୍ରୀମା

ପୂର୍ଣ୍ଣଯୋଗ-ସାଧନାରେ ଅଗ୍ରସର ହେବାର ଅନ୍ୟ ଏକ ଆବଶ୍ୟକ ମନୋଭାବ ହେଉଛି ସର୍ବଦା ଏକ ଦିବ୍ୟ ଆଶା, ନିର୍ଭରତା, ଦୃଢ଼ବିଶ୍ୱାସ ଓ ପ୍ରଫୁଲ୍ଲଚିତ୍ତତା ବଜାୟ ରଖିବା । କଦାପି ନିରାଶ ନହୋଇ ସର୍ବଦା ଆଶାବାନ୍ ହେବା, ବିଷଣ୍ଣତାକୁ ଚେତନାରେ ସ୍ଥାନ ନଦେବା । ଭଗବତ୍ କରୁଣାଲାଭର ନିଃସନ୍ଦିଗ୍ଧତାର ସହ ସର୍ବଦା ଭଗବତ୍ ନିର୍ଭରତା ଉପରେ ଗୁରୁତ୍ୱ ଦେବା । ଏ ସମ୍ବନ୍ଧରେ ଶ୍ରୀମା କହନ୍ତି : "Never forget that you are not alone. The Divine is with you helping and guiding you. He is the companion who never fails, the friend whose love comforts and strengthens. Have faith and He will do everything for you."

(Message of 29.3.1952)

ଅର୍ଥାତ୍, ''କେବେବି ଭୁଲିଯାଅ ନାହିଁ ଯେ ତୁମେ ଏକାକୀ ନୁହଁ । ସହାୟକ ଓ ପଥପ୍ରଦର୍ଶକରୂପେ ଭଗବାନହିଁ ତୁମ ସହିତ ଅଛନ୍ତି । ସେ ଏପରି ଏକ ସାଥୀ ଯେ କେବେବି ତୁମକୁ ଛାଡ଼ି ଚାଲିଯା'ନ୍ତି ନାହିଁ, ସେ ଏପରି ଏକ ବନ୍ଧୁ ଯାହାଙ୍କ ପ୍ରେମ ଆଶ୍ୱାସନା ଓ ଶକ୍ତିପ୍ରଦାନ କରେ । ତାଙ୍କ ପ୍ରତି ବିଶ୍ୱାସ ରଖ, ସେ ତୁମ ସକାଶେ ସବୁକିଛି କରିଦେବେ ।'' — ଶ୍ରୀମା

ପୁନଶ୍ଚ ପୂର୍ଣ୍ଣଯୋଗ-ସାଧନାର ଚରମ ଲକ୍ଷ୍ୟ ହେଉଛି ନିତ୍ୟପ୍ରଗତିଶୀଳ ଆନନ୍ଦମୟ ସର୍ବାଙ୍ଗୀଣ ଦିବ୍ୟପୂର୍ଣ୍ଣତା । ଏପର୍ଯ୍ୟନ୍ତ ସକଳ ସାଧନା ସତ୍ତ୍ୱେ ମାନବଜୀବନ ଓ ସମାଜରେ ଏହି ଚେତନା ଓ ପୂର୍ଣ୍ଣତା ପ୍ରତିଷ୍ଠିତ ହୋଇପାରି ନାହିଁ । କିନ୍ତୁ ଏହା ବ୍ୟତୀତ ପୂର୍ଣ୍ଣଯୋଗ ଅସମ୍ପୂର୍ଣ୍ଣ । ତେଣୁ ଶ୍ରୀଅରବିନ୍ଦ କହନ୍ତି : "The divine perfection is always there above us; but for man to become divine in consciousness and act and to live inwardly and outwardly the divine life is what is meant by spirituality; all lesser meanings given to the word are inadequate fumblings or impostures."

(*The Human Cycle*, P., 263) – Sri Aurobindo

ଅର୍ଥାତ୍, ''ଭଗବତ୍ ସିଦ୍ଧି ସର୍ବଦାହିଁ ଆମ୍ଭମାନଙ୍କ ଊର୍ଦ୍ଧ୍ୱରେ ବିଦ୍ୟମାନ । କିନ୍ତୁ ଆଧ୍ୟାତ୍ମିକତାର ଅର୍ଥ ଏହି ଯେ ମନୁଷ୍ୟ ନିଜ ଚେତନା ଓ କର୍ମରେ ଦିବ୍ୟତାପ୍ରାପ୍ତ ହେବ, ଅନ୍ତରରେ ଏବଂ ବାହାରରେ ଦିବ୍ୟ ଜୀବନଯାପନ କରିବ; ଏହାଠାରୁ ନ୍ୟୂନତର ଯେତେ ଅର୍ଥ ଏହି ଶବ୍ଦର କରାଯାଏ, ତାହା ହୁଏତ ଅପୂର୍ଣ୍ଣ ଅନ୍ଧ ଅନୁସରଣ ଅଥବା ମିଥ୍ୟାଚାର ।''
(୨୪. ୪. ୧୯୫୯ରେ ପ୍ରଦତ୍ତ ବାଣୀ) — ଶ୍ରୀଅରବିନ୍ଦ

(କ୍ରମଶଃ) <

# ପରିବର୍ତ୍ତନର ପଦଧ୍ୱନି

## ଶ୍ରୀ ବିମଳ ପ୍ରସନ୍ନ ଦାସ

ସମସାମୟିକ ଏପୃଥିବୀ ପରସ୍ପରବିରୋଧୀ ଘଟଣାବଳି ଓ ଭାବନାରେ ଭରପୂର । ମହାକାଳର ଲିପିବଦ୍ଧ ଇତିହାସରେ ଗତ ଦୁଇଟି ଶତାବ୍ଦୀ ଭଳି ତାତ୍ପର୍ଯ୍ୟପୂର୍ଣ୍ଣ ସମୟର ଦୃଷ୍ଟାନ୍ତ ଆଉ ଦେଖିବାକୁ ମିଳେ ନାହିଁ । ଦୁଇ-ଦୁଇଟି ମହାଯୁଦ୍ଧ ସହିତ କେତେ ବିପ୍ଳବ, ଗୃହବିପ୍ଳବ, ସାମ୍ରାଜ୍ୟବାଦ, ସାମନ୍ତବାଦ ଓ ରାଜତନ୍ତ୍ରର ବିଲୁପ୍ତି ପରେ ଜନ୍ମନେଲା ବ୍ୟକ୍ତିଗତ ଅଧିକାର ଏବଂ ନାରୀଜାତିର ସ୍ୱାଧୀନତା ।

କିନ୍ତୁ ସଭ୍ୟତାର ବିଡ଼ମ୍ବନା ହେଲା ମଣିଷର ଏଇ ନବଲବ୍ଧ ଅଧିକାରବୋଧ ତଥା ରାଜନୈତିକ ଓ ସାମାଜିକ ସ୍ୱାଧୀନତାର ଅପବ୍ୟବହାର ନିର୍ବିରୋଧରେ ବୃଦ୍ଧି ପାଇଚାଲିଲା । ସଦୁପଯୋଗ ପରିବର୍ତ୍ତେ ଯଥେଚ୍ଛାଚାର ଅପପ୍ରୟୋଗ ହେଲା । ବ୍ୟକ୍ତିଗତ ଅହଂ ଯେତେବେଳେ ଅନେକଙ୍କୁ ଅର୍ଥ ପ୍ରତି ଅନ୍ଧଭାବରେ ଆସକ୍ତ କଲା, ଧର୍ମ, ଜାତି ଓ ସମ୍ପ୍ରଦାୟଙ୍କୁ ଭିତ୍ତିକରି ସାମୂହିକ ଅହଂ ବିପ୍ଳବାତ୍ମକ ରୂପ ନେଲା । ବ୍ୟକ୍ତି-ସ୍ୱାଧୀନତାର ମାଦକତା ଏସବୁକୁ ଉତ୍ସାହିତ କରିଚାଲିଲା । କାରଣ ମଣିଷର ଚରିତ୍ରରେ ଓ କାର୍ଯ୍ୟକଳାପରେ ଏମିତି ରହସ୍ୟମୟ କୌଣସି ଦୁର୍ବଳତା ରହିଛି ଯାହାଫଳରେ ସେଦିନର ତ୍ୟାଗୀ ଦେଶପ୍ରେମୀଟିଏ କ୍ଷମତାଲୋଭୀ ଓ ଅବିବେକୀ ମଣିଷ ପାଲଟି ଯାଉଛି । ଜଣେ ଆଦର୍ଶବାଦୀ ପ୍ରଚଣ୍ଡ ଅହଂସର୍ବସ୍ୱ ବ୍ୟକ୍ତିରେ ପରିଣତ ହେଉଛି । ଏକଦା ସତ୍ୟବାଦୀ, ସାହସୀ ତଥା ନିଷ୍ଠାବାନ୍ ଭାବରେ ପରିଚିତ ମଣିଷଟିଏ ଦୁର୍ନୀତିଗ୍ରସ୍ତ ଓ ଭୀରୁ ଭାବରେ ଦେଖାଦେଉଛି । ଅଧିକରୁ ଅଧିକ ଅର୍ଥସଂଗ୍ରହ ଓ ଭବିଷ୍ୟତର ଦାୟାଦମାନଙ୍କ ପାଇଁ ସଞ୍ଚୟ ନିଶାରେ କ୍ଷମତାକୁ ଆକୁଳ-ବିକଳ ହୋଇ ଜାବୁଡ଼ି ରଖିବା ମାଧ୍ୟମରେ ସେ ନିରାପତ୍ତା ଖୋଜୁଛି । ମଣିଷ-ଚେତନା ଭିତରେ ଏପରି କୌଣସି ବିଷ ରହିଛି ଯାହା ଯେକୌଣସି ଆଦର୍ଶ ଭିତରକୁ ସଂକ୍ରମିତ ହୋଇଯାଉଛି । ପ୍ରଶ୍ନ ହେଉଛି ଏ ବିଷର ଅନ୍ତିମ ପରିଣତି କ'ଣ ଓ କେବେ ?

ଏ ପରିପ୍ରେକ୍ଷୀରେ ଆଜି ଆମ ଦେଶର ଅବସ୍ଥା ସ୍ୱତଃ ବିଚାରକୁ ଆସେ । ଦୀର୍ଘ ଦୁଇଶହ ବର୍ଷର ପରାଧୀନତା ପରେ ଏଦେଶ ସ୍ୱାଧୀନ ହୋଇଥିଲା । ପଞ୍ଚଷଠି ବର୍ଷ କିଛି କମ୍ ନୁହେଁ ଶିଖିବା ପାଇଁ । କିନ୍ତୁ ଦେଶର ପ୍ରଗତି-ପଥରେ ସବୁ ଦିଗରେ ଦୁର୍ନୀତି, ଭ୍ରଷ୍ଟାଚାର, ମିଥ୍ୟାଚାରର ବ୍ରହ୍ମରାକ୍ଷସ ବାଟ ଓଗାଳି ଠିଆହୋଇଛି । ସଭ୍ୟତାର ମାପକାଠି ଭାବରେ ଦିଲ୍ଲୀ, ମୁମ୍ବାଇ, କୋଲକାତା, ବାଙ୍ଗାଲୋର, ଭୁବନେଶ୍ୱର ପ୍ରଭୃତି ଯେକୌଣସି ସ୍ଥାନରେ ଅତି ଭୟଙ୍କର ଭାବରେ ଦୁର୍ନୀତିର ବିଜୟ ଦୁନ୍ଦୁଭି ଚିତ୍କାର କରୁଛି । ୨ଜି-ସେକ୍ଟ୍ରମ୍ ହେଉ ବା ଖଣି ମହାଦୁର୍ନୀତି ହେଉ, ସବୁଠାରେ ବକାସୁରର ଲୋଭ । ଅଧ୍ୟାପକ, ପ୍ରଶାସକ, ଡାକ୍ତର, ନେତା, ଅଭିନେତା, କିରାଣୀ, ପିଅନ, ଯନ୍ତ୍ରୀ, ମନ୍ତ୍ରୀ ଅଧିକାଂଶ ନିଜ ନିଜ ପରିଧି ଓ ପରିସରରେ ଉଦ୍ଧତ ଓ ଉନ୍ମତ୍ତ । ଗରିବଙ୍କ ମୁହଁରେ ଆହାର ଦେବା ଲକ୍ଷ୍ୟରେ କେତେ ପ୍ରକାର ଯୋଜନା ହେଉଛି । ମାତ୍ର ଗରିବୀହିଁ ଯେପରି ତା'ର ଜନ୍ମ-ଜାତକ, ଜନ୍ମଗତ ଦାବି । ନିସଙ୍କୋଚରେ ତା' ମୁହଁରୁ ଆହାର ଛଡ଼ାଇ ନେଉଛନ୍ତି ବିଭିନ୍ନ ଗୋଷ୍ଠୀର ଦଲାଲମାନେ । ଗରିବ ବିଚରା ଖାଲିପେଟ ଚାଖଣ୍ଡକ ପୂରେଇବା ପାଇଁ ସକାଳୁ ଧାଉଁଛି ଓ ସେଇ ବାଟରେ ପୂରିଲା ଫୁଲିଲା ପେଟକୁ ଖାଲି କରିବାକୁ ଉପରୋକ୍ତ ଶ୍ରେଣୀର ତଥାକଥିତ ଶିକ୍ଷିତମାନେ ଧାଉଁଛନ୍ତି । ସତେ ଯେମିତି ବାଲିଜନ୍ଦାମାନଙ୍କର ପ୍ରଭାତୀ ପଟୁଆର — କିନ୍ତୁ ପରସ୍ପରର ଗତି ବିପରୀତମୁଖୀ । କୁଆଡ଼ୁ ଆସିଛନ୍ତି, କୁଆଡ଼େ ମୁହାଁଇଛନ୍ତି ହୁଏତ ଜାଣୁ ନାହାନ୍ତି ।

ଏହି ଦୃଶ୍ୟ ସ୍ୱତଃ ମନେପକାଇଦିଏ ଦିବ୍ୟଜନନୀ ଶ୍ରୀମାଙ୍କର ନଭେମ୍ବର ୨୯, ୧୯୧୩ର ଲିପିବଦ୍ଧ ପ୍ରାର୍ଥନା :— ''କାହିଁକି ଏଇ କୋଳାହଳ, ଏଇ ଆନ୍ଦୋଳନ, ଏଇ ବିକ୍ଷୋଭ ? କାହିଁକି ଏହି ଘୂର୍ଣ୍ଣିବାତ୍ୟା ମନୁଷ୍ୟଙ୍କୁ ନେଇ ଛୁଟିଚାଲିଛି ଝଡ଼ ଭିତରେ ପଡ଼ିଯାଇଥିବା ଦଳେ ମାଛି ପରି । କି କରୁଣ ଦୃଶ୍ୟ, ଶକ୍ତିର କି ଅପବ୍ୟୟ, ଏତେ ପରିଶ୍ରମ କେବଳ ନଷ୍ଟ ! ସୂତାରେ ଟଣାହୋଇ କଣ୍ଢେଇ ପରି ସେମାନଙ୍କର ଏଇ ଯେଉଁ ନୃତ୍ୟ ଚାଲିଛି ତା' କେବେ ବନ୍ଦହେବ, କ'ଣ ବା କାହା ଦ୍ୱାରା ଏଇ ସୂତା ଧରାହୋଇଛି ସେମାନେ ତାହା ବି ଜାଣନ୍ତି ନାହିଁ । କେବେ ସମୟ କରି ସେମାନେ ଟିକେ ସ୍ଥିରହୋଇ ବସିବେ, ନିଜ ଭିତର ଆଡ଼କୁ ଦୃଷ୍ଟି ଦେବେ ଓ ଆତ୍ମସ୍ଥ ହୋଇ ଅନ୍ତରର ଦ୍ୱାରକୁ ଖୋଲି ଧରିବେ, ଯାହାକି ଆଢୁଆଳ କରି ରଖିଛି ତୁମର ଅମୂଲ୍ୟ ସଂପଦସବୁକୁ, ଅସୀମ କଲ୍ୟାଣସବୁକୁ ।

''ଲୋକମାନଙ୍କର ଅଜ୍ଞାନ ଓ ଅନ୍ଧକାରର ଜୀବନ, ସେମାନଙ୍କ ନିର୍ବୋଧ ଉତ୍ତେଜନା ଓ ବ୍ୟର୍ଥ ବିକ୍ଷିପ୍ତତାର ଜୀବନ ମୋର ମନେହୁଏ କି ଦୀନହୀନ, କି ବେଦନାକ୍ଲିଷ୍ଟ । ଅଥଚ ତୁମର ପରମ ଜ୍ୟୋତିଃର ଗୋଟିଏ ମାତ୍ର କଣା, ତୁମର ଦିବ୍ୟପ୍ରେମର ଗୋଟିଏ ମାତ୍ର ବିନ୍ଦୁ ଏଇ ବେଦନାକୁ ଆନନ୍ଦର ମହାସାଗରରେ ପରିଣତ କରିପାରେ !''

(ଧ୍ୟାନ ଓ ପ୍ରାର୍ଥନା : ପୃଷ୍ଠା ୨୧-୨୨)

ଥରେ ମଣିଷ ପଥଭ୍ରଷ୍ଟ ହେଲେ ଆଉ ନୀତି ଓ ନୈତିକତାର ସୀମା ମାଡ଼େ ନାହିଁ । ସବୁ ବାଟ ତାକୁ ସମାନ ଦେଖାଯାଏ । ଏହି କାରଣରୁ ଧର୍ମ, ସାହିତ୍ୟ, ସମାଜସେବା, ପ୍ରଶାସନ, ପବିତ୍ର ବିଚାରାଳୟ, ବିଧାନସଭା ଓ ସଂସଦଭବନ ସେନାଶିବିର, ବିଦେଶସେବା ଓ ବିଭିନ୍ନ ଉପାସନାପୀଠ – ସର୍ବତ୍ର ଭ୍ରଷ୍ଟାଚାରୀଙ୍କ ଏକଚାଟିଆ ଆଧିପତ୍ୟ । ଅହରହ ସେଠାରେ ବେଦମନ୍ତ୍ର ପରି ଉଚ୍ଚାରିତ ହେଉଛି, ''ଦୁର୍ନୀତି ଜିନ୍ଦାବାଦ''ର ମନୋମୁଗ୍ଧକର ଆହ୍ୱାନ ।

ଏହି ପରିପ୍ରେକ୍ଷୀରେ ଦିବ୍ୟଜନନୀଙ୍କର ନଭେମ୍ବର ୨୪, ୧୯୩୧ର ପ୍ରାର୍ଥନା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଓ କାଳୋପଯୋଗୀ : ''ପ୍ରଭୁ, ପ୍ରଭୁ, ଚତୁର୍ଦିଗରେ ତୁମର ଶତ୍ରୁମାନେ ବିଜୟୀ ହୋଇ ଚାଲିଛନ୍ତି । ମିଥ୍ୟା ଆଜି ଜଗତର ସମ୍ରାଟ । ତୁମ ବିନା ଜୀବନ ମୃତ୍ୟୁ, ଏକ ଚିରନ୍ତନ ନରକ । ଆଶାର ସ୍ଥାନରେ ଦେଖା ଦେଇଛି ସଂଶୟ, ସମର୍ପଣ ପରିବର୍ତ୍ତେ ଆସିଛି ବିଦ୍ରୋହ, ବିଶ୍ୱାସ କ୍ଷୀଣ ହୋଇପଡ଼ିଛି, କୃତଜ୍ଞତା ଜନ୍ମଗ୍ରହଣ ବି କରି ନାହିଁ । ଅନ୍ଧ ରିପୁଗଣ, ହିଂସ୍ର ଆବେଗ, ପାପପୂର୍ଣ୍ଣ ଦୁର୍ବଳତା ତୁମର ପ୍ରେମର ମଧୁର ବିଧାନକୁ ଆଚ୍ଛାଦିତ କରିଛନ୍ତି, ନିପୀଡ଼ିତ କରିଛନ୍ତି । ହେ ଭଗବାନ୍ ! ତୁମର ଶତ୍ରୁଗଣଙ୍କୁ ତିଷ୍ଠି ରହିବାକୁ ତଥା ମିଥ୍ୟା, କୁତ୍ସିତତା, ଦୁଃଖତାପକୁ କ'ଣ ବିଜୟୀ ହେବାକୁ ତୁମେ ଅନୁମତି ଦେବ ? ପ୍ରଭୁ ! ବିଜୟ ନିମିତ୍ତ ଆଦେଶ ଦିଅ ଏବଂ ବିଜୟ ହାସଲ ହେବ । ମୁଁ ଜାଣେ ଯେ ଆମେମାନେ ଅଯୋଗ୍ୟ, ମୁଁ ଜାଣେ ଯେ ଏ ଜଗତ୍ ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇ ନାହିଁ । ମାତ୍ର ତୁମ କୃପା ଉପରେ ପୂର୍ଣ୍ଣ ବିଶ୍ୱାସ ସ୍ଥାପନ କରି ମୁଁ ଉଚ୍ଚକଣ୍ଠରେ ଆହ୍ୱାନ କରୁଛି ଏବଂ ମୁଁ ଜାଣେ ଯେ ତୁମର କରୁଣା ଆମମାନଙ୍କୁ ନିଶ୍ଚିତଭାବେ ରକ୍ଷାକରିବ ।

''ତେଣୁ ମୋର ପ୍ରାର୍ଥନା ତୀବ୍ର ଭାବେ ତୁମ ଆଡ଼କୁ ଊର୍ଦ୍ଧ୍ୱକୁ ଉଠିଗଲା ଏବଂ ସେହି ଅତଳ ଗହ୍ୱରକୁ ତୁମର ସମୁଜ୍ଜ୍ୱଳ ଦିବ୍ୟମହିମାରେ ମୁଁ ତୁମକୁ ଦର୍ଶନ କଲି ଆଉ ତୁମେ ମୋତେ କହିଲ : 'ସାହସ ହରାଅ ନାହିଁ, ଦୃଢ଼ ହୁଅ – ନିର୍ଭରତା ରଖ – ମୁଁ ଆସୁଛି' ।''

କଂସର ବନ୍ଦିଶାଳାରେ ମଧରାତ୍ରୀର ଅନ୍ଧକାର ମଧ୍ୟରେ ଶ୍ରୀକୃଷ୍ଣ ଜନ୍ମିଥିଲେ । ଆଜିର ସନ୍ଧିକ୍ଷଣରେ ସେହି ସଙ୍କେତ ସୁସ୍ପଷ୍ଟ, ଜନସାଧାରଣ ଥରେ ସଂକଳ୍ପବଦ୍ଧ ହେଲେ ଲୁହାବାଡ଼ ଭାଙ୍ଗିଦେବେ । ସେ ନବଜାଗରଣ ଯେ ଆସନ୍ନ ଏହା ନିଶ୍ଚିତ । ପରିବର୍ତ୍ତନର ପଦଧ୍ୱନି ସୁସ୍ପଷ୍ଟ । ପରିବର୍ତ୍ତନ ସୃଷ୍ଟିର ଅପରିବର୍ତ୍ତନୀୟ ନିୟମ । ଏ ଦିଗରେ ଯୁଗ ଯୁଗ ଧରି ଚେତନାର ଭିତ୍ତିଭୂମି ଉପରେ ଗବେଷଣା ଚାଲିଛି ଓ ବହୁ ମୁନି, ଋଷି ବହୁ ସତ୍ୟର ପ୍ରତିଷ୍ଠା କରିଛନ୍ତି । ଏହି ସତ୍ୟ କହିଛି ଯେ ବର୍ତ୍ତମାନର ସ୍ଥୂଳ ଜୀବନ ସର୍ବଶେଷ କଥା ନୁହେଁ । ଏହି ଜୀବନ ମୃତ୍ୟୁରେ ଶେଷ ହୁଏ ନାହିଁ କିଂବା ନିର୍ବାଣ ଏହାର ଚୂଡ଼ାନ୍ତ ପର୍ଯ୍ୟାୟ ନୁହେଁ । ଶ୍ରୀମା ଓ ଶ୍ରୀଅରବିନ୍ଦ ମଣିଷକୁ ଏହି ଜୀବନ ଓ ଜଗତର ରୂପାନ୍ତର ଏବଂ ଦିବ୍ୟତ୍ୱ-ପ୍ରତିଷ୍ଠାର ନିଶ୍ଚିତତା ଦେବା ସହିତ ଅମୃତର ପ୍ରତିଶ୍ରୁତି ବି ଦେଇଛନ୍ତି । ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଦୀର୍ଘ ସାଧନାମୟ ଜୀବନର ମହାନ ଅବଦାନ ହେଉଛି ''ମାତୃ ମହାମନ୍ତ୍ର'' । ତାଙ୍କ ଦିବ୍ୟ ଦୃଷ୍ଟିରେ ମା'ହିଁ ଚେତନାର ଅମୃତ ଦିଗନ୍ତ । ଋଷିକବିଙ୍କ ଅନୁପମ ଉକ୍ତି ହେଉଛି :

"Thou hast come down into a struggling world
To aid a blind and suffering mortal race,
To open to Light the eyes that could not see,
To bring down bliss into the heart of grief,
To make thy life a bridge
twixt earth and heaven;"

(Savitri - 536)

ଅର୍ଥାତ୍ :

''ଆସିଅଛ ନଇଁ ତୁମେ ସଂଘର୍ଷରତ ଏଇ ଜଗତର ପରେ
ସହାୟତା ଦେବା ଲାଗି ଅନ୍ଧ ଆଉ
ବ୍ୟଥାକ୍ଲିଷ୍ଟ ମର୍ତ୍ତ୍ୟଜୀବକୁଳେ
ଦୃଷ୍ଟିହୀନ ଚକ୍ଷୁସକଳକୁ ଖୋଲିବାକୁ ଆଲୋକ ଦିଗରେ
ଶୋକଭରା ହୃଦୟରେ ଉତାରିବା ଲାଗି ଦିବ୍ୟ ପରମ ଆନନ୍ଦ
ଧରା ଆଉ ସ୍ୱର୍ଗ ମଧ୍ୟେ ସେତୁ ଏକ
ଗଢ଼ିବାର ଲାଗି ଜୀବନେ ତୁମର ।''

ଶ୍ରୀଅରବିନ୍ଦ ଏକ କ୍ରାନ୍ତିର ଦିଗନ୍ତ । ତାଙ୍କ ରଚିତ

ମହାକାବ୍ୟ ସାବିତ୍ରୀ ଯୋଗମାର୍ଗ ବିଭୂତିର ସଂହିତା । ତାଙ୍କ ''ଦିବ୍ୟଜୀବନ ଗ୍ରନ୍ଥ'', ''ଯୋଗ ସମନ୍ୱୟ'', ''ବେଦର ରହସ୍ୟ'', ''ଉପନିଷଦର ଭାଷ୍ୟ'', ''ଗୀତା ନିବନ୍ଧମାଳା'', 'ଭାରତୀୟ ସଂସ୍କୃତିର ଆଧାର'' ଓ ''ଯୋଗ ପତ୍ରାବଳି'' – ପ୍ରଭୃତି ଗ୍ରନ୍ଥରେ ଜଗତ୍ ଓ ଜୀବନର ଅବିସ୍ମରଣୀୟ ଅତୀତ ସହିତ ଅନନ୍ତ ସମ୍ଭାବନାମୟ ଭବିଷ୍ୟତ୍ ଉନ୍ମୋଚିତ ହୋଇଛି । ସେ ପ୍ରତ୍ୟକ୍ଷ କରିଛନ୍ତି ଏକ ମହତ୍ତର, ଅତିମାନସ ମାନବୋତ୍ତର ପ୍ରାଣୀର ଆବିର୍ଭାବ ଏବଂ ସାମ୍ପ୍ରତିକ ସମୟର ଗ୍ଲାନି, ହିଂସା, ଦ୍ୱେଷ ଓ ଅତ୍ୟାଚାର ସତ୍ତ୍ୱେ ଏକ ନୂତନ ଯୁଗର ଆଗମନୀ – ଅନ୍ଧକାର ଓ ନିଶ୍ଚେତନା ଉପରେ ବିଜୟଲାଭ କରିଥିବା ଦିବ୍ୟ ଚେତନାର ଅଭ୍ୟୁଦୟ । ଏ ଦିଗରେ ସେ ପ୍ରଚଣ୍ଡ ଆଶାବାଦୀ । ଏକ ମହାନ୍ ଦିଗ୍‌ଦର୍ଶନ ଏବେ ବି ପ୍ରତୀକ୍ଷାରତ ପଥଚ୍ୟୁତ ମଣିଷକୁ ପଥର ସନ୍ଧାନ ଦେବାକୁ ଅତିମାନସର ସ୍ୱର୍ଣ୍ଣାଭ ଦିଗନ୍ତ ଅଭିମୁଖେ । ୪

ଶ୍ରୀମା : ରାଜନୀତିର ଊର୍ଦ୍ଧ୍ୱକୁ ଉଠିଯିବାର ସର୍ବୋତ୍ତମ ଉପାୟ ହେଉଛି ଶ୍ରୀଅରବିନ୍ଦଙ୍କ ବାର୍ତ୍ତାର ପ୍ରସାର କରିବା । କାରଣ କ୍ଷମତା-ହାସଲର ଉଦ୍ଦେଶ୍ୟ ନେଇ ସେ ଆଉ ଏକ ରାଜନୈତିକ ଉପାଦାନ ହୋଇ ରହିନଥିଲେ । ରହିଥିଲା କେବଳ ତାଙ୍କର ଚିନ୍ତାଧାରା ଓ ଆଦର୍ଶ । ଅବଶ୍ୟ ଯଦି ଲୋକମାନେ ତାଙ୍କ କାର୍ଯ୍ୟକ୍ରମକୁ ବୁଝିପାରନ୍ତେ ଓ କାର୍ଯ୍ୟକାରୀ କରିପାରନ୍ତେ ତା'ହେଲେ ଦେଶ ଖୁବ୍ ଖୁବ୍ ଦୃଢ଼ ଓ ଶକ୍ତିଶାଳୀ ହୁଅନ୍ତା, ଖୁବ୍ ଶକ୍ତିଶାଳୀ ।

ଯେଉଁମାନେ ତାଙ୍କ ଶିକ୍ଷାକୁ ବୁଝିପାରନ୍ତେ ତାହାର ସଙ୍ଗଠନ ଓ ପ୍ରସାର-କାର୍ଯ୍ୟକୁ ସେମାନେ ଗ୍ରହଣ କରନ୍ତେ ।...

*ଶିଷ୍ୟ : କିନ୍ତୁ ଯାହା ହେଲେ ବି ତ ସରକାର ରହିବ । ଯଦି ମା'...*

ଶ୍ରୀମା : କିନ୍ତୁ ସେମାନେ ନିଜ ରୀତି ଓ ଭାବରେ ରାଜନୈତିକ ଲୋକ ହେବା ଆବଶ୍ୟକ ।

ରାଜନୀତି ସବୁବେଳେ ଦଳ, ଚିନ୍ତାଧାରା ଓ କର୍ତ୍ତବ୍ୟ ଭିତରେ ସୀମାବଦ୍ଧ – ଯେପର୍ଯ୍ୟନ୍ତ ଆମେ ଏପରି ଏକ ସରକାର ପ୍ରସ୍ତୁତ କରି ନାହୁଁ ଯାହାର କୌଣସି ଦଳ ନ ଥିବ, ଏକ ସରକାର ଯାହା ସମସ୍ତ ଚିନ୍ତାଧାରାକୁ ଗ୍ରହଣ କରିପାରୁଥିବ, କାରଣ ଏହା ଦଳର ଊର୍ଦ୍ଧ୍ୱରେ ରହିଥିବ ! ଦଳର ଅର୍ଥହିଁ ସୀମାବଦ୍ଧତା – ଏହା ଏକ ବାକ୍ସ ପରି, ତୁମେ ବାକ୍ସ ଭିତରେ ପଶିଯାଅ । (ମା' ହସିଲେ) । ଅବଶ୍ୟ ଯଦି ଏପରି କିଛି ଲୋକ ଥାଆନ୍ତି ଯେଉଁମାନଙ୍କର କୌଣସି ଦଳ ବିନା ସରକାରରେ ରହିବାକୁ ସାହସ ଥିବ – ''ଆମେ କୌଣସି ଦଳର ନୁହେଁ ! ଆମେ ଭାରତର ପ୍ରତିନିଧି'' ତା'ହେଲେ ତାହା ଖୁବ୍ ସୁନ୍ଦର, ଅତ୍ୟୁତ୍ତମ ହେବ ।

ନିଜ ଚେତନାକୁ ଦଳର ଊର୍ଦ୍ଧ୍ୱରେ ଉପରକୁ, ଆହୁରି ଉପରକୁ ଉଠାଇ ନିଅ ।

ତା'ହେଲେ ସ୍ୱାଭାବିକ ଭାବରେ, କେତେକ ଲୋକ ଯେଉଁମାନେ ରାଜନୈତିକ ଦଳରେ ପ୍ରବେଶ କରି ନାହାନ୍ତି – ତାହାହିଁ ! ତାହାହିଁ ହେବ ଆଗାମୀ କାଲି ପାଇଁ କାର୍ଯ୍ୟ । ଆଗାମୀ କାଲି ସେହିପରିହିଁ ହେବ । ଏସମସ୍ତ ଗଣ୍ଡଗୋଳ ହେଉଛି କାରଣ ଦେଶକୁ ନେତୃତ୍ୱ ନେବାକୁ ହେବ, ତାହାକୁ ଏହିସବୁ ପୁରୁଣା ରାଜନୈତିକ ଅଭ୍ୟାସର ଊର୍ଦ୍ଧ୍ୱକୁ ଉଠିଯିବାକୁ ହେବ । ଦଳକୁ ବାଦ୍ ଦେଇ, ଦଳବିହୀନ ଏକ ସରକାର । ଓଃ ! ଏହା ହେବ ଖୁବ୍ ସୁନ୍ଦର, ଅତି ଚମତ୍କାର !

(CWM - Vol. 15) *25 May 1970*

## ପୃଥିବୀ-ଚେତନା ପାଇଁ ସାଧନା (୩୧)

# ପଣ୍ଡିଚେରୀ : 'ତପସ୍ୟାର ଗୁହା'

### 'ଲାଇବ୍ରେରୀ ହାଉସ୍'କୁ ଆଗମନ :

୧୯୨୧ରେ 'ଗେଷ୍ଟ ହାଉସ୍'ରେ ଶ୍ରୀଅରବିନ୍ଦ ରହୁଥିବା ସମୟରେ ଜନୈକ ଅନ୍ତେବାସୀ ଖାଇବା ସମ୍ବନ୍ଧରେ ବାରବାର ଅଭିଯୋଗ କରୁଥିଲେ, ବିଶେଷ କରି ଖାଦ୍ୟର ସ୍ୱାଦ ନେଇ । ସେତେବେଳେ ସ୍ଥାନୀୟ ରୋଷେୟାଙ୍କ ଦ୍ୱାରା ଭୋଜନ ପ୍ରସ୍ତୁତ ହେଉଥିବାରୁ ବେଳେବେଳେ ଖାଦ୍ୟର ସ୍ୱାଦ ଉତ୍କଟ ହେଉଥିଲା । ଏକଥା ଶ୍ରୀଅରବିନ୍ଦଙ୍କୁ ଜଣାଇବା ମାତ୍ରେ ସେ ସେହି ସାଧକଙ୍କୁ କହିଥିଲେ : ''ଖାଦ୍ୟର ଏକ ବିଶେଷ ଧରଣର ସ୍ୱାଦ ସକାଶେ ତୁମର ପସନ୍ଦ-ନାପସନ୍ଦ ରହିବା ଉଚିତ ନୁହେଁ । ଏହି ଧରଣର ଦାବି ଏବଂ ପସନ୍ଦ-ନାପସନ୍ଦରେ କୌଣସି ସତ୍ୟତା ନଥାଏ । ତୁମର ଏକ ଶରୀର ଅଛି, ଏବଂ ଏହାକୁ ତୁମକୁ ଭଲ ଅବସ୍ଥାରେ ରଖିବାକୁ ହେବ । କମ୍ ଗୁଣ ଥିବା ବା ଖାଦ୍ୟସାର-ରହିତ ଭୋଜନ ସ୍ୱାସ୍ଥ୍ୟରକ୍ଷା ସକାଶେ ହାନିକର, ତେଣୁ ତୁମେ ସୁଷମ ଖାଦ୍ୟ ଗ୍ରହଣ କରିବା ଉଚିତ । କିନ୍ତୁ ସୁଷମ ଖାଦ୍ୟ କହିଲେ ଶରୀର ସକାଶେ ପ୍ରୟୋଜନୀୟ ଖାଦ୍ୟସାମଗ୍ରୀକୁ ବୁଝାଏ — ଜିହ୍ୱା-ଲାଳସାକୁ ବୁଝାଏ ନାହିଁ ।''

ସେତେବେଳେ ଶ୍ରୀଅରବିନ୍ଦଙ୍କ ବାସଭବନରେ ଦୈନନ୍ଦିନ ଭୋଜନାଦିର କାର୍ଯ୍ୟକ୍ରମ ନିମ୍ନ ପ୍ରକାରର ଥିଲା : ସକାଳ ୭ଟା ସମୟରେ ପ୍ରାତଃଭୋଜନ ହିସାବରେ ଚା ସହିତ ଲହୁଣିମଖା ତିନୋଟି ସେକା ପାଉଁରୁଟି; ସ୍ନାନାଦି ପରେ ସାଢ଼େ ୧୧ଟାରୁ ସାଢ଼େ ୧୨ଟା ଭିତରେ ସମସ୍ତେ ମଧ୍ୟାହ୍ନ ଭୋଜନ କରି ନେଉଥିଲେ; ଉପରଓଳି ସାଢ଼େ ୩ଟାରେ ଚା-ପାନ ହେଉଥିଲା — ପାଳି କରି ଅନ୍ତେବାସିଗଣ ଚା ପ୍ରସ୍ତୁତ କରୁଥିଲେ; ରାତି ସାଢ଼େ ୯ଟା ସମୟରେ ରାତ୍ରିଭୋଜନ ହେଉଥିଲା । ପ୍ରତ୍ୟହ ସାଧାରଣତଃ ମାଛ ତରକାରି, ଭାତ, ରୁଟି ଓ ଦହି ରହୁଥିଲା । ୧୯୨୨ ଜାନୁଆରି ପହିଲାରୁ ମା' ସମ୍ପୂର୍ଣ୍ଣରୂପେ ବାସଭବନଟିର ଏବଂ ରୋଷେଇ ଘରର ଭାର ଗ୍ରହଣ କଲେ । ଏଥିରେ ପୂର୍ବବର୍ଣ୍ଣିତ ଦୈନନ୍ଦିନ କର୍ମସୂଚୀର ଆମୂଳଚୂଳ ପରିବର୍ତ୍ତନ ଘଟିଲା ।

ଏହି ବର୍ଷ ଭାବନଗରରୁ ନରଣ ଦାସ ସାଙ୍ଗାଣି ନାମରେ ଜଣେ ଦର୍ଶନାର୍ଥୀ ପଣ୍ଡିଚେରୀକୁ ଆସି ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିବା ସକାଶେ ନିର୍ଦ୍ଦିଷ୍ଟ ଦିନ ଓ ସମୟର ବନ୍ଦୋବସ୍ତ କରିବାକୁ ଚାହିଁଲେ । ଶ୍ରୀଅରବିନ୍ଦଙ୍କର ଅନୁମତି ପ୍ରାପ୍ତ ନହେବାରୁ ଦର୍ଶନାର୍ଥୀଟି ଖୁବ୍ କ୍ରୋଧାନ୍ୱିତ ହୋଇଉଠିଲେ । ସେ ସେଇଠୁ ସ୍ଥାନୀୟ ଗୁପ୍ତ ପୁଲିସ ଏଜେଣ୍ଟମାନଙ୍କ ସହିତ ମିଳାମିଶା କରି ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ଏବଂ 'ଗେଷ୍ଟ ହାଉସ୍'ରେ ରହୁଥିବା ବାସିନ୍ଦାମାନଙ୍କ ସମ୍ବନ୍ଧେ ମିଥ୍ୟା ଉଡ଼ା ଖବରସବୁ ରଟାଇବାକୁ ଲାଗିଲେ । ଏମିତିକି ଆସନ୍ନ ଅମଙ୍ଗଳର ସଙ୍କେତ ଦେଇ ଭୟ ପ୍ରଦର୍ଶନ କରିବାରେ ଲାଗିଲେ । ମାତ୍ର ଅବଶେଷରେ ବିଫଳ ମନୋରଥ ହୋଇ ସେ ପଣ୍ଡିଚେରୀରୁ ପ୍ରସ୍ଥାନ କରିବାକୁ ବାଧ୍ୟ ହୋଇଥିଲେ । ଏଠାରୁ ଯାଇ ସେ ତିରୁବନ୍ନମଲାଇରେ ରମଣ ମହର୍ଷିଙ୍କୁ ଭେଟିଲେ ଏବଂ ବିଶେଷ କରି ଶ୍ରୀଅରବିନ୍ଦଙ୍କୁ ଉଲ୍ଲେଖ କରି ଆମିଷ-ଭୋଜନ ସମ୍ବନ୍ଧେ ତାଙ୍କୁ ନାନାଦି ପ୍ରଶ୍ନ କଲେ । ଆକସ୍ମିକ ଭାବରେ ବା ନୈମିତ୍ତିକ ଭାବରେ ଆସୁଥିବା ଦର୍ଶନାର୍ଥୀଙ୍କର ପ୍ରଶ୍ନସବୁରେ ମହର୍ଷି ଖୁବ୍ କ୍ୱଚିତ୍ ଉତ୍ତର ଦେଉଥିଲେ; କିନ୍ତୁ ନରଣ ଦାସଙ୍କୁ ସେ କହିଲେ : ''ଏହା ହେଉଛି କେବଳ ଅଭ୍ୟାସ ଓ ପ୍ରଥା ବା ଦେଶାଚାରର କଥା ।'' ମହର୍ଷିଙ୍କୁ ଦର୍ଶନ କରି ସାଙ୍ଗାଣି ଚାଲିଯିବା ପରେ ପାର୍ଶ୍ୱଦମାନଙ୍କୁ ମହର୍ଷି ମନ୍ତବ୍ୟ ପ୍ରକାଶ କଲେ : ''କେଡ଼େ ମୂଢ଼ଟାଏ !''

ଶ୍ରୀମା-ଶ୍ରୀଅରବିନ୍ଦଙ୍କ ସମେତ ସେତେବେଳେ ଏହି 'ଗେଷ୍ଟ ହାଉସ୍'ରେ ଅନ୍ତେବାସୀ ଥିଲେ ନଅ ଜଣ । ଅମୃତ ୧୯୧୯ରୁ ରହିଥିଲେ । ବାରୀନ୍ ଆଣ୍ଡାମାନ୍‌ରୁ ମୁକ୍ତି ପାଇବା ପରେ ଶ୍ରୀଅରବିନ୍ଦଙ୍କ ସହିତ ଚିଠିପତ୍ର ଯୋଗାଯୋଗ କରି ପଣ୍ଡିଚେରୀରେ ଆସି ରହିବାକୁ ଲାଗିଲେ । ଉପେନ୍, ହୃଷିକେଶ ବି ଆସି ରହିଥିଲେ । ତେଣୁ ଅନ୍ୟ ଏକ ବାସଭବନର ଆବଶ୍ୟକତା ଅନୁଭୂତ ହେଲା ।

ବାରୀନ୍‌ଙ୍କର ଲେଖାରୁ ଉଦ୍ଧୃତି : ''ଦିନେ ଶୁଣିବାକୁ ପାଇଲି ଯେ ଆମର ଫ୍ରାଁସୁଆ ମାର୍ତ୍ତ୍ୟାଁ ବାସଭବନର ଅନତିଦୂରରେ ରୁ୍ୟ ଦ ଲା ମାରିନ୍‌ର ୯ ନଂ କୋଠାଟି ଭଡ଼ାରେ ମିଳୁଛି । ସେହି ସୁନ୍ଦର କୋଠାଟି କୁଆଡ଼େ ଫରାସୀ ସରକାରଙ୍କର ଉପଯୁକ୍ତ କ୍ଷମତାପ୍ରାପ୍ତ ଜଣେ ମୁସଲମାନଙ୍କର କୋଠା । (ଏହି ନୂତନ ବାସଭବନଟି ଥିଲା ବର୍ତ୍ତମାନ ଆଶ୍ରମର ମୁଖ୍ୟ ପ୍ରବେଶ ପଥର ସମ୍ମୁଖରେ ଥିବା ଦ୍ୱିତଳ ପ୍ରାସାଦଟି ।) ସେହି କୋଠାରେ ମାନ୍ଦ୍ରାଜ

ପ୍ରେସିଡ଼େନ୍ସିର ଜନୈକ ରାଜାଙ୍କ ଭାଇଙ୍କର ସହଧର୍ମିଣୀ ଭଡ଼ାରେ ରହିଛନ୍ତି । ଘରମାଲିକ ତାଙ୍କୁ ସେଠାରୁ ଯେତେ ଶୀଘ୍ର ପାରନ୍ତି ବାହାର କରିଦେବାକୁ ଚାହାନ୍ତି । କଥା ପ୍ରସଙ୍ଗରେ ମୁଁ ଶ୍ରୀଅରବିନ୍ଦଙ୍କ ନିକଟରେ ସେହି ଘରଟିକୁ ଭଡ଼ାରେ ନେଇ ନେବାକୁ ପ୍ରସ୍ତାବ ଦେଲି । ଶ୍ରୀଅରବିନ୍ଦ ସମସ୍ତ କଥା ଶୁଣି ତତ୍‌କ୍ଷଣାତ୍ ନୀରବ ରହିଲେ, କିନ୍ତୁ ଦିନେ କି ଦୁଇଦିନ ପରେ ମୋତେ କହିଲେ ଯେ ନିଶ୍ଚିତରୂପେ ସେହି ଘରଟିକୁ ଯଥାଶୀଘ୍ର ନେଇନେବାକୁ ହେବ । ଆମର ଯୋଗସାଧନା ନିମିତ୍ତ ସେହି ବାସଭବନଟି ଅତ୍ୟାବଶ୍ୟକ । ଶ୍ରୀମାଶ୍ରୀଅରବିନ୍ଦ ନିଶ୍ଚିତରୂପେ ସେମାନଙ୍କ ସୂକ୍ଷ୍ମଦୃଷ୍ଟିରେ ଦେଖିପାରିଥିଲେ ଯେ ସେହି ନୂତନ ବାସଭବନଟି ଭବିଷ୍ୟତରେ ସେମାନଙ୍କର ଆଧ୍ୟାତ୍ମିକ କର୍ମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିବା ସକାଶେ ବିଧିନିର୍ଦ୍ଦିଷ୍ଟ ।...

''ମୁଁ ସେହିଦିନହିଁ ଘର ମାଲିକଙ୍କୁ ସାକ୍ଷାତ୍ କଲି । ସେ ମାସକୁ ୧୦୦ଟଙ୍କା ଭଡ଼ା ନେବେ ବୋଲି ଦାବି କଲେ, ଯାହାକି ସେସମୟର ପଣ୍ଡିଚେରୀରେ ଏକ ଅସାଧାରଣ ଦାବି । ତଥାପି ଶ୍ରୀଅରବିନ୍ଦଙ୍କୁ ଏହା ଜଣାଇବାରୁ ସେ କହିଲେ ଟଙ୍କା କଥା ଆଦୌ ଭାବନି, ବାସଭବନଟି ଯଥାଶୀଘ୍ର ଆମ ହାତକୁ ଆସିବା ଏକାନ୍ତ ଜରୁରୀ ।...''

୧୯ ମେ ୧୯୨୨ରେ ଶ୍ରୀଅରବିନ୍ଦ ଘରମାଲିକ ଅବ୍‌ଦୁଲ୍ ଆଜିଜ୍ ଖାଁଙ୍କୁ ଏହି ସର୍ତ୍ତରେ ୩୬୦ ଟଙ୍କା ଅଗ୍ରିମ ଦେଲେ ଯେ ସେ ଯେମିତି ସେହି କୋଠାରେ ନିର୍ଦ୍ଦିଷ୍ଟ କେତୋଟି ମରାମତି କାର୍ଯ୍ୟ କରନ୍ତି । ମାସକୁ ଘରଭଡ଼ା ୧୦୦ ଟଙ୍କାରୁ ଊଣା ହେବ ନାହିଁ ବୋଲି ନିଧାର୍ଯ୍ୟ କରାଗଲା । ସେହି କୋଠାରୁ ଭଦ୍ରମହିଳା ଜଣକ ଅନ୍ୟତ୍ର ଚାଲିଯିବା ପାଇଁ ତିନି, ଚାରି ମାସ ଲାଗିଗଲା । ତା'ପରେ ଭଦ୍ରବ୍ୟକ୍ତି ଶ୍ରୀଅରବିନ୍ଦଙ୍କୁ ଖବର ଦେଲେ ଯେ ଆସନ୍ତା ବୁଧବାର, ଅକ୍‌ଟୋବର ୨୫ ତାରିଖରେ ସେ ବାସଭବନରେ ବସବାସ କରିବା ଆରମ୍ଭ କରିପାରନ୍ତି । ସେହି ମାସର ଶେଷ ଛ'ଦିନର ଭଡ଼ା ହିସାବରେ ମାଲିକଙ୍କୁ ୨୦ ଟଙ୍କା ଦିଆଯାଇଥିଲା ।''

୨୫ ଅକ୍‌ଟୋବର ଦିନ ଶ୍ରୀଅରବିନ୍ଦ, ମା', ଦତ୍ତା ଏବଂ ଆଉ କେତେଜଣ ଏହି ନୂତନ ବାସଭବନରେ ବସବାସ ଆରମ୍ଭ କଲେ । ୧୯୨୭ରୁ ଘର ମାଲିକ ଏହାର ଭଡ଼ା ବଢ଼ାଇ ଦେଇଥିଲେ । କିନ୍ତୁ ୧୯୨୯ ଏପ୍ରିଲ୍ ୬ ତାରିଖରେ ୨୧,୦୦୦ ଟଙ୍କାରେ ଶ୍ରୀଅରବିନ୍ଦଙ୍କ ନାମରେ ଏହି ବାସଭବନଟିକୁ ଖରିଦ କରି ନିଆଯାଇଥିଲା ।

ଏହି ବାସଭବନଟିର ନାମ ପରବର୍ତ୍ତୀ କାଳରେ 'ଲାଇବ୍ରେରି ହାଉସ୍' ହୋଇଥିଲା । ଏମିତି ନାମକରଣ ସମ୍ବନ୍ଧେ ନଳିନୀ ତାଙ୍କର 'ସ୍ମୃତିର ପାତା'ରେ ଉଲ୍ଲେଖ କରିଛନ୍ତି : ''ପଣ୍ଡିଚେରୀକୁ ଆସି ଆମ୍ଭମାନଙ୍କର ପ୍ରଥମରୁହିଁ ପ୍ରୟୋଜନ ବୋଧ ହେଲା ପୁସ୍ତକାବଳି ।... ସିଦ୍ଧାନ୍ତ ନିଆହେଲା ବହି ପାଇଁ ମାସକୁ ଦଶ ଟଙ୍କା କରି ଖର୍ଚ୍ଚ କରାଯାଇପାରେ ।... ପ୍ରଥମେ ବହିଗୁଡ଼ିକୁ ଚଟାଣରେ ରଖାଯାଉଥିଲା; କାରଣ ଚେୟାର, ଟେବୁଲ, ଆଲମାରି ବୋଲି ଆମମାନଙ୍କର କିଛି ବି ନଥିଲା ।... ଇଂରାଜୀ, ଫରାସୀ, ବଙ୍ଗଳା, ସଂସ୍କୃତ – ଏଇ ରକମର ଯେତେବେଳେ ବେଶ୍ କେତେ ଶହ ବହି ଜମିଗଲା, ସେତେବେଳେ ସେସବୁକୁ ରଖିବାର ସମସ୍ୟା ଉଠିଲା – 'ଗେଷ୍ଟ୍ ହାଉସ୍'ରେ ଥିବାବେଳେ ବାଉଁଶ ଭାଡ଼ି କରି କାନ୍ଥକୁ ଆଉଜାଇ ବହି ଥାକ ଥାକ କରି ରଖୁଥିଲୁ । ଏହି ନୂତନ ବାସଭବନକୁ ଆସିବା ପରେ ଆଲମାରି ଆସିଲା ଏବଂ ସେଥିରେ ବହିପତ୍ର ସବୁ ରହିଲା । ତେଣୁ ଏହି ନୂତନ ବାସଭବନଟିର ନାମ ହେଲା 'ଲାଇବ୍ରେରି ହାଉସ୍' ।''

ମା' ଶ୍ରୀଅରବିନ୍ଦ 'ଲାଇବ୍ରେରି ହାଉସ୍'କୁ ଚାଲିଆସିବା ପରେ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିବା ଉଦ୍ଦେଶ୍ୟରେ ଆସୁଥିବା ଦର୍ଶନାର୍ଥୀମାନଙ୍କୁ ବା 'ଗେଷ୍ଟ୍'ମାନଙ୍କୁ ପୂର୍ବ ବାସଭବନରେ ରହିବାର ବନ୍ଦୋବସ୍ତ କରାଯାଉଥିବାରୁ ପରବର୍ତ୍ତୀ କାଳରେ ୪୧ନଂ ଫ୍ରାଁସୁଆ ମାର୍ତ୍ୟାଁ ବାସଭବନଟିର ନାମ 'ଗେଷ୍ଟ ହାଉସ୍' ରଖାଯାଇଥିଲା । (ବର୍ତ୍ତମାନ ପ୍ଲେ-ଗ୍ରାଉଣ୍ଡ୍ ଭିତରେ ଥିବା ଶ୍ରୀଅରବିନ୍ଦଙ୍କ ପୂର୍ବ ବାସଭବନ) ପୁରାଣୀ ପଣ୍ଡିଚେରୀକୁ ସ୍ଥାୟୀ ଭାବରେ ଆସିବା ପରେ ସେଇ 'ଗେଷ୍ଟ ହାଉସ୍'ର ଦାୟିତ୍ୱରେ ରହିଥିଲେ ।

୧୯୨୩ରେ ଗୁଜୁରାଟରୁ ପୁନମ ଚାନ୍ଦ ଆସି ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରି ପ୍ରସ୍ତାବ ଦେଲେ ଯେ ତାଙ୍କ ସ୍ତ୍ରୀ ଚମ୍ପା ଏଠାକୁ ଆସିଲେ ଶ୍ରୀଅରବିନ୍ଦଙ୍କର ଏହି ସଂସ୍ଥାରେ ଚାଲୁଥିବା ରୋଷେଇ କାର୍ଯ୍ୟରେ ସେ ବହୁତ ସାହାଯ୍ୟ କରିପାରିବେ ।... ଶ୍ରୀଅରବିନ୍ଦ ଏହି ପ୍ରସ୍ତାବରେ ସମର୍ଥନ ଜଣାଇଥିଲେ ଏବଂ ପୁନମଚାନ୍ଦ ଫେରି ଯାଇ ଚମ୍ପାଙ୍କ ସହ ପୁଣି ଆସିବାର ବ୍ୟବସ୍ଥା କଲେ । ସେ ଯେତେବେଳେ ଘରକୁ ଯିବାକୁ ବାହାରିଲେ ଶ୍ରୀଅରବିନ୍ଦ ତାଙ୍କୁ ପଚାରିଲେ : ''ଚମ୍ପକଲାଲ ସେଠାରେ କ'ଣ କରୁଛି ?'' ପୁନମ ଚାନ୍ଦ ସବୁ କଥା କହିଲେ । ସବୁ ଶୁଣି ସାରି ଶ୍ରୀଅରବିନ୍ଦ କହିଲେ : ''ଫେରିବା ବେଳେ ତାକୁ ମଧ୍ୟ ସାଙ୍ଗରେ ନେଇ ଆସିବ ।''

ବର୍ତ୍ତମାନ 'ଚମ୍ପକଲାଲ କହନ୍ତି' ପୁସ୍ତକରୁ ଉଦ୍ଧୃତି : ''୧୯୨୩ ମସିହାରେ ଯେତେବେଳେ ମୁଁ ସବୁଦିନ ଲାଗି ପଣ୍ଡିଚେରୀ ଚାଲିଆସିଲି ସେତେବେଳେ ମା' ଓ ଶ୍ରୀଅରବିନ୍ଦ ଉଭୟେ ଲାଇବ୍ରେରି ଗୃହରେ ରହୁଥିଲେ । ଶ୍ରୀଅରବିନ୍ଦ ଉପରମହଲାର ଖୋଲା ବାରଣ୍ଡାରେ ଲୋକମାନଙ୍କୁ ସକାଳେ ସାକ୍ଷାତ୍ କରୁଥିଲେ ।... ଏବଂ ଯେଉଁ ହଲ୍‌ରେ ମା ପ୍ରସ୍ପରିଟି ଦିବସରେ ଆଶୀର୍ବାଦ ବିତରଣ କରୁଥିଲେ ସେଇଟି ଥିଲା ତାଙ୍କର ଷ୍ଟୋର୍ ଓ ସେଇ ଘରକୁ ଲାଗି ତା'ର ଉତ୍ତର ପାର୍ଶ୍ୱ ଘରଟି ଥିଲା ମା'ଙ୍କର କକ୍ଷ (ଯାହାକି ପରେ ମୋର ରହିବା ଘର ହେଲା) । ପୂର୍ବ ପାଖ କୋଣଘରଟି ଥିଲା ଶ୍ରୀଅରବିନ୍ଦଙ୍କର । (ବର୍ତ୍ତମାନର, 'ରିଡିଂ ରୁମ୍'ର ଠିକ୍ ଉପରେ ଥିବା କକ୍ଷଟି) ପ୍ରସ୍ପରିଟି ଗୃହରୁ ଶିଡ଼ି ଦେଇ ତଳକୁ ଓହ୍ଲାଇବାକୁ ଆରମ୍ଭ କରିବା ସମୟରେ ଡାହାଣ ପାଖରେ ଥିବା ଘରଟି ଥିଲା ଦତ୍ତାଙ୍କର ।

''ପ୍ରସ୍ପରିଟି ଘରର ତିନୋଟି ଦରଜା ଥିଲା । ମଝି ଦରଜାଟି ବାରଣ୍ଡାକୁ ପ୍ରବେଶ କରିବାର ଦ୍ୱାରରୂପେ ବ୍ୟବହୃତ ହେଉଥିଲା । ପୂର୍ବ ପାଖ ଦରଜାଟି ବନ୍ଦ ରହୁଥିଲା ଓ ସେଇଠାରେ ଶ୍ରୀଅରବିନ୍ଦଙ୍କ ଚେୟାର୍ ପଡୁଥିଲା । ଚେୟାର ସାମନାକୁ ରଖା ଯାଉଥିଲା ଗୋଟିଏ ଛୋଟ ଟେବୁଲ୍ । ଶ୍ରୀଅରବିନ୍ଦଙ୍କ ଚେୟାରର ବାମ ଓ ଡାହାଣ ଦୁଇ ପାଖରେ ଯଥେଷ୍ଟ ସ୍ଥାନ ଛାଡ଼ି ଅନ୍ୟ ଦୁଇଟି ଚେୟାର୍ ପଡୁଥିଲା ।

''ଟେବୁଲ ସାମନାକୁ ଧାଡ଼ି ହୋଇ (ଗୋଟିଏ ଧାଡ଼ିରେ) ଚେୟାରସବୁ ରହୁଥିଲା । ମୁଁ ଏକଥା କହିଛି ଯେ ଏଇ ବାରଣ୍ଡାରେ ସକାଳେ ଶ୍ରୀଅରବିନ୍ଦ ଦର୍ଶନାର୍ଥୀମାନଙ୍କୁ ସାକ୍ଷାତ୍ ଦେଉଥିଲେ । ଏଠାରେ ଶ୍ରୀଅରବିନ୍ଦ ଖବରକାଗଜ ପଢ଼ିବା ସମୟରେ କେତେକ ସାଧକଙ୍କୁ ମଧ୍ୟ ଧ୍ୟାନ କରିବାକୁ ଅନୁମତି ମିଳିଥିଲା । ଅମୃତ ଖବରକାଗଜଟିଏ ଧରି ଉପରକୁ ଆସନ୍ତି ଓ ସେଦିନ କିଏ କିଏ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିବେ ତାହା ତାଙ୍କୁ କହନ୍ତି । ତା'ପରେ ତଳକୁ ଯାଇ ଯେଉଁ କ୍ରମ ଅନୁସାରେ ଲୋକମାନେ ଦର୍ଶନ ଲାଗି ଆସିବେ ତାହା ଘୋଷଣା କରି ଦିଅନ୍ତି । ଦର୍ଶନାର୍ଥୀଙ୍କ ସହ ସାକ୍ଷାତ୍‌କାର ସରିଗଲେ ଶ୍ରୀଅରବିନ୍ଦ ଖବରକାଗଜ ପଢ଼ନ୍ତି । ଯେଉଁ ସାଧକମାନଙ୍କୁ ଅନୁମତି ମିଳିଥାଏ ସେମାନେ ଖବରକାଗଜ ପଢ଼ା ଶେଷ ହେବାପର୍ଯ୍ୟନ୍ତ ସେଠାରେ ବସି ଧ୍ୟାନ କରନ୍ତି । ସାଧାରଣତଃ ଆମେ ତିନି, ଚାରି ଜଣ ସେଠାରେ ଧ୍ୟାନ କରୁଥିଲୁ — ତିରୁପତି, ରାଜଙ୍ଗମ୍, କାନାଇ ଓ ମୁଁ । ଆମେ ସମସ୍ତେ ଚେୟାରରେ ବସୁଥିଲୁ ।

''ପାର୍ଶ୍ୱ ଦରଜା ଦୁଇଟିର ସଟର୍‌ସବୁ ଖୋଲା ରହୁଥିଲା । ପରେ ମୁଁ ମା'ଙ୍କଠାରୁ ଜାଣିବାକୁ ପାଇଲି ଯେ ସେ ଯେଉଁ ସମୟରେ ଷ୍ଟୋର୍ ଘରେ ଥାଆନ୍ତି ସେଇ ସମୟରେ ସେହି ଖୋଲା ସଟର୍ ଦେଇ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିବା ପାଇଁ ଯାଉଥିବା ବ୍ୟକ୍ତିମାନଙ୍କୁ ଦେଖିପାରନ୍ତି । ସେଇଭଳି ଭାବରେ ସେ ମୋତେ ଦେଖିଥିଲେ ଓ ଶ୍ରୀଅରବିନ୍ଦଙ୍କୁ କହିଥିଲେ : 'ଏ ପିଲାଟି ମୋତେ ମୋର କାର୍ଯ୍ୟରେ ସାହାଯ୍ୟ କରିବ; ସେ ବହୁତ ପ୍ରୟୋଜନୀୟ ହୋଇଉଠିବ ।'

''ପବିତ୍ରଙ୍କ ସମ୍ପର୍କରେ ମଧ୍ୟ ମା' ସେହି ସମାନ କଥା କହିଥିଲେ । ତାଙ୍କୁ ଦେଖି ସେ ଶ୍ରୀଅରବିନ୍ଦଙ୍କୁ କହିଥିଲେ : 'ସେ ବହୁତ କାମରେ ଆସିବ, ମୋର ବିଦେଶ ସହ ସମସ୍ତ ଚିଠିପତ୍ର ଆଦାନପ୍ରଦାନ କାର୍ଯ୍ୟ ସେହିଁ କରିବ ।' ଠିକ୍ ସେଇଆ ମଧ୍ୟ ଘଟିଲା ।

''ଲାଇବ୍ରେରି ଗୃହର ତଳ ମହଲାରେ ଥିବା ଘରଗୁଡ଼ିକରୁ ଯେଉଁଟି ବର୍ତ୍ତମାନ ଅଭ୍ୟର୍ଥନା ଅଫିସ୍ ହୋଇଛି ସେଇଟି ସେତେବେଳେ ମଣିଙ୍କର ଘର ଥିଲା । ମଣି ଯେତେବେଳେ ସେ ଘର ଛାଡ଼ିଲେ ସେତେବେଳେ ସେ ଘରଟି ମୋତେ ଦିଆଗଲା । ଅଭ୍ୟର୍ଥନା ହଲ୍‌ଟି ଥିଲା ନଳିନୀଙ୍କର ଘର ଓ ଅଧ୍ୟୟନ ଗୃହ (Reading Room)ଟି ଥିଲା ଅମୃତଙ୍କର ଘର । ବର୍ତ୍ତମାନ ଯେଉଁଠି ପୃଥ୍ୱୀ ସିଂହଙ୍କର ଅଫିସ୍ (Publication Dept.) ଅଛି ସେଇଟି ଥିଲା ବିଜୟ ନାଗଙ୍କର ଘର । ପଛ ଅଗଣାର ଶିଡ଼ି ତଳେ ଯେଉଁଟି ବର୍ତ୍ତମାନ ପୃଥ୍ୱୀ ସିଂହଙ୍କର ଷ୍ଟୋର୍ ରୁମ୍ (Publication Office) ସେଇଟି ଥିଲା ବାରୀନ୍‌ଙ୍କର ଘର ।

''ଶ୍ରୀଅରବିନ୍ଦ ଯେତେବେଳେ ଭୋଜନଗୃହକୁ ଆସୁଥିଲେ ସେତେବେଳେ ସେ ପ୍ରସ୍ପରିଟି ଶିଡ଼ି ଦେଇ ତଳକୁ ଆସୁଥିଲେ ଏବଂ ପ୍ରଥମେ ନଳିନୀଙ୍କ ଘର ଓ ପରେ ବିଜୟଙ୍କର ଘର ଦେଇ ଭୋଜନଗୃହରେ ପହଞ୍ଚୁଥିଲେ । ବର୍ତ୍ତମାନ ଯେଉଁଠି ଫଳସବୁ ବଣ୍ଟା ଯାଉଛି (Fruit Room) ସେଇଟି ଥିଲା ଭୋଜନ ଗୃହ । ମୋତେ ବହୁତ ତାତ୍ପର୍ଯ୍ୟପୂର୍ଣ୍ଣ ଲାଗେ ଯେ ଯେଉଁ ରୁମ୍‌ରେ ଶ୍ରୀଅରବିନ୍ଦ ଭୋଜନ କରୁଥିଲେ ଠିକ୍ ସେଇ ରୁମ୍‌ରୁ ବର୍ତ୍ତମାନ ପ୍ରତିଦିନ ସମସ୍ତେ ଫଳସବୁ ଆଣୁଛନ୍ତି ।

''ଗାଈ ରଖୁଆଳମାନେ ଗାଈମାନଙ୍କୁ ଅଗଣା ଭିତରକୁ ଆଣି କ୍ଷୀର ଦୁହୁଁଥିଲେ । ମା' ନିଜେ ତଳକୁ ଆସି ସେମାନଙ୍କଠାରୁ କ୍ଷୀର ଗ୍ରହଣ କରୁଥିଲେ ।

‘‘...ମୋର ପ୍ରଥମ ସେବାସ୍ୱରୂପ ମୁଁ ପାଇଥିଲି ଶ୍ରୀଅରବିନ୍ଦଙ୍କ ଧୋତି ସଫାକରିବା । କିପରି ମୁଁ ଏ ସେବା ଲାଗି ପ୍ରାର୍ଥନା କଲି ଏବଂ ତାହା ମୋତେ କିପରି ମିଳିଲା ସେ ସମ୍ବନ୍ଧରେ କହୁଛି : ଦିନେ ମୁଁ ମା’ଙ୍କୁ କହିଲି : ‘ମା, ମୁଁ ମୋ ଗୁରୁଦେବଙ୍କ ଧୋତି ସଫା କରିବି ।’ ମା’ ହସିଲେ ଓ କହିଲେ : ‘ମୁଁ ଶ୍ରୀଅରବିନ୍ଦଙ୍କୁ ପଚାରିବି ।’ ପରଦିନ ମୁଁ ଯେତେବେଳେ ଶ୍ରୀଅରବିନ୍ଦଙ୍କ ପାଖକୁ ଗଲି ସେ ମୋତେ ଚାହିଁଲେ ଓ କହିଲେ : ‘ତୁମେ ମୋ ଧୋତି ସଫା କରିବାକୁ ଚାହଁ ?’

ଚମ୍ପକ : ହଁ ।

ଶ୍ରୀଅରବିନ୍ଦ : ତୁମେ କ’ଣ ଏଥିଲାଗି ପ୍ରସ୍ତୁତ ?

ମୁଁ ତାଙ୍କ ଆଡ଼କୁ ଆଶ୍ଚର୍ଯ୍ୟ ଦୃଷ୍ଟିରେ ଚାହିଁରହିଲି ଓ ଭାବିଲି ଏପରି ପ୍ରଶ୍ନ ସେ କାହିଁକି ପଚାରୁଛନ୍ତି ?

ଶ୍ରୀଅରବିନ୍ଦ : ତୁମେ ଜାଣ; ଅନ୍ୟମାନେ ଏହା ଦେଖି ହସିବେ, ତୁମକୁ ଥଟ୍ଟା କରିବେ, ବିଦ୍ରୂପ କରିବେ । ଏଥିପାଇଁ ତୁମେ କ’ଣ ପ୍ରସ୍ତୁତ ?

‘‘ଏହା ସତ୍ତ୍ୱେ ମୁଁ ଯେତେବେଳେ ଆନନ୍ଦରେ ଏ କାର୍ଯ୍ୟ କରିବା ଲାଗି ନିଜକୁ ଉତ୍ସର୍ଗ କଲି ସେତେବେଳେ ସେ ମୋ ଆଡ଼କୁ କୋମଳ ସ୍ନେହପୂର୍ଣ୍ଣ ଦୃଷ୍ଟିରେ ଚାହିଁ ଟିକିଏ ହସିଲେ ।

‘‘ସେସମୟରେ ଆଶ୍ରମ ବାତାବରଣରେ ସେଇଭଳି କିଛି ରହିଥିଲା । କିନ୍ତୁ ଖୁବ୍ ଶୀଘ୍ର ମା’ ତାଙ୍କର କୃପାବଳରେ ଏହାକୁ ସମ୍ପୂର୍ଣ୍ଣରୂପେ ବଦଳାଇ ଦେଇଥିଲେ । ପଛ କଥା ଟିକିଏ ମନେ ପକାଇଲେ ମୁଁ ସ୍ପଷ୍ଟ ଜାଣିପାରେ ଯେ ମା’ଙ୍କ ପ୍ରେରଣା ଓ ତାଙ୍କ ଅହେତୁକୀ କୃପାବଳରେ ମୁଁ ଏକଥା ଶ୍ରୀଅରବିନ୍ଦଙ୍କୁ ପଚାରି ପାରିଥିଲି ।...’’

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ☙

A smile acts upon difficulties as the sun upon clouds – it disperses them.

(CWM. Vol. 14, page.189) – THE MOTHER

*With best compliments from :*

Sri Jagannath Rice mill

**MAITAPUR, BALASORE (ORISSA)**

# ରାଗାନୁଗାଭକ୍ତି ଓ ଶ୍ରୀଚୈତନ୍ୟ

[ଶ୍ରୀଚୈତନ୍ୟଦେବ ଓ ମଧ୍ୟଯୁଗୀୟ ରାଗାନୁଗାଭକ୍ତିର ବିଷୟରେ ଅନେକ ଗ୍ରନ୍ଥ ସଂସ୍କୃତ, ବଙ୍ଗଳା, ହିନ୍ଦୀ ଏବଂ ଅନ୍ୟାନ୍ୟ ପ୍ରାନ୍ତୀୟ ଭାଷାରେ ଲିଖିତ ହୋଇଛି । ଆମେ ଏଠାରେ କବିରାଜ କୃଷ୍ଣଦାସଙ୍କ '**ଶ୍ରୀଚୈତନ୍ୟଚରିତାମୃତ**'କୁ ମୁଖ୍ୟ ଆଧାର ରୂପେ ଗ୍ରହଣ କରିଛୁ । ତାଙ୍କ ପୂର୍ବରୁ ବାବାଜି ବୃନ୍ଦାବନ ଦାସ ଏକ ପ୍ରମାଣିକ ଜୀବନକାବ୍ୟ ଲେଖିଥିଲେ । କବିରାଜ କୃଷ୍ଣଦାସଙ୍କ ରଚନାରେ ସେ ନାନାଦି କାବ୍ୟକାରଙ୍କ ରଚନାରୁ ଉଦ୍ଧୃତ କରିଛନ୍ତି, ବିଶେଷ କରି ବ୍ୟାସଦେବଙ୍କର ଶ୍ରୀମଦ୍‌ଭାଗବତ ମହାପୁରାଣକୁ ଆଖିରେ ରଖି ଲେଖିଛନ୍ତି । ଆମେ ଏଠି ଶ୍ରୀଗୌରାଙ୍ଗ ଉପରେ ରଚିତ ଜୀବନୀଗ୍ରନ୍ଥ ଓ 'ଶ୍ରୀରାଧାର୍ କ୍ରମବିକାଶ' ନାମକ ଗ୍ରନ୍ଥର ସାହାଯ୍ୟ ନେଇଛୁ । ଉଦ୍ଧୃତିଗୁଡ଼ିକ ଆବଶ୍ୟକସ୍ଥଳେ ସେଇପରି ସିଧା ରଖିଦିଆଯାଇଛି, ଅନୂଦିତ ହେଲେ ଉଦ୍ଧୃତିଗୁଡ଼ିକର ଭାଷା ଲାଳିତ୍ୟ ଓ ଭାବଗାମ୍ଭୀର୍ଯ୍ୟ ନଷ୍ଟ ହୋଇପାରେ ବୋଲି ମନେକରି । ଅବଶ୍ୟ ମଧ୍ୟଯୁଗୀୟ ଗୌଡ଼ୀୟ ବୈଷ୍ଣବ ସାହିତ୍ୟ ସହିତ ସେସମୟର ଉତ୍କଳୀୟ ଭକ୍ତି-ସାହିତ୍ୟରେ ଭାଷାର ଅନେକ ସାଦୃଶ୍ୟ ମଧ୍ୟ ରହିଛି ।]

ଶକ୍ତି ଓ ଶକ୍ତିମାନ୍ ଦୁହେଁ ଅଭିନ୍ନ ଓ ଅଦ୍ୱୟ, ସର୍ବଦା ଶକ୍ତିଙ୍କ ନାମ ପ୍ରଥମେ, ତା'ପରେ ତାଙ୍କୁ ଧାରଣ କରିଥିବା ବା ତାଙ୍କ ସହିତ ଯୁକ୍ତ ହୋଇଥିବା ଶକ୍ତିମାନ୍‌ଙ୍କ ନାମ । ସେଥିପାଇଁ ଭଗବାନ୍ ହୋଇଛନ୍ତି ଶ୍ରୀଭଗବାନ୍ । 'ଶ୍ରୀ' ଏଠାରେ ଶକ୍ତିର ପ୍ରତୀକ, ତେବେ ''ଶ୍ରୀ''ଶବ୍ଦଟି ବୈଷ୍ଣବଗଣ ହ୍ଲାଦିନୀଶକ୍ତିରୂପେ ଗ୍ରହଣ କରନ୍ତି । 'ଶ୍ରୀ'ଯୁକ୍ତ ନହେଲା ଯାଏ ଦେବତା ଦେବ ପଦବାଚ୍ୟ ନୁହନ୍ତି ବୋଲି ସାଧାରଣଙ୍କ ଧାରଣା । ଆମେ କହିଲା-ବେଳେ କହିଥାଉ ଲକ୍ଷ୍ମୀନାରାୟଣ, ଗୌରୀଶଙ୍କର, ରାଧାକୃଷ୍ଣ ଓ ସୀତାରାମ ଇତ୍ୟାଦି । ଏକରସରେ ଚର୍ଚ୍ଚିତ ହେଉଥିଲେ ମଧ ପ୍ରକାଶ ପାଇଁ ତଥା ଅଭିବ୍ୟକ୍ତି ପାଇଁ ସେ ଦୁଇଟି ତତ୍ତ୍ୱ, ଦୁଇଟି ରୂପ ଗ୍ରହଣ କରନ୍ତି । ସେଇ ତତ୍ତ୍ୱ ମଧ୍ୟକୁ ପ୍ରବେଶ କରିବା ପାଇଁ ତପସ୍ୱୀ, ଋଷିମୁନିଙ୍କ ପାଖରୁ ଆରମ୍ଭ କରି ଦାର୍ଶନିକ, ଆଚାର୍ଯ୍ୟ, ବିଦଗ୍ଧ ସାଧକ ନାନା ଭାବରେ ଆପଣା ଉପଲବ୍ଧି ପ୍ରକାଶ କରିଛନ୍ତି ।

ଲକ୍ଷ୍ମୀ ଯଦି ହୁଅନ୍ତି ଜୀବନ, ରାଧା ହୁଅନ୍ତି ସେଇ ଜୀବନର ଆନନ୍ଦ । ଆନନ୍ଦ ବ୍ୟତୀତ ସୃଷ୍ଟି ସମ୍ଭବ ନୁହେଁ, ବିବର୍ତ୍ତନ ସମ୍ଭବ ନୁହେଁ, ସର୍ବମାନବର ଅନ୍ତରରେ ଶ୍ରୀଲକ୍ଷ୍ମୀ ଯେପରି ଶ୍ରଦ୍ଧାରୂପିଣୀ, ସେଇପରି ଶ୍ରୀରାଧା ବି ହୃଦ୍‌ଦେଶରେ ସର୍ବ-ସମର୍ପିତା, ପ୍ରେମରୂପିଣୀ । ସର୍ବଭାବରେ ଭଗବତ୍ ଚରଣରେ ସମର୍ପଣର ଚିତ୍ରରୂପେ ସେ ବିଶ୍ୱମାନବର ଅନ୍ତରରେ ପ୍ରତିଷ୍ଠିତା । ଏଇ ତତ୍ତ୍ୱ କାଳେ କାଳେ ରହିଛି – ସାଧନାରେ ଯେଉଁ ନିଷ୍ଠା, ଯେଉଁ ଆନ୍ତରିକତା, ସକଳ ବାଧାବିଘ୍ନକୁ ଅତିକ୍ରମ କରିବାକୁ ଯେଉଁ ଦୃଢ଼ ସଂକଳ୍ପ – ସେସବୁ ପଛରେ ସେଇ ରାଧାଭାବହିଁ ରହିଛି । ଆଚାର୍ଯ୍ୟଗଣ ଏହା ସ୍ୱୀକାର କରିଛନ୍ତି ଯଦିବା ସମସ୍ତେ ଶ୍ରୀରାଧାଙ୍କ ନାମ ନେଇ ନାହାନ୍ତି, ତେବେ ବ୍ରଜଗୋପୀ ନାମରେ ସେ ସ୍ୱୀକୃତା । ଏଇ ବିଶୁଦ୍ଧ ପ୍ରେମ ଭାବରେ ଭାବିତ ମଣିଷ ଯେତେ ବିକଶିତ ହୋଇଛି, ରାଧା-ଭାବନା ତା' ପାଖରେ କ୍ରମେ ସ୍ପଷ୍ଟରୁ ସ୍ପଷ୍ଟତର ହୋଇଛି (ଅବଶ୍ୟ ବିଶୁଦ୍ଧ ମହାଭାବ ବିରଳ ସାଧକହିଁ ବୁଝନ୍ତି) । ରାଗାନୁଗଭକ୍ତି ରାମାନୁଜାଚାର୍ଯ୍ୟଙ୍କ ପୂର୍ବରୁ ଥିଲା, ଶ୍ରୀଗୌରାଙ୍ଗ ପୂର୍ବରୁ ତ ନିଶ୍ଚିତଭାବେ ଥିଲା, ସେମାନେ ତାକୁ ଲୋକସମକ୍ଷକୁ ଆଣିଲେ; ନିଜେ ରାଧାଭାବ ଅଙ୍ଗୀକାର କରି ତାକୁ ଲୋକରେ ପ୍ରଚାର କଲେ ଶ୍ରୀଚୈତନ୍ୟ ।

ଆପଣା ଆପଣା ମର୍ଯ୍ୟାଦାରେ ହାନି ନ ପହୁଞ୍ଚାଇ ଭଗବାନଙ୍କୁ ଆରାଧନା, ଉପାସନା, ସ୍ମରଣ, ମନନ, ତାଙ୍କ ଚରିତଶ୍ରବଣ ଆଦି କରାଯାଏ । ଗୃହସ୍ଥାଶ୍ରମରେ ରହି ନିଜ ନିଜ ଇଷ୍ଟଙ୍କୁ ମଧ୍ୟ ଯେପରି ତାଙ୍କର ଆରାଧନା ଓ ପୂଜାର୍ଚ୍ଚନା ଏବଂ ତାଙ୍କ ପ୍ରୀତ୍ୟର୍ଥେ ଦାନଧର୍ମ କରାଯାଏ, ସେଇପରି ସନ୍ନ୍ୟାସାଶ୍ରମରେ ଜପତପ, ସ୍ୱାଧ୍ୟାୟ, ଅପରିଗ୍ରହ ଆଦି ପାଳନ କରି ମଧ୍ୟ ତାଙ୍କ ଉଦ୍ଦେଶ୍ୟରେ ତପସ୍ୟା କରଯାଏ,– ଗୁରୁଙ୍କ ଉପଦିଷ୍ଟ ମାର୍ଗ ଅନୁସରଣ କରି । ମାତ୍ର ବ୍ରଜଗୋପୀଗଣ ଯେପରି ଲୋକଲଜ୍ଜା, କର୍ତ୍ତବ୍ୟାକର୍ତ୍ତବ୍ୟ ଆଦିକୁ ଅବହେଳା କରି କୃଷ୍ଣ-ଦର୍ଶନ ଅଭିଳାଷରେ ବୃନ୍ଦାବନକୁ ଚାଲି ଯାଉଥିଲେ – କେବେ ଏକାକୀ, କେବେ ପୁଣି ମିଳିତ ହୋଇ, ପୁଣି ତାଙ୍କ ବଂଶୀ ସ୍ୱନରେ ବିହ୍ୱଳ ହୋଇ ଗୃହକର୍ମ, ଗୃହବାସୀ ବୃଦ୍ଧ ଶାଶୂଶ୍ୱଶୁର, ସନ୍ତାନସନ୍ତତିଙ୍କ ସେବା ପରିଚର୍ଯ୍ୟା କରିବା କଥା ବିସ୍ମୃତ ହୋଇ ପ୍ରିୟତମଙ୍କ ସନ୍ନିଧାନକୁ ଧାଇଁ ଯାଉଥିଲେ – ତାହା ପୁଣି ନିଜ ସୁଖପୂର୍ତ୍ତି ପାଇଁ ନୁହେଁ – ମୁରଲୀଧର

ଗୋବିନ୍ଦଙ୍କୁ ନିଜ ଉପସ୍ଥିତିର ଆନନ୍ଦ ଦେବା ପାଇଁ – ଏହା କେମିତି ସମ୍ଭବ – ଆମେ ଭାବିପାରୁନା । ଏଇ ଯେଉଁ ଆକର୍ଷଣ ଓ ରସ ତଥା ଭାବର ଅନ୍ୟୋନ୍ୟ ଆସ୍ୱାଦନ – ନିଜକୁ ସମ୍ପୂର୍ଣ୍ଣ ବିସ୍ମୃତ ହୋଇ ପ୍ରିୟତମ ବାନ୍ଧବକୁ ସୁଖ ଦେବାର ଇଚ୍ଛା – ଏହାକୁହିଁ ଭକ୍ତିର ଅବଲମ୍ବନରୂପେ ଗ୍ରହଣ କରିବା ବୈଷ୍ଣବଧର୍ମର ସାରକଥା । ଏଇ ଭାବକୁ ଶ୍ରୀଗୌରାଙ୍ଗଦେବ କହୁଥିଲେ 'ମହାଭାବ' । ଶ୍ରୀରାଧାଙ୍କ ପ୍ରେମରେ ଏଇ ମହାଭାବ ପୂର୍ଣ୍ଣମାତ୍ରାରେ ଥିଲା । ଏଇ ରାଗାନୁଗଭକ୍ତି-ସାଧନା କେବେଠୁ ଆରମ୍ଭ ହୋଇଛି ବୋଲି ଯଦି ପଚରାଯାଏ ଭାବୁକ ରସଜ୍ଞମାନେ କହିବେ – ଏହାର ଉତ୍ସ ଶ୍ରୀମଦ୍‌ଭାଗବତ ପୁରାଣର ୧୦ମ ସ୍କନ୍ଧର ଗୋପଲୀଳା । ଘଟଣାଟି ଏଇପରି ଏକ ଆଖ୍ୟାନ ଯାହା ଗୋପଲୀଳାରୁ ଗୃହୀତ ହୋଇଛି, ଭାଗବତରେ ଏଇପରି ରହିଛି । ରାସପୂର୍ଣ୍ଣମୀର ରାସୋତ୍ସବର ପ୍ରାକ୍‌କାଳରେ କ'ଣ ଘଟିଥିଲା ବ୍ୟାସଦେବ ଯେପରି ବର୍ଣ୍ଣନା କରିଛନ୍ତି ସେଇପରି ଶ୍ରୀଜଗନ୍ନାଥ ଦାସ ମଧ୍ୟ ଓଡ଼ିଆରେ ତାଙ୍କ ଭାଗବତପୁରାଣରେ ସରସ ଭାଷାରେ ଏଇ ତକରାଳର ବିବୃତି ଦେଇଛନ୍ତି, ଯାହା ଗୋପିକାଗଣ ଶ୍ରୀକୃଷ୍ଣଙ୍କ ସହ କରିଛନ୍ତି ।

ନନ୍ଦନନ୍ଦନ ଶ୍ରୀକୃଷ୍ଣ ବୃନ୍ଦାବନର ନିକୁଞ୍ଜ କାନନରେ ଗୋପିକାଙ୍କ ଆଗମନ ବାଞ୍ଛାରେ ସୁନ୍ଦର ଧ୍ୱନିରେ ବଂଶୀ ବଜାଇବାକୁ ଲାଗିଲେ । ଜ୍ୟୋତ୍ସ୍ନାପ୍ଲାବିତ ରଜନୀ, ଚତୁର୍ଦ୍ଦିଗ ସୁନ୍ଦର, ସେଇ ବଂଶୀର ଆକୁଳ ମଧୁରତା ଗୋପୀମାନଙ୍କୁ ଉଚ୍ଚାଟନ କଲା, ସେ ଧ୍ୱନି କେବଳ ଶ୍ରୁତିସୁଖକର ନଥିଲା, ସେଥିରେ ଥିଲା ପ୍ରତୀକ୍ଷାର ଓ ଆଗମନର ସନ୍ଦେଶ । ଯିଏ ଯେଉଁ ଅବସ୍ଥାରେ ଥିଲେ, ଗୋପିକାଗଣ ସେଥିରେ ଆକୃଷ୍ଟ ହୋଇ ସବୁକିଛିକୁ ପଶ୍ଚାତରେ ପକାଇ ଦେଇ ପ୍ରାଣବଲ୍ଲଭଙ୍କୁ ଭେଟିବା ପାଇଁ ନିରାପଦ ଗୃହବାସ ଛାଡ଼ି ବାହାରି ଆସିଲେ । କୌଣସି ଭୟ, କୌଣସି ବନ୍ଧନ, କୌଣସି ଧର୍ମ ସେମାନଙ୍କୁ ଅଟକାଇ ପାରିଲା ନାହିଁ, ଭାବିଲେ 'ନଟବର ଆମ ସଙ୍ଗସୁଖ ଚାହୁଁଛନ୍ତି,– ସେ ଆମର ପ୍ରାଣପ୍ରିୟ, ତାଙ୍କର ସୁଖସମ୍ପାଦନରେହିଁ ଆମର ଇଷ୍ଟଲାଭ' । ମାତ୍ର କୁଞ୍ଜବନରେ ପହଞ୍ଚି ଦେଖିଲେ ନିକୁଞ୍ଜ ଦ୍ୱାରରେ ଚତୁର ନଟବର ବକ୍ଷ ଉପରେ ଦୁଇହାତ ଛନ୍ଦି ଜେରା କରିବା ଭଳି ଠାଣିରେ ଠିଆହୋଇଛନ୍ତି । ଏଥିରେ ସେମାନେ ଆଚମ୍ବିତ ହେଲେ । ନଟନାଗର କହିଲେ, ''ଏପରି ଉନ୍ମତ୍ତପ୍ରାୟ ହୋଇ ଗୃହବାସରୁ ମଧ୍ୟରାତ୍ରିରେ ଧାଇଁ ଆସିଛ କାହିଁକି ? ତୁମେମାନେ କୁଳବଧୂ, ଏପରି ଆଚରଣ ତୁମମାନଙ୍କଠାରେ ଶୋଭାପାଏ ନାହିଁ, କୁଳଜନ ଜାଣିଲେ ଅପବାଦ ଦେବେ । ଘରେ ବୃଦ୍ଧ ଶାଶୂଶ୍ୱଶୁର ଥିବେ – ତାଙ୍କର ପରିଚର୍ଯ୍ୟା ନକରି, ପତିଦେବଙ୍କର ଶ୍ରମକଷ୍ଟ ଲାଘବ ନକରି, ପୁତ୍ରକନ୍ୟାଙ୍କର ଲାଳନରେ ଅବହେଳା କରି, ଗୃହନିପୁଣା ହେ ଭଦ୍ରା ସ୍ତ୍ରୀଗଣ ! ସେସବୁକୁ ଅଦେଖା କରି – ଯାହା ତୁମପାଇଁ ମର୍ଯ୍ୟାଦାନୁକୂଳ, ସେଥିରେ ନିଜକୁ ବ୍ୟାପୃତ ନରଖି ବନପଥ ଦେଇ ଏପରି କୁଞ୍ଜ ନିକଟକୁ ପଳାଇଆସିବା ଉଚିତ ହୋଇ ନାହିଁ । କେହି ଜାଣିବା ଆଗରୁ ତୁମେମାନେ ଗୃହର ନିରାପଦ ଆଶ୍ରୟକୁ ଫେରିଯାଅ ।''

ପ୍ରଥମେ ଗୋପରମଣୀଗଣ ଗିରିଧରଙ୍କ ବାକ୍‌-ଚାତୁରୀରେ ହତୋତ୍ସାହ ହେଲେ, ତା'ପରେ ବୁଝିନେଲେ ଏହା ନନ୍ଦକୁମାରଙ୍କର କପଟ-ପରୀକ୍ଷା । ତେଣୁ ସେମାନେ ମଧ୍ୟ ପ୍ରଚ୍ଛନ୍ନ କୋପ ପ୍ରକାଶ କରିବାକୁ ଛାଡ଼ିଲେ ନାହିଁ, କହିଲେ, ''ହେ ପରମପୁରୁଷ, ଯେଉଁ ସ୍ତ୍ରୀଧର୍ମର ଉପଦେଶ ଆପଣ ଦେଲେ, ସେକଥା ଆମକୁ ଅଛପା ନୁହେଁ । ନିଜ ନିଜ ସ୍ୱଭାବ-କର୍ତ୍ତବ୍ୟ ଆମକୁ ଜଣା । ତା' ସହିତ ଏକଥା ବି ଆମେ ଜାଣୁ ଯେ ଆପଣଙ୍କୁ ଆନନ୍ଦ ଦେବାରେହିଁ ସେସମସ୍ତ କର୍ତ୍ତବ୍ୟ, ସମସ୍ତ ସ୍ତ୍ରୀଧର୍ମ ପରିପୂର୍ଣ୍ଣ ହେବ । ହେ ପରମାନନ୍ଦ ସ୍ୱରୂପ ପରବ୍ରହ୍ମ, ଆପଣଙ୍କର ପ୍ରସନ୍ନତାରେହିଁ ଆମର ଇଷ୍ଟଲାଭ । ଆପଣଙ୍କୁ ସୁଖଦାନକରି, ଆପଣଙ୍କ ସୁଖର କାରଣ ହୋଇ ଆମେ ଆନନ୍ଦଲାଭ କରିବୁ – ନିଜ ସୁଖାସ୍ୱାଦନ ଆମର ଅଭୀଷ୍ଟ ନୁହେଁ, ଆମେ ଜାଣୁ ହେ ସର୍ବେଶ୍ୱର ! ଦେହଧାରୀ ଯେତେ ପ୍ରାଣୀ, ଆପଣ ସେମାନଙ୍କର ଆତ୍ମା ସ୍ୱରୂପ ଓ ସବୁପ୍ରାଣୀଙ୍କର ପ୍ରିୟରୁ ପ୍ରିୟତର ବାନ୍ଧବ-ପ୍ରେଷ୍ଠ । ହେ କପଟୀ, ଏଇ ଉପଦେଶର ଛଳନା କରି ଆମକୁ ଆଉ ଅଧିକ ବାଟବଣା କରନ୍ତୁ ନାହିଁ ।''

ଏଇ କଥୋପକଥନରୁ ପରାନୁରକ୍ତିର ଉତ୍ପତ୍ତି ବୋଲି ଅନୁମାନ କରାଯାଏ । ଭକ୍ତିର ସର୍ବାବସ୍ଥାହିଁ ଆନନ୍ଦପ୍ରଦ । ସର୍ବଶୋଭାକରଙ୍କ ଦର୍ଶନର ଆକାଙ୍‌କ୍ଷା, ତାଙ୍କ ସଙ୍ଗସୁଖ, ତାଙ୍କ ସ୍ପର୍ଶ ପାଇଁ ବ୍ୟାକୁଳତା, ମିଳନ ପାଇଁ ଉତ୍କଣ୍ଠା ଓ ତାଙ୍କୁ ସର୍ବଭାବରେ ଲାଭକରିବା – ଏସମସ୍ତ କାହିଁ କେଉଁ ବୈକୁଣ୍ଠ ବା ଗୋଲୋକରେ ଅଛି ନା ପାର୍ଥିବ ବୈଭବରେ ଅଛି ? ଅଛି କେବଳ ବୃନ୍ଦାବନରେ ଏବଂ ଗୋପୀଶ୍ରେଷ୍ଠ ରାଧିକାଙ୍କଠାରେ – କବିରାଜ କହୁଛନ୍ତି :

ଆମା ହୈତେ ଆନନ୍ଦିତ ହୟ ତ୍ରିଭୁବନ ।
ଆମାକେ ଆନନ୍ଦ ଦିବେ ଐଛେ କୋନଜନ ॥...
ଆମା ହଇତେ ଗୁଣୀ ବଡ଼ ଜଗତେ ଅସମ୍ଭବ ।

ଏକଲି ରାଧାତେ ତାହା କରି ଅନୁଭବ ॥...
ମୋର ରୂପେ ଆପ୍ୟାୟିତ କରେ ତ୍ରିଭୁବନ ।
ରାଧାର ଦର୍ଶନେ ମୋର ଜୁଡ଼ାୟ ନୟନ ॥
ମୋର ସ୍ୱର ବଂଶୀଗୀତେ ଆକର୍ଷୟେ ତ୍ରିଭୁବନ୍ ।
ରାଧାର ବଚନେ ହରେ ଆମାର ଶ୍ରବଣ ॥
ଯଦ୍ୟପି ଆମାର ଗନ୍ଧେ ଜଗତ୍ ସୁଗନ୍ଧ ।
ମୋର ଚିତ୍ତ ପ୍ରାଣ ହରେ ରାଧାର ଅଙ୍ଗଗନ୍ଧ ॥
(ଚୈତନ୍ୟଚରିତାମୃତ – ଆଦିଲୀଳା)

ଏଇପରି ଯେଉଁ ରାଧା, ତାଙ୍କର ଭାବକୁ ନିଜ ଜୀବନ-ସାଧନାର ମୁଖ୍ୟବସ୍ତୁରୂପେ ମାନ୍ୟତା ଦେଲେ ଶ୍ରୀଚୈତନ୍ୟ ।

ବୈଷ୍ଣବଧର୍ମର ସାରକଥା ହେଉଛି ଶ୍ରୀକୃଷ୍ଣଙ୍କ ପ୍ରୀତିଭାଜନ ହେବା ଓ ତାଙ୍କ ଲୀଳାରେ ସହଯୋଗୀ, ସହଧର୍ମୀ ହେବା । ଶ୍ରୀଚୈତନ୍ୟଙ୍କୁ ଏଇ ଗୋପୀଭାବ ଏତେଭାବରେ ଆକୃଷ୍ଟ କରିଥିଲା ଯେ ସ୍ୱୟଂ ସେ ମହାଭାବର ସାଧନାବରଣ କରି ନେଇଥିଲେ ଏବଂ ସେଇ ଅନୁପମ, ଅତୁଳନୀୟ ଓ ଅନିର୍ବଚନୀୟ ପ୍ରେମଭକ୍ତିରେ ବୁଡ଼ିରହିବାକୁ ଯେମିତି ସେ ସ୍ୱୟଂ ଇଚ୍ଛା କରୁଥିଲେ, ସକଳମାନବ ସେଇ ରାଧାକୃଷ୍ଣଙ୍କ ରସରେ ସଂଜୀବିତ ହୁଅନ୍ତୁ ତାହା ବି ସେ ଚାହୁଁଥିଲେ । ଆଚାର୍ଯ୍ୟ ଜୀବଗୋସ୍ୱାମୀ ଗୌରାଙ୍ଗଙ୍କୁ ଏଇପରି ଦେଖୁଥିଲେ :

ଅନ୍ତଃକୃଷ୍ଣଂ ବହିର୍ଗୌରଂ ଦର୍ଶିତାଙ୍ଗାଦି ବୈଭବମ୍ ।
କଲୌ ସଂକୀର୍ତ୍ତନାଦୈଃ ସ୍ମ କୃଷ୍ଣଚୈତନ୍ୟମାଶ୍ରିତଃ ॥

ଏକହିଁ ମାନବଶରୀରରେ ରାଧାକୃଷ୍ଣ ସମନ୍ୱିତ ବିଳାସ ସେ ସିଦ୍ଧ କରିପାରିଥିଲେ । ଶ୍ରୀଚୈତନ୍ୟ ଏଇ ଶ୍ରୀରାଧା ବା ଗୋପୀମାନଙ୍କ ଭାବକୁ କେବଳ ତତ୍ତ୍ୱ ହିସାବରେ ମାନ୍ୟ ଦେଇନାହାନ୍ତି, ନିଜ ଅନ୍ତର-ବାହାରେ ସର୍ବତ୍ର ସର୍ବଭାବରେ ନିର୍ବାହ କରିଛନ୍ତି, ଖାଲି ସିଦ୍ଧାନ୍ତରୂପେ ନିଜ ଜୀବନରୁ ପୃଥକ୍ କରି ଦେଖି ନାହାନ୍ତି, ନିଜ ସ୍ୱଭାବ-ସ୍ୱଧର୍ମରେ ପରିଣତ କରିଛନ୍ତି – ଏହାର ସ୍ୱତଃସ୍ଫୁରଣ ହୋଇଛି ତାଙ୍କଠାରେ । କବିରାଜଙ୍କ ଉକ୍ତି କହେ :

ଏସବୁ ସିଦ୍ଧାନ୍ତ-ରସ ଆମ୍ରେର୍ ପଲ୍ଲବ ।
ଭକ୍ତଗଣ କୋକିଲେର୍ ସର୍ବଦା ବଲ୍ଲଭ ॥

ଶ୍ରୀଚୈତନ୍ୟ ଭକ୍ତିବସନ୍ତର ରସରେ ଅପ୍ୟାୟିତ ଆତ୍ମାରାମ ହୋଇ ସ୍ତବ୍ଧ ରହିଯାଇ ନାହାନ୍ତି, ସେ କୋକିଳ ପରି ମୁଖର ହୋଇଉଠିଛନ୍ତି, ସ୍ୱୀୟ ଭକ୍ତିପ୍ଲାବନରେ ଅନ୍ୟମାନଙ୍କୁ ଭସାଇ ନେଇଛନ୍ତି । ଯେମିତି କବିରାଜଙ୍କ ଶ୍ରୀକୃଷ୍ଣ କହୁଛନ୍ତି :

ଆମାର୍ ସଙ୍ଗତେ ରାଧା ପାୟ ଯେ ଆନନ୍ଦ ।
ଶତମୁଖେ କହି ଯଦି ନାହିଁ ପାଇ ଅନ୍ତ ॥

ଶ୍ରୀକୃଷ୍ଣ ଯେ କଳିଯୁଗରେ ଶ୍ରୀରାଧିକାଙ୍କ ସହ ଏକାତ୍ମ ହୋଇ, ତାଙ୍କରି ଭାବରେ ଭାବିତ ହୋଇ ଶ୍ରୀଚୈତନ୍ୟରୂପେ ଅବତରିତ ହେବେ ତାହାର ସୂଚନା ଦେଇ କବିରାଜ ଏପରି ବର୍ଣ୍ଣନା କରିଛନ୍ତି :

ଦର୍ପଣାଦ୍ୟେ ଦେଖି ଆପନ୍ ମାଧୁରୀ
ଆସ୍ୱାଦିତେ ଲୋଭହୟ ଆସ୍ୱାଦିତେ ନାରି ॥
ବିଚାର କରିୟେ ଯଦି ଆସ୍ୱାଦ ଉପାୟ ।
ରାଧିକାସ୍ୱରୂପ ହୈତେ ତବେ ମନ ଧାୟ ॥
(ଚୈତନ୍ୟଚରିତାମୃତ –ଆଦିଲୀଳା)

କିଏ କାହା ପ୍ରତି ଅଧିକ ଆକୃଷ୍ଟ, କିଏ ପଥପ୍ରଦର୍ଶକ ଓ କିଏ ପଥାନୁସରଣକାରୀ ? ମନେହୁଏ ଏଇ ରାଗାନୁଗା ଭକ୍ତିର ପ୍ରବର୍ତ୍ତିକା ସ୍ୱୟଂ ଶ୍ରୀରାଧିକା । କାହିଁକି ନା କବିରାଜଙ୍କ ଶ୍ରୀକୃଷ୍ଣ ନିଜେ ଏହା ସ୍ୱୀକାର କରିଛନ୍ତି :

ପୂର୍ଣ୍ଣାନନ୍ଦମୟ ଆମି ଚିନ୍ମୟ ପୂର୍ଣ୍ଣତତ୍ତ୍ୱ,
ରାଧିକାର ପ୍ରେମ ଆମାୟ କରାୟ ଉନ୍ମତ୍ତ ॥
ନା ଜାନି ରାଧାର ପ୍ରେମେ ଆଛେ କତବଳ ।
ଯେ ବଳେ ଆମାର କରେ ସର୍ବଦା ବିହ୍ୱଳ ॥
ରାଧିକାର ପ୍ରେମ ଗୁରୁ ଆମି ଶିଷ୍ୟ ନଟ ।
ସଦା ଆମାୟ ନାନା ନୃତ୍ୟେ ନାଚାୟ ଉଦ୍ଭଟ ॥
(ଚୈତନ୍ୟଚରିତାମୃତ –ଆଦିଲୀଳା)

ସର୍ବଭାବରେ ସମର୍ପିତ ହେବାର ଭକ୍ତି, ପ୍ରୀତି ଚୈତନ୍ୟଙ୍କ ଆଗମନ ପୂର୍ବରୁ ଯେ ନଥିଲା, ସେ କଥା ନୁହେଁ । ବହୁ ପ୍ରାଚୀନ କାଳରୁ ଦକ୍ଷିଣ ଭାରତରେ ଅଲ୍‌ୱଆର୍‌ଗଣ ପ୍ରେମଭକ୍ତି ସାଧନା କରିଛନ୍ତି । 'ଦିବ୍ୟପ୍ରବନ୍ଧମ୍'ରେ ସେସବୁର ପଦ୍ୟାକାର ରଚନା ସଂଗୃହୀତ ହୋଇଛି । ସେଗୁଡ଼ିକ ମଧ୍ୟରେ ବିଷ୍ଣୁଚିତ୍ତଙ୍କ କନ୍ୟା ଅଣ୍ଡାଳଙ୍କର ଭଗବତ୍ ମିଳନର ବ୍ୟାକୁଳତା ମିଶ୍ରିତ ପଦ୍ୟାବଳି ଅନନ୍ୟ । ଶ୍ରୀଅରବିନ୍ଦ ଏଗୁଡ଼ିକୁ ଭକ୍ତି ସାହିତ୍ୟରେ ଉଚ୍ଚ ସ୍ଥାନ ଦେଇଛନ୍ତି । ଖାଲି ସେତିକି ନୁହେଁ, କିଂବଦନ୍ତି କହେ : ଅଣ୍ଡାଲ୍ ଶ୍ରୀରଙ୍ଗନାଥଙ୍କୁ ବିବାହ କରିବା ପାଇଁ ଶୋଭାଯାତ୍ରାରେ ତାଙ୍କ ପିତ୍ରାଳୟରୁ ଆସି ଶ୍ରୀରଙ୍ଗନାଥଙ୍କ ଶ୍ରୀବିଗ୍ରହ ସମ୍ମୁଖରେ ପହଞ୍ଚିବା ମାତ୍ରେ ତାଙ୍କର ସମଗ୍ର ଆତ୍ମସତ୍ତା ପାର୍ଥିବ ଶରୀର ତ୍ୟାଗକରି ପରମପ୍ରେମାସ୍ପଦଙ୍କଠାରେ ବିଲୀନ ହୋଇଗଲା ।

ରାମାନୁଜାଚାର୍ଯ୍ୟ ମଧ୍ୟ ଦକ୍ଷିଣଭାରତରେ ଯେଉଁ ପୁଷ୍ଟିମାର୍ଗର ପ୍ରସାର କରିଥିଲେ ତାହାର ଇଷ୍ଟଦେବୀ 'ଶ୍ରୀ' । ତାଙ୍କର ସମ୍ପ୍ରଦାୟର ଅନେକ ରଚନାରେ 'ରାଧା'ଶବ୍ଦ ନଥିଲେ ବି ଯାହା ବର୍ଣ୍ଣନା ମିଳେ, ସେଗୁଡ଼ିକରେ ଥିବା ଶ୍ରୀକୃଷ୍ଣଙ୍କ ବୃନ୍ଦାବନ ଲୀଳା, ଗୋପିକାମାନଙ୍କ ସହ ରସାଳାପ ଓ ମାନ-ଅଭିମାନର ବିଷୟ ରାଧାତତ୍ତ୍ୱ ସହ ମେଳଖାଏ । ସୁତରାଂ ବହୁ ପୁରାକାଳରୁ ଏଇ ପ୍ରେମଭକ୍ତିର ଆତ୍ୟନ୍ତିକତାର ସାଧନା ରହିଆସିଛି ।

ଶ୍ରୀଚୈତନ୍ୟ ନିଜର ଆବେଗ ଓ ଅନୁଭୂତିର ପ୍ରଗାଢ଼ତା ମିଶାଇ ସେଥିରେ ନୂଆ ଜୀବନ-ସଂଚାର କଲେ; ଲିଭିଆସିଥିବା ଉତ୍ସାହ-ଉଦ୍ଦୀପନା ପୁଣିଥରେ ଜାଗିଉଠିଲା । ତା'ଛଡ଼ା ତାଙ୍କ ଆବିର୍ଭାବର ଅନ୍ୟ କେତେକ କାରଣ ବି ଥିଲା । ପ୍ରଥମଟି ହେଉଛି ପ୍ରଚଳିତ ବ୍ରାହ୍ମଣ୍ୟ-ଧର୍ମରେ ବହୁ ଅନାଚାର ମିଶିଯାଇଥିଲା, ଶୁଦ୍ଧାଭକ୍ତିର କଥା ହିନ୍ଦୁସମାଜ ଭୁଲିଯାଇଥିଲା । ଧର୍ମ ମାତ୍ର ନାମକୁହିଁ ଥିଲା, ଯାହା ଥିଲା ସେଗୁଡ଼ିକ ଖାଲି ବାହ୍ୟ ଉପଚାର-ଅନୁଷ୍ଠାନ ତଥା ରୀତିନିୟମର ଆଡ଼ମ୍ବର । ଯେଉଁ କେତେଜଣ ସଚେତଭାବରେ ଭକ୍ତିସାଧନାରେ ରତଥିଲେ, ସେମାନଙ୍କୁ ଏଇ ଧର୍ମାଧିକାରୀମାନେ ଉପହାସ କରୁଥିଲେ – ଏହାର ବର୍ଣ୍ଣନା 'ଚୈତନ୍ୟଚରିତାମୃତ'ରେ ଆମେ ଲକ୍ଷ୍ୟକରୁ । ଏଇ ବିଶେଷ ଭକ୍ତମାନଙ୍କର ମହାପ୍ରଭୁ ଗୌରାଙ୍ଗଙ୍କ ଆଗମନର ପୂର୍ବାବସ୍ଥା ବିଷୟରେ କବିରାଜ କୃଷ୍ଣଦାସ କହୁଛନ୍ତି :

ପ୍ରଭୁର ଆବିର୍ଭାବ ପୂର୍ବେ ଯତ ବୈଷ୍ଣବଗଣ ।
ଅଦ୍ୱୈତାଚାର୍ଯ୍ୟର ସ୍ଥାନେ କରେନ୍ ଗମନ ॥

ମାଧବେନ୍ଦ୍ର ପୁରୀଙ୍କ ଶିଷ୍ୟ କମଳାକ୍ଷ, ଯିଏ ପରେ ବୈଷ୍ଣବ ଶିରୋମଣି ଅଦ୍ୱୈତଆଚାର୍ଯ୍ୟ ରୂପେ ପରିଗଣିତ ହେଲେ, ସେ ତତ୍କାଳୀନ ସମାଜରେ ଯେଉଁ ଧର୍ମବିପର୍ଯ୍ୟୟ ଘଟୁଥିଲା ତାକୁ ଲକ୍ଷ୍ୟକରି ଦୁଃଖିତ ହୋଇ ଦୀର୍ଘ ବାରବର୍ଷ ଧରି ସମବ୍ୟଥାରେ ବ୍ୟଥିତ ବୈଷ୍ଣବଗଣଙ୍କୁ ସଙ୍ଗରେ ନେଇ ଗଙ୍ଗାଜଳ ସହ ତୁଳସୀମଞ୍ଜରୀ ଦେଇ ଶାଳଗ୍ରାମ ଶିଳାଙ୍କ ନିକଟରେ ପ୍ରାର୍ଥନା ଜଣାଉଥିଲେ, କବିରାଜଙ୍କ ଭାଷାରେ :

କିନ୍ତୁ ସର୍ବଲୋକ ଦେଖି କୃଷ୍ଣ ବହିର୍ମୁଖ,
ବିଷୟ ନିମଗ୍ନ ଲୋକ ଦେଖି ପାଇଲ ଦୁଃଖ ॥
ଲୋକେର୍ ନିସ୍ତାର ହେତୁ କରୟେ ଚିନ୍ତନ ।
କେମତେ ଏସବ୍ ଲୋକେର୍ ହଇବେ ତାରଣ ॥
କୃଷ୍ଣ ଆବତରି କଲେ ଭକ୍ତିର ବିସ୍ତାର ।
ତବେ ତ ସକଲ ଲୋକେର ହଇବେ ନିସ୍ତାର ॥
କୃଷ୍ଣାବତରିତେ ଆଚାର୍ଯ୍ୟ ପ୍ରତିଜ୍ଞା କରିୟା ।
କୃଷ୍ଣପୂଜା କରେ ତୁଳସୀ ଗଙ୍ଗାଜଳ ଦିୟା ॥
କୃଷ୍ଣେରେ ଆହ୍ୱାନ୍ କରେ ସଘନ ହୁଙ୍କାର ।
ହୁଙ୍କାରେ ଆକୃଷ୍ଟ ହଇଲା ବ୍ରଜେନ୍ଦ୍ର କୁମାର ॥
(ଚୈତନ୍ୟଚରିତାମୃତ –ଆଦିଲୀଳା)

ଏଇ ଗଙ୍ଗାଜଳ ସହଯୋଗରେ ତୁଳସୀଦଳର ତାତ୍ପର୍ଯ୍ୟର କଥା ବହୁଜାଗାରେ ଉଲ୍ଲେଖ ରହିଛି । ତନ୍ମଧ୍ୟରେ ଗୌତମୀ ତନ୍ତ୍ରର ଉକ୍ତି ଏଇଭଳି :

ତୁଳସୀଜଳ ମାତ୍ରେଣ ଜଲସ୍ୟ ଚଲୁକେନ ବା
ବିକ୍ରୀଣିତେ ସ୍ୱାମାତ୍ମନଂ ଭକ୍ତେଭ୍ୟୋ ଭକ୍ତବତ୍ସଳଃ ॥

ଅଦ୍ୱୈତ ଆଚାର୍ଯ୍ୟ ଓ ତାଙ୍କ ସଙ୍ଗୀସାଥୀ ତଥା ଭକ୍ତଶିଷ୍ୟଗଣଙ୍କ ଆକୁଳ ଆବେଦନ ଓ ଆର୍ତ୍ତିର ପ୍ରବଳ ଆବେଗହିଁ ଶ୍ରୀକୃଷ୍ଣଙ୍କୁ ଅବତାର ନେବାକୁ ବାଧ୍ୟକଲା । ସେ ସମୟରେ ଗୌଡ଼ଦେଶର ଶାସନକର୍ତ୍ତା ଥିଲେ ମୁସଲମାନ ନବାବ । ସେମାନଙ୍କର ପ୍ରଭାବ ପ୍ରତିପତ୍ତି ଅବାଧ ଥିଲା । ଦୁର୍ବଳମନା ଭାରତୀୟ ତା'ଦ୍ୱାରା ପ୍ରଭାବିତ ହେଲେ । ପୂର୍ବରୁହିଁ ତ ହିନ୍ଦୁଗଣ ନିଜ ଯଶଃଗୌରବ ବିସ୍ମୃତ ହୋଇଥିଲେ, ହୀନବୀର୍ଯ୍ୟ ହୋଇ କେବଳ ଅପରକୁ ଅନୁକରଣ କରୁଥିଲେ । ଦେଶରେ ଏକପ୍ରକାର ଅରାଜକତା ବିରାଜ କରୁଥିଲା । ସେଇ ତମୋଗ୍ରସ୍ତ ଅବସ୍ଥାରୁ ଜନସମାଜକୁ ଉଠାଇ ସ୍ୱଧର୍ମ ଓ ସ୍ୱଭାବରେ ପ୍ରତିଷ୍ଠିତ ହେବାପାଇଁ ଏବଂ ଶ୍ରୀରାଧାଙ୍କ ପ୍ରେମର ସାଯୁଜ୍ୟଲାଭ ପାଇଁ ନିଜେ କୃଷ୍ଣ ବିଶ୍ୱମ୍ଭରରୂପେ ଜନ୍ମଗ୍ରହଣ କଲେ । କବିରାଜ କୃଷ୍ଣଦାସଙ୍କ ଭାଷାରେ :

ରାଧାଭାବ ଅଙ୍ଗୀକାର ଧରି ତାର ବର୍ଣ୍ଣ
ତିନ୍‌ସୁଖ ଆସ୍ୱାଦିତେ ହବ ଅବତୀର୍ଣ୍ଣ ॥
ସର୍ବଭାବେ କୈଲ କୃଷ୍ଣ ଏଇ ତ ନିଶ୍ଚୟ ।
ହେନ୍‌କାଲେ ଆଇଲ ଯୁଗାବତାର ସମୟ ।...
ନବଦ୍ୱୀପେ ଶଚୀଗର୍ଭ ଶୁଦ୍ଧଦୁଗ୍ଧସିନ୍ଧୁ ।
ଯାହାତେ ପ୍ରକଟ ହଇଲ କୃଷ୍ଣ ପୂର୍ଣ୍ଣଇନ୍ଦୁ ।

(କ୍ରମଶଃ)

ସଂଗ୍ରହ ଓ ଉପସ୍ଥାପନା : କୃଷ୍ଣାଦେବୀ ୍

# ଘଟଣାର ପୂର୍ବଜ୍ଞାନ ଓ ହସ୍ତକ୍ଷେପ

## ଶ୍ରୀମା

*ପ୍ରଶ୍ନ : ତୁମେ ଯଦି ଦେଖ କିଛି ଭୟାନକ ବିପଦ ଆସୁଛି, ତୁମର ଉଦ୍ୟମ ଦ୍ୱାରା ତାହାକୁ ବଦଳାଇ ଦେଇପାରିବ କି ?*

ଶ୍ରୀମା : ତାହା ଘଟଣାଟିର ସ୍ୱରୂପ ଉପରେ ନିର୍ଭର କରେ । ଏସଂପର୍କରେ ଅନେକଗୁଡ଼ିଏ ଜିନିଷ ରହିଛି... ଏହା ମଧ୍ୟ ନିର୍ଭର କରେ ତୁମେ କେଉଁ ସ୍ତରରୁ ଜିନିଷଟିକୁ ଦେଖୁଛ । ଏପରି ଏକ ସ୍ତର ରହିଛି ଯେଉଁଠି ସମସ୍ତ ପ୍ରକାର ସମ୍ଭାବନା ରହିଛି, ଏବଂ ସେହି ସ୍ତରରେ, ଯେହେତୁ ଅନେକଗୁଡ଼ିଏ ସମ୍ଭାବନା ରହିଛି, ତେଣୁ ସେହି ସମ୍ଭାବନାଗୁଡ଼ିକୁ ବଦଳାଇ ଦେବାର ସମ୍ଭାବନା ମଧ୍ୟ ରହିଥାଏ । କୌଣସି ବିପଦ ବା ଦୁର୍ଘଟଣା ଘଟିବା ପୂର୍ବରୁ ତୁମେ ସେହି ସ୍ତରରେ ତାହା ଦେଖି ପାରିବ, ତେବେ ତାହାକୁ ବାଧାଦେଇ ଅଟକାଇ ଦେବାର କ୍ଷମତା ମଧ୍ୟ ତୁମର ରହିବ । ଆଉ କେତେକ କ୍ଷେତ୍ରରେ ତୁମକୁ ବିପଦଟି ସମ୍ପର୍କରେ ଆଗରୁ ଜଣାଇ ସତର୍କ କରିଦିଆଗଲେ ମଧ୍ୟ, ଘଟଣାଟି ଉପରେ ତୁମେ କିଛି କ୍ରିୟା କରିପାରିବ ନାହିଁ । ତଥାପି କେଉଁ ସ୍ତରରୁ ତୁମେ ତାହା ଦେଖୁଛ ତା' ଉପରେ ଅନେକ କିଛି ନିର୍ଭର କରେ ।

ଥରେ ଏଇ ଧରଣର ଏକ ଘଟଣା ମୋ ଆଗରେ ବିବୃତ ହୋଇଥିଲା । ଯେଉଁଥିରେ ଘଟଣାଟି ଘଟିବା ପୂର୍ବରୁ ତାହାକୁ ଦେଖିଦେବା ଫଳରେ ତାକୁ ଆଉ ଘଟିବାକୁ ଦିଆଯାଇ ନ ଥିଲା । ଜଣେ ଆମେରିକାବାସୀ ଭଦ୍ରଲୋକ ଏକ ବଡ଼ ଧରଣର ହୋଟେଲରେ ଆସି ରହିଥିଲେ, ଯେଉଁଥିରେ ଲିଫ୍ଟ୍‌ର ବନ୍ଦୋବସ୍ତ ଥିଲା । ତା'ପରେ ଦିନେ ଭୋର ସକାଳୁ ଠିକ୍ ନିଦ ଭାଙ୍ଗିବା ପୂର୍ବରୁ ସେ ଏକ ସ୍ୱପ୍ନ ଦେଖିଲେ, ଯାହା ସେ ଖୁବ୍ ସ୍ପଷ୍ଟଭାବରେ ମନେରଖି ପାରିଥିଲେ; ସେହି ସ୍ୱପ୍ନରେ ସେ ଦେଖିଥିଲେ ଯେ ଲିଫ୍ଟ୍-ଚାଳକର ପୋଷାକ ପିନ୍ଧିଥିବା ଏକ ବାଳକ ତାଙ୍କ ଆଗରେ ଠିକ୍ ସେଇଧରଣର ଭାବଭଙ୍ଗୀ କରୁଛି, ଲିଫ୍ଟ୍‌ରେ ପ୍ରବେଶ କରିବାକୁ କହିଲାବେଳେ ଜଣେ ଲିଫ୍ଟଚାଳକ ଯେଉଁପରି ଭାବଭଙ୍ଗୀ କରେ । ସେ ସେଠାରେ ଅଛନ୍ତି, କିନ୍ତୁ ଶେଷକୁ ଦେଖୁଛନ୍ତି ଯେ ଲିଫ୍ଟ୍ ପରିବର୍ତ୍ତେ ତାହା ଏକ ଶବବାହୀ ଗାଡ଼ି – ତୁମେ ନିଶ୍ଚୟ ଏଠି ସେଠି ସେଇ ଧରଣର ଶବବାହୀ ଗାଡ଼ି ଦେଖୁଥିବ ଯାହା ମୃତଲୋକମାନଙ୍କୁ ଶ୍ମଶାନକୁ ନେଇଯାଏ । ଚିତାରେ ଦାହ ନହେଲେ, କଳାକନା ଆଦିରେ ଆଚ୍ଛାଦିତ ହୋଇଥିବା ଏକ ଗାଡ଼ିରେ ମୃତଦେହକୁ ଶ୍ମଶାନକୁ ନିଆଯାଏ । ସେ ସ୍ୱପ୍ନରେ ଦେଖିଲେ ଏହିପରି ଏକ ଶବବାହୀ ଗାଡ଼ି । ଏବଂ ସେହି ବାଳକଟି ତାଙ୍କୁ ସଂକେତ ଦେଉଥିଲା ସେହି ଗାଡ଼ି ଭିତରକୁ ଯିବା ପାଇଁ । ତା'ପରେ ଯେତେବେଳେ ପ୍ରକୃତରେ ସେ ତାଙ୍କ ପ୍ରକୋଷ୍ଠ ଭିତରୁ ବାହାରକୁ ଆସିଲେ, ଦେଖିଲେ ତାଙ୍କୁ ତଳକୁ ନେବା ପାଇଁ ଲିଫ୍ଟ୍‌ରେ ବାଳକଟିଏ ଅଛି, ସ୍ୱପ୍ନରେ ଦେଖିଥିବା ଠିକ୍ ସେହି ବାଳକ, ସେହି ଏକା ମୁହଁ, ସେହି ସମାନ ପୋଷାକ, ସେହି ସମାନ ଅଙ୍ଗଭଙ୍ଗୀ । ସେହି ଶବବାହୀ ଗାଡ଼ି କଥା ତାଙ୍କ ମନକୁ ଆସିଲା – ସେ ଆଉ ଲିଫ୍ଟ୍ ଭିତରକୁ ପ୍ରବେଶ କଲେ ନାହିଁ । ''ନା, ନା !'' କହି ସେ ପାହାଚରେ ଓହ୍ଲାଇ ଗଲେ । ସବାତଳ ମହଲାରେ ପହଞ୍ଚିବା ପୂର୍ବରୁ ସେ ଏକ ଭୀଷଣ ଶବ୍ଦ ଶୁଣିବାକୁ ପାଇଲେ, ସେହି ଲିଫ୍ଟ୍‌ଟିହିଁ ତଳକୁ ଖସିପଡ଼ି ଭାଙ୍ଗି ଚୂରମାର୍ ହୋଇଯାଇଥିଲା ଓ ତହିଁରେ ଥିବା ସମସ୍ତ ଲୋକ ମୃତ୍ୟୁବରଣ କରିଥିଲେ । ସ୍ୱପ୍ନରେ ଏହାର ସୂଚନା ପାଇଥିବାରୁହିଁ ସେ ଲିଫ୍ଟ୍‌ରେ ପଶି ନଥିଲେ । କାରଣ ସୂଚନାଟିର ଅର୍ଥ ସେ ଠିକ୍ ବୁଝିପାରିଥିଲେ ।

ତେଣୁ ଏହିପରି ଘଟଣାର କ୍ଷେତ୍ରରେ, ଯେତେବେଳେ ତୁମେ ସୂକ୍ଷ୍ମଦର୍ଶନରେ ଏହାର ସୂଚନା ପାଇଥାଅ, ତୁମେ ସେହି ବିପଦ ବା ଦୁର୍ଘଟଣାଟିକୁ ଏଡ଼ାଇ ଦେଇପାର ।

ଅନ୍ୟାନ୍ୟ ଦୃଷ୍ଟାନ୍ତ ଅଛି, ମୁଁ ଯାହା କହିଥିଲି, ଯେତେବେଳେ ତୁମକୁ ପୂର୍ବରୁ ସତର୍କ କରିଦିଆ ଯାଇଥାଏ । ତୁମକୁ ଆଗରୁ ସାବଧାନ କରିଦିଆଯାଇଥାଏ । ବାସ୍ତବରେ ଏହା ହୋଇଥାଏ ନିଶ୍ଚିତରୂପେ ଆସୁଥିବା ବିପଦଟି ପାଇଁ ତୁମକୁ ଭିତରୁ ପ୍ରସ୍ତୁତ କରିବା ନିମନ୍ତେ, ଯାହାଫଳରେ ଏକ ଯଥାର୍ଥ ଆନ୍ତର ମନୋଭାବ ନେଇ ତୁମେ ସେହି ବିପଦର ସମ୍ମୁଖୀନ ହୋଇପାରିବ । ଏହା ତୁମ ପାଇଁ ଏକ ପାଠପଢ଼ା ଶିଖାଇବା ପରି ହୋଇଥାଏ, ''ଏହା ତୁମକୁ ଏହି ବିଷୟଟି ସଂପର୍କରେ ଶିକ୍ଷା ଦେବ'' । ତୁମେ ସେହି ଘଟଣାଟିକୁ ବଦଳାଇ ଦେଇ ପାରିବ ନାହିଁ, କିନ୍ତୁ ତୁମର ମନୋଭାବ ଓ ଆନ୍ତର ପ୍ରତିକ୍ରିୟାକୁ ବଦଳାଇ ଦେଇପାର । ସେହି ଘଟଣାର ଅଭିଜ୍ଞତାଟି ସଂପର୍କରେ ଏକ ଭୁଲ୍ ପ୍ରତିକ୍ରିୟା, ଏକ ଭୁଲ୍ ମନୋଭାବ ରଖିବା ପରିବର୍ତ୍ତେ,

ତୁମେ ଏକ ଯଥାର୍ଥ ମନୋଭାବ, ଉତ୍ତମ ପ୍ରତିକ୍ରିୟାକୁ ସ୍ଥାନ ଦିଅ ଏବଂ ଯାହା ଘଟିଗଲା ତହିଁରୁ ଯେତେଦୂର ଅଧିକ ସମ୍ଭବ ଉପକାର ପାଇପାର ।

ଉଭୟ କ୍ଷେତ୍ରରେ କେଉଁ ସ୍ତରରେ ରହି ତୁମେ ଦେଖୁଛ ତାହା ଉପରେ ସବୁକିଛି ପୂରା ନିର୍ଭର କରେ । ଯେତେବେଳେ ତୁମର ରାତ୍ରିଶୟନ ଉପରେ ନିୟନ୍ତ୍ରଣ ଥାଏ, ତୁମର ନିଦ୍ରା, ସ୍ୱପ୍ନ ଓ ସୂକ୍ଷ୍ମଦର୍ଶନ ସଂପର୍କରେ ତୁମେ ସଚେତ ଥାଅ, ସେତେବେଳେ ତୁମେ ମଧ୍ୟ ଏହି ଦୁଇଟି ଭିତରେ ପାର୍ଥକ୍ୟଟିକୁ ଦେଖିପାରିବ : କେଉଁଟି ସଂପର୍କରେ ତୁମକୁ ଜଣାଇ ସାବଧାନ କରି ଦିଆଯାଇଛି ଯାହାଫଳରେ ତୁମେ ତହିଁରେ ହସ୍ତକ୍ଷେପ କରିପାରିବ ଓ କେଉଁଟି ତୁମକୁ ଏକ ସୂଚନା ବା ସଂକେତ ରୂପେ ଜଣାଇ ଦିଆଯାଇଛି ଯେପରିକି ଘଟିବାକୁ ଯାଉଥିବା ଘଟଣାଟି ସଂପର୍କରେ ତୁମେ ଯଥାର୍ଥ ମନୋଭାବ ରଖିପାରିବ । ସବୁ ସମୟରେ ଏହା ଏକ ଶିକ୍ଷା ପରି ହୋଇଥାଏ, କିନ୍ତୁ ତାହା ସେହି ସମାନ ଶିକ୍ଷା ନୁହେଁ । କେତେବେଳେ ତୁମେ ତୁମ ନିଜର ସଂକଳ୍ପ ନେଇ ଏହା ଉପରେ କ୍ରିୟା କରିପାର; ଆଉ କେତେବେଳେ ତୁମେ ଘଟଣାଟି ଦେବାକୁ ଯାଉଥିବା ଅନୁଭୂତିରୁ ଆନ୍ତର ଶିକ୍ଷା ଗ୍ରହଣକରିପାର, ଯାହାଫଳରେ ତୁମେ ପ୍ରସ୍ତୁତ ହୋଇରହିବ ଯେପରି ଘଟଣାଟିର ପରିଣତି ତୁମ ପାଇଁ ପୂରା ଅନୁକୂଳ ହୁଏ । ତୁମେ ଦେଖୁଥିବା ସବୁକିଛି ସଂପର୍କରେ ସେହି ଏକା କଥାହିଁ ପ୍ରଯୁଜ୍ୟ, ସୂକ୍ଷ୍ମ ଦର୍ଶନ ଓ ସ୍ୱପ୍ନର ଶତ ଶତ ବିଭିନ୍ନ ବୈଚିତ୍ର୍ୟ ରହିଛି ଏବଂ ପ୍ରତ୍ୟେକଟି ତୁମକୁ ସେହି ଶିକ୍ଷା ଦେଇଥାଏ, ଯାହା ତାହାର ଦେବା କଥା ।

## ମା'ଙ୍କ କ୍ରିୟାର ହସ୍ତକ୍ଷେପ :

ଉଦାହରଣସ୍ୱରୂପ ଯେତେବେଳେ ଲୋକମାନେ ରୋଗବ୍ୟାଧିରେ ପଡ଼ନ୍ତି ବା କୌଣସି ଦୁର୍ଘଟଣାଗ୍ରସ୍ତ ହୁଅନ୍ତି, ସେତେବେଳେ ମୁଁ ସ୍ୱୟଂ ତାହା ଦେଖେ ବା ବାହାରର କେହି ସେସମ୍ପର୍କରେ ମୋତେ ଜଣାଇ ଦିଅନ୍ତି — ପ୍ରତିଟି କ୍ଷେତ୍ରରେ ସମାନ ଜିନିଷ ଘଟେ ନାହିଁ । ଏପରି ଘଟଣା ଅଛି ଯେତେବେଳେ ମୋତେ ତାହା ଜଣାଇ ଦିଆଯାଏ ଓ ମୁଁ ଦେଖିପାରେ ଯେ ମୋତେ ହସ୍ତକ୍ଷେପ କରିବା ପାଇଁ ତାହା ଜଣାଇ ଦିଆଯାଇଛି ଓ ତା'ର ପରିଣତିକୁ ବଦଳାଇ ଦେବା ପାଇଁ, ଅର୍ଥାତ୍ ସେହି ରୋଗୀଟିକୁ ଆରୋଗ୍ୟ କରିଦେବା ପାଇଁ ମୋର ପୂର୍ଣ୍ଣ କ୍ଷମତା ରହିଛି । ଅନ୍ୟ କେତେକ ଘଟଣା ମଧ୍ୟ ରହିଛି ଯେତେବେଳେ ମୁଁ ଦେଖିପାରେ ଯେ ମୋତେ ହସ୍ତକ୍ଷେପ କରିବାକୁ ହେବ ନାହିଁ । ଉଦାହରଣସ୍ୱରୂପ କାହାର ଦେହତ୍ୟାଗ କରିବା ପାଇଁ ସମୟ ହୋଇଯାଇଛି ଓ ସେ ଦେହତ୍ୟାଗ କରିବ । ସେ କ୍ଷେତ୍ରରେ ମୁଁ ତାହା ଜାଣିବା ପରେ, ସେହି ବ୍ୟକ୍ତି ପାଇଁ ଓ ତା'ର ପରିବେଶ ପାଇଁ ଏପରି କିଛି କରିବାକୁ ପଡ଼ିବ ଯାହାଫଳରେ ସେହି ଘଟଣାଟିର ଫଳାଫଳ ସର୍ବୋତ୍ତମ ଅନୁକୂଳ ହେବ ବା ସର୍ବନିମ୍ନ ପ୍ରତିକୂଳ ହେବ — ଏହା ନିର୍ଭର କରେ ସେହି ପରିସ୍ଥିତି ଉପରେ ।

ଏପରି ଘଟଣାସବୁ ରହିଛି ଯାହା ଘଟିବାହିଁ ପୃଥିବୀ ବା ବିଶ୍ୱ ପାଇଁ ପ୍ରୟୋଜନୀୟ ଏବଂ ତାହାକୁ ବଦଳାଇ ହେବ ନାହିଁ । ମଝାମଝି ଅନେକ ଘଟଣା ବି ରହିଛି ଯାହା ସଂପର୍କରେ ଏଦିଗରୁ ବା ସେଦିଗରୁ ନିଷ୍ପତ୍ତି ନିଆଯାଇପାରେ । ସମଗ୍ର ଜିନିଷଟି ହେଲା ଏପରି ଏକ ଦୃଷ୍ଟି ବା ପ୍ରତ୍ୟକ୍ଷବୋଧ ରଖିବା ଯାହା କେବଳ ଯେ ସ୍ୱଚ୍ଛ ଦୃଷ୍ଟିସଂପନ୍ନ ହୋଇଥିବ ଖାଲି ସେତିକି ନୁହେଁ, ତାହା ମଧ୍ୟ ପୂରା ପକ୍ଷପାତଶୂନ୍ୟ ଓ ବ୍ୟକ୍ତି-ନିରପେକ୍ଷ ହୋଇଥିବ, ଯେପରିକି ତହିଁରେ ପସନ୍ଦ ଅପସନ୍ଦର ଛାଇ ମଧ୍ୟ ନପଡ଼େ । ତାହେଲେ, ଯେତେବେଳେ ଜଣେ ସେହି ପୂର୍ଣ୍ଣ ନିଖୁଣ ଅବସ୍ଥାରେ ଥାଏ — ଏହାକୁ ଏକ ନିରପେକ୍ଷ ଅବସ୍ଥା ବୋଲି କୁହାଯାଇପାରିବ ନାହିଁ, ଏହା ନିରପେକ୍ଷତା ନୁହେଁ, ଏହା ହେଉଛି ଏପରି ଏକ ଅବସ୍ଥା ଯାହାକି ଏକ ଦର୍ପଣ ପରି ନିଶ୍ଚଳ — ସେତେବେଳେ ଆମେ ତାହା ଭିତରେ ଦେଖିପାରିବୁ ଘଟୁଥିବା ଘଟଣାର ଦୋଷଗୁଣଗୁଡ଼ିକୁ, ଆମେ ଦେଖିପାରିବୁ ସ୍ଥିରଭାବରେ ନିର୍ଦ୍ଧାରିତ ହୋଇଯାଇଥିବା ଜିନିଷଗୁଡ଼ିକୁ ଯାହାକୁ ଆଉ ବଦଳାଇ ଦିଆଯାଇପାରିବ ନାହିଁ ଏବଂ ସେହି ଜିନିଷଗୁଡ଼ିକ ଯାହା ମଝାମଝି ହୋଇ ରହିଛନ୍ତି ଓ ଯେଉଁଗୁଡ଼ିକୁ ବଦଳାଇ ଦିଆଯାଇପାରେ ।

ସତ କହିବାକୁ ଗଲେ, ପ୍ରତ୍ୟେକଟି ଘଟଣା ପାଇଁ ଭିନ୍ନ ଭିନ୍ନ ପରିସ୍ଥିତି ରହିଥାଏ । କେତେକ ଘଟଣା ରହିଛି, ଯାହାକୁ ପୂରାପୂରି ବଦଳାଇ ଦିଆଯାଇପାରେ, ପୂରାପୂରି ଓଲଟାଇ ଦିଆଯାଇପାରେ; ଆଉ କେତେକ ଘଟଣା ରହିଛି ଯେଉଁଗୁଡ଼ିକରେ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଆଣି ଦିଆଯାଇପାରେ, ଆଉ ଅନ୍ୟ କେତେକ ଘଟଣା ରହିଛି ଯେଉଁଥିରେ ଅତି ସାମାନ୍ୟ ସଂଶୋଧନ ଆଣି ଦିଆଯାଇ-ପାରେ,— ସାମାନ୍ୟ ଟିକେ ସଂଶୋଧନ କିନ୍ତୁ ତା'ର ପରିଣତି ହୁଏ ଉଲ୍ଲେଖଯୋଗ୍ୟ, ପୁଣି ଆଉ କେତେକ ଘଟଣା ରହିଥାଏ

ଯାହାକୁ ତୁମେ ଆଦୌ ଏଡ଼ି ଦେଇପାରିବ ନାହିଁ, ତା' ହାତରୁ ଖସିଯାଇ ପାରିବ ନାହିଁ; ସେଗୁଡ଼ିକ ସେହିପରି ହୋଇଥାଆନ୍ତି କାରଣ ସେଗୁଡ଼ିକର ସ୍ୱରୂପ ସେହିପରି; ଯଦି ତୁମେ ତାହାର ବିରୋଧ କରିବାକୁ ଚେଷ୍ଟା କର ତା'ହେଲେ ଏକ ଟାଣ କାନ୍ଥ ଉପରେ ମୁଣ୍ଡ ବାଡ଼େଇବାହିଁ ସାର ହେବ, ତହିଁରେ ଆଦୌ କିଛି ଉଦ୍ଦେଶ୍ୟ ସାଧନ ହେବ ନାହିଁ । ସମଗ୍ର ଜିନିଷଟି ହେଉଛି ତୁମର ସେହି ଧରଣର ତୀକ୍ଷ୍ଣ ବିଚାର-ଦୃଷ୍ଟି ରହିବା ଉଚିତ ଓ ଜାଣିବା ଉଚିତ ଯେ ସେହି ଘଟଣାଟି କେଉଁ ଜଗତର ଅନ୍ତର୍ଗତ ଏବଂ ତାହା ନିଶ୍ଚୟ ଘଟିବା ଛଡ଼ା ଅନ୍ୟ କିଛି ଘଟିବ ନାହିଁ ।

ମୁଁ ବିଭିନ୍ନ ଘଟଣାର ଏହିପରି ଶତ ଶତ ଦୃଷ୍ଟାନ୍ତ ଦେଇପାରେ ।

ଧରାଯାଉ ଗୋଟିଏ ଘଟଣା ପୂରାପୂରି ଆଗରୁ ନିର୍ଦ୍ଧାରିତ ହୋଇସାରିଛି : ତାହା ସେହି ଅନୁସାରେ ଘଟିବାକୁ ଯାଉଛି । କିନ୍ତୁ ତୁମ ଭିତରେ ଏକ ସଂକଳ୍ପ ଉଦ୍ୟତ ହୋଇଛି, ଏକ ଶିଖା ପ୍ରଜ୍ୱଳିତ ହୋଇଉଠିଛି, ଉଚ୍ଚତର ଦିବ୍ୟସଂକଳ୍ପ ସଙ୍ଗେ ସୁସମଞ୍ଜସ ହୋଇରହିଥିବା ଏକ ବିରାଟ ଅଭୀପ୍ସା ରହିଛି ଏବଂ ତୁମେ ତାହାକୁ ନେଇ ସେହି ଘଟଣାଟି ଉପରେ ଶକ୍ତି ପ୍ରୟୋଗ କଲ । ସେତେବେଳେ ଏକ ପ୍ରକାର ସଂଯୋଗ ଏକତ୍ରିତ ହେବ : ଯାହା ଘଟିବାର ଥିବ ଘଟିବ, କିନ୍ତୁ ତହିଁ ସଂଗେ ସଂଗେ ଆଉ ଏପରି କିଛି ଘଟିବ ଯାହାକି ପୂର୍ବର ସେହି ଘଟଣାର ଚରିତ୍ରକୁ ପୂରା ବଦଳାଇ ଦେବ । ପୃଥିବୀ ପାଇଁ ଗୁରୁତ୍ୱପୂର୍ଣ୍ଣ ଘଟଣାଗୁଡ଼ିକ କ୍ଷେତ୍ରରେ ଅଧିକାଂଶ ସମୟରେ ଏହାହିଁ ଘଟେ । ଉଦାହରଣ-ସ୍ୱରୂପ ଯେତେବେଳେ ଏକ ସମଗ୍ର ଗତିବୃତ୍ତି, ପରିସ୍ଥିତି ଓ ଶକ୍ତିସବୁର ଏକତ୍ର ସନ୍ନିବେଶ ଏକ ଯୁଦ୍ଧର ପ୍ରୟୋଜନୀୟତାକୁ ଅବଶ୍ୟମ୍ଭାବୀ କରିଦିଅନ୍ତି, ସେତେବେଳେ ଜଣେ ଆଉ ଏକ ଶକ୍ତିକୁ ଆବାହନ କରି, ସେହି ଯୁଦ୍ଧର ବିସ୍ତାର, ପରିଣତି ଓ ଏପରିକି ସମୟ ସମୟରେ ତାହାର ଚରିତ୍ରକୁ ମଧ୍ୟ ବଦଳାଇ ଦେଇପାରନ୍ତି, କିନ୍ତୁ ତାହାକୁ ପୂରା ଏଡ଼ାଇ ଦେବା ପାଇଁ ସକ୍ଷମ ହୁଅନ୍ତି ନାହିଁ । ମୁଁ ତୁମକୁ ଅତିସାଧାରଣ ଧରଣର କେତେକ ଦୃଷ୍ଟାନ୍ତ ଦେଇପାରିବି ।

ମୁଁ ସେଦିନ ତୁମକୁ 'ମୃତ୍ୟୁର ସତ୍ତା' କଥା କହିଥିଲି । ଏକ ଆନ୍ତର କ୍ରିୟାର ମାଧ୍ୟମରେ ମୃତ୍ୟୁର ସେହି ସତ୍ତାକୁ କୌଣସି ବ୍ୟକ୍ତିର ଗୃହରେ ପ୍ରବେଶ କରିବାକୁ ନିଷେଧ କରାଯାଇପାରେ; କିନ୍ତୁ ସେକ୍ଷେତ୍ରରେ ସେ ଅନ୍ୟଜଣକ ଘରକୁ ଯିବ । ତୁମେ ମୃତ୍ୟୁକୁ ତାହାର ପାଉଣାରୁ ବଞ୍ଚିତ କରିପାରିବ ନାହିଁ । ମୁଁ ତୁମକୁ ଏହା ବ୍ୟାଖ୍ୟା କରିସାରିଛି । ଅନ୍ୟ କେତେକ ଘଟଣାରେ ଟିକେ ପିଲାଳିଆ ଢଙ୍ଗରେ କୁହାଯାଇ ପାରେ ଯେ ''ଏପର୍ଯ୍ୟନ୍ତ ମୃତ୍ୟୁକୁ ତ ଖବର ଦିଆଯାଇ ନାହିଁ'' ଏବଂ ଏହି ଭାବରେ ତୁମେ ମୃତ୍ୟୁଠାରୁ ତା' ପାଉଣାକୁ ଛଡ଼ାଇ ନେଇପାର ଓ ସେ କ୍ଷେତ୍ରରେ କିଛି ଘଟିବ ନାହିଁ । କିନ୍ତୁ ତାହା ସବୁ ସମୟରେ ଘଟେ ନାହିଁ । ଏପରି ଘଟଣାସବୁ ଅଛି ଯେଉଁଠି ଏହା କରାଯାଇଥାଏ । କିନ୍ତୁ ଏହି ଭାବରେ କହିଲେ ଏହା ଏକ ପରୀକାହାଣୀ ପରି ପିଲାଳିଆ ଶୁଭୁଛି । ତଥାପି ଏହା ପରିସ୍ଥିତିର ଦୃଶ୍ୟପଟ ଭିତରେ ଘଟୁଥିବା କିଛିର ଅନୁରୂପ ହୋଇଥାଏ; ପରିସ୍ଥିତିର ଗତିବିଧି କେଉଁ ବାଟରେ ଯାଉଛି, ତାହା ଉପରେ ଏହା ନିର୍ଭର କରେ ।

ତୁମକୁ ଯେଉଁ ଜିନିଷଟି ବୁଝାଇ ସ୍ପଷ୍ଟ କରିଦେବାକୁ ଚାହୁଁଥିଲି ତା' ହେଉଛି ଏହି ସମସ୍ୟାଟି ଅତୀବ ଜଟିଳ ଓ ସୂକ୍ଷ୍ମ ଏବଂ କେତେକ ସମୟରେ ଘଟଣାର ଗତିପଥକୁ ସାମାନ୍ୟ ଟିକେ ବଦଳାଇ ଦେଇହେବ; ଅନ୍ୟ ସମୟରେ, ପୂରା ଘଟଣାକୁ ଓଲଟାଇ ଦେଇହେବ, ଏବଂ ଆଉ କେତେକ ସମୟରେ ସେହି ଘଟଣାର କେବଳ ପରିଣତି ଓ ତାହା ସଂପର୍କରେ ଆନ୍ତର ମନୋଭାବକୁ ବଦଳାଇ ଦେଇହେବ । ଏବଂ ସ୍ୱାଭାବିକ ଭାବରେ ଲୋକମାନେ ଏ ସମସ୍ତକିଛିକୁ ଏକ ଅତ୍ୟନ୍ତ ସରଳୀକୃତ ଭାବ ନେଇ ଦେଖନ୍ତି ଏବଂ ଏଗୁଡ଼ିକ ସଂପର୍କରେ ଭଗବାନଙ୍କ ପାଖରେ ପ୍ରାର୍ଥନା ଜଣାନ୍ତି । ସେମାନେ ଗୋଟିଏ କ୍ଷେତ୍ରରେ କୁହନ୍ତି, ଭଗବାନଙ୍କଠାରୁ ମୁଁ ଯାହା ଚାହିଁଥିଲି, ଭଗବାନ୍ ମୋତେ ତାହା ପ୍ରଦାନ କଲେ, ଅନ୍ୟ ଏକ କ୍ଷେତ୍ରରେ କହନ୍ତି, ''ଭଗବାନ୍ ମୋ ପ୍ରାର୍ଥନା ଶୁଣିଲେ ନାହିଁ ।'' ତେଣୁ ଏହା ଏହିପରି ଚାଲିଥାଏ । ସେମାନେ ଏହିପରି ଭାବରେ ବୁଝିଥାଆନ୍ତି ଏବଂ ଏହା ନିର୍ବୋଧତା ମାତ୍ର । ଘଟଣାଟି କିପରି ଘଟେ ତାହା ଜାଣିବାକୁ ହେଲେ ତୁମର ଏକ ସାଧାରଣ ସମଷ୍ଟିଗତ ଚେତନା ରହିଥିବା ଦରକାର, ଅନ୍ତତଃପକ୍ଷେ ତାହା ପୃଥିବୀ ପରି ବ୍ୟାପକ ହେବା ଉଚିତ । ଏହା ହେଉଛି ସର୍ବନିମ୍ନ ଆବଶ୍ୟକତା । ଯଥାର୍ଥ ଭାବରେ ବୁଝିବାକୁ ହେଲେ ତୁମେ ଏକ ବିଶ୍ୱଚେତନାର ଅଧିକାରୀ ହେବା ଆବଶ୍ୟକ । ତା'ହେଲେ କେବଳ ତୁମେ ଜିନିଷଟି ବୁଝିପାରିବ । ମୁଁ ଆଜି ଯାହା ପଢୁଛି ସେ ବିଷୟରେ ଅନ୍ୟତ୍ର କେଉଁଠି କହିଛି । ମୁଁ କହିଥିଲି ଯେ ସବୁକିଛି ପରସ୍ପର ଉପରେ ନିର୍ଭରଶୀଳ

ଏବଂ କୌଣସି ଏକ 'ଆରମ୍ଭ' ନାହିଁ ବା କୌଣସି ଏକ 'ଶେଷ' ନାହିଁ । କେଉଁଠି ତୁମେ 'ଆରମ୍ଭ'କୁ ରଖିବ ? ତାହା ବୁଝିବାକୁ ହେଲେ ତୁମକୁ ପୃଥିବୀରେ ଆବଦ୍ଧ ଚେତନାକୁ ଅତିକ୍ରମ କରିଯିବାକୁ ହେବ, ତୁମକୁ ପ୍ରବେଶ କରିବାକୁ ହେବ ବିଶ୍ୱଚେତନାରେ । ତା'ହେଲେ ତୁମେ ଏହା ବୁଝିପାରିବା ପାଇଁ ସମର୍ଥ ହେବ । <

[ଆଲିପୁର ଜେଲ୍‌ର ଅନୁଭୂତି]

... ''ଅତଏବ ଭଗବାନ୍ ତାହା ପରେ ଏହି ବସ୍ତୁ ମୋତେ ଦେଖାଇଦେଲେ, ହିନ୍ଦୁ ଧର୍ମର ସାରମର୍ମ ମୋତେ ବୁଝାଇଦେଲେ । ସେ ଜେଲର୍‌ମାନଙ୍କ ହୃଦୟ ମୋ ଆଡ଼କୁ ଖୋଲିଦେଲେ ଏବଂ ଜେଲ୍ ତତ୍ତ୍ୱାବଧାନରେ ଥିବା ଇଂରେଜ ସାହେବଙ୍କୁ କହିଲେ, ''ଏ ନିର୍ଜନ ପ୍ରକୋଷ୍ଠରେ ବନ୍ଦ ହୋଇ କଷ୍ଟ ପାଉଛନ୍ତି; କୋଠରିର ବାହାରେ ସକାଳେ ଏବଂ ସନ୍ଧ୍ୟାରେ ଅନ୍ତତଃ ଅଧଘଣ୍ଟାଏ ଲେଖାଏଁ ଏହାଙ୍କୁ ବୁଲିବାକୁ ଦିଆଯାଉ ।'' ସେହି ବ୍ୟବସ୍ଥା କରାଗଲା ଏବଂ ଏହିରୂପେ ବୁଲିବା ସମୟରେ ବୁଝିଲି ଯେ ଭଗବାନଙ୍କ ଶକ୍ତି ମୋ ମଧ୍ୟରେ ପୁନର୍ବାର ପ୍ରବେଶ କରୁଛି । ଯେଉଁ ଜେଲଖାନା ଅନ୍ୟସବୁ ମନୁଷ୍ୟମାନଙ୍କଠାରୁ ପୃଥକ୍ କରି ରଖିଥିଲା, ତାହା ଆଡ଼କୁ ଦୃଷ୍ଟି ଦେଲି, ଦେଖିଲି ମୁଁ ଆଉ ଉଚ୍ଚ ପ୍ରାଚୀର ମଧ୍ୟରେ ଆବଦ୍ଧ ନାହିଁ; ସ୍ୱୟଂ ବାସୁଦେବ ମୋତେ ଘେରି ରହିଅଛନ୍ତି । ମୋ କୋଠରି ସମ୍ମୁଖସ୍ଥ ଗଛତଳେ ମୁଁ ବୁଲୁଥିଲି, କିନ୍ତୁ ମୁଁ ଜାଣୁଥିଲି ଯେ ସେହି ଗଛ – ଗଛ ନୁହେଁ, ବାସୁଦେବ; ଦେଖୁଥିଲି ଶ୍ରୀକୃଷ୍ଣ ସେଠାରେ ଛିଡ଼ା ହୋଇଛନ୍ତି ଏବଂ ମୋ ଉପରେ ତାଙ୍କର ଛାୟାଛତ୍ର ଧରି ରହିଅଛନ୍ତି । ମୋ ଘରର ଦ୍ୱାରମୁହଁ କିଳିଣୀ ଆଡ଼କୁ ଦୃଷ୍ଟିପାତ କଲି, ସେଠାରେ ମଧ୍ୟ ବାସୁଦେବଙ୍କୁ ଦେଖିପାରିଲି । ସ୍ୱୟଂ ନାରାୟଣ ପ୍ରହରୀ ହୋଇ ମୋତେ ଜଗି ରହିଛନ୍ତି । ମୋତେ ଯେଉଁ କମ୍ବଳ ବିଛଣା ଦିଆଯାଇଥିଲା, ତା' ଉପରେ ଶୋଇ ଅନୁଭବ କରୁଥିଲି ଯେ ଶ୍ରୀକୃଷ୍ଣଙ୍କର ବାହୁ ମୋତେ ଆଲିଙ୍ଗନ କରି ରହିଅଛି – ବନ୍ଧୁ ଓ ପ୍ରେମିକର ବାହୁ । ସେ ମୋତେ ପ୍ରଦାନ କରିଥିବା **ଅନ୍ତର୍ଦୃଷ୍ଟିର ଏହାହିଁ ପ୍ରଥମ ଫଳ** । ଚୋର, ଜୁଆଚୋର, ଖୁଣୀ ଯେଉଁମାନେ ଜେଲରେ ଥିଲେ ସେମାନଙ୍କ ଆଡ଼କୁ ଯେତେବେଳେ ଦୃଷ୍ଟିପାତ କରୁଥିଲି, ସେତେବେଳେ ମୁଁ ଦେଖୁଥିଲି ବାସୁଦେବଙ୍କୁ, ସେହିସବୁ ନିଗୃହୀତ ଦେହ ଓ ଅନ୍ଧକାର ଆତ୍ମାର ମଧ୍ୟରେ ମୁଁ କେବଳ ନାରାୟଣଙ୍କୁ ଦେଖିପାରୁଥିଲି । ଏହିସବୁ ଚୋର ଡକାୟତଙ୍କ ମଧ୍ୟରେ ଅନେକ ବ୍ୟକ୍ତି ଥିଲେ, ଯେଉଁମାନଙ୍କର ଦୟା ଓ ସ୍ନେହ ଦେଖି ମୋତେ ଲଜ୍ଜାବୋଧ ହେଉଥିଲା । ଏହିପରି ଦୁରବସ୍ଥା ମଧ୍ୟରେ ରହି ସେମାନଙ୍କର ମାନବିକତା ବିଜୟୀ ହୋଇ ପାରିଥିଲା । ବିଶେଷତଃ ସେମାନଙ୍କ ମଧ୍ୟରୁ ମୋର ଜଣେ ଦୃଷ୍ଟିଗୋଚର ହୋଇଥିଲା, ଯେ ମୋତେ ସାଧୁ ବୋଲି ପ୍ରତୀୟମାନ ହୋଇଥିଲା । ଅଥଚ ସେ ଆମ ଦେଶର ଜନୈକ ନିରକ୍ଷର ଚାଷୀ ଏବଂ ସେ ଡକାୟତୀ ଅଭିଯୋଗରେ ଅଭିଯୁକ୍ତ ହୋଇ ଦଶବର୍ଷ ସଶ୍ରମ କାରାଦଣ୍ଡ ପାଇଥିଲା । ଆମ୍ଭେମାନେ ମିଥ୍ୟା ଶ୍ରେଣୀଗର୍ବରେ ଯେଉଁମାନଙ୍କୁ ଛୋଟ ଲୋକ ବୋଲି କହୁ, ତାଙ୍କ ମଧ୍ୟରୁହିଁ ଏ ଜଣେ । ଆଉ ଥରେ ଭଗବାନ୍ ମୋତେ କହିଲେ, 'ଏହିସବୁ ଲୋକମାନଙ୍କୁ ଦେଖ, ଯେଉଁମାନଙ୍କ ମଧ୍ୟକୁ ଆମ୍ଭେ ତୋତେ କିଛି କାର୍ଯ୍ୟ କରାଇବା ସକାଶେ ପଠାଇଛୁ । ଯେଉଁ ଜାତିକୁ ଆମ୍ଭେ ଉପରକୁ ଉଠାଇବାକୁ ଚାହୁଁ, ଏହାହିଁ ତା'ର ସ୍ୱରୂପ ଏବଂ ଏହି କାରଣରୁ ତାକୁ ଉଠାଇବାକୁ ଚାହୁଁ ।' ''...

**– ଶ୍ରୀଅରବିନ୍ଦ**

# ସଂପାଦକୀୟ ....

ଯେଉଁମାନେ ବିଶ୍ୱାସ କରନ୍ତି ବ୍ୟକ୍ତିର ଅନ୍ତରାତ୍ମା ପରି ଦେଶ ଓ ଜାତିର ଏକ ଅନ୍ତରାତ୍ମା ରହିଛି, ସେମାନଙ୍କ ଭିତରେ ଏପରି ଭାବନା ଆସିବା ସ୍ୱାଭାବିକ ଯେ ଦେଶର ଅଗ୍ରଗତି ଓ ବିକାଶର ଧାରା ସେହି ଅନ୍ତରାତ୍ମାର ଇଚ୍ଛାକୁ ପ୍ରତିଫଳିତ କରୁଛି କି ନାହିଁ । ଏହା ନିଃସନ୍ଦେହ ଯେ ଯେଉଁ ଦେଶର ଜାତୀୟ ଜୀବନ ଓ କ୍ରିୟାକଳାପରେ ତା'ର ଅନ୍ତରାତ୍ମା ପ୍ରତିଫଳିତ ହୋଇଥାଏ, ସେ ଦେଶ ଯେତେ ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ଶେଷରେ ସେଗୁଡ଼ିକ ଜୟକରି ନିଜର ଅଭ୍ୟୁତ୍ଥାନ ଓ ବିକାଶ-ପଥରେ ଆଗେଇ ଯିବ; ବିପରୀତ ପକ୍ଷେ, ବାହ୍ୟ କ୍ଷେତ୍ରରେ ଯେତେ ଯାହା ବିକାଶ ଓ ସାଫଲ୍ୟ ହେଉ ନା କାହିଁକି ଯଦି ସେଗୁଡ଼ିକ ତା'ର ଅନ୍ତରାତ୍ମାର ଅନୁକୂଳ ହୋଇ ନଥା'ନ୍ତି ତା'ହେଲେ ତାହା ଡାକିଆଣିବ ନାନା ପତନ ତଥା ଭ୍ରଷ୍ଟାଚାର ଓ ତାହା ହେବ ପଥର ଭ୍ରମରେ ବିପଥରେ ଆଗେଇଯିବା, ଅଗ୍ରଗତିର ଭ୍ରମରେ ପଶ୍ଚାଦ୍‌ଗତି । ତେଣୁ ତାହା ଯେକୌଣସି ଦେଶ ହେଉ ନା କାହିଁକି, ତା'ର ସମସ୍ତ ଅଗ୍ରଗତିର ମାନଦଣ୍ଡ ହେଉଛି, ତାହା ସେହି ଦେଶକୁ ନିଜ ଅନ୍ତରାତ୍ମାର ନିକଟବର୍ତ୍ତୀ କରାଉଛି ନା ତା'ଠାରୁ ଦୂରେଇ ନେଉଛି । ଯେଉଁ ଲକ୍ଷଣଗୁଡ଼ିକୁ ଦେଖି ଏହାର ବିଚାର କରାଯାଇପାରିବ, ତାହା ହେଉଛି ସେହି ଦେଶର ଓ ତା'ର ଜନସାଧାରଣଙ୍କ ଜୀବନ ଓ ଚେତନାରେ ଶାନ୍ତି, ସନ୍ତୋଷ, ସତ୍ୟାନୁରାଗ, ପରସ୍ପର ପ୍ରତି ଶ୍ରଦ୍ଧା, ବିଶ୍ୱାସ, ଏକତା ଓ ସୁସମଞ୍ଜସତା ଆଦି ଗୁଣ ଓ ଭାବଗୁଡ଼ିକ ପ୍ରକାଶ ପାଉଛି ନା ଅଶାନ୍ତି, ଉଦ୍‌ବେଗ, ଉତ୍ତେଜନା, ବିବାଦ, ସଂଘର୍ଷ, ଅସ୍ଥିରତା, ପରସ୍ପର ପ୍ରତି ସନ୍ଦେହ, ଅବିଶ୍ୱାସ, ଅନୈକ୍ୟ ଓ ଅନିଶ୍ଚିତତାର ଭାବଗୁଡ଼ିକ ପ୍ରକାଶ ପାଉଛି । ବ୍ୟକ୍ତିଜୀବନରେ ଯେପରି, ଦେଶର ଜୀବନରେ ମଧ୍ୟ ସେହିପରି, ବାହ୍ୟ ସାଫଲ୍ୟ ଭିତରୁ ନୁହେଁ ଅନ୍ତରର ଶାନ୍ତି, ସନ୍ତୋଷ ଭିତରୁହିଁ ଆମେ ଖୋଜିବୁ ଆମ ସାମୂହିକ ଜାତୀୟ ଜୀବନର ସାର୍ଥକତା ।

ଦେଶ ପାଇଁ ବିକାଶ ଓ ଅଗ୍ରଗତିର ବହୁକ୍ଷେତ୍ରମାନ ରହିଛି । ଆମେ ବର୍ତ୍ତମାନ ତହିଁରୁ ଗୋଟିଏ କ୍ଷେତ୍ର – ଆର୍ଥିକ ବିକାଶର କ୍ଷେତ୍ରକୁ ନେଇ କିଛି ଭାବନା ମନକୁ ଆଣିବା । ଆର୍ଥିକ କ୍ଷେତ୍ରରେ ଭାରତର ବିକାଶ ସାରା ପୃଥିବୀର ଦୃଷ୍ଟି ଆକର୍ଷଣ କରିଛି । ଆମେରିକା, ଜାପାନ ଓ ଇଉରୋପର ଅତି ସମୃଦ୍ଧ ରାଷ୍ଟ୍ରଗୁଡ଼ିକର ଆର୍ଥିକ ଅଭିବୃଦ୍ଧିର ହାର ଶତକଡ଼ା ୧ ରୁ ୩ ବା ୪ ଭିତରେ ରହିଥିବା ବେଳେ ଭାରତର ଆର୍ଥିକ ଅଭିବୃଦ୍ଧିର ହାର ଶତକଡ଼ା ୮ ବା ୯ରେ ପହଞ୍ଚିବାକୁ ଯାଉଛି । କେଇ ଦଶକ ଭିତରେ ଭାରତ ପୃଥିବୀର ସବୁଠାରୁ ସମୃଦ୍ଧ ଦେଶମାନଙ୍କ ସମକକ୍ଷ ହେବା ସୁନିଶ୍ଚିତ ବୋଲି ବିଶେଷଜ୍ଞମାନଙ୍କ ମତ । ଆମେ ମଧ୍ୟ ଦେଖୁଛୁ ଦିନକୁଦିନ କେତେ ନୂଆ ନୂଆ ଶିଳ୍ପ, କେତେ ବ୍ୟବସାୟ-ବାଣିଜ୍ୟ-ପ୍ରତିଷ୍ଠାନ ଏବଂ ଆମଦାନୀ ରପ୍ତାନୀ, ପୁଞ୍ଜିଲଗାଣ, ଲାଭ, ସଂଚୟ ଓ ସେୟାର ମାର୍କେଟ୍‌ରେ ବିକ୍ରି ଖର୍ଦ୍ଦି ଆଦି କିପରି ଅଶାତୀତଭାବେ ବୃଦ୍ଧିପାଇଛି । ଆମ ଦେଶର କୋଟିପତିମାନଙ୍କ ସଂଖ୍ୟା ଲକ୍ଷାଧିକ । ଏହି ଦେଶର ଟାଟା, ବିରଳା, ମିତ୍ତଲ୍, ଅମ୍ବାନୀ ପ୍ରମୁଖ ପୁଞ୍ଜିପତିମାନେ ବିଦେଶର ବଡ଼ ବଡ଼ କମ୍ପାନୀମାନଙ୍କୁ କିଣି ଚାଲିଛନ୍ତି । ବହୁଜାତୀୟ ବଡ଼ ବଡ଼ ବିଦେଶୀ କଂପାନୀମାନେ ମଧ୍ୟ ଆମ ଦେଶରେ ପୁଞ୍ଜି ଖଟାଇବା ପାଇଁ ଆଗେଇ ଆସୁଛନ୍ତି । ଆମ ଦେଶର ଆର୍ଥିକ ବିକାଶରେ ଏହି ସମସ୍ତ ଚିତ୍ର ମନରେ ସନ୍ତୋଷ ଆଣିଦିଏ ।

କିନ୍ତୁ ଅନ୍ୟ ଦିଗରେ ଏହା ମଧ୍ୟ ଦେଖୁଛୁ ଯେ ଏହି ଆର୍ଥିକ ବିକାଶ ଆଦୌ ଏକ ସୁଷମ ବିକାଶ ନୁହେଁ । ଏହା ବହୁ ବୈଷମ୍ୟ, ବୈପରୀତ୍ୟ ଓ ଅନିଶ୍ଚିତତାକୁ ଡାକିଆଣୁଛି । ଧନୀ ଓ ଦରିଦ୍ର ଭିତରେ ବ୍ୟବଧାନ ବଢ଼ି ବଢ଼ି ଚାଲିଛି । ଦେଶର ଆର୍ଥିକ ସଂପଦ ଠୁଳହେଉଛି କେବଳ ମୁଷ୍ଟିମେୟ ଲୋକଙ୍କ ହାତରେ । ଦେଶର ଜନସାଧାରଣଙ୍କ ଭିତରୁ ଶତକଡ଼ା ୨୬ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ରହିଛନ୍ତି । ଗୋଟିଏ ଦିଗରେ ସେହି ମୁଷ୍ଟିମେୟ ଧନୀ ଲୋକଙ୍କ ବିଳାସବ୍ୟସନ, ବହୁତଳ ପ୍ରାସାଦ ନିର୍ମାଣ, ଶୀତତାପ ନିୟନ୍ତ୍ରିତ କୋଠାବାଡ଼ି ଓ ଗାଡ଼ିମଟର ଆଦିର ବ୍ୟବହାର ବହୁଗୁଣରେ ବଢ଼ି ଚାଲିଥିବାବେଳେ ଅନ୍ୟ ଦିଗରେ ସହରତଳି (ସ୍ଲମ୍) ଅଞ୍ଚଳର ଓ ଗ୍ରାମାଞ୍ଚଳର ଅଧିବାସୀମାନଙ୍କ ଦୁଃଖ-ଦୁର୍ଦ୍ଦଶା ଓ ଅନିଶ୍ଚିତ ଭବିଷ୍ୟତ୍ ସେହିଭଳି ରହିଛି । ବେକାରୀ ସମସ୍ୟା ଆହୁରି ଭୟଙ୍କର ଆକାର ଧାରଣ କରୁଛି । ଗ୍ରାମାଞ୍ଚଳରେ ଅନାହାର ମୃତ୍ୟୁଠାରୁ ଆରମ୍ଭ କରି, କୃଷି ଋଣ ଶୁଝି ନ ପାରି ଗୋଟିଏ ଗୋଟିଏ ଅଞ୍ଚଳରେ ଶତାଧିକ କୃଷକ ଆତ୍ମହତ୍ୟା କରିବାର ନଜିର ମଧ୍ୟ ରହିଛି । ସହରମାନଙ୍କରେ ବହୁତାରକାବିଶିଷ୍ଟ ହୋଟେଲମାନଙ୍କ ସଂଖ୍ୟା ବହୁଗୁଣିତ ହେଲାବେଳକୁ, ନାନା

ଚାକଚକ୍ୟ ନେଇ ଦୋକାନ-ବଜାର, ଏପରିକି ଏକ କିଲୋମିଟର ଲମ୍ବର ଗୋଟିଏ ଗୋଟିଏ ବିକ୍ରୟ କେନ୍ଦ୍ର ଖୋଲା ହେଲାବେଳକୁ ଦେଶର ବହୁ ବ୍ୟାପକ ଅଞ୍ଚଳରେ ରାସ୍ତାଘାଟର ମଧ୍ୟ ସାମାନ୍ୟ ସୁବିଧା ନାହିଁ, ବାସଗୃହର ବ୍ୟବସ୍ଥା ନାହିଁ । ଜନସାଧାରଣଙ୍କ ଏକ ଅତି ବିରାଟ ଅଂଶ ସର୍ବନିମ୍ନ ଶିକ୍ଷା ଓ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ।

ଏସବୁ ବିଷୟରେ ଚିନ୍ତାକରି ସମାଧାନ ଖୋଜିବା ଓ ଆବଶ୍ୟକ ପଦକ୍ଷେପ ନେବା ଯେଉଁମାନଙ୍କଠାରୁ ଆଶା କରାଯାଏ, ଦେଶର ସେହି ରାଜନୈତିକ ନେତୃତ୍ୱ, ତାହା ଶାସକ ଦଳ ହେଉ ବା ବିରୋଧିଦଳ ହେଉ, ଦେଶବାସୀଙ୍କୁ ସଂପୂର୍ଣ୍ଣ ହତାଶ କରିଛି । ସେମାନେ ସମସ୍ତେ କେବଳ ନିଜର ଓ ନିଜ ଦଳର ସ୍ୱାର୍ଥ ନେଇ ବ୍ୟସ୍ତ । କୌଣସି ଆଦର୍ଶ ବା ଦେଶସେବା ପାଇଁ ନୁହେଁ, ଛଳେ-ବଳେ-କୌଶଳେ କିପରି କ୍ଷମତାର ଆସନକୁ ଆସିବେ ସେମାନଙ୍କର ସମସ୍ତ ଶକ୍ତି କେବଳ ତହିଁରେହିଁ ନିୟୋଜିତ । କ୍ଷମତା ପାଇଁ ଦଳବଦଳ ତ ଆଜି ଏକ ଗୃହୀତ ନୀତି । କେତେଜଣ ରାଜନୈତିକ ନେତା ବା କର୍ମୀ ଆଜି ଗାନ୍ଧିଜିଙ୍କର ସେଇ କଥାକୁ ମନେ ପକାନ୍ତି, "Recall the face of the poorest and the weakest man you have seen and ask yourself if the step you contemplate is going to be of any use to him. Will he gain anything by it ? Will it restore to him a control over his own life and destiny ?" ''ତୁମେ ଦେଖିଥିବା ସବୁଠୁ ଦରିଦ୍ର ଓ ଦୁର୍ବଳ ଲୋକର ମୁହଁକୁ ମନେପକାଅ ଏବଂ ନିଜକୁ ପଚାର ତୁମେ ଯେଉଁ ପଦକ୍ଷେପ ନେବାକୁ ଭାବୁଛ, ତାହା ତା'ର କୌଣସି ପ୍ରୟୋଜନରେ ଆସିବ କି ? ତହିଁରୁ ସେ କିଛି ଉପକୃତ ହେବ କି ? ଏହା ତାହା ପାଇଁ ନିଜ ଜୀବନ ଓ ଭାଗ୍ୟ ଉପରେ କିଛି କର୍ତ୍ତୃତ୍ୱ ଆଣିଦେବ କି ?'' ଏହି ମନୋଭାବ ନେଇ ଆଜି ଯଦି କେହି ସଚ୍ଚୋଟ ଲୋକ ରାଜନୀତିରେ ପ୍ରବେଶକରେ ତେବେ ତା'ର ସହକର୍ମୀମାନେ ତାକୁ ପୁରୁଣାକାଳିଆ ବୋଲି କହି ହସି ଉଡ଼ାଇଦେବେ । ରାଜନୀତି କ୍ଷେତ୍ରରେ ବର୍ତ୍ତମାନର ଏହି ଅବସ୍ଥାକୁ ଲକ୍ଷ୍ୟ କରିହିଁ ମା' କହିଥିଲେ, "...politics, as it is practised, is a low and ugly thing, wholly dominated by falsehood, deceit, injustice, misuse of power and violence;..."– ''ବର୍ତ୍ତମାନ ରାଜନୀତିର ଯେଉଁ ଆଚରଣ, ତାହା ଅତି ତଳସ୍ତରର ଏକ କୁତ୍ସିତ ଜିନିଷ, ପୂରାପୂରି ମିଥ୍ୟାଚାର, ପ୍ରବଞ୍ଚନା, ଅନ୍ୟାୟ, କ୍ଷମତାର ଅପପ୍ରୟୋଗ ଓ ହିଂସା ଦ୍ୱାରା ଅଧିକୃତ... ।''

କେବଳ ରାଜନୈତିକ କ୍ଷେତ୍ରରେ ନୁହେଁ, ସାହିତ୍ୟ, ସଂସ୍କୃତି, କଳା, ସଙ୍ଗୀତ ଆଦି ସବୁକ୍ଷେତ୍ରରେ ଆଜି ଏକ ଅନାଚାର ଓ ଦିଗଭ୍ରଷ୍ଟ ଅନିଶ୍ଚିତତାର ଭାବ ଦେଖାଦେଇଛି । ଅମାର୍ଜିତ ପ୍ରାଣଶକ୍ତିର ଏକ ପ୍ଲାବନ ଆମ ଜାତୀୟ ଜୀବନକୁ ଯେପରି ଗ୍ରାସ କରିବାକୁ ବସିଲାଣି, ତାହାକୁ ରୋକିବା ଦିଗରେ ଆମର ଅସହାୟତାକୁ ମାନିନେବା ଛଡ଼ା ଅନ୍ୟବାଟ କିଛି ଦିଶୁ ନାହିଁ ।

ଏସବୁର ପଛରେ ରହିଥିବା ଯେଉଁ ପ୍ରଧାନ କାରଣଟି ସ୍ପଷ୍ଟ ହୋଇଉଠେ, ତାହା ହେଉଛି ଆମ ନିଜ ଦେଶର ଐତିହ୍ୟ, ପରମ୍ପରା, ସ୍ୱଧର୍ମ ଓ ଆଦର୍ଶକୁ ଭ୍ରୁକ୍ଷେପ ନ କରି ଆମେ ପାଶ୍ଚାତ୍ୟ ଦେଶଗୁଡ଼ିକର ସମୃଦ୍ଧି ଓ ଭୋଗସର୍ବସ୍ୱ ସଭ୍ୟତାରେ ଅତ୍ୟନ୍ତ ପ୍ରଲୋଭିତ ହୋଇ ପଡ଼ିଲୁ । ସେହି ଦେଶଗୁଡ଼ିକର ସଂପଦ, ଜାକଜମକ ଓ ଆଡ଼ମ୍ବରପୂର୍ଣ୍ଣ ବାହ୍ୟ ଜୀବନ ଦେଖି ମୋହଗ୍ରସ୍ତ ହୋଇ ଆମେ ଭାବିଲୁ ଯେ ସେହିଗୁଡ଼ିକହିଁ ହେଉଛି ଏକ ଉନ୍ନତ ସଭ୍ୟତାର ଲକ୍ଷଣ, ତେଣୁ ସେହି ଦେଶଗୁଡ଼ିକୁ ରଖିଲୁ ଆମର ଆଦର୍ଶ ରୂପରେ ଓ ସେହିମାନଙ୍କ ଢାଞ୍ଚାରେହିଁ ପୁଞ୍ଜିବାଦର ଅବାଧ ବିକାଶକୁ ଆମେ ଆମ ଦେଶର ଅଗ୍ରଗତି ପାଇଁ ମୁଖ୍ୟନୀତି ଓ ପ୍ରଧାନ ତତ୍ତ୍ୱରୂପେ ଗ୍ରହଣ କରିବସିଲୁ । ଯେଉଁ ସମାଜରେ ପୁଞ୍ଜିଲଗାଣ ଓ ଲାଭ ଦ୍ୱାରା ବିପୁଳ ଅର୍ଥ ଉପାର୍ଜନକୁହିଁ ସବୁଠାରୁ ପ୍ରାଧାନ୍ୟ ଓ ଅଗ୍ରାଧିକାର ଦିଆଯାଏ, ସେଠାରେ ଏକ ଭୋଗସର୍ବସ୍ୱ ସଭ୍ୟତା ଗଢ଼ିଉଠିବା ଅବଶ୍ୟମ୍ଭାବୀ । ସେହି ସମାଜରେ ଜୀବନର ଲକ୍ଷ୍ୟ ଓ ମୂଳମନ୍ତ୍ର ହେଲା, ''ଯେକୌଣସି ଉପାୟରେ ଅର୍ଥ ଉପାର୍ଜନ କର ଓ ଭୋଗ କର'' । ସେଠାରେ ସତ୍ୟ, ଆଦର୍ଶ, ନୀତି ଓ ସଂଯମ ଆଦିର ପ୍ରଶ୍ନ କ୍ରମଶଃ ଅବାନ୍ତର ହୋଇଉଠେ । ପାଶ୍ଚାତ୍ୟର ଧନୀ ଓ ଶକ୍ତିଶାଳୀ ଦେଶଗୁଡ଼ିକୁ ଅନ୍ଧଭାବରେ ଅନୁସରଣ ବରଂ ଅନୁକରଣ କରିଚାଲିବାର ବିପଦ ମଧ୍ୟ କ୍ରମଶଃ ଘନୀଭୂତ ହୋଇଉଠେ ।

ଏହି ବିପଦ ସମ୍ପର୍କରେ ସତର୍କ କରିଦେଇ ଶ୍ରୀଅରବିନ୍ଦ ବହୁ ପୂର୍ବରୁ କହିଥିଲେ, ''ଭାରତ ଆଗରେ କେତେଗୁଡ଼ିଏ ଗଭୀରତର ପ୍ରଶ୍ନ ରହିଛି । ଯେହେତୁ ପ୍ରଲୋଭନର ପଥ ଅନୁସରଣ କରି ସେ ଅନ୍ୟ ଦେଶମାନଙ୍କର ସମକକ୍ଷ ଏକ

ଦେଶରେ ପରିଣତ ହୋଇପାରେ ଓ ସେହି ଦେଶମାନଙ୍କ ପରି ଭାରତ ମଧ୍ୟ ନିଜର ଏକ ବିପୁଳ ସମୃଦ୍ଧିଶାଳୀ ଶିଳ୍ପ ଓ ବାଣିଜ୍ୟ, ସାମାଜିକ ଓ ରାଜନୈତିକ ଜୀବନର ଏକ ଶକ୍ତିଶାଳୀ ସଂଗଠନକୁ ରୂପ ଦେଇପାରେ, ଏକ ବିପୁଳ ସାମରିକ ଶକ୍ତିରେ ସଜ୍ଜିତ ହୋଇ ବିଶ୍ୱର କ୍ଷମତାସମ୍ପନ୍ନ ରାଜନୀତିରେ ଉଲ୍ଲେଖନୀୟ ସାଫଲ୍ୟର ସହ ଅଂଶଗ୍ରହଣ କରିପାରେ ଓ ତହିଁ ସଙ୍ଗେସଙ୍ଗେ ଅଦମ୍ୟ ଉତ୍ସାହ ନେଇ ନିଜର ଲାଭ ଓ ସ୍ୱାର୍ଥସବୁକୁ ଆହୁରି ସୁରକ୍ଷିତ ଓ ପ୍ରସାରିତ କରିପାରେ ଏବଂ ଏପରିକି ପୃଥିବୀର ଏକ ବ୍ୟାପକ ଅଂଶ ଉପରେ ନିଜର ଆଧିପତ୍ୟ ମଧ୍ୟ ବିସ୍ତାର କରିପାରେ ।

''କିନ୍ତୁ ଆପାତ ପ୍ରତୀୟମାନ ଅଗ୍ରଗତିର ଏହି ଏକ ଚମତ୍କାରିତା ଓ ଆଡ଼ମ୍ବର ଭିତରେ ତା'ର ନିଜର ସ୍ୱଧର୍ମ ବାଜ୍ୟାପ୍ତ ହୋଇଯିବାର ଓ ନିଜର ଆତ୍ମାକୁ ହରାଇବାର ବିପଦ ମଧ୍ୟ ରହିଛି । ସେପରି ଘଟିଲେ ପ୍ରାଚୀନ ଭାରତ ଓ ତାହାର ମହାନ୍ ଆତ୍ମା ତଥା ଭାବ ସବୁଦିନ ପାଇଁ ପୂରାପୂରି ଅନ୍ତର୍ଦ୍ଧାନ ହୋଇ ଯାଇପାରେ । ଏବଂ ସେକ୍ଷେତ୍ରରେ ଆମେ ଅନ୍ୟାନ୍ୟ ଦେଶ ସହିତ ସମଶ୍ରେଣୀର ଆଉ ଗୋଟିଏ ଦେଶ ହୋଇଉଠିବାହିଁ ସାର ହେବ ଏବଂ ତାହାଦ୍ୱାରା ଆମ ପାଇଁ ବା ପୃଥିବୀ ପାଇଁ କୌଣସି ଲାଭହେବ ନାହିଁ ।''

ଏହି ପଥଚ୍ୟୁତିର ବିପଦକୁ ଏଡ଼ାଇ ଆମ ନିଜ ଦେଶର ଅନ୍ତରାତ୍ମାର ପ୍ରଭାବ ପ୍ରତି ନିଜକୁ ଖୋଲି ଦେବାର ଅଭୀପ୍ସାଟିକୁ ଆମେ କେତେଦୂର ସଚେତ ଓ ସକ୍ରିୟ ଭାବରେ ପୋଷଣ କରିପାରୁଛୁ, ଦେଶର ବିକାଶ ଓ ଅଗ୍ରଗତି ସମ୍ପର୍କରେ ଆଗ୍ରହୀ ପ୍ରତ୍ୟେକ ବ୍ୟକ୍ତି ନିଜକୁ ଏହି ପ୍ରଶ୍ନଟି ପଚାରନ୍ତୁ । <

So let us watch over our thoughts, let us strive to create for ourselves an atmosphere of beautiful and noble thoughts and we shall have done much to hasten the advent of terrestrial harmony.

*19 February 1912* — The Mother

*With best compliments from :*

Sri Hanuman Flour mill

**MAITAPUR, BALASORE (ORISSA)**

Vol. LV, 3, NAVAJYOTI – 15 August 2012, R. N. 8889/63

R R R R R R R R R R R R R

ନିମ୍ନଲିଖିତ ପୁସ୍ତକାବଳି ତଥା ଅନ୍ୟ ପୂର୍ବପ୍ରକାଶିତ ପୁସ୍ତକମାନ ଓ ନବପ୍ରକାଶ, ନବଜ୍ୟୋତି ପତ୍ରିକା ପାଇବା ନିମନ୍ତେ Draft ପଠାଇଲେ **Navajyoti Publication** ନାମରେ Draft କରିବାକୁ ଅନୁରୋଧ ।

## ମାତୃରଚନାବଳି (ଶ୍ରୀମା)

୬ଷ୍ଠ : ପ୍ରଶ୍ନ ଓ ଉତ୍ତର(୧୯୫୪) : ୮୫ ଟଙ୍କା; ୭ମ : ପ୍ରଶ୍ନ ଓ ଉତ୍ତର (୧୯୫୫) : ୮୫ ଟଙ୍କା; ୯ମ : ପ୍ରଶ୍ନ ଓ ଉତ୍ତର (୧୯୫୭ ଓ ୫୮) : ୨୦୦ ଟଙ୍କା; ୧୦ମ : 'ବିଚାର ଓ ସୂତ୍ରାବଳୀ' ସମ୍ବନ୍ଧରେ (୧୯୫୮-୭୦) : ୨୦୦ ଟଙ୍କା; ୧୧ଶ :'ମାର୍ଗର ଟିପ୍ପଣୀ' : ୨୦୦ ଟଙ୍କା; ୧୩ଶ : 'ମାତୃବାଣୀ' : ୨୦୦ ଟଙ୍କା; ୧୬ଶ (ମା'ଙ୍କ ସହ ପ୍ରଶ୍ନୋତ୍ତର) : ୨୨୦ ଟଙ୍କା ।

## ନୂତନ ପ୍ରକାଶନ

| | | |
|---|---|---|
| ମାତୃରଚନାବଳି (୧୬ଶ ଖଣ୍ଡ) | ··· ଶ୍ରୀମା | ··· ୨୨୦ ଟଙ୍କା |
| ସାବିତ୍ରୀ (ପଦ୍ୟାନୁବାଦ) | ··· ଶ୍ରୀଅରବିନ୍ଦ | ··· ୨୨୦ ଟଙ୍କା |
| ମାନବ ଏକତାର ଆଦର୍ଶ, ଯୁଦ୍ଧ ଓ ଆତ୍ମ-ନିୟନ୍ତ୍ରଣ | ··· ଶ୍ରୀଅରବିନ୍ଦ | ··· ୨୦୦ ଟଙ୍କା |
| ଅଗ୍ନିମନ୍ତ୍ରମାଳା | ··· ଶ୍ରୀଅରବିନ୍ଦ | ··· ୧୦୦ ଟଙ୍କା |
| 'ଯୋଗାଧାର' ପ୍ରସଙ୍ଗରେ | ··· ଶ୍ରୀମା | ··· ୧୦୦ ଟଙ୍କା |
| ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ ''ଧମ୍ମପଦ'' | ··· ଶ୍ରୀମା | ··· ୧୦୦ ଟଙ୍କା |
| ଭକ୍ତି ଏକ ଅମୋଘ ଶକ୍ତି | ··· ନିରଂଜନ ନାୟକ | ··· ୯୦ ଟଙ୍କା |
| ଆଲୋକ ଓ ଆନନ୍ଦୋଚ୍ଛ୍ୱାସ | ··· ଅମଲ କିରଣ ଓ ନୀରଦବରଣ | ··· ୫୦ ଟଙ୍କା |
| କର୍ମ | ··· ଶ୍ରୀମା ଶ୍ରୀଅରବିନ୍ଦ | ··· ୨୦ ଟଙ୍କା |
| ସୌନ୍ଦର୍ଯ୍ୟ | ··· ଶ୍ରୀମା ଶ୍ରୀଅରବିନ୍ଦ | ··· ୨୦ ଟଙ୍କା |

## ପୁନର୍ମୁଦ୍ରଣ

| | | |
|---|---|---|
| ଅବିସ୍ମରଣୀୟ ମୁହୂର୍ତ୍ତ | ··· ପ୍ରୀତି ଦାସଗୁପ୍ତ | ··· ୧୦୦ ଟଙ୍କା |
| ପୂର୍ଣ୍ଣଯୋଗ : ବାସ୍ତବ ଦିଗ୍‌ଦର୍ଶନ | ··· ଶ୍ରୀମା ଶ୍ରୀଅରବିନ୍ଦ | ··· ୮୦ ଟଙ୍କା |
| ଶ୍ୱେତ ଗୋଲାପ | ··· ଶ୍ରୀମା | ··· ୮୦ ଟଙ୍କା |
| ମା' ବହି ପ୍ରସଙ୍ଗରେ | ··· ଶ୍ରୀମା | ··· ୭୦ ଟଙ୍କା |
| ମାତୃବାଣୀ (୧ମ ଭାଗ) | ··· ଶ୍ରୀମା | ··· ୫୦ ଟଙ୍କା |
| ଶିକ୍ଷା | ··· ଶ୍ରୀଅରବିନ୍ଦ ଓ ଶ୍ରୀମା | ··· ୭୦ ଟଙ୍କା |
| ତପୋଭୂମି ପଣ୍ଡିଚେରୀ | ··· ପଞ୍ଚାନନ ମହାନ୍ତି | ··· ୬୦ ଟଙ୍କା |

R R R R R R R R R R R R R

Published by Manoj Das Gupta on behalf of Sri Aurobindo Ashram Trust from Navajyoti Publication, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

**ପ୍ରତି ସଂଖ୍ୟା : ୧୫ ଟଙ୍କା, ବାର୍ଷିକ ଚାନ୍ଦା : ୬୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୬୦୦ ଟଙ୍କା**

**Single Copy : Rs. 15.00 Annual Subscription : Rs. 60.00 Life Member (20 years) : Rs. 600.00**

୫୫ତମ ବର୍ଷ ୧୫ ଅଗଷ୍ଟ ୨୦୧୨ ତୃତୀୟ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨